ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ଡିସେମ୍ବର ୨୭ /୨୦୧୮ (୧୬+୪ପୃଷ୍ଠା) Rayagada, Thursday, December 27 / 2018 ★
୮ମ ଭାଗ ୩୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ପଦାର୍ପଣରେ ମୟଙ୍କଙ୍କ ଚମକ**

ମେଲବୋର୍ନରେ ବୁଧବାର ଟେଷ୍ଟ କ୍ୟାରିୟର ଆରମ୍ଭ କରି ଅର୍ଦ୍ଧଶତକ ହାସଲ ସହ ରେକର୍ଡ ବୁକ୍‌ରେ ସାମିଲ ହୋଇଛନ୍ତି ଭାରତୀୟ ଓପନର ମୟଙ୍କ ଅଗ୍ରୱାଲ। ୧୫

୦୨ **ବାଲାସାହେବ ଠାକ୍‌ରେଙ୍କ ଭୂମିକାରେ ନୱାଜୁଦ୍ଦିନ**

ନୱାଜୁଦ୍ଦିନ ସିଦ୍ଦିକ୍ ଅଭିନୀତ ଶିବସେନା ସୁପ୍ରିମୋ ବାଲାସାହେବ ଠାକ୍‌ରେଙ୍କ ଜୀବନ କାହାଣୀ ଉପରେ ଆଧାରିତ 'ଠାକ୍‌ରେ ବାୟୋପିକ୍' ଫିଲ୍ମର ଅଢ଼େଇ ମିନିଟ୍ ଟ୍ରେଲର ବୁଧବାର ରିଲିଜ୍ ହୋଇଛି।



# ଓଡ଼ିଶାକୁ ମିଳୁ ଆର୍ଥିକ ସ୍ୱାୟତ୍ତତା: ନବୀନ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ଦରକାର ନାହିଁ ଆମର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା। ଦରକାର ନାହିଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍। ଓଡ଼ିଶାକୁ ଆର୍ଥିକ ସ୍ୱାୟତ୍ତତା(ଅଟୋନୋମୀ) ପ୍ରଦାନ କର। ଓଡ଼ିଶା ଦକ୍ଷିଣ ଏସିଆରେ ସବୁଠୁ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ବହୁବର୍ଷ ପୂର୍ବେ ବିଜୁବାବୁ ଏହି କଥା କହିଥିଲେ, ଯାହାକୁ ଆଜି ମଧ୍ୟ ପ୍ରତି ଓଡ଼ିଆ ସମର୍ଥନ କରୁଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଦଳର ୨୧ତମ ପ୍ରତିଷ୍ଠା ଦିବସରେ ସେ ଏହି କଥା କହିଛନ୍ତି। ସେହିପରି ସେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରି ସିଧା କେନ୍ଦ୍ରର ମୋଦି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ନିର୍ବାଚନ ପୂର୍ବରୁ ପ୍ରତିଷ୍ଠା ଦିବସରେ କେନ୍ଦ୍ର ପ୍ରତି ନବୀନଙ୍କ ଏହି ଆକ୍ରମଣାତ୍ମକ ସ୍ୱଭାବ କର୍ମୀଙ୍କୁ ଉତ୍ସାହିତ କରିଛି। ଅପରପକ୍ଷେ ବିରୋଧୀ ପାଳଟା ପ୍ରଶ୍ନ କରି ଶାସକ ବିଜେଡିକୁ ଘେରିଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଜାତୀୟ ରାଜପଥ କ୍ଷେତ୍ରରେ ରାଉରକେଲାରୁ କଟକ ଆସୁଥିଲା ବେଳେ ସମ୍ବଲପୁର ପର୍ଯ୍ୟନ୍ତ ପୃଷ୍ଠା-୪



**ବିଜେଡି ପାଳିଲା ପ୍ରତିଷ୍ଠା ଦିବସ**
- ଆକ୍ରମଣାତ୍ମକ ଶୈଳୀରେ ନବୀନଙ୍କ ପ୍ରଶ୍ନବାଣ
- କେନ୍ଦ୍ର ନେଇଛି ଅଧିକ, ଦେଇଛି କମ୍
- ଓଡ଼ିଶା ପ୍ରତି ଜାତୀୟ ଦଳର ଦରଦ ନାହିଁ

## ■ ମୁହଁରେ ଚାଷୀଙ୍କ କଥା, ମଧ୍ୟସ୍ଥ ମାଲାମାଲ

# ସହାୟତା ବାହାନାରେ ଶୋଷଣ

ହର୍ଷବର୍ଦ୍ଧନ ବେହେରା

ଯାଜପୁର ଅଫିସ,୨୬।୧୨

ମୁହଁରେ ଚାଷୀଙ୍କ କଥା କହି ସରକାର ଯୋଗାଣ ବିଭାଗ, ମିଲ୍ ମାଲିକ ଓ ବ୍ୟବସାୟୀଙ୍କ ହିତରେ କାର୍ଯ୍ୟ କରୁଥିବା ମନେ ହେଉଛି। ଏଥିଯୋଗୁ ମଧ୍ୟସ୍ଥ ମାଲାମାଲ୍ ହେଉଥିବାବେଳେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ଚାଷୀକୁଳର ଆର୍ଥିକ ମାନଦଣ୍ଡ ଭାଙ୍ଗି ପଡୁଛି । ଏହାସହ ପ୍ରଶାସନିକ ଅବହେଳା ଏହି କ୍ଷେତ୍ରରେ ଅଧିକ ବାଧକ ସାଜିଛି। ଏହି କାରଣରୁ ହତୋତ୍ସାହିତ ହୋଇ ଶେଷରେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ଅନ୍ୟପକ୍ଷେ ଦ୍ରୁତ ଶିଳ୍ପାୟନ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଗ୍ରାମୀଣ ଜୀବନ ଓ କୃଷି କ୍ଷେତ୍ରକୁ ଯଥେଷ୍ଟ ପରିମାଣରେ ପ୍ରଭାବିତ କରିଛି। ଯାଜପୁର ଜିଲାରେ ଗତ ୪ବର୍ଷ ମଧ୍ୟରେ ୧୬ଜଣ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମାତ୍ର କୃଷି ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ଚାଷୀ ଆତ୍ମହତ୍ୟା ଶୂନ ବୋଲି ଦର୍ଶାଯାଇଛି। ଗତ ୪ବର୍ଷର ଧାନ ସଂଗ୍ରହ ରିପୋର୍ଟକୁ ଅବଲୋକନ କଲେ ସରକାରୀ ଭାବେ ଧାନର ଅଭାବୀ ବିକ୍ରି ଜଳଜଳ ହୋଇ ଦିଶୁଛି। ଏହି ୪ବର୍ଷରେ ଧାର୍ଯ୍ୟଲକ୍ଷ୍ୟଠାରୁ ସମୁଦାୟ ୨,୯୧,୬୬୫ କୁଇଣ୍ଟାଲ କମ୍ ଧାନ ସଂଗ୍ରହ ହୋଇଛି।

ଯାଜପୁର ଜିଲାରେ ୧,୪୫,୪୫୦ ହେକ୍ଟର ଚାଷ ଜମି ରହିଛି। ସେଥିରୁ ୧,୧୭,୦୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ । ଖରିଫ ଋତୁରେ ୬୧,୩୨୨(୪୨%) ହେକ୍ଟର ଓ ରବି ଋତୁରେ ୩୪,୬୦୦(୨୪%) ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ରହିଥିବା ସରକାରୀ ଭାବେ କୁହାଯାଉଛି। ହେଲେ ପ୍ରତିବର୍ଷ ଏଠାରେ ଚାଷୀ ବନ୍ୟା କିମ୍ବା ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ଯାଜପୁର ଜିଲାରେ ଖଣିର ପ୍ରାଚୁର୍ଯ୍ୟ ରହିଛି। ୧୩ଟି ବୃହତ ଶିଳ୍ପ କାରଖାନା ଏଠାରେ ପ୍ରତିଷ୍ଠା ହୋଇଛି। ତଥାପି ଚାଷୀ ନିଯୁକ୍ତି ପଛରେ ନ ଧାଇଁ ଚାଷ ପ୍ରତି ଆଗ୍ରହ ରଖିଛି। ଧାନ ସମେତ ପନିପରିବା ଚାଷରେ ଜିଲା ବହୁ ଆଗରେ ରହିଛି। ହେଲେ ଧାନଚାଷ ଆରମ୍ଭରେ ମଧ୍ୟସ୍ଥମାନେ ଚାଷୀଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରି କୁଇଣ୍ଟାଲ ପିଛା ୧୧୦୦ଟଙ୍କାରେ ଧାନ କିଣିବାକୁ ଚୁକ୍ତି କରୁଛନ୍ତି। ଏହାବାଦ ଜିଲାରେ ଜାଣିଶୁଣି ବିଳମ୍ବରେ ଧାନମଣ୍ଡି ଖୋଲା ଯାଉଥିବାରୁ ଚାଷୀ ବାଧ୍ୟ ହୋଇ ନିଜର କଷ୍ଟୋପାର୍ଜିତ ଧାନକୁ କମ୍ ଦରରେ ମଧ୍ୟସ୍ଥ ହାତରେ ଟେକି ଦେଉଛି। ସମବାୟ

**ସରକାରୀ ଭାବେ ଚାଷୀ ମୃତ୍ୟୁ ଶୂନ**

ସମିତିଗୁଡ଼ିକ ଭାଗଚାଷୀ ନାମରେ ବିଭିନ୍ନ କୃଷି ସମ୍ବନ୍ଧୀୟ ଯୋଜନାରେ ଅର୍ଥ ହଡ଼ପ କରୁଥିବା ଏଠାରେ ନୂଆ କଥା ନୁହେଁ। ସରକାରୀ ଭାବେ ଧାନ ସଂଗ୍ରହରେ ଲକ୍ଷ୍ୟଧାର୍ଯ୍ୟ ମଧ୍ୟ କେବେ ପୂରଣ ହୋଇପାରୁ ନାହିଁ। ୨୦୧୪-୧୫ ଆର୍ଥିକ ବର୍ଷରେ ଲକ୍ଷ୍ୟଧାର୍ଯ୍ୟ ୮,୫୧,୮୫୨ କୁଇଣ୍ଟାଲ ମଧ୍ୟରୁ ୮,୩୪,୯୨୦ କୁଇଣ୍ଟାଲ, ୨୦୧୫-୧୬ ଆର୍ଥିକ ବର୍ଷରେ ଲକ୍ଷ୍ୟଧାର୍ଯ୍ୟ ୯,୯୨,୬୪୬ କୁଇଣ୍ଟାଲରୁ ୯,୩୬,୨୦୬ କୁଇଣ୍ଟାଲ, ୨୦୧୬-୧୭ ଆର୍ଥିକ ବର୍ଷରେ ୮,୨୯,୪୧୧ କୁଇଣ୍ଟାଲରୁ ୭,୦୮,୫୫୮ କୁଇଣ୍ଟାଲ ଓ ୨୦୧୭-୧୮ ଆର୍ଥିକ ବର୍ଷରେ ୭,୦୫,୮୮୨ କୁଇଣ୍ଟାଲରୁ ୬,୦୮,୪୪୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି । ଗତ ୪ବର୍ଷ ମଧ୍ୟରେ କୌଣସି ବର୍ଷ ମଧ୍ୟ ଧାନ ସଂଗ୍ରହ ଧାର୍ଯ୍ୟଲକ୍ଷ୍ୟକୁ ଛୁଇଁ ପାରି ନାହିଁ। ଚଳିତ ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଥମ ପର୍ଯ୍ୟାୟରେ ୫,୪୪,୦୦୦ କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ହେଲେ ସୋମବାର ସୁଦ୍ଧା ୨୬ଟି ପ୍ୟାକ୍ସ ଜରିଆରେ ମାତ୍ର ୪୦,୮୭୫.୭୪ କୁଇଣ୍ଟାଲ ଧାନ କିଣାଯାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡ଼ିଛି। ମଣ୍ଡି ଖୋଲିବାରେ ବିଳମ୍ବ ନେଇ ଗତ ୨୦ତାରିଖରେ ଜିଲାପାଳ ୬୦ଟି ପ୍ୟାକ୍ସର ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପୃଷ୍ଠା-୫

## ■ ପ୍ରଶ୍ନର ଜବାବରେ ନବୀନଙ୍କୁ ଧର୍ମେନ୍ଦ୍ରଙ୍କ ପ୍ରଶ୍ନ

# ଦୁର୍ନୀତି ଦାନବକୁ ଦାନା ଦେଉଛି କିଏ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରର ମୋଦି ସରକାରଙ୍କୁ ପଚାରିଥିବା ୯ଟି ପ୍ରଶ୍ନର ଜବାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଲଟା ପ୍ରଶ୍ନ କରିଛନ୍ତି। ଚିଟ୍‌ଫଣ୍ଡ, ଖଣି ଦୁର୍ନୀତି, ପିସିର ଦାନବକୁ କିଏ ଦାନା ଦେଉଛି ମୁଖ୍ୟମନ୍ତ୍ରୀ ଏହାର ଜବାବ ଦେବାର ଆବଶ୍ୟକତା ଅଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଦୋଷ ଦେଉଛନ୍ତି। ଏଠାରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ, ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ପାଇଁ ରାଜ୍ୟ ସରକାର କେତେ ଏବଂ କେଉଁଠି ଜମି ଯୋଗାଇଛନ୍ତି। ହରିଦାସପୁର-ପାରାଦୀପ ରେଳଲାଇନ ପାଇଁ ମଧ୍ୟ ସମ୍ପୂର୍ଣ୍ଣ ଜାଗା ମିଳିପାରି ନାହିଁ। ବିଜେଡି ବିଧାୟକମାନେ ଚାନ୍ଦା ମାଗୁଛନ୍ତି, ନ ହେଲେ କାମ କରାଇ ଦେଉନାହାନ୍ତି। କେଉଁ ରେଳଲାଇନ ପାଇଁ କେତେ ଜାଗା ରାଜ୍ୟ ସରକାର ଦେଇଛନ୍ତି ସନ୍ଧ୍ୟା ସୁଦ୍ଧା ମୁଖ୍ୟମନ୍ତ୍ରୀ ଉତ୍ତର ରଖନ୍ତୁ ବୋଲି ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି। ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବିଲ୍‌କୁ କେନ୍ଦ୍ର ସରକାର କାହିଁକି ଗୃହୀତ କରିନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଯେତେବେଳେ ପାର୍ଲାମେଣ୍ଟରେ ତିନ୍ ତଲାକ୍ ସମ୍ପର୍କିତ ଆଇନ ଆସିଲା ସେତେବେଳେ ବିଜେଡି ଏମ୍‌ପିମାନେ କାହିଁକି ସମର୍ଥନ କରି ନ ଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳରେ କେତେଜଣ ମହିଳା ଅଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ବରମୁଣ୍ଡା ପଡିଆରେ ଆୟୋଜିତ 'ଜବାବ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଧର୍ମେନ୍ଦ୍ର କହିଛନ୍ତି ଯେ, ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ଅତି ପାଖରେ ରହୁଥିବା ସରୋଜ ସାହୁ ନାମକ ବ୍ୟକ୍ତି ଜଣକ କିଏ। ଉଜ୍ଜ୍ୱଳା ଯୋଜନାକୁ ନେଇ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଭାରତ ସରକାରଙ୍କର ସବୁଠୁ ବଡ଼ ଯୋଜନାଭାବେ ଉଜ୍ଜ୍ୱଳା ପରିଗଣିତ । ସାରା ଦେଶରେ ବର୍ତ୍ତମାନ ସୁଦ୍ଧା ୬କୋଟି ଗରିବ ମା', ଭଉଣୀଙ୍କୁ ମାଗଣାରେ ପୃଷ୍ଠା-୪



**'ଜବାବ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ**
- ୧୦୦ଦିନ ଯାଏ ଗାଁ ବୁଲିବ ରଥ
- ୱେବ୍‌ସାଇଟ୍ ଜରିଆରେ ପ୍ରଶ୍ନ ପଚାରିବାକୁ ଆହ୍ୱାନ

## ■ ଦିଲ୍ଲୀ, ୟୁପିରେ ଏନ୍ଆଇଏ ଚଢ଼ାଉ

# ଆଇଏସ୍ ଆତଙ୍କଙ୍କୁ ପ୍ରହାର

ନୂଆଦିଲ୍ଲୀ,୨୬।୧୨

(ପି.ଟି./ଆଇଏଏନ୍ଏସ୍)

ଦୁର୍ଦ୍ଦର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)କୁ ଲାଗିଛି ଶକ୍ତ ଝଟକା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ବୁଧବାର ଭୋର ସମୟରେ ଦିଲ୍ଲୀ ଓ ଉତ୍ତରପ୍ରଦେଶ(ୟୁପି)ର ୧୭ଟି ସ୍ଥାନରେ ଚଢ଼ାଉ କରିଛି। ଏସବୁ ସ୍ଥାନରୁ ଆଇଏସ୍ ସହ ଅନୁବନ୍ଧିତ ହରକତ୍-ଉଲ୍-ହର୍ବ-ଇ-ଇସ୍‌ଲାମର ୧୬ ଜଣଙ୍କୁ ଧରାଯାଇଛି। ସନ୍ଦିଗ୍ଧ ଆତଙ୍କବାଦୀମାନେ କେତେଜଣ ରାଜନେତାଙ୍କୁ ଓ ଉତ୍ତର ଭାରତର ବ୍ୟସ୍ତବହୁଳ ଅଞ୍ଚଳ ବିଶେଷକରି ଦିଲ୍ଲୀରେ ଆକ୍ରମଣ କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ ବୋଲି ତଦନ୍ତକାରୀ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ପୃଷ୍ଠା-୪

**ଜେହାଦୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ**



- ଧରାପଡ଼ିଲା ଆଇଏସ୍‌ର ହରକତ୍-ଉଲ୍-ହର୍ବ-ଇ-ଇସ୍‌ଲାମ ନେଟ୍‌ୱର୍କ
- ୧୭ ସ୍ଥାନରେ ଚଢ଼ାଉ, ବିପୁଳ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ
- ୧୦ ଜେହାଦୀ ଗିରଫ, ୬ ଅଟକ

**ଆଜିର ସମ୍ପାଦକୀୟ**

ବୁଲା କୁକୁର ସମସ୍ୟାର ସମାଧାନ

**ଆଜିର ମନ୍ତବ୍ୟ**

"ଚାଷୀଙ୍କୁ ଫସଲ ବୀମା ଦେବା ନେଇ ମିଛ କହୁଛି କେନ୍ଦ୍ରର ଭାଜପା ସରକାର।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୦୦ ମସିହା ଏପ୍ରିଲ ମାସ ଠାରୁ ୨୦୧୮ ଜୁନ ମଧ୍ୟରେ ଭାରତ ଜାପାନଠାରୁ ୨୮.୧୬ ବିଲିୟନ ଡଲାରର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଲାଭ କରିଛି। - ବାଣିଜ୍ୟ ମନ୍ତ୍ରଣାଳୟ

**CBSE Exam Mate**

ପୃଷ୍ଠା -୧୧

NECC NATIONAL EGG CO-ORDINATION COMMITTEE 26.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 80 | 132 | 142 |
| DKL | 82 | 135 | 145 |
| BDK | 82 | 135 | 145 |
| BLS | 84 | 137 | 147 |
| ANG | 84 | 137 | 147 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers




# ନୂଆବର୍ଷରୁ ଶ୍ରୀମନ୍ଦିରରେ ଟିକେଟ ଦର୍ଶନ

ପୁରୀ ଅଫିସ, ୨୬।୧୨

ନୂଆବର୍ଷରୁ ଶ୍ରୀମନ୍ଦିରରେ ଲାଗିବ ମହାପ୍ରସାଦ ଦର ତାଲିକା। ଏଥିସହ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର।

ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି ଯେ, ନୂଆବର୍ଷରୁ ଶ୍ରୀମନ୍ଦିରରେ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଏହି ବ୍ୟବସ୍ଥାର ରୂପରେଖ ସଂକ୍ରାନ୍ତରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପ୍ରତିହାରୀ ନିଯୋଗକୁ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ନିଯୋଗ ଏହାର ବ୍ଲୁ ପ୍ରିଣ୍ଟ ପ୍ରାୟତଃ ଚୂଡ଼ାନ୍ତ କରିସାରିଛି। ଆସନ୍ତା ସପ୍ତାହରେ ନିଯୋଗ ଏହାକୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବ। ଟିକେଟର ଦାମ୍ କେତେ ରହିବ ବର୍ତ୍ତମାନ ତାହା ଚୂଡ଼ାନ୍ତ ହୋଇନାହିଁ। ଏହାର ବ୍ଲୁ ପ୍ରିଣ୍ଟ ପାଇବା ପରେ ପରିଚାଳନା କମିଟି ବୈଠକରେ ଟିକେଟ୍ ଦାମ୍ ସ୍ଥିର କରାଯିବ। ଏହି ଟିକେଟ ଦର୍ଶନ ଭିତର କାଠ ନିକଟରେ ହିଁ ହେବ। ଏହି ସମୟରେ ସାଧାରଣ ଦର୍ଶନରେ ଯେପରି କୌଣସି ପ୍ରକାର ବ୍ୟାଘାତ ନ ହୁଏ ତାହା ଉପରେ ଗୁରୁତ୍ୱ ଦିଆଯିବ। ଟିକେଟ ଦର୍ଶନଧାରୀ କେଉଁବାଟ ଦେଇ ପ୍ରବେଶ ଓ ପ୍ରସ୍ଥାନ କରିବେ ତାହା ସ୍ଥିର ହେବ। ଏହାପରେ ନୂଆବର୍ଷରୁ ଏହି ବ୍ୟବସ୍ଥା ଆରମ୍ଭ ହେବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ତେବେ ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ପ୍ରଶ୍ନ ହେବାରୁ ଜାନୁୟାରୀ ମଧ୍ୟରେ ଏହା ଆରମ୍ଭ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ସେହିପରି ମହାପ୍ରସାଦ ଦର ନିର୍ଦ୍ଧାରଣ ପ୍ରାୟ ଚୂଡ଼ାନ୍ତ ହୋଇସାରିଛି। ଏ ସମ୍ପର୍କରେ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରାଯିବା ପରେ ନୂଆବର୍ଷରୁ ଅବଢ଼ା ଦର ତାଲିକା ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରରେ ବିଭିନ୍ନ ସ୍ଥାନରେ ଲଗାଯିବ। ଏହି ତାଲିକାରେ ଓଳି ଚିତ୍ର ରହିବ। ଓଳିର ସାଇଜ ଏବଂ ଦାମ୍ ଏଥିରେ ଉଲ୍ଲେଖ କରାଯିବ। ଏହାଦ୍ୱାରା ମହାପ୍ରସାଦ କିଣିବା ବେଳେ ଭକ୍ତଙ୍କ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ରହିବ ନାହିଁ। ତେବେ ମୁଖ୍ୟ ପ୍ରଶାସକ ଧାର୍ଯ୍ୟ ତାରିଖ କହି ନ ଥିଲେ ମଧ୍ୟ ଆସନ୍ତା ଜାନୁୟାରୀର କୌଣସି ଏକ ଦିନରେ ତାଲିକା ଲଗାଯିବ ବୋଲି ସୂଚନା ଦେଇଛନ୍ତି।

ସୂଚନାଥାଉ କି, ମହାପ୍ରସାଦ କିଣିବାକୁ ନେଇ ଅନେକ ସମୟରେ ଆନନ୍ଦ ବଜାରରେ ଅପ୍ରୀତିକର ପରିସ୍ଥିତି ଉପୁଜୁଥିଲା। ଏମିତି କି ବେଳେ ବେଳେ ଭକ୍ତଙ୍କୁ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଥିଲା। ବାରମ୍ବାର ଏପରି ଅଭିଯୋଗ ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ଶୃଙ୍ଖଳା ଆଣିବା ଲାଗି ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରି ମହାପ୍ରସାଦ ଦର ତାଲିକା ଲଗାଇବାକୁ ନିଷ୍ପତ୍ତି ନେଇଛି। ସେହିପରି ଗତ ନଭେମ୍ବର ୨୬ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିରରେ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଗତ ୪ ତାରିଖରେ ଅନୁଷ୍ଠିତ ବୈଠକରେ ଏହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପ୍ରତିହାରୀ ନିଯୋଗକୁ ଦାୟିତ୍ୱ ଦିଆଯାଇଥିଲା।

**ଲାଗିବ ମହାପ୍ରସାଦ ଦର ତାଲିକା**





ବ୍ରାହ୍ମଣାଙ୍କୁ ନେଇ ମେଣ୍ଟ ରାଜନୀତି ଚାଲିଥାଏ। ଆମକୁ କେତୋଟି ଛୋଟ ଦଳ ଛାଡ଼ି ଚାଲିଯାଇଛନ୍ତି। କିନ୍ତୁ ଦକ୍ଷିଣ ଓ ପୂର୍ବ ଭାରତରେ ନୂଆ ସହଯୋଗୀ ମଧ ଭାଜପା ସହ ଯୋଡ଼ିହେବାରେ ଲାଗିଛନ୍ତି।
-ରାମ ମାଧବ, ଭାଜପା ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ଜ୍ୟୋତି ରଣ୍ଧାୱା ଗିରଫ



**ବହରାଇଚ(ୟୁପି),୨୬।୧୨(ପି.ଟି.):** ଉତ୍ତରପ୍ରଦେଶର ଦୁଧ୍ୱା ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ଶିକାର କରିବା ଅଭିଯୋଗରେ ଅନ୍ତର୍ଜାତୀୟ ଗଲ୍ଫର ଜ୍ୟୋତିନ୍ଦର ସିଂ ରଣଧାୱାଙ୍କୁ ବୁଧବାର ଗିରଫ କରାଯାଇଛି। ତାଙ୍କଠାରୁ ଶିକାରରେ ବ୍ୟବହୃତ ପଏଣ୍ଟ ୨୨ ବୋର ରାଇଫଲ୍ ଏବଂ ହରିଣ ଛାଲ ଜବତ ହୋଇଛି। ଏହା ବ୍ୟତୀତ ତାଙ୍କଠାରୁ ଏକ ଲକ୍ଜ୍ୟୁରୀ ଗାଡ଼ି ମଧ ଜବତ କରାଯାଇଛି। ରଣଧାୱାଙ୍କ ସହ ଥିବା ମହେଶ ବିରଜଦାର ନାମକ ଜଣେ ସହଯୋଗୀଙ୍କୁ ମଧ ପୋଲିସ ଉକ୍ତ ସଂରକ୍ଷିତ ଜଙ୍ଗଲର କର୍ଟର୍ନିଆଘାଟ ଅନ୍ତର୍ଗତ ମୋତିପୁର ରେଞ୍ଜରୁ ଗିରଫ କରିଛି। ଜେରା ପରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯିବ ବୋଲି ବନ ଅଧିକାରୀ କହିଛନ୍ତି। ଗତ ୨୦୦୪ରୁ ୨୦୦୯ ମଧରେ ରଣଧାୱା ବିଶ୍ୱ ଗଲ୍ଫ ର୍ୟାଙ୍କିଙ୍ଗର ଶୀର୍ଷ ୧୦୦ ଜଣଙ୍କ ମଧରେ ସ୍ଥାନ ପାଇଥିଲେ।

### ଆଫଗାନିସ୍ତାନ ରାଷ୍ଟ୍ରପତି ନିର୍ବାଚନ ସ୍ଥଗିତ

**କାବୁଲ,୨୬।୧୨:** ଆସନ୍ତା ଏପ୍ରିଲ୍ ମାସରେ ଆଫଗାନିସ୍ତାନ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ କିଛି ମାସ ପାଇଁ ସ୍ଥଗିତ ରଖାଯାଇଛି। ଗତ ଅକ୍ଟୋବର ମାସରେ ଅନୁଷ୍ଠିତ ପାର୍ଲାମେଣ୍ଟ ନିର୍ବାଚନବେଳେ ବୈଷୟିକ ସମସ୍ୟା ଦେଖାଦେଇଥିଲା। ଏହାର ସମାଧାନ ଲାଗି ଅଧିକ ସମୟ ଆବଶ୍ୟକ ହେଉଥିବାରୁ ରାଷ୍ଟ୍ରପତି ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ନିର୍ବାଚନ କମିଶନଙ୍କ ମୁଖପାତ୍ର କହିଛନ୍ତି। ଭୋଟର ତାଲିକା ଯାଞ୍ଚ ଏବଂ ବାୟୋମେଟ୍ରିକ୍ ପରିଚୟ ବ୍ୟବସ୍ଥା ସମ୍ପର୍କରେ କର୍ମଚାରୀମାନଙ୍କୁ ତାଲିମ ଦେବା ଲାଗି ଅଧିକ ସମୟ ଲାଗିବ ବୋଲି ସେ କହିଛନ୍ତି।

### ୧୭ ରାଜ୍ୟରେ ଭାଜପା ପ୍ରଭାରୀ ନିଯୁକ୍ତ

**ନୂଆଦିଲ୍ଲୀ,୨୬।୧୨(ପି.ଟି.):** ଆଗାମୀ ଲୋକ ସଭା ନିର୍ବାଚନ ଲାଗି ଭାଜପା ଅଧକ୍ଷ ଅମିତ ଶାହ ବୁଧବାର ୧୭ଟି ରାଜ୍ୟ ପାଇଁ ପ୍ରଭାରୀ ନିଯୁକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ରାଜସ୍ଥାନ ପାଇଁ ପ୍ରଚାର ଦାୟିତ୍ୱ ଦିଆଯାଇଥିବା ବେଳେ ଅନ୍ୟତମ କେନ୍ଦ୍ରମନ୍ତ୍ରୀ ଥାୱରଚାନ୍ଦ ଗେହଲଟଙ୍କୁ ଉତ୍ତରାଖଣ୍ଡ ଦାୟିତ୍ୱ ଦିଆଯାଇଛି। ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶ ଲାଗି ତିନିଜଣଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଛି। ସେମାନେ ହେଲେ ଗୁଜରାଟ ଭାଜପା ନେତା ଗୋବର୍ଦ୍ଧନ ଝଡ଼ପିଆ, ଦଳ ଉପାଧକ୍ଷ ଥିବା ଦୁଷ୍ୟନ୍ତ ଗୌତମ ଏବଂ ମଧପ୍ରଦେଶର ଭାଜପା ନେତା ନରୋତ୍ତମ ମିଶ୍ର। ବିହାର ପାଇଁ ଭାଜପା ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବ ଏବଂ ଛତିଶଗଡ଼ ପାଇଁ ଅନିଲ ଜୈନଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଛି। ଆନ୍ଧ୍ରପ୍ରଦେଶ ଲାଗି ରାଜ୍ୟ ସଭା ସଦସ୍ୟ ଭି. ମୁରଲୀଧରନ ଏବଂ ଦଳର ସମ୍ପାଦକ ଦେଓଧର ରାଓଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ବେଳେ ଆସାମ ଓ ଗୁଜରାଟ ଲାଗି ଯଥାକ୍ରମେ ମହେନ୍ଦ୍ର ସିଂ ଏବଂ ଓ.ପି. ମାଥୁରଙ୍କୁ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ହିମାଚଳପ୍ରଦେଶ, ଝାଡ଼ଖଣ୍ଡ, ମଧପ୍ରଦେଶ, ମଣିପୁର, ନାଗାଲାଣ୍ଡ, ପଞ୍ଜାବ, ତେଲେଙ୍ଗାନା, ସିକ୍କିମ ସମେତ ଅନ୍ୟ କେତେକ ରାଜ୍ୟ ଲାଗି ଭାଜପା ପ୍ରଭାରୀ ଏବଂ ସହପ୍ରଭାରୀ ନିଯୁକ୍ତ କରିଛି।

# ଟାର୍ଗେଟରେ ମୋଦି

**ନୂଆଦିଲ୍ଲୀ,୨୬।୧୨**

୫ ରାଜ୍ୟର ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହ୍ରାସ ପାଉଥିବା ଲୋକପ୍ରିୟତାର ପ୍ରମାଣ ବୋଲି ଚର୍ଚ୍ଚା ଦାନା ବାନ୍ଧିବାରେ ଲାଗିଲାଣି। କାରଣ ବିଧାନସଭା ଭୋଟକୁ ଭାଜପା ୨୦୧୯ ପୂର୍ବରୁ ସେମିଫାଇନାଲ ଭାବେ ଅଭିହିତ କରି ଅନୁରୂପ ପ୍ରସ୍ତୁତି ଚଳାଇଥିଲା। ଏଥିଲାଗି ଏହାର ପରିଣାମ ଗୈରିକ ଦଳକୁ ଝଟକା ଦେଇଥିବାବେଳେ ଉଭୟ ଏନ୍‌ଡିଏ ସହଯୋଗୀ ଏବଂ ବିରୋଧୀ ଦଳଗୁଡ଼ିକ କ୍ରମଶଃ ମୋଦିଙ୍କୁ ସମାଲୋଚନା କରିବାରେ ଲାଗିଛନ୍ତି। ଏପରି କି କ୍ୟାବିନେଟ ଭିତରୁ ମଧ ମୋଦି ବିରୋଧୀ ସ୍ୱର ଶୁଣିବାକୁ ମିଳିଲାଣି। ୨୦୧୪ ନିର୍ବାଚନରେ ଯେଉଁମାନେ ମୋଦିଙ୍କ ଗୁଣଗାନ କରି ତାଙ୍କୁ କ୍ଷମତାସୀନ କରାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ସେମାନେ ମଧ ଏବେ ଭିନ୍ନ ଭାଷା କହିବା ଆରମ୍ଭ କଲେଣି। ମୋଟାମୋଟି ଭାବେ ଦେଖିବାକୁ ଗଲେ ପ୍ରାୟ ସମସ୍ତଙ୍କ ଟାର୍ଗେଟରେ ଏବେ ଅଛନ୍ତି ମୋଦି।

ଜଣେ କାମିକା କେନ୍ଦ୍ରମନ୍ତ୍ରୀ ଭାବେ ଜଣାଶୁଣା ନୀତୀନ ଗଡ଼କରୀଙ୍କ ଏକ ସଦ୍ୟ ମନ୍ତବ୍ୟ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ୨୩ ତାରିଖରେ ମହାରାଷ୍ଟ୍ରର ପୁଣେରେ ଭାଜପାର ଏହି ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷ କହିଥିଲେ, ବିଫଳତା ଓ ପରାଜୟ ପାଇଁ ଦଳର



ମେଘାଳୟର ଏକ କୋଇଲା ଖଣିରେ ପାଣିଘେରରେ ୧୫ ଶ୍ରମିକ ୧୩ ଦିନ ହେଲା ଫସିରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ଉଦ୍ଧାର ପାଇଁ ବ୍ୟବସ୍ଥା କରିବା ପରିବର୍ତ୍ତେ ଆସାମର ବୋଗିବିଲ ସେତୁ ଉଦ୍‌ଘାଟନ ବେଳେ ଫଟୋ ଉଠାଇବା ଲାଗି କ୍ୟାମେରା ସାମ୍ନାରେ ବିଭିନ୍ନ ମୁଦ୍ରାରେ ପୋଜ୍ ଦେଉଛନ୍ତି।
**-ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ**



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରୁଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ।

ନେତୃତ୍ୱ ନିଜକୁ ଦାୟୀ କରିବା ଉଚିତ। ନେତା ପରାଜୟ ଲାଗି ନିଜକୁ ଉତ୍ତରଦାୟୀ ନ କରିବା ଯାଏ ସଙ୍ଗଠନ ପ୍ରତି ତାଙ୍କ ଆନୁଗତ୍ୟ ପ୍ରମାଣିତ ହେବନାହିଁ। ସଫଳତାର ଅନେକ ପିତା ଥାଆନ୍ତି, ମାତ୍ର ବିଫଳତା ଏକ ଅନାଥ। ମଧପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼କୁ ଭାଜପା ହାତରୁ କଂଗ୍ରେସ ଛଡ଼ାଇନେବା ପରେ ଗଡ଼କରୀଙ୍କ ମନ୍ତବ୍ୟକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି। ସେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ଓ ମୋଦିଙ୍କୁ ଇଙ୍ଗିତ କରି ଏଭଳି କହିଥିବାବେଳେ ତାଙ୍କ ଟାର୍ଗେଟରେ ବିଶେଷକରି ପ୍ରଧାନମନ୍ତ୍ରୀ ରହିଥିବା ସନ୍ଦେହ କରାଯାଉଛି। କାରଣ ନାଗପୁର ଏମ୍‌ପି ଗଡ଼କରୀଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଘନିଷ୍ଠ ବୋଲି କୁହାଯାଏ। ତେଣୁ ଗଡ଼କରୀଙ୍କ ମୁହଁରେ ଆର୍‌ଏସ୍‌ଏସ୍ ମୋଦି ବିରୋଧୀ ଭାଷା କୁହାଇଥିବା କେତେକ ରାଜନୈତିକ ପଣ୍ଡିତ ମତ ଦେଉଛନ୍ତି। ସେହିପରି ଯୋଗଗୁରୁ ରାମଦେବଙ୍କ କଥା ବିଚାର କଲେ ସେ ମଧ ମୋଦିଙ୍କ ପ୍ରତି ଅସନ୍ତୁଷ୍ଟ ଥିବା ଜଣାପଡୁଛି। ତାମିଲନାଡୁର ମଦୁରାଇରେ ମଙ୍ଗଳବାର ରାମଦେବ କହିଥିଲେ, ସମ୍ପ୍ରତି ଦେଶର ରାଜନୈତିକ ସ୍ଥିତିକୁ ଅନୁଧ୍ୟାନ କଲେ ୨୦୧୯ରେ କିଏ ପ୍ରଧାନମନ୍ତ୍ରୀ ହେବେ ତାହା କହିହେଉନାହିଁ। ଆସନ୍ତା ସାଧାରଣ ନିର୍ବାଚନରେ ସେ କୌଣସି ଦଳକୁ ସମର୍ଥନ ବା ବିରୋଧ କରିବେ ନାହିଁ। ସେ ଏକ ଆଧାତ୍ମିକ ଭାରତ ଓ ବିଶ୍ୱ ନିର୍ମାଣ କରିବାକୁ ଚାହାନ୍ତି। ତେଣୁ ତାଙ୍କର ରାଜନୈତିକ ବା ଧାର୍ମିକ କାର୍ଯ୍ୟସୂଚୀ ନାହିଁ।

**ସହଜ ନୁହେଁ ୨୦୧୯**
- ଗଡ଼କରୀଙ୍କ ବିରୋଧର ସ୍ୱର
- ଭାଷା ବଦଳାଇଲେଣି ରାମଦେବ
- ପ୍ରଧାନମନ୍ତ୍ରୀଙ୍କୁ ଶିବସେନାର ସମାଲୋଚନା
- ୟୁପିରେ ଧମକ ଦେଉଛି ଅପ୍‌ନା ଦଳ
- ମୋଦି-କେସିଆର୍ ସାକ୍ଷାତକୁ ଚନ୍ଦ୍ରବାବୁଙ୍କ ନାପସନ୍ଦ

ପ୍ରକାଶ ଯେ, ଗତ ଲୋକ ସଭା ନିର୍ବାଚନ ବେଳେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପାଇଁ ରାମଦେବ ଅଣ୍ଟା ଭିଡ଼ିଥିଲେ। ସେ ଭାଜପା ସପକ୍ଷରେ ତାଙ୍କର ଅନୁଗାମୀଙ୍କୁ ଲଗାଇଦେଇଥିଲେ। ଏବେ ତାଙ୍କ ସ୍ୱରରେ ପରିବର୍ତ୍ତନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଭାଜପାର ଅମାନିଆ ସହଯୋଗୀ ଶିବସେନା ମୋଦିଙ୍କ ବିରୋଧରେ ପୁଣି ବିଷୋଦ୍‌ଗାର କରିଛି। ଶିବସେନା ମୁଖପତ୍ର 'ସାମ୍ନା'ର ବୁଧବାର ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି ଯେ, କେତେଜଣଙ୍କ ପାଇଁ କ୍ଷମତା ଅମ୍ଳଜାନ ଭଳି। ସେମାନେ କ୍ଷମତାରୁ ଦୂରେଇ ଗଲେ ଅସହାୟ ହୋଇପଡ଼ନ୍ତି। ଯେଉଁମାନେ ଅଚ୍ଛେଦିନ୍ ଆଣିବାରେ ବିଫଳ ହୋଇଛନ୍ତି, ସେମାନେ ବିରୋଧୀ ଆସନରେ ବସିବାକୁ ବାଧ ହେଉଛନ୍ତି। ପ୍ରକାଶ ଯେ, ଦୁଇଦିନ ତଳେ ଚୌକିଦାର ବି ଚୋରି କରିବାରେ ଲାଗିଲେଣି ବୋଲି ମୋଦିଙ୍କ ଉଦ୍ଦେଶ୍ୟରେ ଶିବସେନା ଅଧକ୍ଷ ଉଦ୍ଧବ ଠାକ୍‌ରେ କହିଥିଲେ। ସେହିପରି ଉତ୍ତରପ୍ରଦେଶରେ ଭାଜପାର ସହଯୋଗୀ ଅପ୍‌ନା ଦଳ ଏନ୍‌ଡିଏ ଛାଡ଼ିବାକୁ ଧମକ ଦେଲାଣି। ଭାଜପା ମେଣ୍ଟଧର୍ମ ପାଳନ କରୁନାହିଁ। ଅପ୍‌ନା ଦଳ କର୍ମୀଙ୍କୁ ଅଣଦେଖା ଓ ଅପମାନିତ କରାଯାଉଛି। ତେଣୁ ଦଳକୁ ଉଚିତ ସମ୍ମାନ ନ ମିଳିଲେ ଭିନ୍ନ ପନ୍ଥା ଆପଣାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ସ୍ୱାମୀ ତଥା ଦଳର ଅଧକ୍ଷ ଆଶିଷ ପଟେଲ ଚେତାବନୀ ଦେଇଛନ୍ତି। ଏହାସହ ସେ ୩ ହିନ୍ଦୀଭାଷୀ ରାଜ୍ୟରେ ପରାଜୟରୁ ଶିକ୍ଷାଗ୍ରହଣ କରିବାକୁ ଭାଜପାକୁ ପରାମର୍ଶ ଦେଇଛନ୍ତି। ଏଭଳି ବିବାଦ ମଧରେ ଯୋଗୀ ଆଦିତ୍ୟନାଥ ସରକାରଙ୍କ କେତେକ କାର୍ଯ୍ୟକ୍ରମକୁ ବର୍ଜନ କରି ଅନୁପ୍ରିୟା ଦିଲ୍ଲୀ ଚାଲିଯାଇଛନ୍ତି। ସେପଟେ ସମାଜବାଦୀ ପାର୍ଟି (ଏସ୍‌ପି)ରେ ବିଦ୍ରୋହକରି ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ଗଠନ କରିଥିବା ଶିବପାଲ ଯାଦବ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ କଂଗ୍ରେସ ସହ ହାତ ମିଳାଇବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଏସ୍‌ପି ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମେଣ୍ଟ କରିବାକୁ ଯାଉଥିବାବେଳେ ଶିବପାଲ କଂଗ୍ରେସ ହାତ ଧରି ଭାଜପାକୁ ହରାଇବାକୁ ଅଣ୍ଟାଭିଡ଼ିଛନ୍ତି। ଅନ୍ୟପକ୍ଷରେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର) ବୁଧବାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ୍ କରିଛନ୍ତି। ଏହାକୁ ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧକ୍ଷ ଏନ୍.ଚନ୍ଦ୍ରବାବୁ ନାଇଡୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଏଥିଯୋଗୁ କେସିଆର୍‌ଙ୍କ ସଂଘୀୟ ସାମ୍ମୁଖ୍ୟ ଗଠନ ଉଦ୍ୟମ ଫସର ଫାଟିବ। ସୂଚନାଯୋଗ୍ୟ, ଏନ୍‌ଡିଏରୁ ଟିଡିପି ଓହରିଯିବା ପରେ ଚନ୍ଦ୍ରବାବୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକୁ ନେଇ ଭାଜପାକୁ କ୍ଷମତାଚ୍ୟୁତ କରିବାକୁ ଯୋଜନା କରୁଛନ୍ତି। ଏଭଳି ସମୟରେ ଅଣଭାଜପା ଓ ଅଣକଂଗ୍ରେସ ସାମ୍ମୁଖ୍ୟ ଗଢ଼ିବାକୁ ଯାଉଥିବା କେସିଆର୍ ମୋଦିଙ୍କୁ ସାକ୍ଷାତ୍ କରିବା ଚନ୍ଦ୍ରବାବୁଙ୍କୁ ହଜମ ହେଉନାହିଁ। ସାମଗ୍ରିକ ଘଟଣାକ୍ରମକୁ ଦେଖିଲେ ଆଗକୁ ମୋଦିଙ୍କ ପାଇଁ ୨୦୧୯ ସାଧାରଣ ନିର୍ବାଚନ ଜିତିବା ସହଜ ହେବନାହିଁ ବୋଲି କେତେଜଣ ବିଶ୍ଳେଷକ କହିଲେଣି।

## ତିନି ତଲାକ୍ ନେଇ ବିତର୍କ ଆଜି

**ନୂଆଦିଲ୍ଲୀ,୨୬।୧୨(ପି.ଟି.)**



ତତ୍କାଳ ତିନି ତଲାକ୍ ପ୍ରଥାକୁ ଦଣ୍ଡନୀୟ ଅପରାଧ କରିବା ଲାଗି ଅଣାଯାଇଥିବା ବିଲ୍ ଉପରେ ଗୁରୁବାର ଲୋକ ସଭାରେ ବିତର୍କ ହେବ। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ କୁହାଯାଉଥିବା ଏହି ବିଲ୍ ଉପରେ ଆଲୋଚନା ଲାଗି କଂଗ୍ରେସ ଗତ ସପ୍ତାହରେ ରାଜି ହେବା ପରେ ୨୭ ତାରିଖରେ ବିତର୍କ ପାଇଁ ସ୍ଥିର ହୋଇଥିଲା। ସପ୍ତାହାନ୍ତ ଛୁଟି ଏବଂ ଖ୍ରୀଷ୍ଟମାସ ପାଇଁ ଶନିବାରଠାରୁ ଅଧିବେଶନ ବନ୍ଦ ଥିବାବେଳେ ଗୁରୁବାର ଆରମ୍ଭ ହେଉଛି। ରାଫାଲ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଅଧିବେଶନ ଆରମ୍ଭରୁ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା।

ଗତ ସେପ୍ଟେମ୍ବର ମାସରେ ସରକାର ତିନି ତଲାକକୁ ଦଣ୍ଡନୀୟ ଅପରାଧ କରିବା ଲାଗି ଅଧ୍ୟାଦେଶ ଆଣିଥିଲେ। ଏହା ବଦଳରେ ଆଇନ ଆଣିବା ଲାଗି ଗତ ୧୭ ତାରିଖରେ ଲୋକ ସଭାରେ ମୁସଲମାନ ମହିଳା (ବିବାହ ଅଧିକାରର ସୁରକ୍ଷା) ବିଲ୍, ୨୦୧୮ ଅଣାଯାଇଥିଲା। ଏକକାଳୀନ ତିନି ତଲାକ ଦେବାକୁ ବିଲ୍‌ରେ ବେଆଇନ ଦର୍ଶାଯାଇଛି, ଏଥିପାଇଁ ସ୍ୱାମୀଙ୍କୁ ୩ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ। ପୂର୍ବରୁ ଲୋକ ସଭାରେ ଗୃହୀତ ହୋଇଥିବା ତିନି ତଲାକ ବିଲ୍ ରାଜ୍ୟ ସଭାରେ ବିରୋଧର ସମ୍ମୁଖୀନ ହେବାରୁ ସରକାର ଏଥିରେ କେତେକ ସଂଶୋଧନ ସହ ପୁଣିଥରେ ଉପସ୍ଥାପନ କରିଛନ୍ତି। ଏଥିରେ ଜାମିନ ବ୍ୟବସ୍ଥା ରଖାଯାଇଛି।

## ପାର୍ଲାମେଣ୍ଟ ହେବ କାଗଜବିହୀନ

**ନୂଆଦିଲ୍ଲୀ,୨୬।୧୨(ପି.ଟି.)**

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ସମସ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କାଗଜମୁକ୍ତ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏକ ପ୍ରକଳ୍ପ ଆରମ୍ଭ କରିଛି। ପାର୍ଲାମେଣ୍ଟର ଉଭୟ ଗୃହ ଏବଂ ବିଧାନସଭାଗୁଡିକର ମୋଟ ୫୩୭୯ ସଦସ୍ୟ ଏଣିକି ଡିଜିଟାଲ ଟେକ୍‌ନୋଲୋଜି ବ୍ୟବହାର କରିବେ। ଏହାଦ୍ୱାରା କାଗଜ ସଞ୍ଚୟ ହେବା ସହ ସମୟ ବଞ୍ଚିପାରିବ। ନ୍ୟାଶନାଲ୍ ଇ-ବିଧାନ (ନେଭା) ନାମରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏମ୍‌ପି ଏବଂ ବିଧାୟକମାନେ ଇ-ପ୍ଲାଟଫର୍ମ ଜରିଆରେ ପ୍ରଶ୍ନ ପଚାରିବା ଲାଗି ନୋଟିସ ଅନଲାଇନ ପଠାଇବେ। ଉକ୍ତ ପ୍ରଶ୍ନକୁ ଡିଜିଟାଲ୍ ମାଧମରେ ସମ୍ପୃକ୍ତ ମନ୍ତ୍ରଣାଳୟ ଏବଂ ବିଭାଗକୁ ପଠାଯିବ।

## ଆମେରିକାରେ ଜଳିଗଲେ ତେଲେଙ୍ଗାନାର ୩ ଭାଇଭଉଣୀ

**ହାଇଦ୍ରାବାଦ/ୱାଶିଂଟନ,୨୬।୧୨ (ପି.ଟି.)**



ତେଲେଙ୍ଗାନାର ୩ ଭାଇଭଉଣୀ ଆମେରିକାରେ ଏକ ଅଗ୍ନିକାଣ୍ଡରେ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଟେନେସୀ ଅନ୍ତର୍ଗତ କୋଲିଏରଭିଲ୍ଲେଠାରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ହେଲେ ତେଲେଙ୍ଗାନା ନାଲଗୋଣ୍ଡା ଜିଲାର ସାତ୍ତ୍ୱିକ ନାଏକ (୧୬), ସୁହାନ ନାଏକ (୧୫) ଏବଂ ଜୟା ସୁଚିଥ(୧୪)। ସେମାନେ ଆମେରିକାରେ ରହି ପାଠ ପଢୁଥିବାବେଳେ ୨୪ ତାରିଖରେ ଖ୍ରୀଷ୍ଟମାସ୍ ପାର୍ଟିରେ ଯୋଗଦେବା ଲାଗି ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିବାବେଳେ ସେଠାରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇବା ପରେ ସେମାନଙ୍କ ବାପା ଶ୍ରୀନିବାସ ନାଏକ ଆମେରିକା ଯାଇଛନ୍ତି। ଏହି ଅଗ୍ନିକାଣ୍ଡରେ କାରି କୁଡ୍ରିଏଟ ନାମ୍ନୀ ଜଣେ ମହିଳାଙ୍କର ମଧ ମୃତ୍ୟୁ ଘଟିଛି। ତେବେ ତାଙ୍କ ସ୍ୱାମୀ ଓ ପୁଅ କୌଣସି ପ୍ରକାରେ ଘରୁ ବାହାରିଯାଇଥିଲେ।

## ଫୁର୍‌ସତ

## ସଙ୍କଟରେ ସାମୁଦ୍ରିକ ଜୀବ



**ୱାଶିଂଟନ:** ସମୁଦ୍ରରେ ଅମ୍ଳଜାନର ମାତ୍ରାରେ ସାମାନ୍ୟତମ ପରିବର୍ତ୍ତନ ସାମୁଦ୍ରିକ ଜୀବଜଗତ ଉପରେ ଭୟଙ୍କର ପ୍ରଭାବ ପକାଇବ। ସମୁଦ୍ର ଗର୍ଭର ମଧଭାଗରେ ରହିଥିବା ବିଭିନ୍ନ ପ୍ରଜାତିର ଛୋଟ ଓ ଅଣୁ ଜୀବ (ଜୁପ୍ଲାଙ୍କ୍‌ଟନ)କୁ ଏହା ବିଶେଷ ଭାବେ ପ୍ରଭାବିତ କରିବ। ଜୁପ୍ଲାଙ୍କ୍‌ଟନ ହେଉଛି ସାମୁଦ୍ରିକ ଖାଦ୍ୟଶୃଙ୍ଖଳର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବଶେଷ। ସମୁଦ୍ରର ଏହି ଅଂଶରେ ଅକ୍ସିଜେନ୍ ମିନିମମ୍ ଜୋନ୍ସ (ଓଏମ୍‌ଜି) ରହିଛି। ଏଠାରେ କେବଳ ଜୁପ୍ଲାଙ୍କ୍‌ଟନ ହିଁ ବଞ୍ଚିପାରିବେ। ଅନ୍ୟ ବଡ଼ ଆକାରର ଜଳଚର ଜୀବମାନଙ୍କ ଜୀବନଧାରଣ ସେଠାରେ ସମ୍ଭବ ନୁହେଁ। ତେବେ ପାଣିପାଗରେ ପରିବର୍ତ୍ତନ ଯୋଗୁ ସମୁଦ୍ର ଗର୍ଭରେ ଉକ୍ତ ଓଏମ୍‌ଜି ସ୍ତର କ୍ରମଶଃ ବିସ୍ତାର ହେବାରେ ଲାଗିଛି। ଏହାର ପରିଣତି ଭୟଙ୍କର ହେବ ବୋଲି ୟୁନିଭର୍ସିଟି ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ରୋଡ୍ ଆଇଲ୍ୟାଣ୍ଡର ଗବେଷକମାନେ କହିଛନ୍ତି।

## ସମ୍ପୂର୍ଣ୍ଣ ହାତପାଣ୍ଠି ଖର୍ଚ୍ଚ କରିଛନ୍ତି ୩୫ ଏମ୍‌ପି

**ଚେନ୍ନାଇ:**



ବିକାଶର କଥା କହୁଥିବା ଜନପ୍ରତିନିଧିମାନେ ସେମାନଙ୍କ ନିର୍ବାଚନମଣ୍ଡଳୀ ପାଇଁ ମିଳୁଥିବା ଏମ୍‌ପିଲ୍ୟାଡ୍ (ଏମ୍‌ପିଙ୍କ ହାତପାଣ୍ଠି) ଖର୍ଚ୍ଚ କରିବାରେ ବହୁ ପଛରେ ପଡିଛନ୍ତି। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ତଥ୍ୟରୁ ଏହା ଜଣାପଡ଼ିଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଏବଂ ଜିଲା ପ୍ରଶାସନ ପାଣ୍ଠି ଯୋଗାଣରେ ବିଳମ୍ବ କରୁଥିବାରୁ କେନ୍ଦ୍ର ସରକାର ଏମ୍‌ପିଲ୍ୟାଡ ପାଣ୍ଠି ଯୋଗାଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି। ବର୍ଷକୁ ଦୁଇଟି କିସ୍ତିରେ ଏହି ପାଣ୍ଠି ଯୋଗାଇବା ପରିବର୍ତ୍ତେ ଗୋଟିଏ କିସ୍ତିରେ ଯୋଗାଇ ଦେବା କଥା ଚିନ୍ତା କରାଯାଉଛି। ମୋଟ ୫୪୩ ଲୋକ ସଭା ଆସନ ମଧ୍ୟରୁ ମାତ୍ର ୩୫ଟିରେ ୨୦୧୪ରୁ ଇତିମଧରେ ସମ୍ପୂର୍ଣ୍ଣ ୨୫ କୋଟି ଟଙ୍କା ଖର୍ଚ୍ଚ ହେବା ସହ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଦକ୍ଷିଣ ଭାରତର କୌଣସି ରାଜ୍ୟ ସମ୍ପୂର୍ଣ୍ଣ ଏମ୍‌ପିଲ୍ୟାଡ ଖର୍ଚ୍ଚ କରିନାହାନ୍ତି। ପଶ୍ଚିମବଙ୍ଗରେ ସର୍ବାଧିକ ୧୦ଟି ନିର୍ବାଚନ ମଣ୍ଡଳୀରେ ସମ୍ପୂର୍ଣ୍ଣ ୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଗୁଜରାଟ, ଉତ୍ତରପ୍ରଦେଶ ଏବଂ ହରିୟାଣାର କେତେକ ନିର୍ବାଚନ ମଣ୍ଡଳୀ ସମ୍ପୂର୍ଣ୍ଣ ପାଣ୍ଠି ଖର୍ଚ୍ଚ କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ଲାଗି ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପ୍ରତି ନିର୍ବାଚନମଣ୍ଡଳୀକୁ ବର୍ଷକୁ ୫ କୋଟି ଟଙ୍କା ଦୁଇଟି କିସ୍ତିରେ ଯୋଗାଇ ଦିଆଯାଉଥିବା ବିଭାଗୀୟ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ବିଭିନ୍ନ କାରଣରୁ ଜିଲା ପ୍ରଶାସନ ପାଣ୍ଠି ଖର୍ଚ୍ଚ ପ୍ରମାଣପତ୍ର ଦାଖଲରେ ବିଳମ୍ବ କରୁଛି। ଗୋଟିଏ କିସ୍ତିରେ ବର୍ଷକୁ ୫ କୋଟି ଟଙ୍କା ଯୋଗାଇଦେବା ପ୍ରସ୍ତାବ ବିଚାରାଧୀନ ରହିଛି। ଅର୍ଥ ମନ୍ତ୍ରଣାଳୟ ସହ ପରାମର୍ଶ ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଗୌଡା କହିଛନ୍ତି। ଗୋଟିଏ ବର୍ଷରେ ପ୍ରକଳ୍ପ ଶେଷ କରି ପାଣ୍ଠି ବିନିଯୋଗ ପ୍ରମାଣପତ୍ର ପାଇବା ସମ୍ଭବ ନୁହେଁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିଏମ୍‌କେ ଏମ୍‌ପି ଅନ୍‌ବୁମଣି ରାମଦୋସ୍ କହିଛନ୍ତି। ଜିଲାପାଳମାନଙ୍କ ମନମୁଖି କାର୍ଯ୍ୟ ଯୋଗୁ ଗୋଟିଏ ବି ପ୍ରକଳ୍ପ କାର୍ଯ୍ୟକାରୀ କରିପାରି ନ ଥିବା ସେ କହିଛନ୍ତି।

### ଇତିହାସର ଆଇନାରେ

**ଡିସେମ୍ବର ୨୭ର ପ୍ରମୁଖ ଘଟଣା**

୧୯୧୧ ଡିସେମ୍ବର ୨୭ ତାରିଖରେ ଭାରତୀୟ ଜାତୀୟ କଂଗ୍ରେସର କୋଲକାତା ଅଧିବେଶନରେ ବିଶ୍ୱକବି ତଥା ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ଦ୍ୱାରା ରଚିତ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ପ୍ରଥମଥର ପାଇଁ ଗାନ କରାଯାଇଥିଲା।

୨୦୦୭ ଡିସେମ୍ବର ୨୭ରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କୁ ରାୱଲପିଣ୍ଡିରେ ହତ୍ୟା କରାଯାଇଥିଲା। ସେ ଦୁଇ ଥର (୧୯୮୮-୧୯୯୦ ଓ ୧୯୯୩-୧୯୯୬) ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ। ବିରୋଧୀ ଦଳ ପାକିସ୍ତାନ ପିପୁଲ୍ସ ପାର୍ଟି ନେତ୍ରୀ ବେନଜୀର ଲିଆକତ ନ୍ୟାଶନାଲ ବାଗ୍‌ରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇସାରିବା ପରେ ତାଙ୍କୁ ଗୁଳି କରାଯାଇଥିଲା। ପରେ ସେଠାରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଅନ୍ୟ ୨୪ ଜଣଙ୍କ ମୃତ୍ୟୁ ହୋଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ଆକାଶ ମେଘୁଆ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ କୁହୁଡ଼ିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୪ | ୧୦.୦ |
| ଚାନ୍ଦବାଲି | ୨୪.୪ | ୧୨.୪ |
| କଟକ | ୨୬.୫ | ୧୧.୮ |
| ପାରାଦ୍ୱୀପ | ୨୫.୫ | ୧୪.୪ |
| ଭୁବନେଶ୍ୱର | ୨୭.୬ | ୧୨.୪ |
| ଗୋପାଳପୁର | ୨୬.୮ | ୧୫.୩ |
| ପୁରୀ | ୨୭.୦ | ୧୫.୦ |
| ଅନୁଗୋଳ | ୨୫.୫ | ୮.୬ |
| ବାରିପଦା | ୨୪.୦ | ୧୦.୫ |
| ଝାରସୁଗୁଡ଼ା | ୨୫.୯ | ୯.୪ |
| କେନ୍ଦୁଝର | ୨୩.୬ | ୯.୧ |
| ସମ୍ବଲପୁର | ୨୭.୨ | ୯.୯ |
| ସୁନ୍ଦରଗଡ଼ | ୨୪.୫ | ୯.୦ |
| ହୀରାକୁଦ | ୨୬.୩ | ୧୧.୧ |
| ତାଳଚେର | ୨୮.୨ | ୧୦.୩ |
| ଭବାନୀପାଟଣା | ୨୭.୨ | ୧୧.୦ |
| ବଲାଙ୍ଗୀର | ୨୬.୫ | ୧୧.୦ |
| କୋରାପୁଟ | ୨୬.୦ | ୧୦.୬ |
| ଫୁଲବାଣୀ | ୨୪.୮ | ୬.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୯.୪ | ୧୫.୨ |
| ସୋନପୁର | ୨୭.୨ | ୯.୮ |
| ଦାରିଙ୍ଗିବାଡ଼ି | ୨୪.୦ | ୫.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଆସିଲା 'ଠାକ୍‌ରେ' ଟ୍ରେଲର

**ମୁମ୍ବାଇ :** ଶିବସେନା ସୁପ୍ରିମୋ ବାଲ୍ ଠାକ୍‌ରେଙ୍କ ଜୀବନ କାହାଣୀ ଉପରେ ଆଧାରିତ 'ଠାକ୍‌ରେ ବାୟୋପିକ୍'ର ଅଢ଼େଇ ମିନିଟ୍ ଟ୍ରେଲର ଶୋ' ବୁଧବାର ରିଲିଜ୍ ହୋଇଛି।



ବାୟକମ୍ ୧୮ ମୋଶନ ପିକ୍‌ଚର୍ସର ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଦର୍ଶିତ ୨ ମିନିଟ୍ ୫୪ ସେକେଣ୍ଡର ଏହି ବାୟୋପିକ୍ ଟ୍ରେଲରରେ ଠାକ୍‌ରେ ଓ ତାଙ୍କ ସ୍ତ୍ରୀଙ୍କ ଭୂମିକାରେ ବଲିଉଡ୍ ଅଭିନେତା ନୱାଜୁଦ୍ଦିନ ସିଦ୍ଦିକ୍ ଏବଂ ଅମ୍ରିତା ସିଂଙ୍କୁ ଦେଖିବାକୁ ମିଳିଛି। ଠାକ୍‌ରେଙ୍କ ଅବିକଳ ମେକଅପ୍‌ରେ ନୱାଜୁଦ୍ଦିନଙ୍କ ଝଲକ ଦର୍ଶକଙ୍କୁ ଆନ୍ଦୋଳିତ କରିଛି। ଅଭିଜିତ୍ ପାନ୍‌ଶେ ନିର୍ଦ୍ଦେଶିତ ଏହି ଚର୍ଚ୍ଚିତ ଚଳଚ୍ଚିତ୍ର ଆସନ୍ତା ଜାନୁୟାରୀ ୨୫ ତାରିଖରେ ବଡ଼ ପରଦାରେ ମୁକ୍ତିଲାଭ କରିବ। ପୂର୍ବରୁ କେତେଗୁଡ଼ିଏ ବାୟୋପିକ୍ ଫିଲ୍ମରେ ଅଭିନୟ କରି ସଫଳ ହୋଇଥିବା ନୱାଜୁଦ୍ଦିନ କହିଛନ୍ତି, ବାଲାସାହେବଙ୍କ ଚରିତ୍ର ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ହୋଇଛି। ତାଙ୍କର ଠାଣି, ବାଣୀ ଓ ଭାବଭଙ୍ଗୀ ସ୍ୱତନ୍ତ୍ର। ଏହା ତାଙ୍କ ଅଭିନୀତ ଉର୍ଦ୍ଦୁ ଲେଖକ 'ମାଣ୍ଟୋ'ଙ୍କ ଚରିତ୍ରଠାରୁ ଭିନ୍ନ ବୋଲି ସେ କହିଛନ୍ତି। ବରିଷ୍ଠ ଖବରଦାତା ତଥା ଏମ୍‌ପି ସଞ୍ଜୟ ରାଉତ୍‌ଙ୍କ ଦ୍ୱାରା ଲିଖିତ 'ଠାକ୍‌ରେ' ଫିଲ୍ମ ଉଭୟ ହିନ୍ଦୀ ଓ ମରାଠୀ ଭାଷାରେ ଶୁଟିଂ କରାଯାଇଛି। ଏହାକୁ ଇଂଲିଶ୍‌ରେ ଡବିଂ କରାଯିବ। ମରାଠୀ ମାନୁଷ୍ ବାଲାସାହେବଙ୍କ ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଥିବାରୁ ନୱାଜୁଦ୍ଦିନ ଶିବ ସେନାକୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀ-ଯବାନ ଗୁଳି ବିନିମୟ

**ପଦ୍ମପୁର,୨୬।୧୨(ଡି.ଏନ୍.ଏ.):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ଗନ୍ଧମାର୍ଦ୍ଦନ ପର୍ବତ ନିକଟରେ ରହିଥିବା ମନଭଙ୍ଗ ଡ୍ୟାମ୍ ପାଖରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ମାଓବାଦୀ-ଯବାନ ମୁହାଁମୁହିଁ ହୋଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ କୌଣସି ଯବାନ ଆହତ ହୋଇ ନ ଥିବାବେଳେ ୨ଜଣ ମାଓବାଦୀ ଆହତ ହୋଇଥିବା ସନ୍ଦେହ କରାଯାଉଛି ବୋଲି ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ଏସଡିପିଓ ପଣ୍ଡା ଆହୁରି କହିଛନ୍ତି, ସିଆର୍‌ପିଏଫ୍ ଓ ଡିଭିଏଫ୍ ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିଲେ। ଏହି ସମୟରେ ମନଭଙ୍ଗ ଡ୍ୟାମ ପାଖରେ ନୂଆପଡ଼ା, ବଲାଙ୍ଗୀର, ବରଗଡ଼ ଡିଭିଜନର ମାଓବାଦୀ ଏରିଆ କମାଣ୍ଡର ରବୀନ୍ଦ୍ରଙ୍କ ନେତୃତ୍ୱରେ ୮/୧୦ଜଣ ମାଓବାଦୀ ଗନ୍ଧମାର୍ଦ୍ଦନ ପର୍ବତ ଉପରୁ ତଳକୁ ଆସୁଥିଲେ। ଯବାନମାନେ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ। ମାତ୍ର ସେମାନେ ଆତ୍ମସମର୍ପଣ ନ କରି ଯବାନଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ତେବେ ଯବାନମାନଙ୍କ ପାଲଟା ଗୁଳି ଚାଳନା ଯୋଗୁ ମାଓବାଦୀ ଏରିଆ କମାଣ୍ଡର ରବୀନ୍ଦ୍ରଙ୍କ ସମେତ ୨ଜଣ ମାଓବାଦୀ ଆହତ ହୋଇଥିବା ସନ୍ଦେହ କରାଯାଉଛି। ଯବାନଙ୍କ ଗୁଳିର ସମ୍ମୁଖୀନ ହୋଇ ନ ପାରି ସମସ୍ତ ମାଓବାଦୀ ସେଠାରୁ ଛତ୍ରଭଙ୍ଗ ଦେଇ ଖସିଯାଇଥିଲେ ବୋଲି ପଣ୍ଡା କହିଛନ୍ତି। ସେହିପରି ଘଟଣାସ୍ଥଳରୁ ୧୬ଟି ଅଫୁଟା ଗୁଳି, ଟର୍ଚ୍ଚ ଲାଇଟ୍, ରକ୍ତଭିଜା ଗାମୁଛା, ଛୁରି ଆଦି ଜବତ ହୋଇଥିବା ସେ କହିଛନ୍ତି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୨୦୩/୧୮) ରୁଜୁ ହୋଇଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ, ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ, ପଦ୍ମପୁର ଏସ୍‌ଡିପିଓ ପଣ୍ଡା ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

### କନିଷ୍ଠ ଯନ୍ତ୍ରୀଙ୍କୁ ଜେଲଦଣ୍ଡ

**କଟକ ଅଫିସ, ୨୬।୧୨:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଖୋର୍ଦ୍ଧା ଜିଲା ବେଗୁନିଆ ଗ୍ରାମ୍ୟ ନିର୍ମାଣ ସେକ୍ସନର କନିଷ୍ଠ ଯନ୍ତ୍ରୀ ତିରୁପତି ଭେଙ୍କଟେଶ୍ୱର ପାଣିଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ପାଣିଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଆଉ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉକି, କନିଷ୍ଠ ଯନ୍ତ୍ରୀ ପାଣିଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ୨୦୦୧ ମେ ୩୦ରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ଓ ସମ୍ପର୍କୀୟ ଘର ଆଦି ଯାଞ୍ଚ କରାଯାଇଥିଲା। ତଦନ୍ତ ପରେ ପାଣିଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୨୫/୨୦୦୧ରେ ଏକ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ପାଣି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦର୍ଶାଯାଇଥିଲା। ପୂର୍ବତନ ଭିଜିଲାନ୍ସ ଇନ୍ସପେକ୍ଟର ସୁମନ୍ତ କୁମାର ମହାପାତ୍ର ମାମଲାର ତଦନ୍ତ କରିଥିବା ବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ପି. ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ଆର୍.ପି. ସିଂ ପର୍ଯ୍ୟଟନ ନିର୍ଦ୍ଦେଶକ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)-ରାଜ୍ୟ ସରକାର ବୁଧବାର ଦୁଇ ଜଣ ଆଇଏଏସ୍ ଅଫିସରଙ୍କୁ ଅଦଳବଦଳ କରିଛନ୍ତି। ୨୦୦୭ ବ୍ୟାଚ ଆଇଏଏସ୍ ଆର୍.ପି. ସିଂଙ୍କୁ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଥିବା ବଲୱନ୍ତ ସିଂଙ୍କୁ କୃଷି ବିପଣନ ବିଭାଗର ନିର୍ଦ୍ଦେଶକ ଏବଂ ଓଡ଼ିଶା କୃଷି ବିପଣନ ବୋର୍ଡର ମେମ୍ବର ସେକ୍ରେଟାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୪ ତାରିଖରେ ରାଜ୍ୟ ସରକାର ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସର ନିକୁଞ୍ଜ କିଶୋର ଧଳ ଏବଂ ଚନ୍ଦ୍ରଶେଖର କୁମାରଙ୍କୁ ଅଦଳବଦଳ କରିଥିଲେ। ଚନ୍ଦ୍ରଶେଖର କୁମାରଙ୍କୁ ରାଜ୍ୟ ପଣ୍ୟାଗାର ନିଗମ(ଓଏସ୍‌ଡବ୍ଲ୍ୟୁସି)ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ନିକୁଞ୍ଜ ଧଳଙ୍କୁ ରାଜସ୍ୱ ବିଭାଗ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଚନ୍ଦ୍ରଶେଖର କୁମାର ନୂତନ ଦାୟିତ୍ୱ ସମ୍ଭାଳିବା ଆଗରୁ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଆବେଦନ କରିବାକୁ ରାଜ୍ୟ ସରକାର ତାଙ୍କୁ ଅନୁମତି ପ୍ରଦାନ କରିଛନ୍ତି।




### ଲାଞ୍ଚ ମାମଲା: ପୂର୍ବତନ ମୋହରିର ଦଣ୍ଡିତ

**କଟକ ଅଫିସ, ୨୬।୧୨**

ଏକ ଲାଞ୍ଚ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି କଟକ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ପୂର୍ବତନ ମୋହରିରଙ୍କୁ ଜେଲ୍ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ରାୟ ଅନୁଯାୟୀ, ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଆଉ ୨ ମାସ ଜେଲ୍ ଭୋଗିବାକୁ ପଡ଼ିବ। ଅଭିଯୁକ୍ତ ଜଣକ ହେଉଛନ୍ତି ସିଦ୍ଧେଶ୍ୱର ପଣ୍ଡା। ସେ ଯାଜପୁର ଜିଲା ମାର୍କଣ୍ଡପୁର ଆର୍‌ଆଇ ଅଫିସରେ ପୂର୍ବରୁ କାର୍ଯ୍ୟ କରୁଥିଲେ। ଯାଜପୁର ଜିଲା ବଳିଆ ମୁଣ୍ଡଳି ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କଠାରୁ ୫୦୦ ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ୪୧/୧୯୯୯ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାଟିର ଚାର୍ଜଶିଟ ହୋଇ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଗୌରମୋହନ ଦାସ ମାମଲା ପରିଚାଳନା କରୁଥିଲେ।

■ ପିପିଲି ଗଣବଳାତ୍କାର ମାମଲା

## ସିବିଆଇ ତଦନ୍ତ ଦାବିକଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)**



ପିପିଲି ଗଣବଳାତ୍କାର ମାମଲାରେ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖଲାସ ହେବା ପରେ ବରିଷ୍ଠ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବୟାନକୁ ନେଇ ବାକ୍‌ଯୁଦ୍ଧ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ମହାରଥୀଙ୍କ ବୟାନକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିନ୍ଦା କରିଛନ୍ତି। ପୀଡିତାଙ୍କୁ ନ୍ୟାୟ ମିଳିଲା ବୋଲି ମନ୍ତ୍ରୀ କହିବା ଦୁଃଖଦାୟକ ଓ ହୃଦୟ ବିଦାରକ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨୫କିମି ଦୂରରେ ଏହି ଘଟଣା ଘଟିଛି। ପୀଡିତାଙ୍କ ମୃତ୍ୟୁ ଘଟିଥିବା ବେଳେ ଦୋଷୀକୁ ଦଣ୍ଡ ଦେବାରେ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ ତଥ୍ୟ ପ୍ରମାଣ ଉପସ୍ଥାପନ ନ କରି ଖସାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସମ୍ମାନ ଓ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବେବିନା କଣ ୩୩ ପ୍ରତିଶତ ମହିଳାଙ୍କ ଭିତରେ ଆସୁନାହିଁ କି ବୋଲି ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ବେବିନା ମାମଲାରେ ମହାରଥୀଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବାହାର କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ତଦନ୍ତରେ ଅବହେଳା ପାଇଁ ନିଲମ୍ବିତ ହୋଇଥିଲେ। ଏବେବି ସାକ୍ଷ୍ୟ ପ୍ରମାଣ ନ ଦେଇ ଦୋଷୀକୁ ଖଲାସ କରିବାରେ ସରକାର ସହଯୋଗ କରିଥିବା କଥା ପୀଡିତାଙ୍କ ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମହିଳାଙ୍କ ପ୍ରତି ସାମାନ୍ୟ ସମ୍ମାନ ଥିଲେ ମାମଲାର ତଦନ୍ତ ସିବିଆଇକୁ ତୁରନ୍ତ ଦିଅନ୍ତୁ ବୋଲି ଧର୍ମେନ୍ଦ୍ର ଦାବି କରିଛନ୍ତି।

# ରାଜ୍ୟବ୍ୟାପୀ କଳାଦିବସ ପାଳିଲା କଂଗ୍ରେସ

## ■ ଶାସକ ଦଳକୁ ନିରଞ୍ଜନଙ୍କ ପ୍ରଶ୍ନ, ବିକାଶର ଜବାବ ଦିଅ

**ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)**

ବିଜେଡି ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଚ ଉପରୁ ସିଧାସଳଖ ଭାଜପା ଓ କଂଗ୍ରେସକୁ ଟାର୍ଗେଟ କରିଥିଲେ। କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ସିଧାସଳଖ କେତୋଟି ପ୍ରସଙ୍ଗରେ ପ୍ରଶ୍ନ କରି ଅଡୁଆରେ ପକାଇବାକୁ ଚେଷ୍ଟା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆକ୍ଷେପ ପରେ ଉଭୟ ଭାଜପା ଓ କଂଗ୍ରେସ ବିଜେଡିକୁ ପାଲଟା ପ୍ରଶ୍ନ ପଚାରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବିଜେଡିକୁ କଡା ଭାଷାରେ ସମାଲୋଚନା କରିଛନ୍ତି।

ନିରଞ୍ଜନ ପ୍ରଶ୍ନ କରିଛନ୍ତି, ରାଜ୍ୟରେ ୮୫ଲକ୍ଷ ବେକାର ଯୁବତୀ ଯୁବକଙ୍କ ପାଇଁ କୌଣସି ପ୍ରକାର ନିଯୁକ୍ତି ନାହିଁ। ୧୮ବର୍ଷ ମଧ୍ୟରେ ଏହା ବିଜେଡିର ଏକ ବିକାଶ। ୨୦୦୦ମସିହାରେ ରାଜ୍ୟର ଋଣଭାର ୧୮ହଜାର କୋଟି ଟଙ୍କା ଥିଲା, ଏବେ ଏହା ୯୩ହଜାର କୋଟି ଟଙ୍କାରେ ପହଞ୍ଚିଛି। ଏହା ଆଉ ଏକ ବିକାଶ। ଚାଷୀ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୬୫ ପ୍ରତିଶତ ଲୋକ ଏବେ ବିପିଏଲ୍ ତାଲିକାରେ ଅଛନ୍ତି। ଜଳସେଚନ ପ୍ରକଳ୍ପ ଗୋଟିଏ ବି ହେଲା ନାହିଁ। ଉଜ୍ଜ୍ୱଳା ଯୋଜନାର ସଫଳତା କଥା ଭାଜପା ନେତାମାନେ କହୁଛନ୍ତି। ରନ୍ଧନ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୪ଶହ ଟଙ୍କା ଥିଲା ଏବେ ହଜାରେ ଟଙ୍କା ହେଲାଣି। ଏହା କ'ଣ ସଫଳତା ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା କଥା ଶାସକ ଦଳ କହୁଛି। ମାତ୍ର ନୀତି ଆୟୋଗରେ ଏନେଇ ଆଲୋଚନା କରାଯାଉନାହିଁ। ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ବାରମ୍ବାର ଆଲୋଚନା ହେଲା। ସେଥିରେ କାହିଁକି କିଏ ଭାଗ ନେଲେ ନାହିଁ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଏଠାରେ ସ୍ପେଶାଲ ଷ୍ଟାଟସ୍ କଥା କହି ଲୋକଙ୍କୁ ଭୁଆଉଛନ୍ତି। ଏହା ଅତ୍ୟନ୍ତ ହାସ୍ୟାସ୍ପଦ କଥା ବୋଲି ନିରଞ୍ଜନ କହିଛନ୍ତି। ଏସବୁ ଉପରେ ମୁଖ୍ୟମନ୍ତ୍ରୀ ଜବାବ ରଖନ୍ତୁ ବୋଲି ନିରଞ୍ଜନ ଦାବି କହିଛନ୍ତି।

ଅନ୍ୟପକ୍ଷେ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କ ଅଧିକାର କ୍ଷୁଣ୍ଣ ହେଉଥିବା ଅଭିଯୋଗରେ କଂଗ୍ରେସ ପକ୍ଷରୁ ବୁଧବାର ରାଜ୍ୟବ୍ୟାପୀ କଳାଦିବସ ପାଳନ କରାଯାଇଛି। ରାଜ୍ୟର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କଳା ଦିବସ ପାଳନ କରିଛି। ଦଳୀୟ କର୍ମୀମାନଙ୍କୁ ସକ୍ରିୟ କରିବା ଲାଗି କଂଗ୍ରେସ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରିଥିବା ଜଣାପଡିଛି। ଦଳର ରାଜ୍ୟ କାର୍ଯ୍ୟାଳୟ ପରିସରରେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟଙ୍କ ନେତୃତ୍ୱରେ କଳାଦିବସ ପାଳନ କରାଯାଇଛି। ମୁହଁରେ କଳାପଟି ବାନ୍ଧି ନେତା ଓ କର୍ମୀମାନେ ପ୍ରତିବାଦ କରିଛନ୍ତି।


ଭୁବନେଶ୍ୱର କଂଗ୍ରେସଭବନଠାରେ ନେତୃବୃନ୍ଦ ମୁହଁରେ କଳାକନା ବାନ୍ଧି ବସିଛନ୍ତି।

### ଏସ୍‌ସିବି, ଭିମ୍‌ସାରରେ ସୃଷ୍ଟି ହେଲା ୫୬ ନର୍ସିଂ ଶିକ୍ଷକ ପଦବୀ

ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଏବଂ ବୁର୍ଲାର ଭିମ୍‌ସାରରେ ୫୬ ନର୍ସିଂ ଶିକ୍ଷକ ପଦବୀ ସୃଷ୍ଟିକୁ ବୁଧବାର ମଞ୍ଜୁର କରିଛନ୍ତି। ଏସ୍‌ସିବି ସ୍ଥିତ ନର୍ସିଂ କଲେଜ ପାଇଁ ୩୨ଶିକ୍ଷକ ପଦବୀ ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଗୋଟିଏ ଲେଖାଏ ପ୍ରିନ୍ସିପାଲ, ଭାଇସ ପ୍ରିନ୍ସିପାଲ, ପ୍ରଫେସର, ୪ଟି ଆସୋସିଏଟ୍ ପ୍ରଫେସର, ୬ ଆସିଷ୍ଟାଣ୍ଟ ପ୍ରଫେସର , ୧୯ ଟ୍ୟୁଟର ଏବଂ ୭ଟି ପ୍ରଶାସନିକ ପଦବୀ ରହିଛି। ସେହିପରି ବୁର୍ଲାସ୍ଥିତ ଭିମ୍‌ସାର ନର୍ସିଂ କଲେଜରେ ୨୪ଟି ପଦବୀ ସୃଷ୍ଟି କରାଯାଇଛି। ତନ୍ମଧ୍ୟରେ ରହିଛି ଗୋଟିଏ ଲେଖାଏ ପ୍ରିନ୍ସିପାଲ, ଭାଇସ୍ ପ୍ରିନ୍ସିପାଲ, ପ୍ରଫେସର, ୩ ଆସୋସିଏଟ୍ ପ୍ରଫେସର, ୮ ସହାୟକ ପ୍ରଫେସର ତଥା ଲେକ୍ଚରର, ୧୦ ଟ୍ୟୁଟର ଏବଂ ୭ଟି ପ୍ରଶାସନିକ ପଦବୀ । ଏହିପରି ୫୬ଟି ନର୍ସିଂ ଶିକ୍ଷକ ପଦବୀକୁ ମିଶାଇ ମୋଟ ୭୦ଟି ପଦବୀ ସୃଷ୍ଟି କରାଯାଇଛି। ଏହାର ମଞ୍ଜୁରୀ ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


ଭୁବନେଶ୍ୱରସ୍ଥିତ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦଳୀୟ ନେତାମାନେ।


ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ବରମୁଣ୍ଡା ପଡିଆରେ ଆୟୋଜିତ 'ଜବାବ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ବେକାର ଯୁବତୀ, ଯୁବକମାନଙ୍କ ଉପରେ ଆଧାରିତ ଏକ ଟେଲି ଫିଲ୍ମ ସିଡୀ ଉନ୍ମୋଚନ କରୁଛନ୍ତି।

■ହାଇଟେକ ମେଡିକାଲ କଲେଜରେ ନାମଲେଖା ଠକେଇ

### ତିରୁପତିଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ ନେଲା ଝାଡ଼ଖଣ୍ଡ ପୋଲିସ

**ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)**

ହାଇଟେକ ମେଡିକାଲ କଲେଜରେ ନାମଲେଖା ଠକେଇ ଅଭିଯୋଗରେ ଝାଡ଼ଖଣ୍ଡ ପୋଲିସ କଲେଜ ଉପାଧ୍ୟକ୍ଷ ତିରୁପତି ଚୌଧୁରୀଙ୍କୁ ଗିରଫ କରିବା ପରେ ବୁଧବାର ଟ୍ରାନ୍‌ଜିଟ ରିମାଣ୍ଡରେ ନେଇଛି। ପୂର୍ବାହ୍ନରେ ତିରୁପତିଙ୍କୁ ପୋଲିସ ସିଜେଏମ କୋର୍ଟରେ ହାଜର କରିଥିଲା। କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଝାଡ଼ଖଣ୍ଡର ଧାନବାଦ କୋର୍ଟ ପକ୍ଷରୁ ତାଙ୍କ ନାମରେ ଜାରି ହୋଇଥିବା ଏନ୍‌ବିଡବ୍ଲ୍ୟୁକୁ ସମ୍ମାନ ଜଣାଇ ଟ୍ରାନ୍‌ଜିଟ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଅଭିଯୁକ୍ତଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ସହ କୌଣସି ପ୍ରକାର ଖରାପ ବ୍ୟବହାର ପ୍ରଦର୍ଶନ ନକରି ୩୬ ଘଣ୍ଟା ଭିତରେ ଧାନବାଦ କୋର୍ଟରେ ହାଜର କରିବାକୁ ବିଚାରପତି ଝାଡ଼ଖଣ୍ଡ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୧୩ରେ ହାଇଟେକ୍ କଲେଜରେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନେଇ ଝାଡ଼ଖଣ୍ଡର ରାମଧର ପ୍ରତୀକ ନାମକ ଛାତ୍ର ୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ଧାନବାଦ ଜିଲାର ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଏହା ସହ ଧାନବାଦ କୋର୍ଟରେ ଏକ ୧ସିସି ମମଲା ଦାୟର କରିଥିଲେ।

## ପ୍ରବଳ ଥଣ୍ଡା:୧୦ ଡିଗ୍ରୀ ତଳେ ୮ ସହର

### ଦାରିଙ୍ଗବାଡ଼ି ୫.୫, ଫୁଲବାଣୀ ୬

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ହେବ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଉପକୂଳଠାରୁ ଆଭ୍ୟନ୍ତରୀଣ ସବୁଠି ଶୀତର ପ୍ରକୋପ ଜାରି ରହିଛି। ରାତ୍ରିର ପାରଦ ୬ ଡିଗ୍ରୀ ତଳକୁ ଖସିଯାଉଛି। ଏପରିକି କେତେକ ସ୍ଥାନରେ ୫ ଡିଗ୍ରୀ ତଳେ ମଧ୍ୟ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାଜ୍ୟର ୮ଟି ସହର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୬, ଅନୁଗୋଳ ୮.୬, ଝାରସୁଗୁଡ଼ା ୯.୪, କେନ୍ଦୁଝର ୯.୧, ସମ୍ବଲପୁର ୯.୯, ସୁନ୍ଦରଗଡ଼ ୯, ବାଲେଶ୍ୱର ୧୦, ବାରିପଦା ୧୦.୫, ତାଳଚେର ୧୦.୩ ଏବଂ କୋରାପୁଟ ୧୦.୬ ଡିଗ୍ରୀ ସେଲସିୟସ ଥିବା ରେକର୍ଡ କରାଯାଇଛି। ସଞ୍ଜ ନଇଁବା ମାତ୍ରେ ପ୍ରଚଣ୍ଡ ଥଣ୍ଡା ମାଡ଼ି ଆସୁଛି । ପ୍ରବଳ ଶୀତରେ କିଲିବିଲି ହେଉଛନ୍ତି ରାଜ୍ୟବାସୀ । ଉପକୂଳରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ପ୍ରକୋପ ଜାରି ରହିଛି। ପ୍ରବଳ ଥଣ୍ଡା ଦେହ ଥରାଇ ଦେଉଛି। ଶୀତବସ୍ତ୍ର ନ ଘୋଡାଇ ହେଲେ ଥଣ୍ଡା ପ୍ରକୋପରୁ ବର୍ତ୍ତିବା ସହଜ ହେଉନାହିଁ। ଲଗାତର ପାରଦ ଖସିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆସନ୍ତା ଦିନେ ଦୁଇଦିନ ଯାଏ ରାଜ୍ୟରେ ପାରଦ ୧ରୁ ୨ ଡିଗ୍ରୀ ସେଲସିୟସ ଉପରକୁ ଉଠିବା ସମ୍ଭାବନା ରହିଛି। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଟ୍ରପଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗୁରୁବାର ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

■ ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣ

# ପରିବେଶ ଆଇନ ଉଲ୍ଲଂଘନ, ଏନ୍‌ଜିଟିରେ ମାମଲା

**କଟକ ଅଫିସ, ୨୬।୧୨:**

ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣରେ ପରିବେଶ ଆଇନର ଉଲ୍ଲଂଘନ କରାଯାଇଛି। ଏ ସଂକ୍ରାନ୍ତରେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ଆବେଦନକାରୀ ସଚ୍ଚିଭୂଷଣ ପଟ୍ଟନାୟକ, ଅଶେଷ କୁମାର ଖଟୁଆ, ଆଳୟ ସାମନ୍ତରାୟ ଓ ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ପିଟିଶନରେ ଦର୍ଶାଇଛନ୍ତି ଯେ, ପାଖାପାଖି ୫୦ ଲକ୍ଷ ଘନଫୁଟ ମାଟି ରେଳପଥ ନିର୍ମାଣ କାର୍ଯ୍ୟରେ ବିନିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ଆବେଦନକାରୀମାନେ ଜାଣିବାକୁ ପାଇଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲା ଅଧୀନରେ ଥିବା ଡେରାବିଶ, ମାର୍ଶାଘାଇ, କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ଆଦି ତହସିଲରୁ ମାଟି ଉଠାଣ ପାଇଁ କୌଣସି ଅନୁମତି ନିଆଯାଇ ନାହିଁ। ପାରାଦୀପଠାରୁ ହରିଦାସପୁର ପର୍ଯ୍ୟନ୍ତ ପାଖାପାଖି ୮୨ କିଲୋମିଟର ଲମ୍ବ ରେଳପଥ ମଧ୍ୟରୁ କେବଳ ୪୨କିଲୋମିଟର ଅଞ୍ଚଳ କେନ୍ଦ୍ରାପଡ଼ା ଜିଲାରେ ଯାଉଛି। ପରିବେଶ ପ୍ରଭାବ ଆକଳନ ଆଇନ ବିଜ୍ଞପ୍ତି ୨୦୦୬ ଅନୁସାରେ ମାଟି ବା ଲଘୁ ଖଣିଜ ପଦାର୍ଥ ଖନନ ନିମନ୍ତେ ପରିବେଶ ମଞ୍ଜୁରୀ ଏବଂ ମାଇନିଂ ପ୍ଲାନ ଅନୁମୋଦନ ଆବଶ୍ୟକ। ମାତ୍ର ଏ କ୍ଷେତ୍ରରେ ଏହିସବୁ ଆଇନକୁ ଅନୁସରଣ କରାଯାଇ ନାହିଁ। ଏ ସମ୍ପର୍କିତ ବିଭିନ୍ନ ପ୍ରକାର ଅଭିଯୋଗ ତହସିଲଦାର ଓ ଜିଲାପାଳଙ୍କ ପାଖରେ ଦାଖଲ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହାବାଦ୍ ଉକ୍ତ ମାଟି ଉଠାଣ ଦ୍ୱାରା ବିଭିନ୍ନ ସ୍ଥାନରେ ଉତ୍ପାଦନକ୍ଷମ ମୃତ୍ତିକା ନଷ୍ଟ ହୋଇଥିବା ଦର୍ଶାଯାଇଛି। ସେହିପରି ଗଛ ମୂଳରୁ ମୃତ୍ତିକା ଖନନ ଦ୍ୱାରା ବୃକ୍ଷ ସମ୍ପଦ ପ୍ରତି ବିପଦ ଦେଖାଦେଇଛି। ଏହି ମାମଲାରେ ଆବେଦନକାରୀମାନେ କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ, ରାଜ୍ୟ ପରିବେଶ ପ୍ରଭାବ ଆକଳନର କର୍ତ୍ତୃପକ୍ଷ, ଜଙ୍ଗଲ ଓ ପରିବେଶ ସଚିବ, ରେଲୱେ ବିକାଶ ନିଗମର କର୍ତ୍ତୃପକ୍ଷ ଏବଂ ୪ଟି ଠିକା ସଂସ୍ଥାକୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:....................................
ଜନ୍ମ ତାରିଖ: ...............................


ରଞ୍ଜିତ
ପରିବାରବର୍ଗ


ପ୍ରମିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

L&T Pc 71 Komatsu show room condition, 2009 Dec (Mo): 7978887806.D-10187




ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379.
D-60934

### AFFIDAVIT

I Sumeet Sinha, S/o-SKVP Sinha as mentioned in Aadhaar Card but in Educational Certificates it is mentioned "Sumeet". Vide this affidavit Sumeet Sinha and Sumeet is one and same person.
D-10229

### ଡକ୍ଟରେଟ ଡିଗ୍ରୀ ଲାଭ



ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟର ଠାରେ ଆନ୍ତର୍ଜାତିକ ବଲସବ୍ରାଇଡ୍ ବିଶ୍ୱବିଦ୍ୟାଳୟର ପ୍ରାୟୋଜିତ କର୍ମଶାଳା ତଥା ଉପାଧି ବିତରଣ ଉତ୍ସବରେ ବିଶ୍ୱବିଦ୍ୟାଳୟର ଅନୁମୋଦନ କ୍ରମେ AAFT ବିଶ୍ୱବିଦ୍ୟାଳୟର କୁଳପତି ଓ ମୁଖ୍ୟ ଅତିଥି ଡ଼ଃ ସନ୍ଦିପ୍ ମାରୱା, ନିସ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ନାୟକଙ୍କୁ Doctor of Philosophy Degree ପ୍ରଦାନ କରିଅଛନ୍ତି। ପ୍ରକାଶ ଥାଉକି ଡ଼ଃ ନାୟକ ଦୀର୍ଘ ଦୁଇ ଦଶନ୍ଧି ଧରି ରାଜ୍ୟର ବୃତ୍ତିଗତ ଶିକ୍ଷାର ପ୍ରସାର ତଥା ନିସ୍ ଶିକ୍ଷାନୁଷ୍ଠାନର ଉନ୍ନତି ତଥା ମାନବୃଦ୍ଧି ପାଇଁ ନିରନ୍ତର ପ୍ରଚେଷ୍ଟା କରିଆସୁଛନ୍ତି । ଏହି ସମ୍ମାନ ନିମିତ୍ତ ଡ଼ଃ ନାୟକ ନିସ୍ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ତଥା କର୍ମଚାରୀମାନଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ଡ଼ଃ ନାୟକ ଜଗତ୍‌ସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ଭଇଁଶୋ ଗ୍ରାମର ବାସିନ୍ଦା ଶ୍ରୀଯୁକ୍ତ ବାଉରୀ ବନ୍ଧୁ ନାୟକଙ୍କ ସୁପୁତ୍ର ଅଟନ୍ତି । ଧ-୧୦୨୩୨




### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65237

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

Gharabari boundary plot infront of Krupajal Engineering Collage, Bhubaneswar: 9090899281, 8908805482. D-65415

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ନଖରା East-College @ 999/-, ବ୍ରାହ୍ମଣ ଝରିଲୋ (SC/General) @ 499/-, ଚନ୍ଦକା NIT @ 599/-, IIT ଅରଗୁଳ @ 120-250/- ଘରବାରି ପ୍ଲଟ ବିକ୍ରିହେବ। 9439889903, 9861158141. D-65419

**Infocity-2 and NH-5 ପାଖରେ 10,00,000/-ରେ ପ୍ଲଟ ବିକ୍ରିହେବ। 9938770157, 7008818182.** D-64399

ପୁରୀ ବାଟମଙ୍ଗଳା ନିକଟ ନୂଆ ବାଇପାସ୍ ରୋଡ ପାଖରେ ମାତ୍ର 5ଲକ୍ଷ ଟଙ୍କାଦେଇ ଅତିଶୀଘ୍ର ଘର କରିବାଯୋଗ୍ୟ ଘରବାରି ପ୍ଲଟ ପାଚେରି ସହ କିଣନ୍ତୁ। 6370680566, 9776404801. D-10230

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027.
D-65312




3BHK flat on rent in Basudev enclave, Patia. Contact: 8249928110.D-63890

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



(ଦେବକାନୀ)

**ଶୁଭଶ୍ରୀ ବେହେରା**
**ସାଇଁଶୋ, କଟକ**

ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଚଲାପଥ କୁସୁମିତ ହେଉ। ଜେଜେମା, ଜେଜେ, ବଡମା, ବଡବାପା, ବାବା, ଦାଦା, ଖୁଡୀ, ବାପା- କୃପାସିନ୍ଧୁ, ମା- ତେଜସ୍ୱୀ, ଅଜା- ଜୟଦେବ ବେହେରା, ଆଈ- ସୌଦାମିନୀ ବେହେରା, ମାମୁ- ରଶ୍ମୀରଞ୍ଜନ, ଜୀବନଜ୍ୟୋତି, ମଉସା ଓ ମାଉସୀ। ଧ-୧୦୨୩୩

# ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ**

ନବମ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ- ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର- ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର- ରୋଷନ ପାଣିଗ୍ରାହୀ, କନ୍ୟା- ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ- ଶୁଭଯାନି, ରଶ୍ମିପ୍ରଭା, ଜ୍ୱାଇଁ- ସୀମାଞ୍ଚଳ ପଣ୍ଡା, ପୌତ୍ରାଦି- ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ- କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ- ଦୁର୍ଗାପ୍ରସନ୍ନ ସାହୁ, ଭାଉଜ- ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଧ-୬୩୭୪୬

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା କନକ ମଞ୍ଜରୀ ମହାନ୍ତି**

ରଥଗଡ଼ା ସାହି, ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୨।୧୯୪୩
ତିରୋଧାନ: ୧୭।୧୨।୨୦୧୮

ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଅବିସ୍ମରଣୀୟ। ଆପଣଙ୍କ ଆଶୀର୍ବାଦ ଚିରସ୍ମରଣୀୟ। ଆପଣଙ୍କର ପୁଣ୍ୟଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୧୧୩

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଚକ୍ରଧର ନନ୍ଦ**

ରାଣୀପଡ଼ା, ସାଲେପୁର, କଟକ
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ। ପରିବାର ଓ ବନ୍ଧୁବାନ୍ଧବବର୍ଗ। ଧ-୧୦୨୩୧

### ସପ୍ତମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଲାବଣ୍ୟପ୍ରଭା ମହାପାତ୍ର**

୩୯, ଅଶୋକ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୫।୧୨।୧୯୩୨
ତିରୋଧାନ: ୧୬।୧୨।୨୦୧୧

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ନିବେଦନ। ଶୋକସନ୍ତପ୍ତ: ସ୍ୱାମୀ-ଡ: ଉମାକାନ୍ତ ମହାପାତ୍ର, ପୁଅ-ବୋହୂ: କୁନା, ସିଲୁ, ଗୁଲି, ପ୍ରଜ୍ଞା, ଝିଅ-ଜ୍ୱାଇଁ: ନୀନା, ରାଜୁ, ଡଲି, ନୀଲୁ, ନାତିନାତୁଣୀମାନେ- ଲିଟି, ପୂଜା, ରାଜୀବ, ଭାବନା, ନିକିତା ଓ କିରଣ। ଧ-୧୦୧୭୩


## ଜେଲ୍ ଗଲେ ପୋଲିସ ସବ୍‌ଇନ୍ସପେକ୍ଟର

କଟକ ଅଫିସ, ୨୬।୧୨

ଭୁବନେଶ୍ୱର କୋର୍ଟରେ କାର୍ଯ୍ୟରତ ପୋଲିସ ସବ୍‌ଇନ୍ସପେକ୍ଟର ଦିଲୀପ କୁମାର ଦାସଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ପରେ ତାଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦାସଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗତ ୧୪ ତାରିଖରେ ଭିଜିଲାନ୍ସ ପକ୍ଷରୁ ଦାସଙ୍କ ଘର, ଅଫିସ ଆଦି ସ୍ଥାନରେ ଭିଜିଲାନ୍ସ ଯାଞ୍ଚ କରିଥିଲା। ଯାଞ୍ଚରୁ ମୋଟ ୯୮ ଲକ୍ଷ ୨ହଜାର ୩୨୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା।

## ଓଡ଼ିଶାକୁ ମିଳୁ ଆର୍ଥିକ...

କୌଣସି ସମସ୍ୟା ନାହିଁ। କାରଣ ଏହା ବିଜୁ ଏକ୍ସପ୍ରେସ ୱେର ଅଂଶବିଶେଷ, ଯାହାକି ରାଜ୍ୟ ସରକାରଙ୍କ ସଫଳତାର ପରିଚୟ। ହେଲେ ସମ୍ବଲପୁର ପରେ ବିନା ବୋର୍ଡ ଦେଖି ଆଖି ବନ୍ଦ କରି ମଧ୍ୟ ଜାଣି ହେବ ଯେ, ଜାତୀୟ ରାଜପଥ ଉପରେ ଗାଡ଼ି ଚାଲିଛି। ଯେଉଁ ଯାତ୍ରୀମାନେ ଗମନାଗମନ କରୁଛନ୍ତି, ସେମାନଙ୍କୁ ଭଗବାନ ଭରସା । ସମାନ ଚିତ୍ର ବାରିପଦା-ଦେବଗଡ଼ ଜାତୀୟ ରାଜପଥରେ ମଧ୍ୟ ଅନୁଭୂତ ହେଉଛି। ସାଢେ ୪ ବର୍ଷ ଅପେକ୍ଷା ପରେ ବି କୋଷ୍ଟାଲ ହାଇୱେ ଦେଖିପାରିଲୁ ନାହିଁ। ଟେଲିକମ୍ କ୍ଷେତ୍ରରେ ବିଏସ୍‌ଏନ୍‌ଏଲ୍ ଭାରତ ସରକାରଙ୍କ ବୃହତ୍ ନେଟ୍‌ୱର୍କ। ହେଲେ ଓଡ଼ିଶାର ଅଧିକାଂଶ ଗାଁରେ ଏହି ନେଟ୍‌ୱର୍କ ମିଳୁନାହିଁ। ନେଟୱର୍କ ପାଇଁ ଗଛ କିମ୍ବା ଛାତ ଉପରକୁ ଯିବାକୁ ପଡୁଛି। ଟ୍ରେନ୍ ଏବଂ ପ୍ଲାଟଫର୍ମ ଟିକେଟ୍ ବୃଦ୍ଧି ହିଁ ରେଲୱେର ବିକାଶ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଜି ଅଧୁରା। ରାଜ୍ୟ ସରକାର ପ୍ରକଳ୍ପର ଅଧା ଖର୍ଚ୍ଚ ସହ ମାଗଣାରେ ଜମି ପ୍ରଦାନ କରୁଛନ୍ତି, ତଥାପି କାମ ବଢୁନାହିଁ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ବୋଧେ ଇତିହାସ ବହିରେ ରହିଯିବ, ଯାହାକୁ ପିଲାମାନେ ପଢିବେ ବୋଲି ନବୀନ କହିଛନ୍ତି।

ରାଜ୍ୟରେ ବ୍ୟାଙ୍କ ସେବା ବିପର୍ଯ୍ୟସ୍ତକୁ ନେଇ ବିଜେଡି ସଭାପତି କେନ୍ଦ୍ରକୁ ଟାର୍ଗେଟ୍ କରିଛନ୍ତି। ରାଜ୍ୟ ଦେଉଥିବା ଟିକସ ବଦଳରେ ପର୍ଯ୍ୟାପ୍ତ ଅନୁଦାନ ପାଉ ନ ଥିବା କହି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର ପ୍ରଚାର କରିଥିଲା ଯେ, କୋଇଲା ନିଲାମ ଦ୍ୱାରା ଓଡ଼ିଶାକୁ ପ୍ରାୟ ୭୦ ହଜାର କୋଟି ଟଙ୍କା ମିଳିବ। ହେଲେ ୩ ବର୍ଷରେ ମାତ୍ର ମିଳିଛି ୩୭୦ କୋଟି ଟଙ୍କା। ଚାଷୀଙ୍କୁ ଶସ୍ୟ ବୀମାର ଉଚିତ କ୍ଷତିପୂରଣ ଓ ପରିମାଣ ଠିକ୍ ସମୟରେ ମିଳିପାରୁନାହିଁ। ଚାଷୀଙ୍କ ଲାଭ ନ ହୋଇ ଘରୋଇ ବୀମା କମ୍ପାନୀଙ୍କର ଲାଭ ହେଉଛି। ଭାଜପା ୨୦୧୪ ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା, ଦେଢ଼ଗୁଣ ଏମ୍‌ଏସପି ବୃଦ୍ଧି କରିବା ଓ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ସାଢ଼େ ୪ ବର୍ଷ ବିତିବା ପରେ ମଧ୍ୟ ତନ୍ମଧ୍ୟରୁ ଗୋଟିଏ ବି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଜନଜାତି ଅଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥ ବନ୍ଦ କରିବା ସହିତ ଅନୁସୂଚିତ ଜାତି(ଏସ୍‌ସି) ଓ ଜନଜାତି(ଏସ୍‌ଟି) ପିଲାଙ୍କ ଛାତ୍ରବୃତ୍ତି ଅର୍ଥ ବନ୍ଦ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ରର ଉଜ୍ଜ୍ୱଳା ଯୋଜନା, ମହାନଦୀ ଓ ପୋଲାଭରମ୍ ପ୍ରସଙ୍ଗରେ ମଧ୍ୟ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ତଥ୍ୟ ଦେଇ ଆରୋପ କରିଛନ୍ତି ଯେ, କେନ୍ଦ୍ର ସରକାର ୩୦ଲକ୍ଷ ମହିଳାଙ୍କୁ ଗ୍ୟାସ୍ ସଂଯୋଗ ଦିଆଗଲା ବୋଲି ଦାବି କରୁଛନ୍ତି। ହେଲେ ଏଲପିଜି ଦର ବୃଦ୍ଧି ଯୋଗୁ ରିଫିଲିଂ କେତେଜଣ କରୁଛନ୍ତି। ମହାନଦୀ ଓ ପୋଲାଭରମ୍ ପ୍ରସଙ୍ଗରେ ସମାଧାନ ପାଇଁ ରାଜ୍ୟକୁ କୋର୍ଟର ଦ୍ୱାରସ୍ଥ ହେବାକୁ ପଡ଼ିଛି। ତେଣୁ ଏ ସମସ୍ତ ବିଷୟର ଜବାବ ଓଡ଼ିଶା ମାଗୁଛି ବୋଲି ନବୀନ କହିଛନ୍ତି। ଏଥିସହିତ କେନ୍ଦ୍ର ସରକାରଙ୍କ ବିରୋଧରେ ଓଡ଼ିଶାରେ ଘରେ ଘରେ ବାର୍ତ୍ତା ପହଞ୍ଚାଇବା ପାଇଁ କର୍ମୀଙ୍କୁ ଅନୁରୋଧ କରିଛନ୍ତି। ୨୦୧୫ରୁ କୋଇଲା ରୟାଲଟି ସଂଶୋଧନ ହୋଇନାହିଁ। ୫ ମିନିଟ୍ ମଧ୍ୟରେ ଏହାର ନିଷ୍ପତ୍ତି ହୋଇପାରିବ। ହେଲେ ତାହା ହେଉନାହିଁ, ଯାହା ଫଳରେ ଓଡ଼ିଶା କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ମୁଖ୍ୟମନ୍ତ୍ରୀ ଯୁକ୍ତି ଉପସ୍ଥାପନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତ ସରକାର କ୍ଲିନ୍ ଏନର୍ଜି ସେସ୍ ବସାଇ ୨୧୦୦ କୋଟି ଟଙ୍କା ଆଦାୟ କଲେ, କିନ୍ତୁ ଓଡ଼ିଶାବାସୀଙ୍କୁ କିଛି ମିଳିଲା ନାହିଁ। ଓଡ଼ିଶାର ମାଟି ଓ ଖଣିକୁ ନେଇ ମହାନଦୀ କୋଲ୍ ଫିଲ୍ଡ ଭଳି କମ୍ପାନୀ ଗଠନ କରାଗଲା, ଯିଏ କି ପ୍ରତିବର୍ଷ ୨୦ ହଜାର କୋଟି ଟଙ୍କା ଲାଭ କରୁଛି। କିନ୍ତୁ ରାଜ୍ୟବାସୀ କେବଳ ପ୍ରଦୂଷଣ ପାଉଛନ୍ତି। ରେଲୱେ ବାର୍ଷିକ ୨୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିଲା ବେଳେ ରାଜ୍ୟ ପାଇଁ ବଜେଟରେ ମାତ୍ର ୨ହଜାର କୋଟି ଟଙ୍କା ଆସୁଛି । କଂଗ୍ରେସ ହେଉ କି ଭାଜପା, ରାଜ୍ୟ ପ୍ରତି କାହାର ଦରଦ ନାହିଁ। ସେହିପରି ରାଜ୍ୟ ସରକାର କଥା ନୁହେଁ, କାମରେ ବିଶ୍ୱାସ ରଖୁଥିବା ନବୀନ ପଟ୍ଟନାୟକ କହିଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ବଳଭଦ୍ର ମାଝି, ସରୋଜିନୀ ହେମ୍ବ୍ରମ, ପ୍ରସନ୍ନ ପାଟଶାଣୀ, ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ କୁମାର ମହାନ୍ତି, ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, ଛାତ୍ର ସଭାପତି ରାଣାପ୍ରତାପ ପାତ୍ର ଏବଂ ମହିଳା ସଭାନେତ୍ରୀ ମିନତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଭାପତିଙ୍କ ସମେତ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସ ପୂର୍ବରୁ ଦଳର ସଭାପତି ଗୋଟିଏ ମାସର ଦରମାକୁ ଦଳୀୟ ପାଣ୍ଠିକୁ ଦାନ କରିବା ପାଇଁ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତା ଅନୁରୋଧ କରିଥିଲେ। ପ୍ରତିଷ୍ଠା ଦିବସରେ ଭୁବନେଶ୍ୱରର ସଂଖ୍ୟାଧିକ କର୍ପୋରେଟର ନିଜର ଗୋଟିଏ ମାସର ଦରମା ଚେକ୍ ଆକାରରେ ପ୍ରଦାନ କରିଛନ୍ତି।

## ଦୁର୍ନୀତି ଦାନବକୁ ...

ଗ୍ୟାସ୍ ସଂଯୋଗ ଦିଆଯାଇଛି । ଓଡ଼ିଶାରେ ଏବେ ପ୍ରତି

### ପ୍ରଥମ ପୃଷ୍ଠାରୁ...

୧୦୦ଜଣଙ୍କ ମଧ୍ୟରୁ ୭୫ଜଣ ଗ୍ୟାସ୍ ସଂଯୋଗ ପାଇଛନ୍ତି। ହେଲେ ଗ୍ୟାସ୍ ସବ୍‌ସିଡି ଗରିବଙ୍କ ପାଇଁ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ୨୦୧୮ରେ ୧୮୫୦ ଟଙ୍କା ସବ୍‌ସିଡି ନେଇଛନ୍ତି। ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ପାଇଁ ରାଜ୍ୟ ସରକାର ଦାୟୀ। କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ଗତ ୭୦ରୁ ୭୫ଦିନ ମଧ୍ୟରେ ପେଟ୍ରୋଲ ଦର ୨୦ଟଙ୍କା ହ୍ରାସ ପାଇଛି। ଭାଜପା ଓ ଅଣଭାଜପା ଶାସିତ ରାଜ୍ୟ ଟ୍ୟାକ୍ସ ଛାଡ଼ କରିଛନ୍ତି। ମାତ୍ର ଓଡ଼ିଶା ସରକାର ଟ୍ୟାକ୍ସ ଛାଡ଼ କରୁନାହାନ୍ତି । ଓଡିଆଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଟ୍ୟାକ୍ସ କାହିଁକି କମାଉନାହାନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ୨୦୧୬ରେ ମୁଖ୍ୟମନ୍ତ୍ରୀ ସୋହେଲା ସମାବେଶରେ ଚାଷୀଙ୍କୁ ଧାନର ଏମ୍‌ଏସ୍‌ପି ଉପରେ ୧୦୦ଟଙ୍କାର ବୋନସ ଦେବା ପାଇଁ ଘୋଷଣା କରିଥିଲେ। ଅଢେଇ ବର୍ଷ ବିତିଯାଇଥିବାବେଳେ ଚାଷୀମାନଙ୍କୁ ବୋନସ ମିଳିଲାନାହିଁ। ପ୍ରଧାନମନ୍ତ୍ରୀ ଧାନର ଏମ୍‌ଏସପି ୧୫୫୦ଟଙ୍କାରୁ ବୃଦ୍ଧି କରି ୧୭୫୦ଟଙ୍କା କରିଛନ୍ତି। ରାଜ୍ୟର ଚାଷୀ ମାତ୍ର ୫୦୦ରୁ ୮୦୦ ଟଙ୍କାରେ ଆନ୍ଧ୍ର ଓ ଛତିଶଗଡ଼ରେ ଧାନ ବିକ୍ରୀ କରୁଛନ୍ତି। ଏ ସମସ୍ତ କାମ ପାଇଁ ରାଜ୍ୟ ସରକାର ଦାୟୀ। ସେହିପରି ପ୍ରାଇଭେଟ କମ୍ପାନୀଗୁଡ଼ିକୁ ରାଜ୍ୟ ସରକାର ନିଯୁକ୍ତି ଦେଇ ଏବେ କେନ୍ଦ୍ର ଉପରେ ଦୋଷ ଦେବାର ଅପଚେଷ୍ଟା କରୁଛନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ଏହାସହ ବିଜେଡି ବିଧାୟକମାନେ ଚିଟଫଣ୍ଡ, ପିସି ଆଦି ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ। ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଆୟୁଷ୍ମାନ୍ ଭାରତ ଯୋଜନାରେ ରାଜ୍ୟ ସରକାର ସାମିଲ ହେଲେ ନାହିଁ । ଓଡ଼ିଶାରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ କେନ୍ଦ୍ର ସରକାର ୫ଟି ମେଡିକାଲ କଲେଜ ଓଡ଼ିଶାକୁ ଦେଲେ । ମାତ୍ର ରାଜ୍ୟର ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ନାହାନ୍ତି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ୩୧୪ ବ୍ଲକରେ କେତେ ଜଳସେଚନ ହୋଇଛି ତାହା ସ୍ପଷ୍ଟ କରିବା ଦରକାର ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ଦେବା ପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗାଉଛନ୍ତି। ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରି ନ ପାରିବା କାରଣରୁ ବଳକା ଅର୍ଥ ଫେରିଯାଉଛି। କେନ୍ଦ୍ର ୨ହଜାର କୋଟି ଟଙ୍କା ଦେଲେ ଏମାନେ ଖର୍ଚ୍ଚ କରିପାରୁ ନାହାନ୍ତି, ୫ହଜାର କୋଟି ଟଙ୍କା ନେଇ କ'ଣ କରିବେ ବୋଲି ଜୁଏଲ କହିଛନ୍ତି।

'ଜବାବ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ବେକାର ଯୁବତୀ, ଯୁବକମାନଙ୍କ ଉପରେ ଆଧାରିତ ଏକ ଟେଲି ଫିଲ୍ମ ସିଡୀ ଉନ୍ମୋଚନ କରାଯାଇଛି। ଏହାସହ ୧୪୭ଟି ରଥ (ପିକ୍ ଅପ୍ ଭ୍ୟାନ୍)ର ଉଦ୍‌ଘାଟନ କରାଯାଇଛି। ଏହି ରଥଗୁଡିକ ଆସନ୍ତା ୧୦୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଗାଁ, ପଞ୍ଚାୟତସ୍ତରକୁ ଯାଇ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରଚାର କରିବ। ଅନ୍ୟପକ୍ଷରେ ୱେବ୍‌ସାଇଟ୍ ମାଧ୍ୟମରେ ପ୍ରତ୍ୟେକ ଲୋକମାନେ ନିଜ ନାଁ ରେଜିଷ୍ଟର କରି ପ୍ରଶ୍ନ ପଚାରିବାର ବ୍ୟବସ୍ଥା କରାଯାଇଛି। ଧର୍ମେନ୍ଦ୍ର ପ୍ରଧାନ ଏହି ୱେବ୍‌ସାଇଟ୍‌ର ଉଦ୍‌ଘାଟନ କରିଛନ୍ତି।

## ଆଇଏସ୍ ଆତଙ୍କକୁ ...

ଏନ୍‌ଆଇଏର ପୋଲିସ ଆଇଜି ଆଲୋକ ମିତ୍ତଲ ଏହି ଅପରେଶନ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ହରକତ୍-ଉଲ୍-ହର୍ବ-ଇ-ଇସ୍‌ଲାମ ସଦସ୍ୟଙ୍କ ସନ୍ଦିଗ୍ଧ ଗତିବିଧି ନେଇ ପୂର୍ବରୁ ଗୋଇନ୍ଦା ସୂଚନା ମିଳିଥିଲା। ଏଥିଯୋଗୁ କିଛିଦିନ ହେଲା ସନ୍ଦିଗ୍ଧମାନେ ଏନ୍‌ଆଇଏ ରାଡାରରେ ଥିଲେ। ଏନ୍‌ଆଇଏ ପକ୍ଷରୁ ନୂଆଦିଲ୍ଲୀ ଏବଂ ୟୁପିର ୧୭ ସ୍ଥାନରେ ଚଢ଼ାଉ କରାଯାଇ ଜେହାଦୀ ନେଟ୍‌ୱର୍କର ପର୍ଦ୍ଦାଫାଶ କରାଯାଇଛି। ଦିଲ୍ଲୀର ସିଲାମପୁର, ୟୁପିର ଲକ୍ଷ୍ନୌ, ଆମ୍‌ରୋହା ଓ ହାପୁର ଜିଲାରେ ଚଢ଼ାଉବେଳେ ବିପୁଳ ବିସ୍ଫୋରକ, ଏକ ଦେଶୀ ରକେଟ ଲଞ୍ଚର, ୧୦୦ ମୋବାଇଲ ଏବଂ ୧୩୫ଟି ସିମ୍‌କାର୍ଡ ଜବତ ହୋଇଛି। ଏହି ସ୍ଥାନଗୁଡ଼ିକରୁ ୧୬ ଜଣଙ୍କୁ ଧରାଯାଇଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୬ ଜଣଙ୍କୁ ଅଟକ ରଖି ଜେରା ଚାଲିଛି। ଜେହାଦୀମାନେ ଆତ୍ମଘାତୀ ଆକ୍ରମଣ ପାଇଁ ଯୋଜନା କରୁଥିଲେ ବୋଲି ସେମାନଙ୍କ ପ୍ରସ୍ତୁତିରୁ ସ୍ପଷ୍ଟ ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନ ନିଜେ ପାଣ୍ଠି ଯୋଗାଡ଼ କରୁଥିଲା। ଏହାର ସଦସ୍ୟମାନେ ଅର୍ଥ ପାଇଁ ନିଜ ନିଜ ଘରୁ ସୁନା ଅଳଙ୍କାର ଚୋରିକରି ବାହାରେ ବିକ୍ରି କରୁଥିଲେ। କିନ୍ତୁ ବିଦେଶରେ ଥିବା ଜଣେ ହ୍ୟାଣ୍ଡଲର ସେମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ୟୁପି ପୋଲିସର ଆତଙ୍କବାଦୀ ନିରୋଧୀ ଦଳ (ଏଟିଏସ୍) ସହାୟତାରେ ଆମରୋହାରୁ ମୁଫ୍‌ତି ସୁହୈଲଙ୍କୁ ଗିରଫ କରାଯାଇଛି। ଏକ ମସ୍‌ଜିଦରେ ମୌଲବୀ ଥିବା ସୁହୈଲ ଆଇଏସ୍ ଦ୍ୱାରା ଅନୁପ୍ରାଣିତ ଏହି ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ ଥିଲେ। ସେମାନେ ଆତ୍ମଘାତୀ ଆକ୍ରମଣ କିମ୍ବା ରିମୋଟ କଣ୍ଟ୍ରୋଲରେ ବୋମା ବିସ୍ଫୋରଣ କରିବାକୁ ପ୍ରସ୍ତୁତ ହେଉଥିଲେ ବୋଲି ସୁହୈଲଙ୍କଠାରୁ ଜବତ ବୁଲେଟ୍-ପ୍ରୁଫ୍ ଜାକେଟରୁ ଜଣାପଡ଼ିଛି। ଗିରଫ ଓ ଅଟକଙ୍କୁ ତଦନ୍ତକାରୀ ଅଧିକାରୀମାନେ ପ୍ରଶ୍ନ କରୁଛନ୍ତି। ସେମାନଙ୍କଠାରୁ ଅଧିକ ତଥ୍ୟ ହାସଲ କରାଯାଇପାରିବ ବୋଲି ଏନ୍‌ଆଇଏ ଆଶା କରୁଛି।

## ଖଟିରେ ଖଟିରେ...

### ଚୋପାଟା ଦେବେ

ଆରେ ହେ, ମତେ ଯୁଆଡେ ଆଣିବା କଥା ଏଇଟା ସେଇ ଜାଗା ନା ନାହିଁ। ହଁ ହଁ, ଆମେ ଠିକ୍ ଜାଗାକୁ ଆସିଛେ। ଆରେ ଅନ୍ଧ, ଯଦି ଏଇଟା ଠିକ୍ ଜାଗା ତେବେ ଏଠି ଯୁବକ କାହାନ୍ତି। ମାଇକ୍ ସାଉଣ୍ଡ ଶୁଭୁଛି ଆଉ ମହିଳାମାନେ ଅଛନ୍ତି, ତାଛଡା ମାଳମାଳ ଧଳା କନାଗୁଡ଼ା ଚେୟାର ପଡିଛି, ଇରେ ଭାଇ ଏଇଟା ଯୁବ ନା ମହିଳା ସମାବେଶ ମତେ କହିଲୁ। ଏ ମହିଳାମାନେ ବି ଆଉ ଯୁବ ଅବସ୍ଥାରେ ଥିଲା ଭଳି ଦିଶୁନାହାନ୍ତି। ଆରେ ହେଇ ଏ ଗେରୁଆ ବାଲାଙ୍କ କଥା ଆଉ ନୁହେଁ, ଚାଲ ସେଇ ଶଙ୍ଖ ଫୁଙ୍କିବା। କଥା କ'ଣ କି ବୁଧବାର ଗେରୁଆ ବାଲାଏ ପ୍ରଶ୍ନ ପଚାରିବାକୁ ଯୁବକମାନଙ୍କର ଗୋଟିଏ କାର୍ଯ୍ୟକ୍ରମ କରୁଥାଆନ୍ତି। ହେଲେ ଯୁବକମାନଙ୍କ ପାଇଁ ହୋଇଥିବା ଏତେ ବଡ଼ ସଭାରେ ଯୁବମାନେ ନ ଥାଆନ୍ତି। କାର୍ଯ୍ୟକ୍ରମର ଏହି ଅବସ୍ଥା ଦେଖି ସେଠାକୁ ଆସିଥିବା ଦୁଇ ଯୁବକଙ୍କ ଭିତରେ ଏମିତି ବାର୍ତ୍ତାଳାପ ଚାଲିଥାଏ। ସେତିକି ବେଳେ ଜଣେ ମାନ୍ୟବର ଆସି ପହଞ୍ଚିଗଲେ। ଆଉ ଲୋକସଂଖ୍ୟା ଦେଖି ମାନ୍ୟବରଙ୍କ ମୁହଁ ପୂରା ଶୁଖି ଝାଉଁଳି ଗଲା। ଆଉ ତାଙ୍କୁ ଦେଖିବା କ୍ଷଣି ଦୁଇ ଚାରିଜଣ ଧାଇଁ ଆସି ମାନ୍ୟବରଙ୍କୁ ମଞ୍ଚ ଉପରକୁ ଡାକିଲେ। ଏତିକିରେ ତାଙ୍କ ଫଁ ଦେଖାଇବା ଆରମ୍ଭ କରିଦେଲେ ଆଉ କହିଲେ, ଇରେ ହେ ତୁମେଗୁଡ଼ା କୋଉ କାମକୁ ନୁହେଁ। ହଜାରେ ଯୁବକଙ୍କୁ ଆଣିପାରୁନ କ'ଣ ନା ଜବାବ୍ ମାଗିବୁ। ଏମିତି ଯାଇ ଜବାବ ମାଗିଲେ ସେମାନେ ତୁମକୁ ଚୋପାଟା ଦେବେ।

### ମ୍ୟାଡାମ ପୂରା ଦମ୍‌ରେ

ଅଫିସର ଚାକିରି ଛାଡି ମ୍ୟାଡାମ ରାଜଧାନୀ ମୁହାଁ ହୋଇଛନ୍ତି। ରାଜନୀତିରେ ପାଦ ମଧ୍ୟ ଥାପିଛନ୍ତି। ନୟାପଲ୍ଲୀରେ ମ୍ୟାଡାମଙ୍କ ଅଫିସ ହୋଇଥିବାରୁ ଆଖପାଖ ଖଟିରେ ତାଙ୍କ ଚର୍ଚ୍ଚା ଜୋର ଧରିଛି। କଥା ସମ୍ରାଟ ଖୋର୍ଦ୍ଧା ଆସିବା ପୂର୍ବରୁ ତାଙ୍କୁ ନେଇ ଭାରି ଚର୍ଚ୍ଚା ଧରିଥିଲା। ହେଲେ ସଭାରେ ମ୍ୟାଡାମ୍‌ଙ୍କୁ ଦେଖିବାକୁ ମିଳି ନ ଥିଲା। ମାଳ ପିନ୍ଧାଇ ମ୍ୟାଡାମ ପରଦା ଆଡୁଆଳକୁ ଚାଲିଯାଇଥିଲେ। ଏହା ପରଦିନ ସକାଳୁ ଖଟିରେ ମ୍ୟାଡାମଙ୍କ ଚର୍ଚ୍ଚା ଏତେଟା ଜମି ନ ଥିଲା। ହେଲେ ଅପରାହ୍ନରେ ମ୍ୟାଡାମ ମାରିଥିଲେ ମାଷ୍ଟର ଷ୍ଟ୍ରୋକ୍ । ରାଜଧାନୀ ଆଖପାଖର ଶାସକ ଦଳିଆ ବାହିନୀକୁ ଗେରୁଆ ଟୋପି ପିନ୍ଧାଇ ଦଳକୁ ନେଇ ଆସିଥିଲେ। ସକାଳେ ଯେଉଁ ସମର୍ଥକ ଖଟିରେ ମନ ମାରି ବସିଥିଲେ। ସନ୍ଧ୍ୟାରେ ସେମାନେ କୁହାକୁହି ହେଉଥିଲେ, ଯାହା କୁହ ମ୍ୟାଡାମ ପୂରା ଦମ୍‌ରେ । ଆଗକୁ ଦେଖ, ଖେଳ କେମିତି ଜମୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଶାରୀରିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିଥିଲେ ମଧ୍ୟ ମାନସିକ ଅସୁସ୍ଥତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆଜିଦିନଟିରେ ଆପଣଙ୍କୁ ସାମଗ୍ରିକ ସୁଖ, ସୁବିଧା ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ମିଳିବ ଓ ଆଗାମୀ ସମୟ ପାଇଁ କେତେକ ମୂଲ୍ୟବାନ ଉପଦେଶ ପାଇବେ। ଆଲୋଚନା ପରିସରରେ ନୂତନ ବନ୍ଧୁତ୍ୱ ସ୍ଥାପନ କରି ଖୁସୀ ହେବେ।

**ବୃଷ**
ସଭାସମିତିରେ ମନେମନେ ବିରକ୍ତି ପ୍ରକାଶ କଲେ ମଧ୍ୟ ବନ୍ଧୁଙ୍କ ସମ୍ମୁଖରେ ସତକଥା ପ୍ରକାଶ କରିପାରିବେ ନାହିଁ। ପରିବାର ସମ୍ବନ୍ଧରେ ଅଯଥା ଗୁଡାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ ବରଂ ଲାଭ ବଦଳରେ କ୍ଷତି ଅଧିକ ହୋଇପାରେ। ଯାତ୍ରା ସମୟରେ କୌଣସି ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟା ବିଜଡିତ ରହିବା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ନିଜର କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକମାନଙ୍କଠାରୁ ଆଦର, ଶ୍ରଦ୍ଧା ପାଇବେ।

**କର୍କଟ**
କର୍ମକ୍ଷେତ୍ରରେ ଆଶାନୁରୂପ ଅର୍ଥ, ସମ୍ମାନ, ସହଯୋଗ ନ ପାଇ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ସ୍ତରରେ ପକ୍ଷପାତିତାକୁ ନେଇ ମାନସିକ ସ୍ତରରେ କଷ୍ଟ ପାଇପାରନ୍ତି। କୌଣସିଠାରୁ ପାଇବାକୁ ଥିବା ଅର୍ଥ ନ ପାଇବା କାରଣରୁ ବ୍ୟତିବ୍ୟସ୍ତ ହୋଇପଡିବେ। ସରକାରୀ କାମରେ ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ସିଂହ**
ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସଙ୍ଗଠନ, ରାଜନୀତି, ସଭାସମିତି, ପ୍ରଶାସନ କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। କ୍ରୀଡ଼ା ଓ କଳା, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିସ୍ଥିତିର ତାଡ଼ନାରେ ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମରୁ ଓହରି ପାରିବେ ନାହିଁ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପରକଥାରେ ମନ ଦେଇ ନିଜ କାମକୁ ଅବହେଳାଜନିତ ମନସ୍ତାପ କରିପାରନ୍ତି।

**ତୁଳା**
ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇନେବେ। ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି।

**ବିଛା**
ଆଜି ଦିନଟିରେ ମନ ଅନୁଯାୟୀ କାମଗୁଡିକ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଅନ୍ୟମାନଙ୍କ ଉପରେ ନିର୍ଭର କରି ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଠକାମିରେ ପଡିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**ଧନୁ**
ସହକର୍ମୀଙ୍କ ସାହାଯ୍ୟରେ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛିମାତ୍ରାରେ କମିଯିବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପଡିବ। ସଭାସମିତି କିମ୍ବା ବନ୍ଧୁଙ୍କଠାରୁ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ମକର**
ମନେ ମନେ ଯାହା ଚାହୁଁଛନ୍ତି, ତାହା ଆଜି ଅବଶ୍ୟ ପାଇବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦୀୟ ଘଟଣାରେ ବିଜୟୀ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ। ଭ୍ରମଣ ଅବକାଶରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**
ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା କାରଣରୁ ଘରର ଆବଶ୍ୟକତା ପୂରଣ ପାଇଁ ସମୟ ପାଇବେ ନାହିଁ। ଲେଖାପଢ଼ା, ପ୍ରଶାସନ, ପରିବହନ, ନିର୍ମାଣ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ନିଜ ସ୍ୱାର୍ଥ ପାଇଁ ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ, ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଦ୍ୱାରା ହିଁ ସମ୍ଭବ ହୋଇପାରେ। ଖଳ ଲୋକଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କାକୁ ଏଡିହେବ ନାହିଁ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ। ଧାର ସୂତ୍ରରେ ପାଇବାକୁ ଚେଷ୍ଟା କରିବେ।

ଆଜି ପୌଷ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ଗୁରୁବାର, ଡିସେମ୍ବର ୨୭ ତାରିଖ, ଦିବା ଘ.୧୨।୩୨ମି. ପର୍ଯ୍ୟନ୍ତ ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୬ମି. ଗତେ ଘ.୧୧।୪୭ମି. ମଧ୍ୟେ, ଘ.୧।୦୮ମି. ଗତେ ଘ.୨।୨୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୪୪ମି. ମଧ୍ୟେ ଘ.୧୧।୪୭ମି. ଗତେ, ଘ.୧।୦୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧।୦୮ମି. ଗତେ ଘ.୨।୩୦ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ଦାବି
### କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ କଲା କଂଗ୍ରେସ

ଟିକିରି, ୨୬।୧୨ (ଡି.ଏନ୍.ଏ.): ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ପାଇଁ ଟିକିରିର ବିଭିନ୍ନ ଅଞ୍ଚଳରେ କଂଗ୍ରେସ କର୍ମୀମାନେ ବିଜେଡି ପ୍ରତିଷ୍ଠା ଦିବସରେ କଳାବ୍ୟାଜ ପିନ୍ଧି ପ୍ରତିବାଦ ଓ ବିକ୍ଷୋଭ ଜଣାଇଛନ୍ତି। କ୍ଷମତା ବିକେନ୍ଦ୍ରୀକରଣ ସହିତ ବିକାଶ ପ୍ରକ୍ରିୟାକୁ ତୃଣମୂଳ ସ୍ତରକୁ ନେବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ମାତ୍ର ଏହି ବ୍ୟବସ୍ଥା ବର୍ତ୍ତମାନ ଦୁର୍ବଳ ଏବଂ ଶକ୍ତିହୀନ ବୋଲି ଦଳୀୟ କର୍ମୀମାନେ କହିଥିଲେ। ଏହାଛଡା ଆମ ଗାଁ, ଆମ ବିକାଶ ଯୋଜନା ବନ୍ଦ କରିବାକୁ ସେମାନେ ଦାବି କରିଥିଲେ। ପଞ୍ଚାୟତ ପ୍ରତିନିଧିମାନଙ୍କୁ ସରକାରୀ ଅଫିସର କର୍ମଚାରୀମାନଙ୍କର ଅଧସ୍ତନ ଭାବରେ ବିଚାର ନ କରି ସେମାନଙ୍କୁ ଲୋକ ପ୍ରତିନିଧି ଭାବରେ ମର୍ଯ୍ୟାଦା ଓ ସମ୍ମାନ ଦିଆଯାଉ। ୭୩ତମ ସମ୍ବିଧାନ ସଂଶୋଧନ ଆଇନ ମୁତାବକ ଯେଉଁ ଅଧିକାର ପଞ୍ଚାୟତ ବ୍ୟବସ୍ଥାକୁ ଦିଆଯାଇଛି, ତାକୁ କାର୍ଯ୍ୟକରୀ କରାଯାଉ ବୋଲି ସେମାନେ ଦାବି କରିଥିଲେ। କଂଗ୍ରେସର ସାନ୍ଧୁଚରଣ ମାଝି, ଗଜେନ୍ଦ୍ର ବିଶ୍ବମାଝି, ବଳରାମ ମାଝି, ଝିବୁନୁ ମାଝି, ଟଙ୍କ ଘୋଡିଆ, ବଂଶୀ ନାଏ, ବିପିନ ପୂଜାରୀ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

### ସମର୍ଥ ଭାରତ କାର୍ଯ୍ୟକ୍ରମ



ଗୁଣପୁର,୨୬।୧୨(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁରଠାରେ ବିବେକାନନ୍ଦ କନ୍ୟା କୁମାରୀ ଶାଖା ପକ୍ଷରୁ ବୁଧବାର ସମର୍ଥ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଷ୍ଟେଶନ ରୋଡରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜେଶ ପୃଷ୍ଟି, ଜଗନ୍ନାଥ ପଟ୍ଟନାୟକ, ବି.ସତିଶକୁମାର, ପ୍ରବୀଣରାଜୁ, ପ୍ରତିଭା ରଥ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନକୁ ସାକାର କରି ଭାରତକୁ ଜଗତ୍ ଗୁରୁ ଆସନରେ ଅଳଙ୍କୃତ କରାଇବା ଆମ ଦାୟିତ୍ୱ ବୋଲି ପ୍ରତିଭା ରଥ କହିଛନ୍ତି। ଏହି ଅବସରରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପ୍ରକାଶ ଯେ, ଦେଶବ୍ୟାପୀ ବିବେକାନନ୍ଦ କେନ୍ଦ୍ର ପକ୍ଷରୁ ଡିସେମ୍ବର ୨୫ରୁ ଜାନୁୟାରୀ ୧୨ ବିବେକାନନ୍ଦ ଜୟନ୍ତୀ ପର୍ଯ୍ୟନ୍ତ ସମର୍ଥ ଭାରତ କାର୍ଯ୍ୟକ୍ରମ ପାଳନ କରାଯାଉଛି।

### ନିରାପତ୍ତା ଆତ୍ମରକ୍ଷାର ପ୍ରଥମ ସୋପାନ

ରାୟଗଡ଼ା ଅଫିସ, ୨୬।୧୨ (ଡି.ଏନ୍.ଏ.): ଜେକେପୁରଠାରେ ଓଡ଼ିଶା ସରକାରଙ୍କ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ 'ଆତ୍ମରକ୍ଷା କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ପ୍ରଥମ ସୋପାନ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସ୍ଥାନୀୟ ଶୈଳେଶ ଚନ୍ଦ୍ର ଜୈନ ମେମୋରିଆଲ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ କମଳେନ୍ଦ୍ର ମହାପାତ୍ର, ଉପନିର୍ଦ୍ଦେଶକ ଇଂ. ସ୍ୱରୂପ ଜେନା, ଉପନିର୍ଦ୍ଦେଶକ (ନିରାପତ୍ତା) ଡ. ମଳୟ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଇଂ. ସ୍ୱରୂପ ଜେନା ସ୍ୱାଗତ ଅଭିଭାଷଣ ଦେଇଥିଲେ। ପରିଚାଳନା କର୍ତ୍ତୃପକ୍ଷ ଦୁର୍ଘଟଣାର ବିଭିନ୍ନ କାରଣ ପ୍ରତି ସଜାଗ ରହିଲେ ଏହାକୁ ଏଡାଇ ଦିଆଯାଇପାରିବ ବୋଲି ଡ. ମଳୟ କୁମାର ପ୍ରଧାନ କହିଥିଲେ। ଜେକେ କାଗଜକଳର କାର୍ଯ୍ୟକାରୀ ଉପସଭାପତି ପବନ କୁମାର ସୂରୀ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ନିର୍ଦ୍ଦେଶକ ନିରଞ୍ଜନ କର ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମୁଖ୍ୟ ସାଧାରଣ ପ୍ରବନ୍ଧକ ଡ. ପି.କେ. ନାୟକ ଶିଳ୍ପକ୍ଷେତ୍ରରେ ନିରାପତ୍ତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ କାମ ପାଇଁ ଶ୍ରମିକମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଶିଳ୍ପାନୁଷ୍ଠାନର ୨୫୦ ଜଣ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜେକେ କାଗଜକଳ ଯନ୍ତ୍ରପାତି ବିଭାଗ ବରିଷ୍ଠ ପ୍ରବନ୍ଧକ ବଳବୀର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାଧୀନ କୁମାର ବେହେରା ସହ ନିର୍ଦ୍ଦେଶକ, ଜୟପୁର ଧନ୍ୟବାଦ ଅର୍ପଣ କରିଥିଲେ।

■ ଜେକେ କାଗଜକଳରେ ପୁଣି ଶ୍ରମିକ ଅଶାନ୍ତି

# କାର୍ଯ୍ୟବନ୍ଦ କଲେ ଠିକା ଶ୍ରମିକ

ରାୟଗଡା ଅଫିସ, ୨୬।୧୨

ରାୟଗଡା ଜିଲା ଜେକେପୁରସ୍ଥିତ ଜେକେ କାଗଜକଳ କାରଖାନାରେ ପୁଣି ଥରେ ମୁଣ୍ଡ ଟେକିଛି ଶ୍ରମିକ ଅଶାନ୍ତି। ସଂଘର ବ୍ୟାନର ଚିରା ଘଟଣାକୁ ନେଇ ଠିକା ଶ୍ରମିକମାନେ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ କାରଖାନାରେ କାମ ବାଧାପ୍ରାପ୍ତ ହୋଇଛି। ୧୪ ଦଫା ଦାବି ପୂରଣ ନେଇ ପ୍ରଶାସନ ମଧ୍ୟସ୍ଥି ସାଜି କମ୍ପାନୀ ଓ ଶ୍ରମିକ ସଙ୍ଗଠନ ମଧ୍ୟରେ ପର୍ଯ୍ୟାୟ କ୍ରମେ ଆଲୋଚନା ଜାରି ରଖିଥିବାବେଳେ ଗତ ସୋମବାର ରାୟଗଡାର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଠିକା ଶ୍ରମିକ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଦାବି ପୂରଣ ବିଷୟରେ ଆଲୋଚନା କରାଯାଇଥିଲା। ତେବେ ଏଥର ମଧ୍ୟ ଦାବି ପୂରଣ ଦିଗରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଆନ୍ତରିକତା ଅଭାବ ଅଭିଯୋଗ ଆଣି ଠିକା ଶ୍ରମିକ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିଲାଗି ପ୍ରସ୍ତୁତି ଚାଲିଥିବାବେଳେ ମଙ୍ଗଳବାର ଅପରାହ୍ନ ୫ଟାରେ ସିଆଇଟିୟୁ ସଂଘର କିଛି ବ୍ୟାନରକୁ ଦୁର୍ବୃତ୍ତମାନେ କାଢି ନେଇ ଚିରି ଦେଇଥିବା ବୁଧବାର ସକାଳେ କେତେଜଣ ଶ୍ରମିକ ଦେଖିବାକୁ ପାଇଥିଲେ। ଏହାର ପ୍ରତିବାଦରେ ଶ୍ରମିକ ସଙ୍ଗଠନ ପକ୍ଷରୁ ସକାଳ ସାଢେ ୭ଟାରୁ 'ଏ' ସିଫ୍ଟର ଠିକା ଶ୍ରମିକମାନେ ୨ନମ୍ବର ଗେଟ୍ ଦେଇ ବାହାରି ଆସି ଏକତ୍ରିତ ହୋଇ କାମ ବନ୍ଦ ରଖିଥିଲେ। ବ୍ୟାନର ଚିରା ଘଟଣାକୁ ସଂଘର ସାଧାରଣ ସମ୍ପାଦକ ପେଦେଣ୍ଟି ରାମୁଲୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷେ ଶ୍ରମିକମାନେ କମ୍ପାନୀକୁ କୌଣସି ସୂଚନା ନ ଦେଇ କାମ ବନ୍ଦ କରିବା ଆଇନସମ୍ମତ ନୁହେଁ ଏବଂ ଦାବି ପୂରଣ ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଗତ ସୋମବାର କାଉନ୍‌ସେଲିଂ ମାଧ୍ୟମରେ ଆଲୋଚନା ହୋଇଥିଲା ବୋଲି କମ୍ପାନୀର ବରିଷ୍ଠ ପ୍ରବନ୍ଧକ(ପର୍ସୋନେଲ) କିରଣ କୁମାର ନାୟକ କହିଛନ୍ତି। ଶ୍ରମିକଙ୍କ ଆନ୍ଦୋଳନ ସମ୍ପର୍କରେ ଚାନ୍ଦିଲି ଥାନା ପୋଲିସ ଖବର ପାଇ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କାରଖାନା ପରିସରରେ ପୋଲିସ ମୁତୟନ କରିଛି। ଠିକା ଶ୍ରମିକ ସଂଘର ବ୍ୟାନର ଚିରାଯାଇଥିବା ଘଟଣା ଓ କିଛି ଦାବି ପୂରଣ ହେଉ ନ ଥିବାରୁ ଶ୍ରମିକମାନେ କାର୍ଯ୍ୟବନ୍ଦ କରିଥିବା ଜଣା ପଡିଛି ବୋଲି ଏସ୍‌ଡିପିଓ ରାଜ କିଶୋର ଦାସ କହିଛନ୍ତି।



କାର୍ଯ୍ୟବନ୍ଦ କରି କାରଖାନା ପରିସରରେ ରୁଣ୍ଡ ହୋଇଛନ୍ତି ଠିକା ଶ୍ରମିକମାନେ।

MADE EASY
India's Best Institute for IES, GATE & PSUs
Special Batch for
OPSC-AEE
CIVIL
MECHANICAL
Engineering
EARLY BIRD DISCOUNT of ₹3000/- For Civil (21st-27th Dec' 2018) For Mechanical (26th-30th Dec' 2018)
New batch starts from
03rd January 2019
Module : 550 hour | Daily 5-6 hour Classes
BBSR Office : 1441, Opp. IOCL Petrol Pump, CRPF Square, Bhubaneswar-751015
Visit at : www.madeeasy.in, E-mail : infobhubaneswar@madeeasy.in
Ph : 9040999888, 9040299888

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ଚନ୍ଦ୍ରପୁର, ୨୬।୧୨(ଡି.ଏନ୍.ଏ.)

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ାସ୍ଥିତ ବହୁମୁଖୀ ସମବାୟ ସମିତି ପରିସରରେ ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କରାଯାଇଛି। ଓଡିଶା ମିଲେଟ ମିଶନ ଓ 'ପ୍ରଭାତ' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆଦିବାସୀ ଅଞ୍ଚଳରେ କ୍ଷୁଦ୍ର ଦାନା ଶଷ୍ୟ ବୃଦ୍ଧି ପାଇଁ ଏହା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଚଳିତବର୍ଷ ଚାଷୀ କୁଇଣ୍ଟାଲ ପ୍ରତି ୨୮୯୭ଟଙ୍କାରେ ମାଣ୍ଡିଆ ବିକ୍ରି କରିପାରିବେ ବୋଲି 'ପ୍ରଭାତ'ର ସମ୍ପାଦକ ସୁରେଶ ମିଶ୍ର ସୂଚନା ଦେଇଛନ୍ତି। ଅତିଥିଭାବେ ତହସିଲଦାର ଫର୍ନାଣ୍ଡେ ନନ୍ଦ ଏକା ଓ ଡାଙ୍ଗସୋରଡା ସରପଞ୍ଚ ଧାନୁମାଝି କୁମୁରୁକା, ଲାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ନବୀନ ବେହେରା, କୃଷି ଅର୍ଥ ଦର୍ଶକ ରଜନୀ ମିଶ୍ର, ରାଜସ୍ୱ ନିରୀକ୍ଷକ ହରେରାମ ହୋତା, ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ଼୍, ନାରାୟଣ ନନ୍ଦ, ଅମୂଲ୍ୟ ଗୁରୁ ଉପସ୍ଥିତ ଥିଲେ। ମରହିରେ ୩ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଛି। ଏଠାରେ ଚାଷ ସମ୍ପର୍କିତ ଏକ ବୈଠକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଉଲ୍ଲାକା, ଅର୍ଜୁନ ରାପକାକା ଉପସ୍ଥିତ ଥିଲେ।

■ ବଜ୍ରକାପ୍ତା ଚୋରା ଚାଲାଣ ଘଟଣା

## ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର

**ନନ୍ଦନକାନନରେ ଛଡ଼ାଗଲା ବଜ୍ରକାପ୍ତା**

ଗୁଣପୁର,୨୬।୧୨(ଡି.ଏନ୍.ଏ.)

ଏକ ବଜ୍ରକାପ୍ତାକୁ ପଦ୍ମପୁରରୁ ଭୁବନେଶ୍ୱର ନେଉଥିବା ବେଳେ ଗୁଣପୁର ପୋଲିସ ଶନିବାର ରାତିରେ ସ୍ଥାନୀୟ ବସଷ୍ଟାଣ୍ଡରୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ୨ଜଣ ମହିଳାଙ୍କ ସମେତ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ବଜ୍ରକାପ୍ତାକୁ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରାଯାଇଛି। ଉଦ୍ଧାର ବଜ୍ରକାପ୍ତାକୁ ବୁଧବାର ନନ୍ଦନକାନନରେ ଛଡାଯାଇଛି। ଏହି ବଜ୍ରକାପ୍ତା ଚାଲାଣରେ ଏକ ରାକେଟ କାମ କରୁଥିବା ସନ୍ଦେହ କରି ଜଙ୍ଗଲ ବିଭାଗ ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ମାମଲା ହସ୍ତାନ୍ତର କରିଥିବା ଗୁଣପୁର ରେଞ୍ଜର ଅଶୋକ କୁମାର ପ୍ରଧାନ ସୂଚନା ଦେଇଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ପରେ ବଜ୍ରକାପ୍ତା କେଉଁଠାରୁ ଆସିଥିଲା, କେଉଁଠିକୁ ଯାଉଥିଲା ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି ଏସବୁର ପର୍ଦ୍ଦାଫାଶ ହେବ। ଗୁଣପୁର ଜେଲରେ ଥିବା ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ରିମାଣ୍ଡରେ ନେବ ବୋଲି ଅନୁମାନ କରାଯାଉଛି। ପ୍ରକାଶ ଯେ, ବଜ୍ରକାପ୍ତା ଚୋରା ଚାଲାଣବେଳେ ପୋଲିସ ୨ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୫ଟି ମୋବାଇଲ, ଗୋଟିଏ କାର (ଓଡି୦୨ଏଏମ-୭୧୦୪), ୩ଟି ମନିପର୍ସ ଏବଂ ଏଟିଏମ୍ କାର୍ଡ ଜବତ ହୋଇଥିଲା।

# ରାଜ୍ୟକୁ ଶୀର୍ଷକୁ ନେବା ପାଇଁ ଆମେ ସଂକଳ୍ପବଦ୍ଧ

ରାୟଗଡା ଅଫିସ/ବିଷମକଟକ/ ଗୁଣପୁର, ୨୬।୧୨

**ବିଜେଡି ପ୍ରତିଷ୍ଠା ଦିବସ**



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ନେତା ଓ କର୍ମୀ।

ବିଜେଡି ସରକାର ଅମଳରେ ରାଜ୍ୟରେ ବିକାଶ ଘଟିଛି। ରାଜ୍ୟକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାକୁ ଆମେ ସଙ୍କଳ୍ପବଦ୍ଧ ଓ ଏହା ଆମର ଲକ୍ଷ୍ୟ। ବୋଲି ବୁଧବାର ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ ନେତାମାନେ ଏହା କହିଛନ୍ତି। ରାୟଗଡାରେ ଅନୁଷ୍ଠିତ ହୋଇଥିବା ବିଜେଡି ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ଯୋଗ ଦେଇଥିଲେ। ଏହି ଅବସରରେ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିଜେଡ଼ି ଓ ଛାତ୍ର ବିଜେଡ଼ି କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ତା ପରେ ସ୍ଥାନୀୟ ବିଦ୍ୟାନଗରଠାରେ ବିଧାୟକ ଲାଲ୍‌ବିହାରୀ ହିମିରିକାଙ୍କ ଅଧ୍ୟକ୍ଷତାରେ ଏକ ସମ୍ମିଳନୀ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ, ପୌର ପରିଷଦ ଅଧ୍ୟକ୍ଷା ଭି.ଗୌରୀ ଜୟନ୍ତୀ, ଆର୍‌ସିଏମ୍‌ଏସ୍ ସଭାପତି ବି.ତିରୁପତି, ଜିଲା ଉପସଭାପତି ଚନ୍ଦ୍ରକାନ୍ତ ସାମଲ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ବିନାୟକ କର ଉପସ୍ଥିତ ଥିଲେ।

ବିଷମକଟକରେ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ବିଧାୟକ ଜଗନ୍ନାଥ ସରକା, ରାୟଗଡା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନାଥ ନୁଣ୍ଡୃକା, ଯୋଜନା ବୋର୍ଡ଼ ସଦସ୍ୟ ସୁଧୀର ଦାସ, ଖଦି ବୋର୍ଡ଼ ସଦସ୍ୟ ପଥୀରାଜ ସାହୁ , ବ୍ଲକ ଅଧ୍ୟକ୍ଷା ବିଜୟଶାନ୍ତି କୁମୁରୁକା, ରତ୍ନଲାଲ ଜୈନ ଉପସ୍ଥିତ ଥିଲେ। ଗୁଣପୁର ନୂତନ ବସଷ୍ଟାଣ୍ଡସ୍ଥିତ ଚଇତି ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଦଳୀୟ କର୍ମୀମାନେ ଏକ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ନୂତନ ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସଭା ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଚୌଧୁରୀ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ଉପାଧ୍ୟକ୍ଷ ଏସୋ ଶବର, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମୁନା ପାଣୀ ଏବଂ ଗୌରୀ ଶଙ୍କର ଦାସ ଉପସ୍ଥିତ ଥିଲେ।

# ସହାୟତା ବାହାନାରେ ଶୋଷଣ

ପ୍ରଥମ ପୃଷ୍ଠାରୁ...

ଏହା ପ୍ୟାକ୍ସ ସମ୍ପାଦକଙ୍କ ଉପରେ କୌଣସି ପ୍ରଭାବ ପଡି ନାହିଁ। ଏଥିଯୋଗୁ ଚାଷୀମାନେ ମଧ୍ୟସ୍ଥଙ୍କ ଦ୍ୱାରା ଶୋଷିତ ହୋଇ ଚାଲିଛନ୍ତି। ନାମକୁ ମାତ୍ର ଧାନମଣ୍ଡି ଖୋଲି ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ କର୍ମଚାରୀଙ୍କ ଅସାଧୁ ମେଣ୍ଟ ଚାଷୀଙ୍କୁ ସର୍ବସ୍ୱାନ୍ତ କରିବାରେ ଲାଗିଛି। ଏଥିଯୋଗୁ ୨୦୧୫ରୁ ଆଜି ପର୍ଯ୍ୟନ୍ତ ଧର୍ମଶାଳା ବ୍ଲକରେ ୩ ଜଣ, ସୁକିନ୍ଦା ବ୍ଲକରେ ୩, ବିଞ୍ଝାରପୁର ବ୍ଲକର ୨, ଦଶରଥପୁର ବ୍ଲକର ୨, ରସୁଲପୁର ବ୍ଲକର ୨, କୋରେଇ ବ୍ଲକର ଜଣେ, ଯାଜପୁର ବ୍ଲକର ୨ ଓ ବରୀ ବ୍ଲକର ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଯାଜପୁର କୃଷି ଉପନିର୍ଦ୍ଦେଶକ ଶରତଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ବିଭିନ୍ନ ଯୋଜନା ଚାଷୀଙ୍କ ପାଖରେ କାର୍ଯ୍ୟକାରୀ ହେଉଛି। ତେଣୁ ଧାନ ଉତ୍ପାଦନ ମଧ୍ୟ କ୍ରମଶଃ ବୃଦ୍ଧି ଘଟୁଛି। ସେହି ତୁଳନାରେ ଧାନସଂଗ୍ରହ ମଧ୍ୟ ଧାର୍ଯ୍ୟ ହେଉଛି। ଚାଷୀ ଆତ୍ମହତ୍ୟା ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଉଛି ବୋଲି ପୃଷ୍ଟି କହିଛନ୍ତି।

## ଚାଷୀଙ୍କ ମତ

### ଚାଷୀ ଆତ୍ମହତ୍ୟାକୁ ସରକାର ମାନୁ ନାହାନ୍ତି



ବିଜେଡି ସରକାର ୨ଦଶନ୍ଧି ଧରି ଚାଷୀଙ୍କ ପାଇଁ କୌଣସି ଆଖିଦୃଶିଆ କାମ କରି ନ ଥିବାରୁ ଭୋଟ ହରାଇବାର ଆଶଙ୍କା ରହିଛି। ବିଜୁ କୃଷକ ଜନତା ଦଳ ପୁନର୍ଗଠିତ ହୋଇଥିଲେ ମଧ୍ୟ କୃଷକମାନଙ୍କ ସହ କୌଣସି ସମ୍ପର୍କ ନ ଥିବାରୁ ଚାଷୀମାନେ ଏହାଦ୍ୱାରା ବିଶେଷ ସହାୟକ ହୋଇ ପାରିବେ ନାହିଁ। ଜିଲାରେ ଅନେକ ଚାଷୀ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରିଛନ୍ତି ହେଲେ ସରକାର ତାହା ମାନୁନାହାନ୍ତି। ତେଣୁ ତାଙ୍କ ପରିବାର ଖୁସି ପାଇବାର ଏଠାରେ ପ୍ରଶ୍ନ ଉଠୁଛି କେଉଁଠି ଏଯାବତ୍ ଅନେକ ସ୍ଥାନରେ ମଣ୍ଡି ଖୋଲି ନାହିଁ। ଗତବର୍ଷ ମିଲରମାନେ ମନଇଚ୍ଛା ଧାନ କିଣିଥିଲେ। କୁଇଣ୍ଟାଲ ପିଛା ୩/୪ କେଜି କମ୍ କରିବା ସହ ଧାନର ସହାୟକ ମୂଲ୍ୟ ଠିକ୍ ସମୟରେ ପଇଠ କରି ନ ଥିଲେ। ତେଣୁ ରାଜ୍ୟ ସରକାରଙ୍କ ପ୍ରତି ଚାଷୀକୁଳର ନକାରାତ୍ମକ ଭାବନା ସୃଷ୍ଟି ହୋଇଛି।

*– ବସନ୍ତ କୁମାର ପରିଡା, ଚାଷୀ, ଧର୍ମଶାଳା*

### ଚାଷୀଙ୍କ ଭୋଟ ବିଜେଡି ବିରୋଧରେ ଯିବ

ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଚାଷୀ ଭୁବନେଶ୍ୱରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ଯାଉଥିବାବେଳେ ସରକାର ୧୪୪ ଧାରା ଜାରି କରି ଚାଷୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରିଛନ୍ତି । ଏଥିରେ ସମସ୍ତ ଚାଷୀ ମର୍ମାହତ । ତେଣୁ ଆଗାମୀ ନିର୍ବାଚନରେ ଚାଷୀଙ୍କ ଭୋଟ ନିଶ୍ଚିତ ଭାବେ ବିଜେଡି ବିରୋଧରେ ଯିବ। ବିଜୁ କୃଷକ ଜନତା ଦଳ ହେଉ କିମ୍ବା ଯେ କୌଣସି ଯୋଜନା ଚାଷୀଙ୍କୁ ପ୍ରଭାବିତ କରି ପାରିବ ନାହିଁ । ଚାଷୀ ପ୍ରତିବର୍ଷ କ୍ଷତିର ସମ୍ମୁଖୀନ ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ବାଧ ହେଉଛି। ଏହାକୁ ସରକାର ମାନୁ ନାହାନ୍ତି। ଯାହାକି ବିଡ଼ମ୍ବନା ଛଡ଼ା ଅନ୍ୟକିଛି ନୁହେଁ। ଧାନ ମଣ୍ଡି ବିଳମ୍ବରେ ଖୋଲିବାରେ ପ୍ରଶାସନ ଓ ମିଲରଙ୍କ ମଧୁଚନ୍ଦ୍ରିକା ରହିଛି । ଚାଷୀ ବାଧ ହୋଇ ୧୧୦୦ ଟଙ୍କାରେ ଦଲାଲ ହାତରେ ଧାନକୁ ବିକ୍ରି କରୁଛି। ଏଥିରେ କେତେକ ଶାସକ ଦଳର ରାଜନୈତିକ ବ୍ୟକ୍ତିଙ୍କ ମଧ୍ୟ ସମ୍ପୃକ୍ତି ରହିଛି । ତେଣୁ ଆଗାମୀ ଦିନରେ ଚାଷୀଙ୍କ ପାଇଁ ବିଜେଡି ସରକାର ବୁମେରାଂ ହେବ।



*– ନାରାୟଣ ଜେନା, ସାରଙ୍ଗପୁର, ରସୁଲପୁର*

### ଚାଷୀଙ୍କୁ ଅଣଦେଖା କଲେ ଅଧୋପତନ ନିଶ୍ଚିତ



ଚାଷୀଙ୍କୁ ଯେ ଅଣଦେଖା କରିଛି ତା'ର ଅଧୋପତନ ନିଶ୍ଚିତ। ବିଜେଡି ସରକାର ଏହାର ଫଳ ନିଶ୍ଚିତ ଭାବେ ଭୋଗିବ। ପ୍ରତ୍ୟେକ ଚାଷୀ ବିଜେଡି ବିରୋଧରେ ଭୋଟ ଦେବାକୁ ଚିନ୍ତା କରିସାରିଲେଣି। ବିଜୁ କୃଷକ ଜନତା ଦଳ ପ୍ରକୃତ ଚାଷୀଙ୍କ ସହ କୌଣସି ସମ୍ପର୍କ ନାହିଁ। ଚାଷୀ ଆତ୍ମହତ୍ୟାକୁ ସରକାର ମାନୁ ନାହାନ୍ତି। ଯାହାକି ଆତ୍ମହତ୍ୟା କରିଥିବା ଚାଷୀର ପରିବାରକୁ ଉପହାସ ସଦୃଶ। ସରକାରୀ ଚାକିରି କରୁଥିବା ସମସ୍ତଙ୍କ ପାଇଁ ଏହି ସରକାର ଚିନ୍ତା କରୁଥିବାବେଳେ କୃଷକଙ୍କୁ ହେୟଜ୍ଞାନ କରୁଛି। ପ୍ରଶାସନ ଓ ମିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ହୋଇ ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

*– ପ୍ରକାଶ ମହାନ୍ତି, ଜାବରା*

### ଜାଣିଶୁଣି ମଧ୍ୟସ୍ଥ ଜରିଆରେ ଧାନ କିଣାଯାଉଛି



କୃଷି ଓ କୃଷକଙ୍କୁ ସରକାର ଗତ ଦୁଇ ଦଶନ୍ଧି ଧରି ଅବହେଳା କରି ଆସିଛନ୍ତି । ତାହା ଆଗାମୀ ନିର୍ବାଚନରେ ପ୍ରତିଫଳିତ ହେବ। ଏଥରେ ନିଶ୍ଚିତ ଭାବେ ବିଜେଡି ଭୋଟ ହରାଇବାର ସମ୍ଭବନା ରହିଛି। ବିଜୁ କୃଷକ ଜନତା ଦଳ ଚାଷୀଙ୍କ ପାଇଁ ଆଦୌ ଫଳପ୍ରଦ ହୋଇପାରିବ ନାହିଁ। ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାରକୁ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ବର୍ତ୍ତମାନ ପରିପ୍ରେକ୍ଷୀରେ ଖୁସି ଆଣି ପାରିବ ନାହିଁ। ସରକାର ମଣ୍ଡି ଜରିଆରେ ଚାଷୀଙ୍କଠାରୁ ଧାନ ନ ନେଇ ଜାଣିଶୁଣି ମଧ୍ୟସ୍ଥ ଜରିଆରେ ଧାନ କିଣୁଛନ୍ତି। ଏଥିରେ ବିଜେଡି ନେତାଙ୍କ ହାତ ରହିଛି।

*– ମାନସ ସାମଲ, ଜେନାପୁର*

### ବେପାରୀଙ୍କ ଧାନ ମଣ୍ଡିକୁ ଯାଉଛି



ଚାଷୀ ଭୋଟ ବିଜେଡି ହିଁ ପାଇବ । ହେଲେ ବିଜୁ କୃଷକ ଜନତା ଦଳ ପୁନର୍ଗଠନ ହୋଇଛି ତାହା କିଛି ସହାୟକ ହେବ ନାହିଁ। ଯେଉଁ ଚାଷୀ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ପରିବାର ଦୁଃଖରେ ରହିବେ। ମଣ୍ଡିରେ ଚାଷୀଙ୍କ ଧାନ କିଣା ହେଉ ନାହିଁ । ବେପାରୀଙ୍କ ଧାନ ମଣ୍ଡିକୁ ଯାଉଛି। ଦଲାଲମାନେ କମ୍‌ମୂଲ୍ୟରେ ଚାଷୀଙ୍କ ଧାନ ନେଇ ମଣ୍ଡିରେ ଦେଉଛନ୍ତି ।

*– ଯୋଗେନ୍ଦ୍ର ଜେନା, ଭୃକୁଟିପାଟ*

### ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି



ବିଜେଡି ଚାଷୀ ଭୋଟ ହରାଇବ ନାହିଁ । ବିଜେଡି ଯେଉଁ ବିଜୁ କୃଷକ ଜନତା ଦଳ ପୁନର୍ଗଠନ କରିଛି ତାହା କୃଷକମାନଙ୍କୁ କିଛି ଫରକ ପକାଇବ ନାହିଁ। ଚାଷୀ ଆତ୍ମହତ୍ୟା ପରିବାର କେବେ ବି ଖୁସି ଫେରି ପାଇବେ ନାହିଁ । ଧାନ କିଣା ଠିକ ହେଉନାହିଁ। ଦଲାଲମାନେ ଚାଷୀଙ୍କ ଠାରୁ ଧାନ ନେଉଛନ୍ତି । ଫଳରେ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଉ ନ ଥିବାବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

*– ବିକ୍ରମ କେଶରୀ ରାଉତରାୟ, ତିଗିରିଆ ବଡ଼ଚଣା*

### ଚାଷୀଙ୍କ ପାଇଁ ଆଖିଦୃଶିଆ କାର୍ଯ୍ୟ ହୋଇନି



ବିଞ୍ଝାରପୁର ଅଞ୍ଚଳର ଚାଷୀ ସବୁବେଳେ ଉପେକ୍ଷିତ। ଏହା ନିଶ୍ଚିତ ଭାବେ ଆସନ୍ତା ନିର୍ବାଚନରେ ଶାସକଦଳ ପାଇଁ ନାକାରାତ୍ମକ ପ୍ରଭାବ ପକାଇବ। ଏପର୍ଯ୍ୟନ୍ତ ବିଜୁ କୃଷକ ଜନତା ଦଳ ବିଞ୍ଝାରପୁରରେ ଚାଷୀମାନଙ୍କ ପାଇଁ କୌଣସି ଆଖିଦୃଶିଆ କାର୍ଯ୍ୟ କରି ପାରିନି। ଚାଷରେ ହତାସ ହୋଇ ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ କୌଣସି ପରିସ୍ଥିତିରେ ସରକାର ଖୁସି ଫେରାଇ ପାରିବେନି। ସରକାର ଧାନ କ୍ରୟ କରିବା ସମୟରେ ଚାଷୀଙ୍କଠାରୁ ଦଲାଲମାନେ ମାଲାମାଲ ହୁଅନ୍ତି। ଏଥିପାଇଁ ସରକାରୀସ୍ତରରେ କୌଣସି ତତ୍ପରତା ଦେଖିବାକୁ ମିଳୁ ନାହିଁ।

*– ପ୍ରଦୀପ କୁମାର ସ୍ୱାଇଁ, ମାଁସଡା, ବିଞ୍ଝାରପୁର*

### କୃଷକ ମାରଣ ନୀତି ମହଙ୍ଗା ପଡ଼ିବ



ସରକାର ଚାଷୀମାନଙ୍କ ପାଇଁ ୧୮ ବର୍ଷ ଭିତରେ କୌଣସି ସୁବିଧା କରିନାହାନ୍ତି । ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ କାର୍ଯ୍ୟକାରୀ କଲେ ଚାଷୀ ଉପକୃତ ହେବେ। ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରବର୍ଗଙ୍କୁ ସରକାର କେବେ ଖୁସି ଦେଇ ପାରିବେ ନାହିଁ। ବିଜେଡିର କୃଷକ ମାରଣନୀତି ସରକାରଙ୍କୁ ଆସନ୍ତା ନିର୍ବାଚନରେ ଅଡୁଆରେ ପକାଇବା ନିଶ୍ଚିତ।

*– ସରୋଜ ସାମଲ, ବରୀ*

### ସରକାରଙ୍କ ଯୋଜନା ଧୂଆଁବାଣ



ସରକାର ଚାଷୀଙ୍କ ପାଇଁ ଯେଉଁସବୁ ଯୋଜନା କରିଛନ୍ତି ତାହା ଧୂଆଁବାଣ। ଯୋଜନାସବୁ ଚାଷୀଙ୍କ ନିକଟକୁ ପହଞ୍ଚି ପାରି ନାହିଁ। ଅଧିକାରୀ ଓ ନେତାମାନଙ୍କ ଦରମା ବଢୁଥିବାବେଳେ ଚାଷୀଙ୍କୁ ପେନ୍‌ସନ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ପେନ୍‌ସନ ନ ଦେଲେ ଚାଷୀମାନେ ବିଜେଡିକୁ ଭୋଟ ଦେବେ ନାହିଁ। କୋରେଇ ବ୍ଲକରେ ବିଜୁ କୃଷକ ଜନତା ଦଳ କ'ଣ ବୋଲି ଚାଷୀମାନେ ଜାଣନ୍ତି ନାହିଁ। ବିଳମ୍ବରେ ଧାନ ମଣ୍ଡି ଖୋଲାଯାଉଥିବାରୁ ଚାଷୀମାନେ ଅଭାବି ବିକ୍ରିର ଶିକାର ହେଉଛନ୍ତି। ଚାଷରେ କ୍ଷତି ଅବା କୃଷି ଋଣଭାରରେ ଅତିଷ୍ଠ ହୋଇ ଯେଉଁ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି ସେମାନଙ୍କ ପରିବାରବର୍ଗଙ୍କୁ ଅଣଦେଖା କରାଯାଉଛି।

*– ବୀରକିଶୋର ନନ୍ଦ, ବଟିରା*

### ଡଗ୍‌ୱେଲ ଯୋଜନାରୁ ଚାଷୀ ବଞ୍ଚିତ



ଚାଷୀମାନଙ୍କ ପାଇଁ ସରକାର ଯେଉଁସବୁ ଯୋଜନା କରୁଛନ୍ତି ତାହା ଦଳୀୟ ନେତାଙ୍କ ପକେଟକୁ ଯାଉଛି। ଜଳସେଚନ ବ୍ୟବସ୍ଥାରେ ରହିଥିବା ଡଗ୍‌ୱେଲ ଯୋଜନା ମଧ୍ୟ ଚାଷୀ ପାଇବାରୁ ବଞ୍ଚିତ ରହୁଛି। ଫଳରେ ରାଜ୍ୟ ସରକାର ଚାଷୀଙ୍କ ଆସ୍ଥା ହରାଇଛି। ପାୱାରଟିଲର ଓ ଟ୍ରାକ୍ଟର ଚାଷୀମାନଙ୍କ ନାମରେ ଅନ୍ୟମାନଙ୍କୁ ଦିଆଯାଉଛି। ବିଜୁ କୃଷକ ଜନତା କେବଳ ଘୋଷଣାରେ ସୀମିତ ରହିଛି। ଏହା କୌଣସି କାମକୁ ନୁହେଁ। ଚାଷୀ ଆତ୍ମହତ୍ୟାକୁ ସରକାର ଗ୍ରହଣ କରୁ ନାହାନ୍ତି । ମଣ୍ଡିରେ ଚାଷୀଙ୍କୁ ଗୁରୁତ୍ୱ ନ ଦେଇ ନିଜ ସ୍ୱାର୍ଥ ପାଇଁ ସରକାର କାର୍ଯ୍ୟ କରୁଛନ୍ତି।

*– ନୃସିଂହଚରଣ ବିଶ୍ୱାଳ, ଶାଳକଣା*

❝ ଶତ୍ରୁକୁ ପରାଭୂତ କରିବାର ସର୍ବୋତ୍ତମ ଉପାୟ ହେଲା– ତା'ସମ୍ମୁଖରେ ହସିବା। ତୁମେ ସତକୁ ସତ ହସିପାରିବ ସେତିକି ବେଳେ, ଯେତେବେଳେ ତୁମେ ସବୁପ୍ରକାର ଅପମାନ ଓ ଦୋଷାଦୋଷର ଊର୍ଦ୍ଧ୍ୱରେ ଥିବ।
–ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ବୁଲା କୁକୁର ସମସ୍ୟାର ସମାଧାନ

ଯେଉଁମାନେ ରାସ୍ତାର ବୁଲା କୁକୁରମାନଙ୍କ ବିରୋଧରେ ଅଭିଯୋଗ କରି ମୋ ପାଖକୁ ଚିଠି ଲେଖନ୍ତି, ଏ ନିବନ୍ଧଟି ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ମୋ ପାଖକୁ ଇମେଲ ପଠାଇବା ବେଳେ ପ୍ରଥମେ ଲେଖନ୍ତି ଯେ ସେମାନେ ଖୁବ୍ ପଶୁପକ୍ଷୀ–ପ୍ରେମୀ ଏବଂ ସେମାନେ ନିଜେ ଘରେ କୁକୁର ପାଳିଛନ୍ତି। ଆମେ ସେମାନଙ୍କୁ ଓ ସେମାନଙ୍କ ପିଲାମାନଙ୍କୁ ବୁଲା କୁକୁରଙ୍କ ଦୌରାତ୍ମ୍ୟରୁ ରକ୍ଷାକରିବା ପାଇଁ କିଛି କରିବା ଉଚିତ ବୋଲି ସେମାନେ ମତବ୍ୟକ୍ତ କରନ୍ତି।

ମ୍ୟୁନିସିପାଲିଟି ଓ ଜିଲା ପ୍ରଶାସନ ତରଫରୁ ସବୁ କୁକୁରଙ୍କ ବନ୍ଧ୍ୟାକରଣ କରିବା ଲାଗି ସରକାର ତଥା କୋର୍ଟ ଆଦେଶ ଦେଇଥିଲେ ମଧ୍ୟ ବାସ୍ତବରେ ଦେଶରେ ୧୦ ପ୍ରତିଶତରୁ କମ୍ ଏହା ପାଳନ କରୁଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଅଭାବ, ଟଙ୍କା ଅଭାବ ଓ ସର୍ବୋପରି ଦୃଷ୍ଟିକୋଣର ଅଭାବ ଯୋଗୁ ଏହା ଘଟୁଛି। କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ପରିବେଶ ମନ୍ତ୍ରଣାଳୟ ନିୟନ୍ତ୍ରଣ କରୁଛି, ଯିଏ ଏଥିପାଇଁ ୫୦ ଲକ୍ଷରୁ କମ୍ ଟଙ୍କା ଖର୍ଚ୍ଚ କରୁଛି। ଅଥଚ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଏଥିପାଇଁ ୩୦୦ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। କିନ୍ତୁ ପରିବେଶ ମନ୍ତ୍ରଣାଳୟ ଏହି ଟଙ୍କା ଦେଉ ନାହିଁ। ତେଣୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଶେଷ କିଛି ପଦକ୍ଷେପ ନେଉନାହିଁ। ସ୍ୱାସ୍ଥ୍ୟ ସଚିବ ମୋତେ କହିଲେ ଯେ, କୁକୁର ବନ୍ଧ୍ୟାକରଣ ତାଙ୍କ କାମ ନୁହେଁ। ମୁଁ ତାଙ୍କୁ ପଚାରିଲି, ତା'ହେଲେ ସେମାନେ କାହିଁକି ମଶା ମାରୁଛନ୍ତି, ତାହା ବି ସେମାନଙ୍କ କାମ ନୁହେଁ। ମ୍ୟାଲେରିଆ ଆଦି ମଶାଜନିତ ରୋଗ ନିରାକରଣ ପାଇଁ ଯେପରି ମଶା ମାରିବା ଜରୁରୀ, ସେହିପରି ଜଳାତଙ୍କ ନିରାକରଣ ପାଇଁ କୁକୁର ବନ୍ଧ୍ୟାକରଣ ମଧ୍ୟ ଜରୁରୀ। ଯଦି କୁକୁରମାନଙ୍କର ବନ୍ଧ୍ୟାକରଣ ଓ ଟିକାକରଣ କରାଯାଏ, ତେବେ ୫ ବର୍ଷ ଭିତରେ ଜଳାତଙ୍କ ନିର୍ମୂଳ ହୋଇପାରିବ।

ଅମଲାମାନଙ୍କୁ ବୁଝାଇବା ସହଜ ନୁହେଁ, କାରଣ ସେମାନଙ୍କ ମସ୍ତିଷ୍କ ଅହଂକାରରେ ପରିପୂର୍ଣ୍ଣ। ସେଠି ଆଉ ନୂଆ କିଛି ଗ୍ରହଣ କରିବା ପାଇଁ ସ୍ଥାନ ନାହିଁ। ତେବେ ବୁଲା କୁକୁର ବିରାଡ଼ି ଜନିତ ସମସ୍ୟାର ନିରାକରଣ ପାଇଁ ଆଉ ଏକ ବାଟ ଅଛି। ବେଆଇନ ପ୍ରଜନନକାରୀମାନେ ଲକ୍ଷ ଲକ୍ଷ ଜାତିଆ କୁକୁରଙ୍କ ପ୍ରଜନନ କରାଯାଉଛନ୍ତି, ଯେଉଁମାନେ ରୋଗଣା, ଅନ୍ତର୍ଜାତ (ଇନ୍‌ବ୍ରେଡ୍) ଏବଂ ସବୁ ପେଟ୍ ଦୋକାନରେ ମିଳନ୍ତି। ବିନା ପଞ୍ଜୀକରଣରେ କୌଣସି ପେଟ୍ ଦୋକାନ ପୋଷା ପଶୁଙ୍କୁ ରଖିବା ବେଆଇନ। କିନ୍ତୁ ଆମର ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାରେ ଏ ଆଇନକୁ କାର୍ଯ୍ୟକାରୀ କରିବା ଲାଗି ଆଉ କେତେଦିନ ଲାଗିବ ତାହା କହିହେବ ନାହିଁ। ତେଣୁ ଆମକୁ କ'ଣ କରିବାକୁ ହେବ ତାହା ଜାଣିବା ଦରକାର। ଆମେରିକାର ପ୍ରାଣୀ ଆଶ୍ରୟସ୍ଥଳଗୁଡ଼ିକରେ ଏକ ମାରିଦିଆଯିବାର ନୀତି ରହିଛି। ପରିତ୍ୟକ୍ତ ପ୍ରାଣୀମାନଙ୍କୁ ଆଶ୍ରୟସ୍ଥଳଗୁଡ଼ିକରେ ୨୮ ଦିନ ଯାଏ ରଖାଯାଏ। ତା'ପରେ ଯଦି ସେମାନଙ୍କୁ କେହି ପୋଷ୍ୟ ଭାବେ ଗ୍ରହଣ ନ କରନ୍ତି, ତେବେ ସେମାନଙ୍କୁ ମାରି ଦିଆଯାଏ। ସମୟକ୍ରମେ ଅନେକ ନୋ–କିଲ୍ ଶେଲ୍‌ଟର (ଯେଉଁଠି ପ୍ରାଣୀମାନଙ୍କୁ ମରାଯାଏ ନାହିଁ) ଗଢ଼ଉଠିଛି। ସେଠାରେ କୁକୁରମାନଙ୍କୁ କେହି ପୋଷ୍ୟ ଭାବେ ଗ୍ରହଣ ନ କଲେ ତାଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ପିଞ୍ଜରା ଭିତରେ ରଖାଯାଏ।

୨୦୧୭ରେ କାଲିଫର୍ନିଆ ଏକ ଆଇନ, ଏ.ବି.୪୮୫ ପ୍ରଣୟନ କଲା। ଏହି ଆଇନ ଅନୁଯାୟୀ ପେଟ୍ ଦୋକାନଗୁଡ଼ିକ କେବଳ ପ୍ରାଣୀ ଆଶ୍ରୟସ୍ଥଳଗୁଡ଼ିକରୁ ଆଣି କୁକୁରଛୁଆ, ବିରାଡ଼ିଛୁଆ ଓ ଠେକୁଆ ବିକ୍ରି କରିପାରିବେ। ଯେଉଁମାନେ ଏହାର ଉଲ୍ଲଂଘନ କରିବେ, ସେମାନଙ୍କୁ ୫୦୦ ଡଲାର ଜରିମାନା କରାଯିବା ସହ ତାଙ୍କ ଦୋକାନକୁ ବନ୍ଦ କରିଦିଆଯିବ। ଏହି ଆଇନ ପ୍ରବର୍ତ୍ତନ ହେବା ପରେ ବେଆଇନ ପ୍ରଜନନକାରୀ ଓ ଦଲାଲମାନଙ୍କର ବେପାର ବନ୍ଦ ହୋଇଗଲା। ଏଇ ନିକଟରେ ଠାଣେରେ ଜଣେ ଡାକ୍ତରଙ୍କ ବାଡ଼ିରୁ ଆମେ ୧୧ଟି କୁକୁରଙ୍କୁ ଉଦ୍ଧାର କରିଛୁ। ସେମାନଙ୍କୁ ଖାଇବାକୁ ଦିଆ ନ ଯିବାରୁ ନିଜ ମଳ ଖାଇ ଭୋକଶୋଷରେ ମୃତ୍ୟୁର ଦ୍ୱାରଦେଶରେ ପହଞ୍ଚିଯାଇଥିଲେ। କିନ୍ତୁ ସେମାନେ ଅନେକ ଛୁଆ ଜନ୍ମ କରିଥିଲେ, ଯାହାଙ୍କୁ ଡାକ୍ତର ଜଣକ ବିଦେଶୀ ଜାତିଆ କୁକୁରଛୁଆ ବୋଲି ନକଲି ସାର୍ଟିଫିକେଟ୍ ସହ ବିକ୍ରି କରିଦେଇଥିଲେ।

ଆମେରିକାର କୁକୁର ବେପାରୀମାନେ ସରକାରଙ୍କ ପଦକ୍ଷେପ ବିରୋଧରେ ପ୍ରତିବାଦ କରିବା ସହ ଯୁକ୍ତି କରିଥିଲେ ଯେ ଏହାଦ୍ୱାରା ଅନେକ ଲୋକ କର୍ମନିଯୁକ୍ତି ହରାଇବେ। କିନ୍ତୁ ତାଙ୍କ ଯୁକ୍ତିକୁ ଅଗ୍ରାହ୍ୟ କରିଦିଆଗଲା। କିନ୍ତୁ ଭାରତରେ ଏହି ବ୍ୟବସାୟୀମାନେ କାହାକୁ ନିଯୁକ୍ତି ଦିଅନ୍ତି ନାହିଁ। ଅଳ୍ପ କିଛି କୁକୁରଙ୍କୁ ରଖି ଜବରଦସ୍ତ ପ୍ରତି ଛଅମାସରେ ପ୍ରଜନନ କରାଯାଏ। ତା'ପରେ ଛୁଆମାନଙ୍କୁ ନେଇ ପେଟ୍ ଶପ୍‌ରେ ବିକ୍ରି କରାଯାଏ। ତେଣୁ ଏହାଦ୍ୱାରା ବହୁଲୋକ କର୍ମନିଯୁକ୍ତି ହରାଇବାର ଆଶଙ୍କା ନାହିଁ। ତେଣୁ ସେହି ଏକା ଆଇନ ଆମେ ଭାରତରେ କାହିଁକି ଲାଗୁ କରାଇ ନ ପାରିବା ? ବର୍ତ୍ତମାନ ପ୍ରାୟ ପ୍ରତି ସହରରେ ପ୍ରାଣୀ ମଙ୍ଗଳ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀସ୍ଥିତ ମୋର ସଞ୍ଜୟ ଗାନ୍ଧୀ ଆନିମଲ କେୟାର ସେଣ୍ଟର ପ୍ରତିଦିନ ସର୍ବନିମ୍ନ ୧୦ଟି ପରିତ୍ୟକ୍ତ ପ୍ରାଣୀଙ୍କୁ ଆଣି ଆଶ୍ରୟ ଦେଉଛି। ଆମ ଦେଶରେ ଯେଉଁମାନେ ଜାତିଆ କୁକୁରଙ୍କୁ ଆଣି ରଖୁଛନ୍ତି, ତାଙ୍କୁ ଅତ୍ୟନ୍ତ ଅଯତ୍ନ ଭାବରେ ରଖୁଛନ୍ତି। ସେ କୁକୁରଗୁଡ଼ିକ ରୋଗଣା ଓ କାମୁଡ଼ା ହୋଇଯାଉଛନ୍ତି। ତା'ପରେ ତାଙ୍କୁ ଚିକିତ୍ସା କରାଇବା ନାମରେ ହସ୍ପିଟାଲ ନିଆଯାଉଛି। କୁକୁରଗୁଡ଼ିକ ଚିକିତ୍ସାଧୀନ ଥିବା ବେଳେ ଅନ୍ୟର ଅଲକ୍ଷ୍ୟରେ ମାଲିକମାନେ ତାକୁ ପରିତ୍ୟାଗ କରି ଚାଲିଯାଉଛନ୍ତି। ଆମେ ପ୍ରତି ପରିତ୍ୟକ୍ତ କୁକୁର ପାଇଁ ୧୫୦୦୦ ଟଙ୍କା ନେଉଛୁ। କିନ୍ତୁ ତାକୁ ଫାଙ୍କିବା ପାଇଁ ମାଲିକମାନେ, ଯେଉଁମାନେ ଯଥେଷ୍ଟ ଅଧିକ ଟଙ୍କା ଦେଇ ଏହି କୁକୁରଙ୍କୁ କିଣିଥାନ୍ତି, ତାଙ୍କୁ ଆମ ଗେଟ୍‌ରେ ବାନ୍ଧିଦେଇ ବା ଗେଟ୍ ଡିଆଇଁ ଭିତରକୁ ଫୋପାଡ଼ିଦେଇ ଲୁଚି ପଳାଇଯାଉଛନ୍ତି।

ଅଧିକାଂଶ ପରିତ୍ୟକ୍ତ କୁକୁର ହେଉଛନ୍ତି ପୋମେରାନିଆନ୍ ବା ସ୍ପିଜ୍ (କ୍ଷୁଦ୍ରକାୟ ଲୋମଶ କୁକୁର ବିଶେଷ) ପ୍ରଜାତିର। ଅନ୍ୟମାନେ ହେଉଛନ୍ତି ଲାବ୍ରାଡର ଏବଂ ବିଶାଳକାୟ ଲୋମଶ ସ୍ୱିସ୍ କୁକୁର, ଯେଉଁମାନଙ୍କୁ ବିଦେଶରୁ ଚୋରାରେ ଭାରତ ଅଣାଯାଇଥାଏ। ଏହା ସହ ଅନେକ ଭୋଡ଼ାଫୋନ୍ ପଗ୍ ମଧ୍ୟ ଅଛନ୍ତି। ଆମେ ସେମାନଙ୍କୁ ସ୍ୱତନ୍ତ୍ର ଆବଦ୍ଧ ପରିସରରେ ରଖୁ, ଯେପରି କି ପର୍ଯ୍ୟଟକମାନେ ସେମାନଙ୍କୁ ଭଲଭାବେ ଦେଖିପାରିବେ ଓ ନିଜ ପସନ୍ଦ ଅନୁଯାୟୀ ପୋଷ୍ୟ କରି ନେଇପାରିବେ। କିଛି କୁକୁର ପୋଷ୍ୟଭାବେ ନିଆ ହୁଅନ୍ତି ଓ ବଞ୍ଚିବାର ନୂଆ ରାହା ପାଆନ୍ତି। ଅନ୍ୟମାନେ ଅସ୍ୱସ୍ତିକର ପରିବେଶରେ ଅନ୍ୟମାନଙ୍କ ସହ ଭଗ୍ନ ହୃଦୟରେ ମୃତ୍ୟୁ ପର୍ଯ୍ୟନ୍ତ ପଡ଼ିରହନ୍ତି। ମୋ ଭଉଣୀ ସବୁଠାରୁ ଖରାପ ଅବସ୍ଥାରେ ଥିବା କୁକୁରଙ୍କୁ ନିଜ ଘରକୁ ନେଇଯାଏ ଏବଂ ତା' ଛୋଟିଆ ଘରେ ଏବେ ୧୭ଟି କୁକୁର ଅଛନ୍ତି। ମୋ ଘରେ ୨୪ଟି କୁକୁର ଅଛନ୍ତି। ସେମାନେ ସୁସ୍ଥ ହୋଇଉଠିବା ପରେ ଆମେ ଚେଷ୍ଟା କରୁ ତାଙ୍କୁ କାହାକୁ ପୋଷ୍ୟଭାବେ ଦେଇଦେବା ପାଇଁ।

ତେଣୁ ଯଦି ଆମେ ପେଟ୍ ଶପ୍‌ଗୁଡ଼ିକୁ ପ୍ରାଣୀ ଆଶ୍ରୟସ୍ଥଳରୁ କୁକୁର ଓ ବିରାଡ଼ିଙ୍କୁ ନେଇ ବିକ୍ରି କରିବା ପାଇଁ ବାଧ୍ୟ କରିପାରିବା, ତେବେ ଆମେ ଦୁଇଟି ଜିନିଷ ହାସଲ କରିପାରିବା: ପରିତ୍ୟକ୍ତ ବିଦେଶୀ କୁକୁରମାନେ ନୂଆ ଘର ପାଇପାରିବେ ଏବଂ ପେଟ୍ ଦୋକାନ ତଥା ପ୍ରାଣୀ ଆଶ୍ରୟସ୍ଥଳଗୁଡ଼ିକ ବି କିଛି ଅର୍ଥ ପାଇପାରିବେ। କୁକୁର ଓ ବିରାଡ଼ିଙ୍କର ବନ୍ଧ୍ୟାକରଣ ଓ ଟିକାକରଣ କରାଯାଇପାରିବ ଓ ସେମାନଙ୍କୁ ବିକ୍ରି କରିବା ପୂର୍ବରୁ ସୁସ୍ଥ କରାଯାଇପାରିବ। ଅପରପକ୍ଷେ ପ୍ରଜନନକାରୀମାନଙ୍କଠାରୁ ଆସୁଥିବା କୁକୁରଛୁଆମାନେ ସାଧାରଣତଃ ରୋଗଣା ହୋଇଥାନ୍ତି। ସେମାନଙ୍କର ବନ୍ଧ୍ୟାକରଣ ଓ ଟିକାକରଣ କରା ନ ଯାଇ ବିକ୍ରି କରାଯାଇଥାଏ। ଅଧିକାଂଶ କୁକୁରଛୁଆ, ବିଶେଷତଃ ପାର୍ଭୋ ଓ ଡିଷ୍ଟେମ୍ପର ପ୍ରଜାତିର, ମରିଯାଆନ୍ତି।

ଆଉ ଗୋଟିଏ କଥା ହେଉଛି ପେଟ୍ ଶପ୍‌ଗୁଡ଼ିକ ଆଶ୍ରୟସ୍ଥଳଗୁଡ଼ିକରୁ ନେଇ ସୁନ୍ଦର ଦେଶୀ କୁକୁରଛୁଆମାନଙ୍କୁ ବିକ୍ରି କରିବାକୁ ଆରମ୍ଭ କରିବେ। କାରଣ କୌଣସି ପ୍ରାଣୀ ଆଶ୍ରୟସ୍ଥଳ ଜାତିଆ ବିଦେଶୀ କୁକୁର ପ୍ରଜନନ କରାନ୍ତି ନାହିଁ। ତେଣୁ ବେଆଇନ ପ୍ରାଣୀ ପ୍ରଜନନ ବେପାର ବନ୍ଦ ହୋଇଯିବ। ଯେଉଁ ଲୋକମାନେ କୁକୁର ରଖିବାକୁ ଚାହିଁବେ ସେମାନେ ଦେଶୀ କୁକୁର ହିଁ ରଖିବାକୁ ବାଧ୍ୟ ହେବେ। ଯେଉଁମାନେ କୁକୁର କିଣିବାକୁ ଚାହିଁବେ ସେମାନେ ପେଟ୍ ଶପ୍‌ରୁ ଦେଶୀ କୁକୁର ହିଁ କିଣିବାକୁ ପାଇବେ। ମୋର ଅନୁରୋଧ ଆପଣମାନେ ଏ ବିଷୟରେ ନିଜ ଅଞ୍ଚଳରେ ପ୍ରଚାର ଅଭିଯାନ ଆରମ୍ଭ କରନ୍ତୁ। ଆମେ ଠିକ୍ ଜିନିଷ ଲାଗି ସମସ୍ତଙ୍କୁ ଅନୁପ୍ରେରିତ କରିପାରିଲେ ଏ ବିଶ୍ୱକୁ ଏକ ଦୟା ଓ କରୁଣାପୂର୍ଣ୍ଣ ବିଶ୍ୱରୂପେ ଗଢ଼ିତୋଳିପାରିବା।

Email: gandhim@nic.in

# ସମ୍ମାନ, ସମ୍ବର୍ଦ୍ଧନା ଓ ପୁରସ୍କାର

ଡ. ଅନ୍ତର୍ଯ୍ୟାମୀ ମିଶ୍ର

ସମ୍ମାନ, ସମ୍ବର୍ଦ୍ଧନା ଓ ପୁରସ୍କାର ସ୍ରଷ୍ଟାର ସୃଜନଶୀଳତାକୁ ପ୍ରଗତିଶୀଳ କରିଥାଏ। କିନ୍ତୁ ସମ୍ପ୍ରତି ସମ୍ମାନ, ସମ୍ବର୍ଦ୍ଧନା, ପୁରସ୍କାର ଓ ଉପାଧି ପ୍ରଦାନର ଯେଉଁ ଧାରା ପ୍ରବାହିତ, ତାହା ସାହିତ୍ୟ ନିମିତ୍ତ ମଙ୍ଗଳଦାୟୀ ନୁହେଁ। ଏତାଦୃଶ ଧାରାରେ ସାହିତ୍ୟ କ୍ଷେତ୍ରରେ ଅସାହିତ୍ୟିକଙ୍କର ଅନୁପ୍ରବେଶ ଘଟୁଛି। ସାହିତ୍ୟର ଭୂମି ଓ ଭୂମିକା ଜାଣି ନ ଥିବା ଅନେକ ବ୍ୟକ୍ତି ସମ୍ମାନିତ, ସମ୍ବର୍ଦ୍ଧିତ ଓ ପୁରସ୍କୃତ ହେବା ଦ୍ୱାରା ବହୁ ସୃଜନଶୀଳ ପ୍ରତିଭା ଉପେକ୍ଷିତ ହେଉଛନ୍ତି। ସମ୍ପ୍ରତି ସାରସ୍ୱତ ବିକାଶଧାରାରେଏହା ଉତ୍କଟ ବ୍ୟାଧି ରୂପେ ପ୍ରତିଭାତ।

ପ୍ରବୁଦ୍ଧ ବିଚାରକମଣ୍ଡଳୀକୁ ନେଇ ଚୟନ ପ୍ରକ୍ରିୟା ସଂଘଟିତ ହେଉଥିଲେ ହେଁ ଶ୍ରେଷ୍ଠ ସୃଷ୍ଟିକୁ ଉପେକ୍ଷା କରାଯାଇ ସ୍ରଷ୍ଟାର ପଦବୀ ଓ କ୍ଷମତାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। କେତେକ କ୍ଷେତ୍ରରେ ଅର୍ଥ ବଦଳରେ ସମ୍ମାନ ବା ପୁରସ୍କାର ପ୍ରଦାନ କରାଗଲାଣି। କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀରେ ପୁରସ୍କାର ପ୍ରଦାନରେ ବହୁ ପକ୍ଷପାତିତା ପରିଲକ୍ଷିତ। ଏହିସବୁ ସଂସ୍ଥାରେ କିଛି ବ୍ୟକ୍ତି ବର୍ଷ ବର୍ଷ ଧରି ବିଚାରକ ରହୁଛନ୍ତି, ଅଥଚ ସେମାନଙ୍କ ମଧ୍ୟରୁ ଅନେକେ ସ୍ରଷ୍ଟା ମଧ୍ୟ ନୁହନ୍ତି। ପୁରସ୍କାର ପ୍ରଦାନ ନିମିତ୍ତ ଯେଉଁ ଅଧିନିୟମ ପ୍ରବର୍ତ୍ତିତ ହୋଇଛି, ତାହା କେବଳ ଲୋକଦେଖାଣିଆ। ଏହିସବୁ ସଂସ୍ଥାରେ ଅବସ୍ଥାପିତ ପଦାଧିକାରୀମାନେ ଆଦୌ ପୁସ୍ତକ ଲେଖି ନ ଥିବା ବା ଖଣ୍ଡେ ଦୁଇଖଣ୍ଡ ପୁସ୍ତକ ଲେଖିଥିବା ବ୍ୟକ୍ତିଙ୍କୁ ବାରମ୍ବାର ବିଚାରକ ରଖିବା ଦ୍ୱାରା ପୁରସ୍କାର ପ୍ରଦାନରେ ଦୁର୍ନୀତିର ମାତ୍ରା ବୃଦ୍ଧି ହେବାରେ ଲାଗିଛି। କେତେକ ପଦାଧିକାରୀ ସ୍ୱକୀୟ ସ୍ୱାର୍ଥକୁ ଆଖିଆଗରେ ରଖି ବିଚାରକମଣ୍ଡଳୀ ନିଯୁକ୍ତ କରିଥାନ୍ତି ଓ ଆପଣା ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ ନିମିତ୍ତ ଚୟନ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଅନେକ ପଦାଧିକାରୀ ବଦଳି ହେଲେ ମଧ୍ୟ ପୁନର୍ବାର ସେହି ସ୍ଥାନକୁ କଳେବଳେକୌଶଳେ ଆସି ନିଜ ପତିଆରା ଜାରି ରଖୁଛନ୍ତି। ବହୁ ବିଜ୍ଞ ବ୍ୟକ୍ତି ପୁରସ୍କାରର ଦୁର୍ନୀତି ସମ୍ପର୍କରେ ଜାଣି ମଧ୍ୟ ନୀରବ ରହୁଛନ୍ତି। ସ୍ୱର ଉତ୍ତୋଳନ କଲେ ପୁରସ୍କାର ତାଲିକାରୁ ସେମାନଙ୍କ ନାମ କଟିଯିବ ବୋଲି ଆଶଙ୍କା କରୁଛନ୍ତି। ବେସରକାରୀ ଭାବେ ପ୍ରଦାନ କରାଯାଉଥିବା କେତେକ ପ୍ରସିଦ୍ଧ ପୁରସ୍କାର ମଧ୍ୟ ଦୁର୍ନୀତିମୁକ୍ତ ନୁହେଁ, ଯାହା ଏକ ସ୍ୱତନ୍ତ୍ର ଆଲୋଚନାର ପ୍ରତୀକ୍ଷା କରିଥାଏ। ଏହିସବୁ କାରଣ ଦୃଷ୍ଟେ ପୁରସ୍କାର, ଉପାଧି ସମ୍ମାନ ପ୍ରଭୃତି ବିବଦମାନ ହୋଇ ସେଥିରୁ ବାଦବିସମ୍ବାଦ, ହିଂସା–ପ୍ରତିହିଂସା, ଈର୍ଷା, କୁତ୍ସା, ମାଲିମକଦ୍ଦମା ପ୍ରଭୃତି ସୃଷ୍ଟି ହେଉଛି। କେତେକ କ୍ଷେତ୍ରରେ ପୁରସ୍କାର ପ୍ରଦାନକୁ କେନ୍ଦ୍ରକରି ଅଭିଜ୍ଞ ବିଚାରକମଣ୍ଡଳୀ ଏବଂ ବିବଦମାନ ପୁସ୍ତକର ସ୍ରଷ୍ଟା ଭର୍ତ୍ସନା ପାଉଛନ୍ତି। ଏହା ସ୍ରଷ୍ଟା ଓ ସୃଷ୍ଟି ପ୍ରତି ଶୁଭସୂଚନା ନୁହେଁ।

ପୁରସ୍କାର ଆଶାୟୀ ସ୍ରଷ୍ଟା ସମ୍ମାନ ବା ଉପାଧିକୁ ପ୍ରସିଦ୍ଧିର ପ୍ରତୀକ ଭାବରେ ଗ୍ରହଣ କରି ସିଦ୍ଧିକୁ ଭୁଲିଗଲେଣି। ଉପାଧି ବା ସମ୍ମାନକୁ ପ୍ରସିଦ୍ଧିର ପ୍ରତୀକ ଭାବରେ ଗ୍ରହଣ କରିବା ଏକ ଆତ୍ମପ୍ରତାରଣା। ତଥାପି ଅନେକେ ଏହାକୁ ଆତ୍ମସନ୍ତୋଷ ରୂପେ ବିଚାରୁଛନ୍ତି। ସମ୍ପ୍ରତି ସାର୍ଥକ ସୃଷ୍ଟି ନିମିତ୍ତ ସମ୍ମାନ ଅପେକ୍ଷା ପ୍ରାୟୋଜିତ ସମ୍ମାନର ସଂଖ୍ୟା ଅଧିକ। ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବହୁ ସାହିତ୍ୟ ଅନୁଷ୍ଠାନ ଗଢ଼ିଉଠିଲାଣି ତଥା ସମ୍ମାନ ଓ ସମ୍ବର୍ଦ୍ଧନାର ସଂଖ୍ୟା ବୃଦ୍ଧି ପାଇଲାଣି। ଏପରିକି ଅନେକେ ଆଦୌ ସାରସ୍ୱତ ସ୍ରଷ୍ଟା ନ ହୋଇ ମଧ୍ୟ ନିଜର ପଦପଦବୀ, କ୍ଷମତା, ଅର୍ଥ ଓ ରାଜନୀତି ବଳରେ ବହୁ ସମ୍ମାନର ଅଧିକାରୀ ହେଲେଣି। ଉଦ୍ୟୋକ୍ତା ଓ କର୍ମକର୍ତ୍ତାବୃନ୍ଦ ପ୍ରତିଦାନ ଆଶାରେ ବହୁ ଉଚ୍ଚ ପଦାଧିକାରୀ, ପ୍ରଶାସକ ଓ ରାଜନେତାଙ୍କୁ ସମ୍ମାନିତ କଲେଣି। ଏହା ସାହିତ୍ୟର ସୃଜନାତ୍ମକ ସମୃଦ୍ଧିରେ ଅନ୍ତରାୟ।

ସମ୍ମାନ ଓ ଉପାଧି ପ୍ରାପ୍ତି ଲାଳସାରେ ଅନେକ ବ୍ୟକ୍ତି ସାରସ୍ୱତ ମହୋତ୍ସବର ସକଳ ବ୍ୟୟଭାର ବହନ କରୁଛନ୍ତି। କେତେକ ବ୍ୟକ୍ତି ରାଜନୈତିକ, କ୍ଷମତାସୀନ ପଦାଧିକାରୀ, ଶିଳ୍ପପତି ପ୍ରମୁଖଙ୍କୁ ଉଦ୍‌ଘାଟକ, ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଆସୀନ କରାଇ ସେହିମାନଙ୍କ ପ୍ରୋତ୍ସାହନ ଓ ଅନୁଦାନରେ ସାହିତ୍ୟ ଉତ୍ସବର ଆୟୋଜନ କରୁଛନ୍ତି। ଫଳରେ ସାହିତ୍ୟ କ୍ଷେତ୍ରରେ ଏକ ଦୁଷ୍ଟ ପରମ୍ପରା ସୃଷ୍ଟି ହେଉଛି। ଗଣମାଧ୍ୟମ ସେମାନଙ୍କର ଏତାଦୃଶ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବରେ ପ୍ରସାରଣ କରୁଛନ୍ତି। ଏସବୁ କ୍ଷେତ୍ରରେ ସାହିତ୍ୟିକମାନେ ଉପେକ୍ଷିତ ହୋଇ ଅସାହିତ୍ୟିକଙ୍କ ପ୍ରାଧାନ୍ୟ ବୃଦ୍ଧି ପାଉଛି। ଅସାହିତ୍ୟିକ କର୍ଣ୍ଣଧାର ସାଜିବା ଦ୍ୱାରା ପ୍ରତିଭାବନ୍ତ ସ୍ରଷ୍ଟା ଅବହେଳିତ ଓ ଅପମାନିତ ହୋଇଥାନ୍ତି। ସଭାସ୍ଥଳ ଅତିଥିମାନଙ୍କ ସ୍ତାବକ, ଅନୁଗାମୀ ଓ ପୁରସ୍କାର ଆଶାୟୀ ଅସାହିତ୍ୟିକଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ। ଏଥିରେ କେବଳ ରୋଜଗାର ଆଶାୟୀ ଆୟୋଜକ ହିଁ ଲାଭ ଉଠାଇଥାନ୍ତି। ସାହିତ୍ୟ ନିମିତ୍ତମାତ୍ର। ଉପାଧି, ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ପାଇବାକୁ ଧରାଧରି ଏକ ସାଧାରଣ କଥାରେ ପରିଣତ ହେଲାଣି। ପରିସ୍ଥିତି ଏପରି ହେଲାଣି ଯେ, ଜଣେ ସୃଜନଶୀଳ ସ୍ରଷ୍ଟା ଆପଣାର ସୃଷ୍ଟି ଯୋଗୁ ସମ୍ମାନିତ ହେଲେ ମଧ୍ୟ ସେ ଧରାଧରି କରି ପାଇଲା ବୋଲି ଲୋକେ କହୁଛନ୍ତି।

ପ୍ରଜ୍ଞାଦୀପ୍ତ ପ୍ରତିଭାଙ୍କୁ ପୁରସ୍କୃତ, ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବାର ପରମ୍ପରା ସମ୍ପ୍ରତି ଏକ ପ୍ରହସନରେ ପରିଣତ ହୋଇଛି। ସୃଜନଶୀଳତାକୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରିବାର ଉଚ୍ଚ ପରମ୍ପରା ନଷ୍ଟ ହେବା ଫଳରେ ସାରସ୍ୱତ ସାଧକଙ୍କ ମାନସରୁ ଆତ୍ମବିଶ୍ୱାସ ଓ ସୃଜନ ପ୍ରୟାସ ଅପସରିଯାଉଛି। ଅବଶ୍ୟ ଏଥିରେ ବ୍ୟତିକ୍ରମ ରହିଛି, କିନ୍ତୁ ତାହାର ଉଦାହରଣ ଖୁବ୍ ସ୍ୱଳ୍ପ। କେତେକ କ୍ଷେତ୍ରରେ ପୁରସ୍କାର ପ୍ରଦାନକୁ ରାଜନୈତିକ ପ୍ରଦୂଷଣମୁକ୍ତ କରାଯାଇପାରୁନାହିଁ। ଫଳରେ ସ୍ରଷ୍ଟା ଓ ସୃଷ୍ଟିର ସୀମା ତଥା ସମ୍ଭାବନା ଦିଗନ୍ତବିସ୍ତାରୀ ହୋଇପାରୁନାହିଁ। ଏହା ସାହିତ୍ୟ ନିମିତ୍ତ ଶୁଭଙ୍କର ନୁହେଁ। ବେଳହୁଁ ସାବଧାନ ନ ହେଲେ ସାହିତ୍ୟ ନିମ୍ନସ୍ତରକୁ ଚାଲିଯାଇ ଗୁଣାତ୍ମକ ମାନ ତଥା ପାଠକୀୟ ଅଭିରୁଚି ହରାଇବସିବ।

ଦକ୍ଷିଣକାଳୀମାର୍ଗ, ଢେଙ୍କାନାଳ, ମୋ–୮୮୯୫୨୩୦୭୨୨

## ଏଇ ଭାରତରେ

ସମ୍ପ୍ରତି ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସଫଳତାର ଶିଖର ଛୁଉଁଛନ୍ତି। ସେମାନେ କେବଳ ନିଜ ପରିବାର ନୁହେଁ ଗାଁ, ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରୁଛନ୍ତି। ତଥାପି ଏ ସମାଜରେ କେଉଁଠି ନା କେଉଁଠି ଶିଶୁକନ୍ୟା ପ୍ରତି ଆଦର, ସୁରକ୍ଷାର ଅଭାବ ଦେଖିବାକୁ ମିଳୁଛି। ସେମାନଙ୍କୁ ବୋଝ ଭାବିବା ବନ୍ଦ ହୋଇପାରିନାହିଁ। ଫଳରେ ସେମାନଙ୍କ ଜନ୍ମକୁ ଦୁର୍ଭାଗ୍ୟ ମନେକରି ସେମାନଙ୍କ ଜୀବନ ନେବାକୁ ଅନେକଙ୍କ ମନରେ ତିଳେମାତ୍ର ସଙ୍କୋଚ ରହୁନାହିଁ। ଏଭଳି ଏକ ଲୋମଟାଙ୍କୁରା ଘଟଣା ଘଟିଛି ଲକ୍ଷ୍ନୌରେ, ଯେଉଁଥିରୁ ମଣିଷ କେତେ କ୍ରୂର ହୋଇପାରେ ତାହା ଜଣାପଡୁଛି। କାରଣ ୪ ମାସର ଶିଶୁକନ୍ୟାର ପାଟିରେ କପଡ଼ା ପୂରାଇ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଛି। ହେଲେ ବିଡ଼ମ୍ବନା ଯେ, ଏଠି ହତ୍ୟାକାରୀ ହେଉଛି ଖୋଦ୍ ମା'। କେବଳ ସେତିକି ନୁହେଁ, ନିଜ ସ୍ୱାମୀ ଆଗରେ ସେ ହତ୍ୟା କରିଥିବା ସ୍ୱୀକାର କରି ଝିଅକୁ ମୁକ୍ତି ଦେଇଥିବା କହିଛନ୍ତି। ଲକ୍ଷ୍ନୌ ଇନ୍ଦିରାନଗର ଅଧୀନ ରବୀନ୍ଦ୍ରନଗରରେ ରହୁଥିବା ମେକାନିକାଲ ଇଞ୍ଜିନିୟର ବ୍ରଜନନ୍ଦନ ତ୍ରିପାଠୀଙ୍କ ଘରେ ଏଭଳି ଘଟଣା ଘଟିଛି। ବ୍ରଜନନ୍ଦନ ୯ ବର୍ଷ ତଳେ ଶୁଭ୍ରା ନାମ୍ନୀ ଜଣେ ଯୁବତୀଙ୍କ ସହ ପ୍ରେମବିବାହ କରିଥିଲେ ହେଁ ଉଭୟ ପରିବାରର କୌଣସି ଆପତ୍ତି ନ ଥିଲା। ଘରେ ଆର୍ଥିକ ଅନଟନ ବି ନ ଥିଲା। ଦୀର୍ଘଦିନ ଧରି ସେମାନଙ୍କ କୌଣସି ସନ୍ତାନ ନ ଥିବାରୁ ଚିକିତ୍ସା ସାଙ୍ଗକୁ ପୂଜାପାଠ ପଦ୍ଧତି ଆପଣାଇଥିଲେ। ଶେଷରେ ଗତ ୪ ମାସ ତଳେ ଶୁଭ୍ରା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ ମଧ୍ୟ ଖୁସି ନ ଥିଲେ। ଶିଶୁକନ୍ୟାକୁ ହତ୍ୟା କରିବେ ବୋଲି କହିଥିଲେ। ପରିବାର ଲୋକେ ଏଥିରେ ବିଶ୍ୱାସ କରି ନ ଥିଲେ। କିନ୍ତୁ ଗତ ସୋମବାର ବିଳମ୍ବିତ ରାତିରେ ସେ ଯେଉଁ କାଣ୍ଡ ଘଟାଇଲେ ସେଥିରେ ସ୍ୱାମୀ ଓ ପରିବାର ଲୋକେ ଚକିତ ହୋଇଗଲେ। ଜଣେ ମହିଳା ହୋଇ ନିଜ ଝିଅଜନ୍ମକୁ ଘୃଣା କରି ହତ୍ୟା କରିବାଠାରୁ ଆଉ କିଛି ବର୍ବରତା ନ ଥାଇପାରେ। ସନ୍ତାନ ପାଇଁ ମା' ନିଜ ଜୀବନ ଦେଇ ଦେଉଥିବାବେଳେ ଏଠି ସେ ଡାହାଣୀ ସାଜିଥିଲେ। ସ୍ୱାମୀଙ୍କ ଅଭିଯୋଗକ୍ରମେ ଶୁଭ୍ରାଙ୍କୁ ପୋଲିସ ଗିରଫ କରିଥିଲେ ହେଁ ତାଙ୍କ ପାଇଁ ମୃତ୍ୟୁଦଣ୍ଡ ବି କମ୍ ହୋଇଯିବ ବୋଲି ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି।

## ଚିରନ୍ତନୀ

ଭବିଷ୍ୟର ଅନ୍ଧକାର–ପଥ ସେ ଯେ
କଲା ନିରାମୟ
ତବ ଅଭିଜ୍ଞତା ତହିଁ ଆଶୀର୍ବାଦ
ଦେଲା ବରାଭୟ।

(ପ୍ରାଚୀନ ଓ ନବୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | | | | | | 1 | | 7 | | | | | A |
| | | | | 9 | | | D | | | A | | 1 | E | 7 |
| | 3 | | 0 | | 2 | C | | | | | | D | | 8 |
| | | | | | | 4 | | 3 | C | | | | 9 | |
| 7 | C | E | | 5 | 3 | | | 9 | 1 | | | | | |
| | 6 | | | 1 | | | | | | 5 | C | | 4 | 0 |
| | | | | | | | | 4 | | 9 | E | 5 | | |
| | | | A | | | | | | | | | E | 7 | 6 |
| 4 | 5 | | | | | E | | B | 6 | | | | A | |
| D | | | B | 8 | 6 | | | | | | | | 1 | C |
| | | | D | | | 0 | | | | 3 | B | C | | |
| B | | | 3 | | | | 7 | E | 8 | | 0 | 2 | 5 | |
| | | | | | A | | C | 8 | 9 | | 1 | 7 | 6 | 3 |
| 3 | | | | | | 6 | | | 5 | E | | | | |
| 6 | | | | | | | | 2 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 3 | B | 0 | C | 8 | 5 | 1 | D | 6 | A | 7 | E | 2 | 4 |
| 4 | C | 7 | 2 | 6 | D | B | 0 | A | 3 | E | 9 | 5 | 1 | 8 |
| D | A | 2 | E | 4 | 7 | 8 | 9 | 3 | 1 | 5 | B | 6 | 0 | C |
| E | 5 | 0 | 9 | B | 1 | 4 | 6 | C | 2 | D | 8 | 7 | A | 3 |
| 8 | 1 | 6 | 3 | 5 | A | 2 | 7 | E | 4 | 0 | C | D | 9 | B |
| 2 | D | 4 | 6 | 8 | C | 0 | A | 7 | 5 | 1 | 3 | 9 | B | E |
| A | B | 5 | 7 | 9 | 4 | 1 | D | 2 | 0 | 8 | E | 3 | C | 6 |
| C | 7 | E | 1 | A | 3 | 6 | B | 8 | 9 | 4 | D | 2 | 5 | 0 |
| 0 | 6 | 3 | 5 | D | 2 | C | E | 9 | 7 | B | A | 8 | 4 | 1 |
| 1 | 9 | 8 | B | 0 | E | 3 | 5 | 4 | C | 2 | 6 | A | D | 7 |
| 6 | 4 | 9 | D | 3 | 0 | 7 | 2 | 5 | E | C | 1 | B | 8 | A |
| 5 | 8 | A | C | E | 6 | D | 3 | 0 | B | 9 | 4 | 1 | 7 | 2 |
| B | E | C | 4 | 1 | 5 | A | 8 | 6 | D | 7 | 2 | 0 | 3 | 9 |
| 3 | 2 | D | A | 7 | B | 9 | C | 1 | 8 | 6 | 0 | 4 | E | 5 |
| 7 | 0 | 1 | 8 | 2 | 9 | E | 4 | B | A | 3 | 5 | C | 6 | D |

ଗତକାଲିର ଉତ୍ତର



ବିଚିତ୍ର ବିଶ୍ୱାଳ

# ଭିତରକୁ ଆଖି ଖୋଲୁ

ଗୋଟେ ଡଙ୍ଗାର ଚାରିପଟେ ଥିବା ପାଣି ପାଇଁ ଡଙ୍ଗାଟି ବୁଡ଼ିଯାଏ ନାହିଁ, ଡଙ୍ଗା ଭିତରେ ଥିବା ପାଣି ପାଇଁ ହିଁ ଡଙ୍ଗାଟି ବୁଡ଼ିଯାଏ। ସେହିପରି ଆମ ଚାରିପଟେ ହେଉଥିବା ଘଟଣା ସବୁ ପାଇଁ ଆମେ ଯେତିକି ଅସୁବିଧାରେ ପଡୁନାହିଁ, ଆମ ଭିତରେ ଘଟୁଥିବା ଘଟଣା ଯୋଗୁ ଆମେ ଅଧିକ ଅସୁବିଧାରେ ପଡ଼ିଥାଉ। ଯେତେବେଳେ ଆମେ ସମସ୍ୟାଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେଉ, ସେତେବେଳେ ଆମକୁ ବହୁତ ସମସ୍ୟା ଦେଖାଯାଏ। ଯେତେବେଳେ ଆମେ ସୁଯୋଗ ପ୍ରତି ଧ୍ୟାନ କେନ୍ଦ୍ରିତ କରୁ, ସେତେବେଳେ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି ହୁଏ।

କିଛି ଲୋକ ନିଜ ଜୀବନ କାହାଣୀକୁ ଦୁଃସାହସିକତାଭରା କରିବା ପାଇଁ ସମୁଦ୍ରରେ ପହଁରନ୍ତି, ପାହାଡ଼ ଚଢ଼ନ୍ତି ବା କଷ୍ଟପ୍ରଦ କାମ ସବୁ କରନ୍ତି। କିନ୍ତୁ ସବୁଠାରୁ ଅଧିକ ଦୁଃସାହସିକ କାର୍ଯ୍ୟ ହେଉଛି ନିଜକୁ ଜାଣିବା। ନିଜ ଅଭ୍ୟନ୍ତର ବିଷୟରେ ଯାହା ସତ ତାକୁ ଠିକ୍ ସେହି ଭାବେ ଜାଣିପାରିବା ହିଁ ହେଉଛି ଦୁନିଆର ସବୁଠାରୁ ଦୁଃସାହସିକ କାର୍ଯ୍ୟ। ଆମେ କେବେ ନିଜକୁ ଜାଣିବାକୁ ଚେଷ୍ଟା କରିଛେ କି? ବାସ୍ତବରେ ଆମର ନିଜ ସହିତ ସେପରି ସମ୍ପର୍କ ହିଁ ସ୍ଥାପନ ହୋଇନାହିଁ, ଯାହାଦ୍ୱାରା ଆମେ ନିଜକୁ ଜାଣିପାରିବା। ଆମେ ତ ସବୁବେଳେ ନିଜକୁ ଅନ୍ୟ ଆଖିରେ ଦେଖିବାରେ ଅଭ୍ୟସ୍ତ। ଅନ୍ୟମାନେ ଆମ ବିଷୟରେ କ'ଣ ଭାବୁଛନ୍ତି, କ'ଣ କହୁଛନ୍ତି ବା ଅନ୍ୟମାନେ କିପରି ଆମକୁ ଅଧିକ ଭଲ ପାଇବେ, ସମ୍ମାନ କରିବେ, ଆମେ ସବୁବେଳେ ସେଇଥିରେ ବ୍ୟସ୍ତ। ଆମ ପଡ଼ୋଶୀମାନଙ୍କ ଦ୍ୱାରା ଓ ଆମ ସହକର୍ମୀ ବା ସାଙ୍ଗମାନଙ୍କ ଦ୍ୱାରା ଆମେ ନିଜ ବିଷୟରେ ଜାଣୁଛେ। ଆମେ ନିଜକୁ ଜାଣିବା ପାଇଁ କେବେ ବି ନିଜ ଆଖିକୁ ନିଜ ଭିତରକୁ ନେଇନାହୁଁ। ଆମ ସମସ୍ତଙ୍କୁ ଏକୁଟିଆ ରହିବାକୁ ଭୀଷଣ ଭୟ ଲାଗେ ବା କ୍ଳାନ୍ତ ଲାଗେ। ତାହାର କାରଣ କେବେ ଆମେ ଖୋଜିବାକୁ ଚେଷ୍ଟା କରିଛେ କି? ଏକୁଟିଆ ରହିଲେ ନିଜ ସହ ନିଜର ଭେଟ ହୋଇଯାଏ। ଅର୍ଥାତ୍ ନିଜ ଭିତରେ ଥିବା ଦୋଷଗୁଣ ଆମ ସମ୍ମୁଖରେ ଉଜାଗର ହୋଇଯାଏ, ଯାହାକୁ ଦେଖିବାକୁ ଆମେ କେବେ ଚାହୁଁନା କି ଆମେ ଅଭ୍ୟସ୍ତ ବି ନୋହୁଁ। ତେଣୁ ଆମେ ସବୁବେଳେ ଆଉ ଜଣେ ମଣିଷ ବା ବାହ୍ୟ ଦୃଷ୍ଟିଟିଏ ଖୋଜୁଥାଉ ଆମକୁ ଦେଖିବା ପାଇଁ।

ଅନ୍ୟମାନେ ଆମକୁ ଭଲ କହିପାରନ୍ତି, କିନ୍ତୁ ଆମେ ଯଦି ନିଜ ଦୃଷ୍ଟିରେ ନିଜକୁ ଭଲ କହୁ ନ ଥିବା ତେବେ ଅନ୍ୟମାନେ ଯେତେ କହିଲେ ବି ଆମ ଅନ୍ତଃସତ୍ତା କେବେ ବି ସନ୍ତୁଷ୍ଟ ହୋଇପାରିବ କି? ଦିନସାରା ଆମେ ଯେତେ ପ୍ରଶଂସା, ସମ୍ମାନ ପାଇଲେ ବି ରାତିରେ ଶୋଇବା ବେଳକୁ ଯଦି ଶାନ୍ତି ଅନୁଭବ କରିପାରୁ ନାହୁଁ, ତା'ହେଲେ ଏହି ବାହ୍ୟ ପ୍ରଶଂସାରୁ ବା କ'ଣ ଲାଭ! ତେଣୁ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଦେଖିପାରିବା ତଥା ନିଜର ଦୋଷଗୁଣକୁ ଚିହ୍ନି ତାକୁ ଦୂର କରିବା ପାଇଁ ପ୍ରୟାସ କରିବା ହିଁ ଅସଲ ପଦକ୍ଷେପ ହେବା ଉଚିତ। ଅନ୍ୟ ଅର୍ଥରେ କହିଲେ ତେତିଶ କୋଟି ଦେବତାଙ୍କ ବିଷୟରେ ଜାଣିବା, ତାଙ୍କ ଅଲୌକିକ କାରନାମା ଜାଣିବା ତଥା ତାଙ୍କ ପୂଜାବିଧି, ପ୍ରାର୍ଥନା ଜାଣିବା ଅପେକ୍ଷା ନିଜକୁ ଜାଣିବା ହିଁ ଅସଲ ଆଧ୍ୟାତ୍ମିକତା। ନିଜକୁ ଭଲ ଭାବେ ଚିହ୍ନିବା ଯଥା କେତେବେଳେ ମୋତେ ରାଗ ଲାଗୁଛି, କେତେବେଳେ ଅସ୍ଥିର ଲାଗୁଛି, କେତେବେଳେ ଖୁସି ଲାଗୁଛି ଓ ଅନ୍ୟର ସଫଳତା ଦେଖି କେମିତି ମୋତେ ଈର୍ଷା ଲାଗୁଛି ଆଦି ନିଜ ବିଷୟରେ ଜାଣିବା ହିଁ ଅସଲ ଆଧ୍ୟାତ୍ମିକତା। ସେସବୁକୁ ଜାଣି ସେସବୁରୁ ନକାରାତ୍ମକତାକୁ ଦୂରକରି ସକାରାତ୍ମକ ଦିଗରେ ଯାତ୍ରା କରିବା ହିଁ ଆଧ୍ୟାତ୍ମିକତା ପଥରେ ଯାତ୍ରା।

ଆମ ଶରୀରକୁ ଆରାମ ପ୍ରଦାନ କରିବା ପାଇଁ ଆମେ ଅନେକ ସମୟ ଅପଚୟ କରୁଛେ, ହେଲେ ଆମ ଅନ୍ତଃକରଣକୁ ଶାନ୍ତି ଦେବା ପାଇଁ ଆମେ କେବେ ସମୟ ଦେଉଛେ କି? ଏଥିପାଇଁ ଆମକୁ ନିଜ ଭିତରକୁ ଦେଖିବାକୁ ହେବ। ଆମ ମନର ବିଭିନ୍ନ କ୍ରିୟା ପ୍ରତିକ୍ରିୟା ପ୍ରତି ସଚେତନ ହେବାକୁ ହେବ। ନିଜକୁ ଚିହ୍ନିବାରୁ ନିବୃତ୍ତ ରହି ବାସ୍ତବରେ ଆମେ ଅନେକ ସମୟରେ ନିଜ ସହିତ ହିଁ ଛଳନା କରୁଛେ। ଯଦି ଆମେ ନିରେଖି ଦେଖିବା ତେବେ ପାଇବା ଯେ, ବାହାରର ଭୟ ଯୋଗୁ ଆମେ ଯେତିକି ଡରୁନା ତା'ଠାରୁ ଅଧିକ ଡରୁ ନିଜ ଭିତରେ ସାଇତା ହୋଇଥିବା ଭୟ ଯୋଗୁ। ଯେହେତୁ ଆମେ କେବେ ନିଜକୁ ଦେଖୁନା, ତେଣୁ ଆମେ ସବୁବେଳେ ବାହାରର ଭୟକୁ ଦମନ କରିବା ପାଇଁ ଚେଷ୍ଟା କରୁ। କିନ୍ତୁ ଅସଲ ଭୟ ତ ଆମ ନିଜ ଭିତରେ ଆରାମରେ ବସିଥାଏ।

ଆମେ ଯେହେତୁ ବାହାରକୁ ଦେଖିବାରେ ହିଁ ଅଭ୍ୟସ୍ତ, ତେଣୁ ଆମ ଭିତରେ ଥିବା ଶକ୍ତି ଓ ସାମର୍ଥ୍ୟକୁ ବି ଆମେ ଦେଖିପାରୁ ନାହିଁ। ତେଣୁ ପରିସ୍ଥିତି ସମ୍ମୁଖରେ ଆମେ ନିଜକୁ ଦୁର୍ବଳ ମନେକରୁ। ଯେତେବେଳେ ଆମେ ଶକ୍ତି ଓ ସାମର୍ଥ୍ୟର ସହିତ ପରିସ୍ଥିତିକୁ ସାମ୍ନା କରିବାକୁ ଆରମ୍ଭକରୁ ସେତେବେଳେ ଧୀରେ ଧୀରେ ଆମ ଭିତରେ ବିଶ୍ୱାସର ଦୀପଟିଏ ଜଳିଉଠେ। ସେହି ବିଶ୍ୱାସ ହିଁ ଆମକୁ ସଫଳତା ଦିଗରେ ବାଟ କଢ଼ାଏ। ଆଜିର ସୂଚନା ପ୍ରଯୁକ୍ତି ଯୁଗରେ ଆମେ ଅଧିକରୁ ଅଧିକ ବାହ୍ୟମୁଖୀ ହୋଇ ନିଜ ଭିତରକୁ ଦେଖିବା ଭୁଲି ଯାଉଛେ। ଯଦି ନିଜ ସହିତ ଆମର ସଂଯୋଗ ଥାଆନ୍ତା ତେବେ ଆମ ଭିତରେ ଥିବା ଶକ୍ତିକୁ ଆମେ ଚିହ୍ନିପାରି ପରିସ୍ଥିତିକୁ ଅଧିକ ପ୍ରସ୍ତୁତିର ସହିତ ସାମ୍ନା କରିପାରନ୍ତେ। ସୂଚନା ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଅଟେ, କିନ୍ତୁ ନିଜ ଭିତରକୁ ଚିହ୍ନିବା ବା ଜାଣିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ନିଜ ଭିତରେ ହିଁ ଶାନ୍ତି ଅନୁଭବ କରିବା ଏକାନ୍ତ ଜରୁରୀ । ଏହି ଶାନ୍ତି ଅଧିକ ରୋଜଗାର, ସମ୍ମାନ ବା କାର୍ଯ୍ୟର ସିଦ୍ଧିରେ ନ ଥାଏ, ଏହା ନିଜ ଭିତରେ ଥାଏ। ଏହାକୁ ଅନୁଭବ କରିବା ପାଇଁ ଆମ ଅନ୍ତଃଚକ୍ଷୁକୁ ନିଜ ଦିଗରେ ପ୍ରସାରିତ କରିବାକୁ ହେବ। ଆମେ ପ୍ରଥମେ ନିଜକୁ ଚିହ୍ନି ନିଜକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇପାରିଲେ ହିଁ ବାହ୍ୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଅଧିକ ସଫଳ ହୋଇପାରିବା।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଏବେ ହେଲେ ଚେତାପଶୁ

ମହାଶୟ,

ମୁଜାଫରପୁର ପରେ ଓଡ଼ିଶାର ଢେଙ୍କାନାଳ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୧୫ କି.ମି. ଦୂର ବେଲଟିକିରିଠାରେ ବେଆଇନ ଭାବେ ପରିଚାଳିତ ସେଲ୍ଟର ହୋମ୍ କେଲେଙ୍କାରୀ ଚହଳ ପକାଇଦେଇଛି। ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ କେବେ ? ମଦ କାରଖାନା ପାଇଁ ଗଛକଟା ମାମଲାରେ ଜିଲା ପ୍ରଶାସନ ନିନ୍ଦିତ ହେଲା ପରେ ବି କିଛି ଶିଖିଲା ନାହିଁ। ପୁଣି ସେଲ୍ଟର ହୋମ୍ ଘଟଣା ପରେ ଲୋକେ ପ୍ରଶାସନର ଦକ୍ଷତାକୁ ସନ୍ଦେହ ଚକ୍ଷୁରେ ଦେଖିଲେଣି। ସମ୍ପୃକ୍ତ ଗୁଡ୍ ନ୍ୟୁଜ୍ ସଂସ୍ଥାର ପ୍ରତିଷ୍ଠାତା, ପରିଚାଳନା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ଜରୁରୀ। ତା'ସହ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରି ବିହିତ ତଦନ୍ତ କରାଯାଉ। ସରକାର ସାରା ରାଜ୍ୟରେ ଚାଲୁଥିବା ସମସ୍ତ ଆଶ୍ରୟଗୃହର ସ୍ଥିତି ପ୍ରତିମାସରେ ଯାଞ୍ଚ କରାନ୍ତୁ। ସେମାନଙ୍କ ଆୟ ଉତ୍ସର ମଧ୍ୟ ଯାଞ୍ଚ କରାଯାଉ।

ଅରୁଣ କୁମାର ଦାସ, କାଶିପୁର, ବଳରାମପୁର, କେନ୍ଦୁଝରଗଡ଼, କେନ୍ଦୁଝର

### ଅଘୋଷିତ ଆୟ ଖୁଲାସା

ଆୟକର ବିଭାଗ ଦ୍ୱାରା ଆୟ ଘୋଷଣା ସ୍କିମ୍ ଅଧୀନରେ ୪ ମାସ ମଧ୍ୟରେ ସମଗ୍ର ଦେଶରୁ ୬୫,୨୫୦ କୋଟି ଟଙ୍କାର ଅଘୋଷିତ ଆୟର ଖୁଲାସା ହୋଇଥିଲା। ସେଥିରେ ଗୁଜରାଟବାସୀଙ୍କର ଅଂଶ ଥିଲା ୨୯ ପ୍ରତିଶତ। ଆୟକର ବିଭାଗ ତରଫରୁ ଘୋଷଣା କରାଯାଇଥିବା ଏହି ସ୍କିମ୍ ଅଧୀନରେ ଗତ ୨୦୧୬ ଜୁନରୁ ସେପ୍ଟେମ୍ବର ମଧ୍ୟରେ ଗୁଜରାଟରୁ ଏହି ପରିମାଣର ଅଘୋଷିତ ଆୟର ଖୁଲାସା ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆର.ଟି.ଆଇ.ରେ ଏହି ତଥ୍ୟ ମିଳିବାକୁ ଦୁଇବର୍ଷ ଲାଗିଥିଲା। ଏହା କେବଳ ସମ୍ଭବ ହେଲା ମୁଖ୍ୟ ସୂଚନା ଆୟୋଗଙ୍କ ନିର୍ଦ୍ଦେଶ ଫଳରେ। ଏଭଳି ତଥ୍ୟ ପ୍ରକାଶ ପାଇବା ଫଳରେ ଗୁଜରାଟରେ ଗତ ଦୁଇ ଦଶନ୍ଧି ଧରି ଭାରତୀୟ ଜନତା ପାର୍ଟି ସ୍ୱଚ୍ଛ ଓ ସୁଶାସନ ଦେଇଆସୁଛି ବୋଲି ଯେଉଁ ଦାବି କରାଯାଉଛି, ସେଥିରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଡିସେମ୍ବର ୧୯୯୩

- ଉତ୍ତର କୋରିଆର ଅଣୁ କାର୍ଯ୍ୟକ୍ରମକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନରେ ମଧ୍ୟସ୍ଥତା ପାଇଁ ଜାତିସଂଘର ପ୍ରସ୍ତାବକୁ ଉତ୍ତର କୋରିଆର ପ୍ରତ୍ୟାଖ୍ୟାନ।
- ଏଲ୍‌ଟିଟିଇ ବିରୋଧରେ ଶ୍ରୀଲଙ୍କାର ଉତ୍ତର–ପୂର୍ବାଞ୍ଚଳ ରାଜ୍ୟରେ ଚାଲିଥିବା ଅଭିଯାନକୁ ଖ୍ରୀଷ୍ଟମାସ କିମ୍ବା ନୂଆବର୍ଷ ପରିପ୍ରେକ୍ଷୀରେ ବନ୍ଦ କରାଯିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ।
- ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନୂତନ ଭାବେ ପ୍ରବର୍ତ୍ତିତ ଅତିବଡ଼ୀ ପୁରସ୍କାର ପ୍ରଦାନ।


ଶୋଭାଯାତ୍ରାରେ ମାଲକାନଗିରିର କୋୟା ସମ୍ପ୍ରଦାୟ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି ମଞ୍ଚରେ ବୁଧବାର ଝଲସିଛି କଳା ଓ ସଂସ୍କୃତିର ବର୍ଣ୍ଣାଢ଼୍ୟ ସମ୍ଭାର। ବିଭିନ୍ନ ଲୋକନୃତ୍ୟରେ ଦୁଲୁକିଛି ମଞ୍ଚ। ଅବିଭକ୍ତ କୋରାପୁଟ ଜିଲାର ଲୋକନୃତ୍ୟ ସାଙ୍ଗକୁ ରାଜ୍ୟର ଅନ୍ୟ ଅଞ୍ଚଳର ନୃତ୍ୟବାଦ୍ୟ ବୁଧବାର ଦିବସବ୍ୟାପୀ ରାୟଗଡ଼ା ସହରର ମୁଖ୍ୟରାସ୍ତାକୁ ଯେତିକି ସଂସ୍କୃତିମୟ କରି ତୋଳିଛି, ସନ୍ଧ୍ୟାରେ ଚଇତି ମଞ୍ଚକୁ ସେତିକି ରଙ୍ଗିନ କରିଛି।


ରାୟଗଡ଼ାର ସଂସ୍କୃତି ଅନୁଷ୍ଠାନ ବୁଧବାର ସାନ୍ଧ୍ୟ ମଞ୍ଚରେ ସଙ୍ଗୀତ ପରିବେଷଣ କରୁଛନ୍ତି।


ଚଇତିର ପ୍ରଥମ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।


ମା' ମଝିଘରିଆଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଚଇତି ମଶାଲକୁ ଶୋଭାଯାତ୍ରା ପାଇଁ ନିଆଯାଉଛି।

# କଳା, ସଂସ୍କୃତିର ବର୍ଣ୍ଣାଢ଼୍ୟ ସମ୍ଭାର

ରାୟଗଡା ଅଫିସ, ୨୬।୧୨

ରାୟଗଡା ଜିଲାବାସୀଙ୍କ ଅପେକ୍ଷାର ଅନ୍ତ ଘଟାଇ ପୁଣି ଆସିଛି ଚଇତି। ସ୍ଥାନୀୟ ଜିସିଡି ପଡିଆରେ ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି ଓ ପଲ୍ଲିଶ୍ରୀ ମେଳା-ବୁଧବାର ଠାରୁ ଆରମ୍ଭ ହୋଇଛି। ଏହି ମହୋତ୍ସବ ୫ ଦିନ ଧରି ଚାଲିବ । ପ୍ରଥମ ଦିବସରେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ନିକଟରେ ଜିଲାପାଳ ଗୁହାପୁନମ ତାପସ କୁମାର ପୂଜାର୍ଚ୍ଚନା କରିଥିଲେ। ପରେ ମା'ଙ୍କ ଆଜ୍ଞାମାଳ, ଚଇତି କଳସ ସହ ଏକ ମଶାଲ ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରିଥିଲା। ଶୋଭାଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କଠାରୁ ଆଉ ଏକ ଆଜ୍ଞାମାଳ ଅଣାଯାଇ ଚଇତି ମଣ୍ଡପରେ ସ୍ଥାପନା କରାଯାଇଥିଲା। ଏହି ଶୋଭାଯାତ୍ରାରେ ହଜାର ହଜାର କଳାପ୍ରେମୀ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ସ୍ଥାନୀୟ ଲୋକନୃତ୍ୟ, ଢେମସା, ଡଙ୍ଗରିଆ ଓ ଲାଞ୍ଜିଆ ସୌରାଙ୍କ ପାରମ୍ପରିକ ନୃତ୍ୟ, ଘୁମୁରା, କୋୟା, ପାଇକ ଆଖଡା, ସାହିଜାତ ନୃତ୍ୟ, କିନ୍ନରମାନଙ୍କ ନୃତ୍ୟ ସହ ରାୟଗଡାର ଶ୍ରୀକୃଷ୍ଣ ବିଜ୍ଞାନ ମହିଳା ସତ୍‌ସଙ୍ଗ ପକ୍ଷରୁ ହରିନାମ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡି ଓ ଆଶା କର୍ମୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଗର୍ବ ଓ ଗୌରବ ଗାଥା ଗାଉଛି ଚଇତି

ଚଇତି ମଣ୍ଡପରେ କଳସ ସ୍ଥାପନ ପରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ହଜାର ହଜାର ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟନ କରାଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେଇ କହିଥିଲେ ଯେ, ରାୟଗଡ଼ାର ଲୋକକଳା, ସଂସ୍କୃତି, ପାରମ୍ପରିକ ନୃତ୍ୟ, ସାହିତ୍ୟ ଓ ଆଦିବାସୀ ପରମ୍ପରା ଜିଲାକୁ ବିଶ୍ୱରେ ପ୍ରସିଦ୍ଧ କରିପାରିଛି । ସମ୍ମାନିତ ଅତିଥିଭାବେ ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ, କୋରାପୁଟ ଏମପି ଝିନ୍ନ ହିକ୍‌କା, ରାୟଗଡା ବିଧାୟକ ଲାଲବିହାରୀ ହିମିରିକା, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୃଣ୍ଡୁକା ପ୍ରମୁଖ ଉପସ୍ଥିତ ଥିଲେ। ଚଇତି ରାୟଗଡ଼ାର ଗର୍ବ ଓ ଗୌରବର ଗାଥା ଗାଉଛି ବୋଲି ଅତିଥିମାନେ କହିଥିଲେ। ସ୍ଥାନୀୟ କଳାକାରଙ୍କ ଲୁକ୍କାୟିତ ପ୍ରତିଭାକୁ ସାମ୍ନାକୁ ଆଣିବା ଚଇତି ମଞ୍ଚର ଲକ୍ଷ୍ୟ ବୋଲି ସେମାନେ କହିଥିଲେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଂସ୍କୃତି ଅଧିକାରୀ ନନ୍ଦଲାଲ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।


ଚଇତି ମଞ୍ଚରେ ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ଏକଲବ୍ୟ ଅନୁଷ୍ଠାନର ଛାତ୍ରୀଛାତ୍ର।

ଜିଲା ସଂସ୍କୃତି ପରିଷଦ ସଂଯୋଜକ ଡଃ.ଦୁଷ୍ମନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପଲ୍ଲିଶ୍ରୀ ମେଳାକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିବା ସହ ସମସ୍ତ ଷ୍ଟଲ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ପି.ଆର, ଅତିରିକ୍ତ ଜିଲାପାଳ ସୁଧାକର ଶବର, ପିଡି ଡିଆରଡିଏ ଅମ୍ରିତ ଋତୁରାଜ, ରାୟଗଡ଼ା ଉପଜିଲାପାଳ ପ୍ରବୀର କୁମାର ନାୟକ, ଗୁଣପୁର ଭାରପ୍ରାପ୍ତ ଉପଜିଲାପାଳ ତଥା ପିଏ ଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗ, ରାୟଗଡା ପିଏ ଆଇଟିଡିଏ ଟୁକୁ ବାରିକଙ୍କ ସମେତ ଜିଲା ସାଂସ୍କୃତିକ ପରିଷଦ ସହ ସଂଯୋଜିକା ରିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡା ଉପଜିଲାପାଳ ନାୟକ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ

ଚଇତି ପ୍ରଥମ ରଜନୀରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାୟଗଡାର କଳାକାର ଅନୁରାଧା ପାଣିଗ୍ରାହୀ ଓ ସୃଷ୍ଟି ସାହୁଙ୍କ ଦ୍ୱାରା ଓଡଶୀ ନୃତ୍ୟ, ପୁଟାସିଂର ଏଲ୍‌ଏସ୍‌ଡିଏ ପକ୍ଷରୁ ଲାଞ୍ଜିଆ ସଉରା ନୃତ୍ୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ରାୟଗଡା ଆଦିବାସୀ ନୃତ୍ୟ, ପାରଲାଖେମୁଣ୍ଡିର ପାଇକ ଆଖଡା, ନବରଙ୍ଗପୁରର ସାଇରାମ କଳାକେନ୍ଦ୍ର ଦ୍ୱାରା ଢେମଶା, ନୂଆଦିଲ୍ଲୀର ଅଶୋକ ଗୁରୁଙ୍କ ଶିବ ତାଣ୍ଡବ, ମାଲକାନଗିରିର କୋୟା ସାଙ୍ଗକୁ ମୁନିଗୁଡା,କୋରାପୁଟ,ପୁରୀ,ବଲାଙ୍ଗିର ବିଭିନ୍ନ ଲୋକନୃତ୍ୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

## ରାୟଗଡ଼ା ସହର ରାସ୍ତାରେ ରଙ୍ଗଭରିଲା ଚଇତି ଶୋଭାଯାତ୍ରା













## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୩ ଗୁରୁତର

ନନ୍ଦପୁର,୨୬।୧୨(ଡି.ଏନ୍.ଏ.): ନନ୍ଦପୁର ବ୍ଲକ ଖୁର୍ଜି ପଞ୍ଚାୟତ ଅନ୍ତର୍ଗତ ସେମିଳିପୁଟ ଗ୍ରାମର ଜଣେ ବାଳିକା ବୁଧବାର ମହୁମାଛି ଆକ୍ରମଣରେ ଗୁରୁତର ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ପଦଲମ ଖ୍ରିନବୁଡି, ଝିଅ ବବିତା ଏବଂ ପରିବାର ଲୋକେ ବିଲରେ ମାଣ୍ଡିଆ ଗଦା କରୁଥିବା ବେଳେ ହଠାତ୍ ମହୁମାଛି ଦଳ ବବିତାଙ୍କ ମୁହଁ ଓ ମୁଣ୍ଡକୁ କାମୁଡ଼ିଥିଲେ। ଝିଅର ଚିତ୍କାର ଶୁଣି ପଦଲମ ଘଉଡ଼ାଇବାକୁ ଚେଷ୍ଟା କରିବାରୁ ମହୁମାଛି ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ମହାପାତ୍ର ଏବଂ ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ଯାଉଥିଲେ। ସେମାନେ ବବିତାଙ୍କ ଚିତ୍କାର ଶୁଣି ସେଠାକୁ ଯାଇ ତାଙ୍କ ଉପରେ ଟାୱେଲ ପକାଇ ମହୁମାଛିଙ୍କୁ ଘଉଡ଼ାଇଥିଲେ। ପରେ ତାଙ୍କୁ ବ୍ଲକ ଗାଡ଼ିରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେହିପରି ହିକିଂପୁଟ ପଞ୍ଚାୟତ ସର୍ବାପୁଟ ଗ୍ରାମର ଶୁଭ ଖେମୁଣ୍ଡୁ (୩୭) ଓ ତାଙ୍କ ଝିଅ ପୁଷ୍ପାଞ୍ଜଳି (୨୦) ବୁଧବାର ମହୁମାଛି କାମୁଡ଼ାରେ ଆହତ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କପଡ଼ା ସଫା କରିବା ପାଇଁ ନଳକୁ ଯାଇଥିବା ବେଳେ ଏମାନେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ।

### ରାଲେଗଡ଼ା ସରପଞ୍ଚଙ୍କ ଆକସ୍ମିକ ବିୟୋଗ

ପଟ୍ଟାଙ୍ଗି,୨୬।୧୨(ଡି.ଏନ୍.ଏ.): ପଟ୍ଟାଙ୍ଗି ବ୍ଲକ ଅଧୀନସ୍ଥ ରାଲେଗଡ଼ା ସରପଞ୍ଚ ରାମ କଟାଙ୍କ ଆକସ୍ମିକ ବିୟୋଗରେ ପଞ୍ଚାୟତରେ ଗଭୀର ଶୋକ ପ୍ରକାଶ ପାଇଛି। ଛ ମାସ ହେଲା ସେ କିଡ୍‌ନିଜନିତ ରୋଗ ଆକ୍ରାନ୍ତ ଥିଲେ। କଟକ ବଡ଼ ମେଡ଼ିକାଲରେ ପ୍ରାୟ ୨୦ ଦିନ ଚିକିତ୍ସା ପରେ ସେ ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି ସ୍ଥିତ ବଡ଼ଭାଇ ବନ୍ଧୁଙ୍କ ଘରେ ରହୁଥିଲେ। କିନ୍ତୁ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ସହ ବୁଧବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଏବିଡିଓ ପଦ୍ମନାଭ ତ୍ରିପାଠୀ, ଭାଜପାର ରାମ ପାଙ୍ଗି, ବ୍ଲକ ସଭାପତି ହରି ଚିକୁଡ଼ୁ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ କୃଷ୍ଣଚନ୍ଦ୍ର ଜାନି, ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ, ବଳରାମ ବାରିକ ବଳରାମ ପେଦାକାପୁ, ସୁଙ୍କି ମଣ୍ଡଳ ସଭାପତି ତ୍ରିନାଥ ବେହେରା, କଂଗ୍ରେସ ଦୁଇ ନଂ ଜୋନ ସଭାପତି ଶୁକ୍ରା ଖରା, ଗୋବିନ୍ଦ ଖରା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିମଳା ପାଙ୍ଗି, କ୍ରିଟ ଅଧ୍ୟକ୍ଷ ଅଶୋକ ପାଙ୍ଗି ତାଙ୍କ ଶେଷ ଦର୍ଶନ କରିଛନ୍ତି। ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୃସିଂହନାଥ ବେହେରା ଓ ଭାଜପା ରାଜ୍ୟ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାମଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି। ୨୦୦୭ ଓ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇ ସେ ଦୁଇଥର ସରପଞ୍ଚ ରହିବା ସହ ପଞ୍ଚାୟତବାସୀଙ୍କ ଉନ୍ନୟନ ପାଇଁ କାର୍ଯ୍ୟ କରିଛନ୍ତି।

### ଖ୍ରୀଷ୍ଟମାସ ପାଳନ ଅବସରରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଚାନ୍ଦିଲି(କୋଟପାଡ଼),୨୬।୧୨(ଡି.ଏନ୍.ଏ)- କୋଟପାଡ଼ ମିଶନ କମ୍ପାଉଣ୍ଡସ୍ଥିତ ଜେଇଏଲ୍‌ସି ଚର୍ଚ୍ଚରେ ଖ୍ରୀଷ୍ଟମାସ ପାଳିତ ହୋଇଛି। ପାଷ୍ଟର ପି. ମାର୍ଟିନ ରାଓଙ୍କ ପୌରୋହିତ୍ୟରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଖ୍ରୀଷ୍ଟଧର୍ମାବଲମ୍ବୀ ସମବେତ ହୋଇ ସମୂହ ପ୍ରାର୍ଥନା କରିଥିଲେ। ସ୍ଥାନୀୟ ବିଧାୟକ ଚନ୍ଦ୍ରଶେଖର ମାଝି, କଂଗ୍ରେସର ମଣି ପ୍ରସାଦ ପଟ୍ଟନାୟକ ସାମିଲ ହୋଇ ଖ୍ରୀଷ୍ଟଧର୍ମର ଭଉଣୀଭାଇଙ୍କୁ ଶୁଭକାମନା ଜଣାଇଥିଲେ। ଖ୍ରୀଷ୍ଟ ମାସ ପାଳନ କମିଟି ସଭାପତି ସଞ୍ଜିବ ନାୟକ, ସମ୍ପାଦକ ଉମାକାନ୍ତ ପାଣି, କୋଷାଧ୍ୟକ୍ଷ ପବିତ୍ର ନାୟକ, ଯୁବ ସଭାପତି ସୁମିତ ଆଶା, ଉପଦେଷ୍ଟା ୱିଙ୍କଲେର ଆଶା, ମହିଳା ସମାଜ ସଭାନେତ୍ରୀ ମିନୁଲୁସି ବେନିଆ, ବିଦ୍ୟୁତ୍ ଦୁଃଖିଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମନୋହର ବିଷୋଇ, ପ୍ରକାଶ ମହାନ୍ତି, ମୁନା ଖାନ, ମହମ୍ମଦ ସଲିମ, ସନ୍ତୋଷ ମିଶ୍ର, ବୁଲୁ ହୋତା, ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# ଜିଲାପାଳ ଅଫିସ୍ ଘେରିଲେ ବିସ୍ଥାପିତ

କୋରାପୁଟ,୨୬।୧୨(ସ୍ୱ.ପ୍ର.)

ନନ୍ଦପୁର ବ୍ଲକ ବୁଡି ଅଞ୍ଚଳ ଅଧୀନ ୮ଟି ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ୯ ଦଫା ଦାବି ନେଇ ବୁଧବାର କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ବିକ୍ଷୋଭ ସମାବେଶ ସହ ସେମାନେ କାର୍ଯ୍ୟାଳୟ ଧସେଇ ପଶିବାକୁ ଚେଷ୍ଟା କରିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏପରିକି ପୋଲିସ ମୃଦୁ ଲାଠି ଚାଳନା ମଧ କରିଛି।

ନନ୍ଦପୁର ବ୍ଲକ ପାନ୍ତଲୁଙ୍ଗ, ଗୋଲୁର, କୁଲାରସିଂ, ବଡ଼ପଡ଼, କୁଲାବିର, ପାଡୁଆ, ବିଲାପୁଟ, ଅତଣ୍ଡା ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସ୍ଥାନୀୟ ରେଲୱେ ଛକରୁ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଥିଲେ। ବୁଡ଼ି ଅଞ୍ଚଳର ୮ଟି ପଞ୍ଚାୟତବାସୀଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ, ମାଗଣା ବିଦ୍ୟୁତ, ପ୍ରକଳ୍ପରେ ନିଯୁକ୍ତି, ମହାବିଦ୍ୟାଳୟ, ଚିକିତ୍ସାଳୟ ପ୍ରତିଷ୍ଠା, ପାଇପ୍ ଜଳ ଯୋଗାଣ, କୃଷି ଉଠା ଜଳସେଚନ ସୁବିଧା, ନଦୀବନ୍ଧ ଯୋଜନାରେ ବାସଗୃହ ଯୋଗାଣ, ଗମନାଗମନ ବ୍ୟବସ୍ଥା ଭଳି ଦାବି



ନନ୍ଦପୁର ବୁଡି ଅଞ୍ଚଳବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ରହିଛି। ବୁଡ଼ିଅଞ୍ଚଳ ଲୋକ ସଙ୍ଗଠନର ସଭାପତି ସୋମନାଥ ଖିଲ, ସାଧାରଣ ସଂପାଦକ ଲଳିତ କାନ୍ଦୁଲ, ଆକାଶ ନାୟକଙ୍କ ନେତୃତ୍ୱରେ ହଜାର ହଜାର ଗ୍ରାମବାସୀ ବିକ୍ଷୋଭରେ ସାମିଲ ଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଓ ସହକାରୀ ଜିଲାପାଳ ଆଲୋକ ଅନୁଗୁଳିଆ ଦାବିପତ୍ର ନେବାକୁ ଆସିବା ବେଳେ ବିକ୍ଷୋଭକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବା ପାଇଁ ଉଦ୍ୟମ କରିଥିଲେ। ଜିଲାପାଳ ନିଜେ ଉପସ୍ଥିତ ରହି

■ପୋଲିସ ସହ ଧସ୍ତାଧସ୍ତି
■୯ ଦଫା ଦାବି ପୂରଣ ପାଇଁ ଜିଦ୍

ଦାବିପତ୍ର ନେବା ଓ ପ୍ରତିଶ୍ରୁତି ଦେବା ପାଇଁ ବିକ୍ଷୋଭ ତେଜିଥିଲା। କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁଙ୍କ ନେତୃତ୍ୱରେ ମୁତୟନ ଥିବା ପ୍ରାୟ ୧ ପ୍ଲାଟୁନ ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। କେତେକ ଉତ୍‌କ୍ଷିପ୍ତ ମହିଳା ପୁରୁଷ ପୋଲିସକୁ ଠେଲିବା ସହ ଜିଲାପାଳ କାର୍ଯ୍ୟାଳୟର ମୁଖ୍ୟଗ୍ରିଲ ଭାଙ୍ଗିବାକୁ ଉଦ୍ୟମ କରିଥିଲେ । ଫଳରେ ପୋଲିସ ମୃଦୁ ଲାଠି ଚଳାଇଥିଲା। କିଛି ସମୟ ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ବେଳେ ପ୍ରଶାସନ ସେମାନଙ୍କ ଦାବି ଉପରେ ପଦକ୍ଷେପ ନେଇଥିବା କହିଥିଲେ। ସେଠାରେ ଚିକିତ୍ସାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା, ପାନୀୟ ଜଳ, ଗମନାଗମନ ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ଆରମ୍ଭ କରିଛି। ଅନ୍ୟ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରିଥିବା ଜିଲାପାଳ କହିଥିଲେ।

■ ପ୍ରତିଷ୍ଠା ଦିବସରେ ନେତା-କର୍ମୀଙ୍କୁ ଆହ୍ୱାନ

# ‘ବିଜେଡି ସରକାରଙ୍କ ସଫଳତା ଗାଁରେ ପହଞ୍ଚାଅ’

କୋରାପୁଟ,୨୬।୧୨(ସ୍ୱ.ପ୍ର.)

କୋରାପୁଟରେ ଜିଲା ବିଜେଡି ପକ୍ଷରୁ ଦଳର ୨୧ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଛି। ଏଥିରେ ବିଜେଡି ସରକାରଙ୍କ ସଫଳତାକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ ଉପସ୍ଥିତ ନେତା-କର୍ମୀଙ୍କୁ ଆହ୍ୱାନ ଦିଆଯାଇଛି। ସ୍ଥାନୀୟ ନିଶାଣିମୁଣ୍ଡା ପଡିଆରେ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟସଭା ସଦସ୍ୟ ତଥା ଜିଲା ପର୍ଯ୍ୟବେକ୍ଷକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଦିବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ଏମ୍‌ପି ଝିନ୍ନ ହିକ୍‌କା, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଗୁପ୍ତପ୍ରସାଦ ଦାସ, ଜିଲା ବିଜେଡି ଉପସଭାପତି ତ୍ରିପୁରାରୀ ଗରଡ଼ା, ସଂପାଦକ ଉତ୍କଳ ରଞ୍ଜନ ନାୟକ, ତ୍ରିନାଥ ପାତିକା, ବିନୋଦ ନାୟକ, ଶଙ୍କର ପ୍ରସାଦ ଦୁରିଆ, ଅଶ୍ୱିନୀ ସାହୁ, ଭାଗିରଥି ପାଟନିଆ, ଲଲାଟ ରଞ୍ଜନ ସେଠୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କଳାନିକେତନ ରାସ୍ତାରେ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପୂଜାରିପୁଟରେ ନୂତନ ଜିଲା ବିଜେଡି କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଥିଲା।



ବିଜେଡିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ନେତୃବୃନ୍ଦ।

# ପ୍ରତିଷ୍ଠା ଦିବସ ପାଳିଲା ବିଜେଡି



ବିଜେଡିର ପ୍ରତିଷ୍ଠା ଦିବସରେ ଶୋଭାଯାତ୍ରା।

ଜୟପୁର,୨୬।୧୨(ଡି.ଏନ୍.ଏ.)

ଜୟପୁରରେ ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଛି। ପୂର୍ବାହ୍ନରେ ଦଶହରା ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଦଳର କର୍ମୀ ସଭାସ୍ଥଳ ଘୋଡ଼ାଶାଳରେ ପହଞ୍ଚିଥିଲେ । ସେଠାରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ତଥା ଅବିଭକ୍ତ କୋରାପୁଟ ଜିଲା ପ୍ରଭାରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ । ରାଜ୍ୟ ସରକାର ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ଏହାର ସଫଳ ରୂପାୟନ କରିଛନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ରାଜ୍ୟ ଓ ଦେଶରେ ଫେଲ୍ ମାରିଛି ବୋଲି ବିଜେଡି ସମାଲୋଚନା କରିଥିଲା। କେନ୍ଦ୍ର ସମବାୟ ବ୍ୟାଙ୍କ ସଭାନେତ୍ରୀ ଡ. ଇନ୍ଦିରା ନନ୍ଦ କହିଥିଲେ, ସମବାୟ ଓ କୃଷି କ୍ଷେତ୍ରରେ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଇଥିବାରୁ ଏବେ ଦେଶରେ ଏହି ୨ଟି ବିଭାଗରେ ରାଜ୍ୟ ସୁନାମ ପାଇଛି । ମହିଳା ସଶକ୍ତିକରଣ ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିବାରେ ସଫଳ ହୋଇଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ନନ୍ଦ କହିଥିଲେ। ୨୦୧୯ ନିର୍ବାଚନ ପାଇଁ କର୍ମୀ ପ୍ରସ୍ତୁତ ହେବା ସହ ଜୟପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ବିଷ୍ଣୁ ପ୍ରସାଦ ପାତ୍ର, ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ଧର୍ମେନ୍ଦ୍ର ଅଧିକାରୀ, ବିନ୍ଦୁରାଣୀ ମିଶ୍ର, ସହଦେବ ପଟ୍ଟନାୟକ, ରାମନାଥ ମିଶ୍ର, ମନୋଜ ପାଢ଼ୀ, ସାନ ଗନ୍ତାୟତ, ଶିବ ପଟ୍ଟନାୟକ, ରାମନାଥ ପାଣିଗ୍ରାହୀ, ସରୋଜ ଦାଶ, ସୁଧୀର ତ୍ରିପାଠୀ ଉପସ୍ଥିତ ଥିଲେ।

### ଛେଳି ଚୋରି କରୁଥିବା ବେଳେ ଧରିଲେ ଗାଁଲୋକେ
### କାର୍ ସହ ଡ୍ରାଇଭର ଅଟକ

ପଟ୍ଟାଙ୍ଗି,୨୬।୧୨(ଡି.ଏନ୍.ଏ.)

ପଟ୍ଟାଙ୍ଗି ଥାନା ଗାଙ୍ଗରାଜପୁର ପଞ୍ଚାୟତ କାଉଁଗୁଣ୍ଡା ଗ୍ରାମରେ ମଙ୍ଗଳବାର ଛେଳି ଚୋରି କରୁଥିବା ବେଳେ ଗ୍ରାମବାସୀ ଜଣଙ୍କୁ ଅଟକ ରଖିଛନ୍ତି। ଅନ୍ୟ ତିନିଜଣ ଖସି ପଳାଇଛନ୍ତି। ମାରୁତି ୮୦୦ (ଏପି ୩୧ କ୍ୟୁ ୩୪୩୯)ରେ ଆସି ଚାରି ଜଣ ଯୁବକ ବିଳମ୍ବିତ ରାତିରେ ତାମାଲ ଲାଛନାଙ୍କ ଗୁହାଳ ଘରେ ପହଞ୍ଚିଥିଲେ। ମାଟି କାନ୍ଥ ଭାଙ୍ଗି ସେମାନେ ଦୁଇଟି ଛେଳି କାର ଭିତରେ ଭର୍ତ୍ତିକରି ଅନ୍ୟ ଗୁହାଳ ଆଡ଼କୁ ଯିବାବେଳେ ଗ୍ରାମବାସୀ ଜାଣି ଯାଇଥିଲେ। ଡ୍ରାଇଭର ନୀଳ ଗୋଲରିଙ୍କୁ ଗ୍ରାମବାସୀ କାବୁ କରିବା ସହ ତାଙ୍କ କାର୍ ଅଟକ ରଖି ରାତି ସାରା ଜଗିରହିଥିଲେ। ଅନ୍ୟ ୩ ଜଣ ଖସିଯାଇଥିଲେ। ପୋଲିସ ପାଖରେ ଏନେଇ ଏତଲା ହୋଇନାହିଁ। ଗତ ଦୁଇରୁ ତିନି ସପ୍ତାହ ମଧ୍ୟରେ ରାଲେଗଡ଼ା ପଞ୍ଚାୟତର ଯୋଡ଼ିମାଦିଲି ଗ୍ରାମର ପୂଜାରୀ ସନ୍ନ୍ୟାସୀ, ମେଟା ବଇ ଏଙ୍କେଲୁ, ଲୁଗୁରୁ ତ୍ରିପତିଙ୍କ ୧୨ଟି ଛେଳି ଚୋରି ହୋଇଥିବା ବେଳେ ଗୁରଜିଗୁଡା ଗ୍ରାମର ଲାଉଡି ରାମଚନ୍ଦ୍ରଙ୍କ ୪ଟି, ସୁଙ୍କି ପଞ୍ଚାୟତର ପନସମାନଗୁଡି ଗ୍ରାମର ଶଙ୍କର ବୁଚେୟା ଓ ଡୁରିଆ ଜାନି ଆପାରାଓଙ୍କ ୭ଟି ଛେଳି ଚୋରି ହୋଇଛି।

# ନିର୍ଭୟାଙ୍କୁ ମନେ ପକାଇଲେ ମହିଳା

ବୈପାରୀଗୁଡ଼ା,୨୬।୧୨(ଡି.ଏନ୍.ଏ.)

୨୦୧୨ ଦିଲ୍ଲୀରେ ଗଣବଳାତ୍କାରର ଶିକାର ହୋଇଥିବା ନିର୍ଭୟାଙ୍କ ସ୍ମୃତିରେ ଭାରତୀୟ ମହିଳା ସାଂସ୍କୃତିକ ସଂଘ ପକ୍ଷରୁ ବୁଧବାର ଏକ ସଭା ଆୟୋଜିତ ହୋଇଛି। ଏଥିରେ ପୀଡ଼ିତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଏପରି ଘଟଣାର ଦୃଢ଼ ପ୍ରତିବାଦ ଜଣାଇ ଅଭିଯୁକ୍ତମାନଙ୍କୁ ତୁରନ୍ତ ଫାଶୀଦଣ୍ଡ ଦେବା ପାଇଁ ଦାବି କରାଯାଇଥିଲା । ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ବନ୍ଦ, ଅଶ୍ଳୀଳ ଚଳଚ୍ଚିତ୍ର, ପୁସ୍ତକ ପତ୍ରପତ୍ରିକା ପ୍ରସାରଣ ବନ୍ଦ, ମାଦକ ଦ୍ରବ୍ୟର ବିକ୍ରି ବନ୍ଦ କରିବା ଭଳି ଦାବି ମଧ ରହିଛି। ବୈପାରୀଗୁଡ଼ା ମହିଳା ସାଂସ୍କୃତିକ ସଂଗଠନର ସଂପାଦିକା ଲକ୍ଷ୍ମୀ ବାରିକ, ବାସନ୍ତୀ ଖରା, ରୁକ୍ମିଣୀ ବାରିକ, ପ୍ରମିଳା ପୂଜାରୀ, ନବୀନା ବାରିକ ଓ ଶୁକ୍ରି ପୂଜାରୀ ସଭାର ନେତୃତ୍ୱ ନେଇଥିଲେ।

### ବିଦ୍ୟୁତ୍ ଆଘାତରେ ପଞ୍ଜାବ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୨୬।୧୨(ଡି.ଏନ.ଏ.)– ଭଞ୍ଜନଗର ଥାନା ସାହାଣପଲ୍ଲୀରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ଟ୍ରକ୍ ହେଲପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଞ୍ଜାବର ତରଣ ନିକଟସ୍ଥ ନାଲକୁଡ଼ାର ଗୁରୁନାନ ସିଂ। ଭଞ୍ଜନଗର ପୋଲିସ ବୁଧବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସପିଟାଲକୁ ପଠାଇଛି । ପ୍ରକାଶ ଯେ ପଞ୍ଜାବରୁ ମୁକ୍ତାର ସିଂ ଓ ଗୁରୁନାନ ସିଂ ଦୁଇଭାଇ ଏକ ଟ୍ରକରେ ଧାନକଟା ମେଶିନ ଧରି ଦଶପଲ୍ଲା ଦେଇ ଶ୍ରୀକାକୁଲମ ଅଭିମୁଖେ ଯାଉଥିଲେ। ବୁଧବାର ରାତିରେ ସାହାଣପଲ୍ଲୀଠାରେ ରାସ୍ତା ପାର ହୋଇଯାଇଥିବା ବିଦ୍ୟୁତ୍ ତାରରେ ଟ୍ରକରେ ଥିବା ଧାନକଟା ମେଶିନଟି ଲାଗି ଯାଇଥିଲା ।



ବୈପାରୀଗୁଡ଼ା ଅଞ୍ଚଳର ଜେଇଏଲସି ଚର୍ଚ୍ଚରେ ସମୂହ ପ୍ରାର୍ଥନା କରାଯାଉଛି।

# ଇନ୍ଦିରାଙ୍କ ନେତୃତ୍ୱକୁ ନେଇ ଚର୍ଚ୍ଚା

ଜୟପୁର,୨୬।୧୨(ଡି.ଏନ୍.ଏ.)

ରାଜନୀତି ଓ ଅନ୍ୟ କ୍ଷେତ୍ରରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଅଭିଯାନ ଚଳାଇଛି ବିଜେଡି। ଦେଶର ସମସ୍ତ ରାଜନୈତିକ ଦଳର ସମର୍ଥନ ପାଇଁ ଦଳର ବରିଷ୍ଠ ନେତା ଅନ୍ୟ ଦଳର ମୁଖ୍ୟଙ୍କୁ ଭେଟୁଛନ୍ତି। ଏହିପରି ହେଲେ ୨୦୧୯ ନିର୍ବାଚନରେ ୩୩ ପ୍ରତିଶତ ମହିଳା ପ୍ରାର୍ଥୀ ହେବାର ସୁଯୋଗ ପାଇବେ। ତେବେ ଏହା ପୂର୍ବରୁ ବୁଧବାର ବିଜେଡି ପ୍ରତିଷ୍ଠା ଦିବସରେ ଜଣେ ଉଚ୍ଚଶିକ୍ଷିତ ମହିଳା ସାମିଲ ହେବା ପରେ ତାଙ୍କୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଅବିଭକ୍ତ କୋରାପୁଟ ଜିଲାର ଜୟପୁର ଏକ ମାତ୍ର ଅଣସଂରକ୍ଷିତ ଆସନ ହୋଇଥିବା ବେଳେ ୨୦୧୪ ନିର୍ବାଚନରେ ଏହାର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମହିଳା ଭୋଟର ସଂଖ୍ୟା ଅଧିକ ଥିଲା। ତେଣୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରସଙ୍ଗଟି କାର୍ଯ୍ୟକାରୀ ହେଲେ ଜୟପୁର ନିର୍ବାଚନ ମଣ୍ଡଳୀ ମହିଳା ସଂରକ୍ଷିତ ହେବାର ସମ୍ଭାବନା ଅଧିକ ଥିବା ଆଲୋଚନା ହେଉଛି। ବର୍ତ୍ତମାନ ଜୟପୁର ନିର୍ବାଚନ ମଣ୍ଡଳୀରେ ମହିଳାଙ୍କ କ୍ରମରେ ନେତୃତ୍ୱ ନେବା ପାଇଁ କୋରାପୁଟ କେନ୍ଦ୍ରିୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦଙ୍କ ନାମ ଆଗରେ ରହିଛି। ପୂର୍ବରୁ ତାଙ୍କୁ ବିଜେଡିର କୌଣସି କାର୍ଯ୍ୟକ୍ରମରେ



ତାଙ୍କୁ ଦେଖିବାକୁ ମିଳୁ ନଥିବା ବେଳେ ବୁଧବାର ବିଜେଡିର ପ୍ରତିଷ୍ଠା ଦିବସରେ ଇନ୍ଦିରା ୧ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଗତ ସେପ୍ଟେମ୍ବର ଜୟପୁରରେ ଅନୁଷ୍ଠିତ ମହିଳା ସମାବେଶରେ ମଧ ତାଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ସେ ପ୍ରାୟ ୮ ବର୍ଷ କେସିସି ବ୍ୟାଙ୍କ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରିଛନ୍ତି । ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ସେ ସହଧର୍ମିଣୀ ହୋଇଥିବା ଯୋଗୁଁ ସ୍ୱାମୀଙ୍କ ସଂଗଠନ ମଧ ତାଙ୍କ ପଛରେ ରହିବ। ଜୟପୁର ବିଧାନସଭା ପାଇଁ ମହିଳା ପ୍ରାର୍ଥୀ ଭାବେ ଆଶାୟୀ ଥିବା ଦଳୀୟ ସଦସ୍ୟାଙ୍କୁ ମୁକାବିଲା କରିବାରେ ପୂର୍ବତନ ମନ୍ତ୍ରୀ ନନ୍ଦଙ୍କୁ ସୁବିଧା ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# କଳା ଦିବସ ପାଳିଲା କଂଗ୍ରେସ

## ପଞ୍ଚାୟତରେ ଉଡ଼ିଲା କଳାପତାକା, କଳାବ୍ୟାଜ୍ ପିନ୍ଧିଲେ କର୍ମୀ



କୁନ୍ଦୁରାରେ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ।



ଲମତାପୁଟରେ କଳା ଦିବସ ପାଳନରେ ସାମିଲ ହୋଇଥିବା କର୍ମକର୍ତ୍ତା ଏବଂ ଅନ୍ୟମାନେ।

ବୈପାରୀଗୁଡ଼ା/ଜୟପୁର/କୁନ୍ଦୁରା/ଲମତାପୁଟ,୨୬।୧୨(ଡି.ଏନ୍.ଏ.)

ବୈପାରୀଗୁଡ଼ାରେ ବୁଧବାର କଳା ଦିବସ ପାଳିବା ସହ ପ୍ରତ୍ୟେକ ପଞ୍ଚାୟତରେ ନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଛି କଂଗ୍ରେସ। ସେମାନଙ୍କ ଦାବି ହେଲା, ଆମ ଗାଁ ଆମ ବିକାଶ ଯୋଜନାରେ ଘୋଷିତ ପ୍ରକଳ୍ପ ପଞ୍ଚାୟତ ପ୍ରତିନିଧିଙ୍କ ସଂପୃକ୍ତିରେ କାର୍ଯ୍ୟକାରୀ ହେବା, ପିଠା କାର୍ଯ୍ୟକ୍ରମରେ ପଞ୍ଚାୟତକୁ ସଂପୃକ୍ତ କରିବା, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ପାଇଁ ଖୋଲା ହାତପାଣ୍ଠିର ବ୍ୟବସ୍ଥା, ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଭତ୍ତା ବୃଦ୍ଧି, ସମ୍ମାନଜନକ ପାରିଶ୍ରମିକ, ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ବିଭିନ୍ନ ଭତ୍ତା ୧ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି, ମହିଳାଙ୍କୁ ସୁରକ୍ଷା ଓ ମଦକୁ ନିଷିଦ୍ଧ କରିବା ଭଳି ଦାବି ରହିଛି।

ଜୟପୁର ବ୍ଲକର ୨୨ଟି ପଞ୍ଚାୟତ ସମ୍ମୁଖରେ ଧାରଣା ଦେବା ସହ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ସ୍ମାରକପତ୍ର ଦେଇଥିଲା କଂଗ୍ରେସ। ଏଥିରେ ବ୍ଲକ ସଭାପତି ବସନ୍ତ ନାୟକଙ୍କ ନେତୃତ୍ୱରେ ଭାସ୍କର ପଟ୍ଟନାୟକ, କୈଳାସ ବିଶୋୟୀ, ଶୀତଲ ରଥ, ସୁରେଶ ଚୌଧୁରୀ, ମକର ହରିଜନ ସାମିଲ ଥିଲେ।

ସେହିପରି କୁନ୍ଦୁରା ବ୍ଲକରେ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶରେ ବ୍ଲକ କଂଗ୍ରେସ ସଭାପତି ତ୍ରିପତି ଗୁରୁଙ୍କ ନେତୃତ୍ୱରେ ୧୬ଟି ପଞ୍ଚାୟତର ଦଳୀୟ କର୍ମୀ କଳାବ୍ୟାଜ୍ ପିନ୍ଧି କଳା ପତାକା ପ୍ରଦର୍ଶନ କରିଛନ୍ତି। ଏହାସହ ସେମାନେ ପିଇଓମାନଙ୍କୁ ଦାବିପତ୍ର ମଧ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜୋନ୍-୧ ସଭାପତି ଅଖିଳ ଭଟ୍ଟ, ଜୋନ୍-୨ ସଭାପତି ନାରାୟଣ ବିଶୋୟୀ, ସମ୍ପାଦକ ଦୈତାରୀ ମଲ୍ଲିକ, ରାଜା ଭଟ୍ଟ, ଜିତେନ୍ଦ୍ର କୁଣ୍ଡ, ବାବୁନି କଳାପାହାଡ଼, ରାଜେଶ ଗୁରୁ, ସୁଧୀର ମଲ୍ଲିକ, ବୁଲୁ ସାହୁ, ପରମେଶ୍ୱର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା ଯୋଗ ଦେଇଥିଲେ।

ଲମତାପୁଟରେ ମଧ କଂଗ୍ରେସ ନେତା-କର୍ମୀ ୧୫ଟି ପଞ୍ଚାୟତରେ କଳା ପତାକା ପ୍ରଦର୍ଶନ ସହ ପିଇଓଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିରେ ଲମତାପୁଟ ବ୍ଲକ କଂଗ୍ରେସର ଯୁଥ୍ କଂଗ୍ରେସ ସଭାପତି ଲବ ଖେମୁଣ୍ଡୁ, ଜୋନ୍-୧ ସଭାପତି କୃପା ମୁଦୁଲି, ଜୋନ୍-୨ ସଭାପତି ନିନିଗୁରୁ ଖରା, ପିଟସଏନ୍ ମୂର୍ତ୍ତି, କୈଳାସ ଶିଶା, ବନ୍ଧୁ ମୁଦୁଲି, ଇନ୍ଦ୍ରମଣି ଖିଲ, ମୁକୁନ୍ଦ ପୂଜାରୀ ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ଅବଦୁଲ କଂଗ୍ରେସର ପଶ୍ଚିମାଞ୍ଚଳ ଜୋନ ସଂଖ୍ୟାଲଘୁ ସେଲ୍ ଅଧକ୍ଷ



ନବରଙ୍ଗପୁର,୨୬।୧୨( ଡି.ଏନ.ଏ.)- ପିସିସି ସଂଖ୍ୟାଲଘୁ ସେଲର ଅଧକ୍ଷ ଏମଡି. ସାନୱାଜ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସଭାପତି ଅବଦୁଲ ଫିରୋଜଙ୍କୁ ପଶ୍ଚିମାଞ୍ଚଳ ଜୋନାଲ ଅଧକ୍ଷ ଭାବେ ମନୋନୀତ କରିଛନ୍ତି। ଏହାର ଏକ ନକଲ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପ୍ରେରଣ କରିଛନ୍ତି । ଫିରୋଜ ଦୀର୍ଘ ବର୍ଷ ଧରି ଜିଲାସଭାପତି ମୁନ୍ନା ତ୍ରିପାଠୀଙ୍କ ସହ ବିଭିନ୍ନ ଆନ୍ଦୋଳନ ଓ ଲୋକଙ୍କ ସମସ୍ୟାରେ ଜଡିତ ରହିଛନ୍ତି । ରାଉରକେଲା, ସୁନ୍ଦରଗଡ, ଝାରସୁଗୁଡା, ଦେଓଗଡ, ସମ୍ବଲପୁର, ବରଗଡ ଓ ବଲାଙ୍ଗିର ଆଦି ପଶ୍ଚିମାଞ୍ଚଳର ସଂଖ୍ୟାଲଘୁ ଜୋନାଲ ଅଧକ୍ଷ ଭାବେ ଦାୟିତ୍ୱ ଦିଆ ଯାଇଛି । ସଙ୍ଗଠନ କିଭଳି ମଜବୁତ ହେବ ସେ ନେଇ ପ୍ରଚେଷ୍ଟା ରହିବ ବୋଲି ଅବଦୁଲ କହିଛନ୍ତି । ଏନେଇ ଜିଲା ସଭାପତି ତ୍ରିପାଠୀ, ଡାବୁଗାଁ ବିଧାୟକ ଭୂଜବଳ ମାଝୀ, ପିସିସି ସମ୍ପାଦକ ସରୋଜ ପାତ୍ର, ଡିସିସି ଉପସଭାପତି ଦିଲ୍ଲିପ ବେହେରା, ସମ୍ପାଦକ ପ୍ରଦୀପ ସାହୁ, ନଗର ସଭାପତି ଉତ୍ତମ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସଦନ ନାୟକ, ଜିଲା ଆଦିବାସୀ ସେଲ ସଭାପତି ଅଖିଳ ଭତ୍ରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

### ହେଲିକପ୍ଟର ଦେଖି ଲୋକେ ଛାନିଆ

ଚନ୍ଦାହାଣ୍ଡି,୨୬।୧୨(ଡି.ଏନ.ଏ)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସହର ପାନବେଡା ହାଇସ୍କୁଲ ପଡିଆରେ ବୁଧବାର ବିଜେଡି ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହେଉଥିଲା। ଏହି ସମୟରେ ଅପରାହ୍ନ ୩.୩୦ରେ ଏକ ହେଲିକପ୍ଟର ଚକ୍କର ମାରିଥିଲା। ଅଳ୍ପ ଉଚ୍ଚତାରେ ହେଲିକପ୍ଟର କିଛି ସୂଚନା ନ ଥାଇ ଉଡିବାରୁ ଲୋକେ ଛାନିଆ ହୋଇ ପଡିଥିଲେ। ସେଠାରୁ ୧୦୦ ମିଟର ଦୂର ଯାଦବ ମାଝି ବାଳିକା ବିଦ୍ୟାଳୟ ପଡିଆରେ ଉକ୍ତ ହେଲିକେପ୍ଟର ଅବତରଣ କରିଥିଲା। ଏହି ସମୟରେ ବିଜେଡି ପ୍ରତିଷ୍ଠା ଦିବସରେ ଉପସ୍ଥିତ ଲୋକମାନେ ସେଠାରୁ ଦୌଡିଥିଲେ। କିନ୍ତୁ ହେଲିକେପ୍ଟରରୁ କୌଣସି କର୍ମଚାରୀ ନ ଓହ୍ଲାଇ ଉଡି ଯାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ବିଲ୍ଲ ମଙ୍ଗଳ ସେଠୀଙ୍କୁ ପଚାରିବାରୁ ବିଏସଏଫ ବାଟାଲିୟନ ଡିଆଇଜି ହେଲିକେପ୍ଟର ଅବତରଣ ପରୀକ୍ଷା କରୁଥିଲେ ବୋଲି କହିଥିଲେ।

### ବ୍ଲକସ୍ତରୀୟ ଉତ୍କଳ ଯାଦବ ମହାସଭା

ଡାବୁଗାଁ, ୨୬।୧୨ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ନୂଆଗୁଡା ଠାରେ ବ୍ଲକସ୍ତରୀୟ ଉତ୍କଳ ଯାଦବ ମହାସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଦବ ସମାଜର ଲୋକମାନେ ଜୟନ୍ତୀନଗରସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ନୂଆଗୁଡାସ୍ଥିତ ଯାଦବ ଭବନ ପଡିଆରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଉପାଧକ୍ଷା ନିବେଦିତା ମହାନ୍ତି, ଡାବୁଗାଁ ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ, ଯାଦବ ମହାସଂଘ ଜିଲା ସଭାପତି କାର୍ତ୍ତିକ ଚନ୍ଦ୍ର ବାଘ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା ଭାଜପା ଉପସଭାପତି ଜୟନ୍ତ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ଯାଦବ ମହାସଂଘ ତରଫରୁ ଏକ ୧୦ ଦଫା ଦାବିପତ୍ର ଡାବୁଗାଁ ବିଧାୟକ ଭୁଜବଳ ମାଝୀଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯାଦବ ମହାସଂଘ ଜିଲା ସମ୍ପାଦକ ପର୍ଶୁରାମ ନାୟକ, ଜିଲା ସଭାନେତ୍ରୀ ପ୍ରତିମା ଯାଦବ, ଡାବୁଗାଁ ବ୍ଲକ ସଭାପତି କୃପାସିନ୍ଧୁ ଗୌଡ, ରାଜ୍ୟ ଯୁବ ଯାଦବ ସଭ୍ୟ ଜ୍ୟୋତିରଞ୍ଜନ ହଂସ, ଉମରକୋଟ ବ୍ଲକ ସଭାପତି ଶତ୍ରୁଘନ ଗୌଡ, ରାଇଘର ବ୍ଲକ ସଭାପତି ଲକିନାଥ ଗୌଡ, ଦୈତାରୀ ମାଝୀ, ନରସିଂହ ଗୌଡ, ମୋତିଲାଲ ହଂସ, ଦେବଦାସ ମହାଙ୍ଗୁଡ, ସତିଶ ନାୟକ, ଦ୍ୱାରିକାନାଥ ବାଘ ପ୍ରମୁଖ ଯୋଗ ଦେଇଥିଲେ।

■ ପ୍ରଶାସନ-ବ୍ୟବସାୟୀ ମଧୁଚନ୍ଦ୍ରିକା

# ଟୋକନ୍ ପାଉନାହାନ୍ତି ପ୍ରକୃତ ଚାଷୀ

ମାଲକାନଗିରି,୨୬।୧୨(ଡି.ଏନ୍.ଏ.)



ଟୋକନ ଅପେକ୍ଷାରେ ଲାମ୍ପ୍ସ କାର୍ଯ୍ୟାଳୟରେ ଚାଷୀଙ୍କ ଲମ୍ବା ଧାଡି ।

■ ଧାନ ବିକ୍ରି ନ ହେବାରୁ ମଣ୍ଡିରେ ରାତି କାଟୁଛନ୍ତି ଚାଷୀ
■ ବ୍ୟବସାୟୀଙ୍କ ହାତରେ ଟୋକନ୍
■ ଲ୍ୟାମ୍ପ କାର୍ଯ୍ୟାଳୟରେ ଚାଷୀଙ୍କ ହୋ'ହଲ୍ଲା
■ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ : ଭାରପ୍ରାପ୍ତ ଜିଲାପାଳ

ମାଲକାନଗିରି ଜିଲାରେ ବିଭିନ୍ନ ବ୍ଲକ୍‌ରେ ୬୨ଟି ସ୍ଥାନରେ ଗତ ମାସରେ ଧାନମଣ୍ଡି ଆରମ୍ଭ ହୋଇଥିବାବେଳେ ପ୍ରକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ୟବସାୟୀ , ଲ୍ୟାମ୍ପ କର୍ମଚାରୀ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ଟୋକନ୍ ପାଇଁ ଲ୍ୟାମ୍ପକୁ ଦୌଡ଼ି ନିରାଶ ହେଉଛନ୍ତି। ଏପରିକି ଟୋକନ୍ ପାଇଁ ଶୀତରେ ମଣ୍ଡିରେ ରାତି କଟାଇ ଅପେକ୍ଷାରେ ରହିଲେ ବି ଏହା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରି ଘଟଣା ମଙ୍ଗଳବାର ମାଲକାନଗିରି ଲ୍ୟାମ୍ପ କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଛି। ୨ ଶହରୁ ଊର୍ଦ୍ଧ୍ୱ ଚାଷୀ ସକାଳ ୯ଟାରୁ ଟୋକନ୍ ପାଇଁ ଭିଡ଼ ଜମାଇଥିଲେ। କିନ୍ତୁ କାର୍ଯ୍ୟାଳୟ ଡାଟା ଅପରେଟର ଅପରାହ୍ନରେ ଆସିଥିଲେ। ପୂର୍ବରୁ କାର୍ଯ୍ୟାଳୟ ଭିତରେ ଥିବା ଦଲାଲ ଏବଂ ବ୍ୟବସାୟୀମାନେ ଚାଷୀଙ୍କ ନାମରେ ସଂଗ୍ରହ କରି ଆଣିଥିବା କାଗଜପତ୍ର ଦାଖଲ କରି ୨୦ରୁ ୩୦ଜଣ ଚାଷୀଙ୍କ ଟୋକନ୍ ନେଇଗଲେ। ଅନ୍ୟପଟେ ଧାଡ଼ିରେ ଠିଆ ହୋଇଥିବା ଚାଷୀମାନଙ୍କୁ ସନ୍ଧ୍ୟା ୫ଟା ସମୟରେ ଚଳିତ ସପ୍ତାହ ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ୍ ସରିଗଲା ବୋଲି କହି ଫେରାଇ ଦିଆଯାଇଛି। ଏ ନେଇ ଚାଷୀମାନେ ଲ୍ୟାମ୍ପ କାର୍ଯ୍ୟାଳୟ ସମ୍ମୁଖରେ ହୋ'ହଲ୍ଲା କରିଥିଲେ। ପରେ ଲ୍ୟାମ୍ପ ପରିଚାଳକ କୋଣ୍ଡଲ ରାଓ ଚାଷୀମାନଙ୍କୁ ଧାଡ଼ିରେ ରହି ଟୋକନ ନିଅନ୍ତୁ ବୋଲି କହିବାରୁ ଚାଷୀମାନେ ଶାନ୍ତ ପଡ଼ି ଧାଡ଼ିରେ ଛିଡ଼ା ହୋଇଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। କିନ୍ତୁ ଟୋକନ୍ ମିଳି ନ ଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ଚାଷୀମାନେ ଘରକୁ ନିରାଶରେ ଫେରିଥିଲେ। ରାମା ସୋଡି, ବିମଳ କୃଷ୍ଣ ହାଲଦାର, ଇର୍ମା ସୋଡି, ମଙ୍ଗୁଳି ମାଡକାମି, ସତ୍ୟରଂଜନ ମିସ୍ତ୍ରି, ଦିଲୀପ ହାଲଦାର, ଏରା ସୋଡି, ବାଗା ମାଢ଼ି, ଦେବା ସୋଡି, ହାତିରାମ କବାସି, ଶ୍ରୀମତୀ ବରାଳ, ସୁବଳ ସରକାର, ରାକେଶ ବିଶ୍ୱାସଙ୍କ ସହ ମାଲକାନଗିରି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଚାଷୀ ସେମାନଙ୍କୁ ଟୋକନ୍ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଧାନ ମଣ୍ଡିରେ ଅନେକ ଚାଷୀ ଧାନ ରଖିଥିଲେ ମଧ ଟୋକନ୍ ପାଇ ନ ଥିବାରୁ ବିକ୍ରି କରିପାରୁ ନାହାନ୍ତି। ଶୀତ କାକରରେ ଧାନ ଜଗି ବସିବାକୁ ପଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଉପ ଜିଲାପାଳଙ୍କ ଦ୍ୱାରା ଘଟଣାର ସତ୍ୟାସତ୍ୟ ଯାଞ୍ଚ ପରେ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରପ୍ରାପ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା କହିଛନ୍ତି।

ଉପଜିଲାପାଳ ରାମେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଚାଷୀଙ୍କ ଧାନ ବିକ୍ରି ଏବଂ ଅର୍ଥ ପାଇବା ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଥିବାବେଳେ ଯଦି କେହି ଚାଷୀମାନଙ୍କୁ ଅସୁବିଧାରେ ପକାଉଛନ୍ତି ସେମାନଙ୍କ ବିରୋଧରେ ଦୃଢ ପଦକ୍ଷେପ ନିଆଯିବ।

## କଂଗ୍ରେସର କଳା ଦିବସ ପାଳିତ



ସଭାରେ ଉପସ୍ଥିତ କଂଗ୍ରେସ ନେତାମାନେ ।

ନବରଙ୍ଗପୁର/ପାପଡାହାଣ୍ଡି, ୨୬।୧୨(ବି.ପ୍ର/ଡି.ଏନ.ଏ)

ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଓ ପିଠା ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଆଣି ବୁଧବାର ନବରଙ୍ଗପୁର ଜିଲାର ପ୍ରତେକ ପଞ୍ଚାୟତରେ କଂଗ୍ରେସ ତରଫରୁ କଳା ଦିବସ ପାଳନ କରାଯାଇଛି । ରାଜ୍ୟ ସରକାରଙ୍କୁ କଂଗ୍ରେସ ତରଫରୁ ସମାଲୋଚନା କରାଯାଇଛି । ପାପଡାହାଣ୍ଡି ଠାରେ ଏହି ଅବସରରେ ଜିଲାସ୍ତରୀୟ କଳା ଦିବସ ପାଳନ କରାଯାଇଥିଲା । ଶତାଧିକ କର୍ମୀ ସ୍ଥାନୀୟ ଶିବ ମନ୍ଦିର ଠାରୁ ପତାକା ଧରି ଗ୍ରାମ ପରିକ୍ରମା କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବସଷ୍ଟାଣ୍ଡ ଦୁର୍ଗା ମଣ୍ଡପ ଠାରେ ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ଭୁଜବଳ ମାଝୀ, ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମପି ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦନ ନାୟକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଉଥିବା କହିଥିଲେ । ତୁରନ୍ତ ସବୁ ମଣ୍ଡିରୁ ଧାନ ଖାଲି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, କୃଷି ଋଣ ଛାଡ ଆଦି ଦାବି କରିଥିଲେ । ଜିଲାକୁ ତୁରନ୍ତ ମରୁଡି ଘୋଷଣା ଲାଗି ଦାବି କରିଥିଲେ। ତହସିଲଦାର ପ୍ରେମଲାଲ ହିଆଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ବ୍ଲକ ସଭାପତି ମେଘନାଦ ବିଶୋୟୀ, ଉଲ୍ଲଧର ମାଝୀ, ଦିଲୀପ କୁମାର ବେହେରା, ନରସିଂହ ଗୌଡ଼, ରଜନୀକାନ୍ତ ସାସମାଲ, ଅଖିଳ ଭତରା, ତୁଳସା ଭତରା, ଶିବପ୍ରସାଦ ଅଗ୍ରୱାଲ, ଅବଦୁଲ ଫିରୋଜ, ଜି ଅନନ୍ତ ମୂର୍ତ୍ତି, ଶେଖ ଆକବର ହୁସେନ , ଇସୱର ମିରଗାନ , ଶଙ୍କର ସାହୁ ଉପସ୍ଥିତ ଥିଲେ ।

## କଳାଦିବସ ପାଳିଲା କଂଗ୍ରେସ

କୋରକୁଣ୍ଡା,୨୬।୧୨-

କୋରକୁଣ୍ଡା ଜୋନାଲ କଂଗ୍ରେସ କଳା ଦିବସ ପାଳନ କରିଛି। ଜୋନ ସଭାପତି ବିନାୟକ ପାତ୍ର, କୋରକୁଣ୍ଡା କିଷାନ ସେଲ୍ ସଭାପତି ଜଗବନ୍ଧୁ ଘେନୁଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଛି। କଂଗ୍ରେସ କର୍ମୀମାନେ କଳାଫିତା ବାନ୍ଧି କୋରକୁଣ୍ଡା ପଞ୍ଚାୟତ ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କଳାପତାକା ଉଡ଼ାଇଥିଲେ। ଏଥିରେ ଆପାରାଓ ଡୁରୁକା, ଡି. ହରିହର , ରାମେଶ୍ୱର ଗୌଡ଼, ବୁଡୁ କେଲଣ, ଆଡ଼ାମ ମାଢ଼ି, ଲାକେ ମାଢ଼ି, ପଡ଼ିଆ ମାଢ଼ି, ମନ୍‌ତେସ ପାଣ୍ଡେ, ରିଙ୍କୁ ଗୌଡ଼, ବି. ପ୍ରଭାକର, ଜି. ବାଲେସ ସାମିଲ ଥିଲେ। ବାର୍ଦ୍ଧକ୍ୟ ଭତ୍ତା ସର୍ବନିମ୍ନ ଏକ ହଜାରକୁ ବୃଦ୍ଧି, କୃଷି ଋଣ ଛାଡ଼, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଦାବି କରାଯାଇଛି।




ବିଜେଡିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା ।

## ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି, ୨୬।୧୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦରମହକୁମାସ୍ଥିତ ଡି.ଏନ.କେ ଖେଳପଡ଼ିଆରେ ବୁଧବାର ବିଜୁ ଜନତା ଦଳର ୨୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମାଲକାନଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ତଥା ବିଧାୟକ ମାନସ ମାଡ଼କାମୀ ଅଧକ୍ଷତା କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ଗଣେଶ ମଣ୍ଡଳ, ସାଧାରଣ ସମ୍ପାଦକ ପ୍ରତିପାଲ ସିଂ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ପଦ୍ମିନୀ ମୁଦୁଲି, ପୂର୍ବତନ ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ମାଲକାନଗିରି ବ୍ଲକ ଅଧକ୍ଷ ଅକ୍ଷୟ ନାୟକ, ପୂର୍ବତନ ଏନଏସି ଅଧକ୍ଷ ଧନୁର୍ଯ୍ୟାୟ ମାଡ଼କାମୀ, ବରିଷ୍ଠ ନେତା ରମେଶ ପଟ୍ଟନାୟକ, ଶରତ ବୁରୁଦା, ଇର୍ମା ପଡ଼ିଆମୀ ପ୍ରମୁଖ ଯୋଗଦେଇଥିଲେ।

## ଭାଜପା ପକ୍ଷରୁ ଧାନମଣ୍ଡି ଘେରାଉ



ଘେରାଉରେ ସାମିଲ ହୋଇଥିବା ଭାଜପା ଜିଲା ସଭାପତି ଓ ଅନ୍ୟମାନେ ।

ଚନ୍ଦାହାଣ୍ଡି୨୬।୧୨(ଡି.ଏନ.ଏ)-

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଧାନ ମଣ୍ଡିକୁ ବୁଧବାର ଭାଜପା ନେତାମାନେ ଘେରାଉ କରିଥିଲେ। ମଣ୍ଡିରେ ହେଉଥିବା ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାରୀ ଚାଷୀଙ୍କ ଧାନ ନ କାଟିବା ପାଇଁ ତାଗିଦ , ମଣ୍ଡିରେ ଚାଷୀଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବା ଏବଂ ଖାଲି ଧାନ ବସ୍ତା ଫେରାଇବା ପାଇଁ କୁହାଯାଇଥିଲେ ମଧ ଏଠାରେ ଏହା ପାଳନ କରୁ ନ ଥିବାରୁ ଭାଜପା ପକ୍ଷରୁ ଅସନ୍ତୋଷ ପ୍ରକାଶ କରି ଏମଡିଙ୍କୁ ତାଗିଦ କରିଥିଲେ। କୁଇଣ୍ଟାଲ ପିଛା ଅଢେଇ କିଲୋ ଧାନ କଟା ଯାଉଥିବାରୁ ଏହାକୁ ଭାଜପା ବିରୋଧ କରୁଛି ବୋଲି କୁହାଯାଇଥିଲା। ଏହି ଘେରାଉ ସମୟରେ ଭାଜପା ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ଜିଲା ପରିଷଦ ସଭ୍ୟ ଶ୍ୟାମ ମାଝି, ଭାଜପା ନେତା ମନଧର ଧୁରୁଆ, ମଣ୍ଡଳ ସଭାପତି ପ୍ରତାପ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାବଲମ୍ବୀ ସମ୍ବନ୍ଧୀୟ ସଚେତନତା ଶିବିର

ଝରିଗାଁ,୨୬।୧୨(ସ୍ୱ.ପ୍ର)-

ଝରିଗାଁ ବ୍ଲକର ଶିକ୍ଷିତ ଯୁବତୀଯୁବକମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିନେଇ ପଞ୍ଚାୟତ ସମିତି ସଭାଗୃହରେ ଠାରେ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏମପି ବଳଭଦ୍ର ମାଝୀ ଯୋଗ ଦେଇଥିଲେ। ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଡିପିଓ ଭି. ବାସନ୍ତି ପଣ୍ଡା, ଏମପିଙ୍କ ବ୍ଲକ ପ୍ରତିନିଧି ଉଦୟନାଥ ନାୟକ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଆଇଟିଡିଏ ପ୍ରୋଜେକ୍ଟ ମ୍ୟାନେଜର ଗୋବିନ୍ଦ କୁମାର, ଆଇପିଓ ଏ.କେ ପାଲ, ଓଏଲ୍ଏମ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଗୋପାଳକ୍ରିଷ୍ଣା ଦୀପ, ଲିଙ୍ଗରାଜ ଦଣ୍ଡପାଣି, ହାରାବତୀ ଗଣ୍ଡ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ସଚେତନତା ଶିବିର ମାଧ୍ୟମରେ କିପରି ବେକାର ଯୁବତୀଯୁବକମାନେ ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ଏମ୍‌ପି ଗୁରୁତ୍ୱ ପ୍ରଦାନ କରିଥିଲେ।

## ୫ କିଲୋ ଚାଉଳ ପାଇଁ ୧୦ କି.ମି. ଚାଲୁଛନ୍ତି ହିତାଧିକାରୀ

ଗୋବିନ୍ଦପାଲି,୨୬।୧୨-



ପିଡିଏସ ଚାଉଳ ଭାର କରି ବୋହିକୁ ନେଉଛନ୍ତି ହିତାଧିକାରୀ ।

■ ପାହାଡ଼, ପର୍ବତ, ନଦୀ, ଝରଣା ରାସ୍ତାରେ ଯାଉଛନ୍ତି
■ ନିକଟସ୍ଥ ଗ୍ରାମରେ ପିଡିଏସ୍ ଚାଉଳ ଯୋଗାଣ ଦାବି

୫ କି.ଗ୍ରା. ଚାଉଳ ପାଇଁ ହିତାଧିକାରୀଙ୍କୁ ୧୦ କି.ମି. ବାଟ ଚାଲିବାକୁ ପଡୁଛି। ବିପଦସଙ୍କୁଳ ପାହାଡ଼, ପର୍ବତ, ନଦୀ , ଝରଣା ରାସ୍ତା ଦେଇ ଯିବାକୁ ପଡୁଛି। ସମୟେ ସମୟେ ଜଙ୍ଗଲି ଜନ୍ତୁଙ୍କୁ ସାମ୍ନା ମଧ କରିବାକୁ ପଡୁଛି। ହିତାଧିକାରୀମାନେ ପିଡିଏସ୍ ଚାଉଳ ଆଣି ଫେରିବା ବେଳକୁ ସନ୍ଧ୍ୟା ହୋଇଯାଉଛି। ଏମିତି ଅବସ୍ଥାରେ ଚାଉଳ ଆଣିବାକୁ ହିତାଧିକାରୀ ଯାଉଛନ୍ତି। କିନ୍ତୁ ଏଥିପ୍ରତି ପ୍ରଶାସନର କୌଣସି ନିଘା ନାହିଁ। ଏଭଳି ସମସ୍ୟା ମାଓବାଦୀପ୍ରବଣ ବଡଡ୍ରାଲ ପଞ୍ଚାୟତ ସଦର ମହକୁମାରେ ପିଡିଏସ୍ ଚାଉଳ ହିତାଧିକାରୀ ଭୋଗୁଛନ୍ତି। ବାଲିକୁଣ୍ଡ ,କୁଟୁନିପଦର, ସନୁଗୁଡ଼ା ଆଦି ଅନେକ ଗ୍ରାମରେ ଲୋକେ ଚାଉଳ ପାଇବା ପାଇଁ ପ୍ରତି ମାସରେ ଏହି ସମସ୍ୟାରେ ପଡୁଛନ୍ତି। ଘର ଚଳିବା ପାଇଁ କଷ୍ଟ ଆଦରି ନେବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ସରକାର କୌଣସି ନିକଟସ୍ଥ ଗ୍ରାମ ନିକଟରେ ପିଡିଏସ୍ ଚାଉଳ ଦେବା ବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅନେକ ଥର ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ୫ କି.ଗ୍ରା. ଚାଉଳ ପାଇଁ ହିତାଧିକାରୀଙ୍କୁ ୧୦ କିମି ବାଟ ଚାଲିବା କେତେଦୂର ଠିକ୍ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଙ୍କି ମାରିଛି। ସେହିଭଳି ମାଡ଼କାପଦର ସଦର ମହକୁମା ଗୁମାଝରଣା, ବାଦ୍ରଗୁଡା, ନୁନ୍‌ଖାରି, ମହୁଲପୁଟ ଆଦି ଗ୍ରାମରେ ଲୋକେ ୧୦ କିମିରୁ ଅଧିକ ଦୂର ଯାଇ ପିଡିଏସ୍ ଚାଉଳ ଆଣୁଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ହିଁ ପିଡିଏସ୍ ଚାଉଳ ଯୋଗାଣ ବ୍ୟବସ୍ଥା ରହିଛି। କେବେ ଅନ୍ୟ ସ୍ଥାନରେ ଚାଉଳ ଦେବା ବ୍ୟବସ୍ଥା ହେବ , ସେ ସମ୍ପର୍କରେ ଏଯାଏ କିଛି ପଦକ୍ଷେପ ନିଆଯାଇନି ବୋଲି କହିଛନ୍ତି।

## ଜୟନ୍ତୀନଗର ବନ୍ଧସାହି ରାସ୍ତା ଶୋଚନୀୟ

ଡାବୁଗାଁ,୨୬।୧୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡ଼ଙ୍ଗରିଗୁଡା ପଞ୍ଚାୟତ ଅଧୀନ ଜୟନ୍ତୀନଗର ଗ୍ରାମର ବନ୍ଧସାହିର ଅଙ୍ଗନୱାଡି କେନ୍ଦ୍ର ଠାରୁ ତହସିଲ କଲୋନୀ ଛକ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି । ରାସ୍ତାର ଅଧିକାଂଶ ସ୍ଥାନରେ ୨/୩ ଫୁଟର ଖାଲରେ ପରିପୂର୍ଣ୍ଣ ହୋଇଛି । ଏହି ସାହିରେ ପ୍ରାୟ ୪୦ ଟି ପରିବାର ବସବାସ କରୁଛନ୍ତି। ବର୍ଷାଦିନେ ର ଲୋକମାନେ ବଡ କଷ୍ଟରେ ଯିବାଆସିବା କରିଥାନ୍ତି । ବର୍ତ୍ତମାନ ବର୍ଷା ଦିନ ସରିଯାଇଥିଲେ ମଧ ରାସ୍ତାରେ ଥିବା ଖାଲରେ ପାଣି ରହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏନେଇ ସାହି ବାସିନ୍ଦା ମାନେ ବ୍ଲକ ପ୍ରଶାସନ ଓ ପାଞ୍ଚାୟତ କାର୍ଯ୍ୟାଳୟରେ ବାରମ୍ବାର ଲିଖିତ ଅଭିଯୋଗ କରି ମଧ କୌଣସି ସୁଫଳ ମିଳିନାହିଁ । ଏହି ରାସ୍ତାକୁ ସିମେଣ୍ଟ କଂକ୍ରିଟ ରାସ୍ତା କରାଯିବାକୁ ବନ୍ଧସାହିର ବାସିନ୍ଦା ଦଶରଥ ଧାକଡ, କେଶବ ପାଇକ, କୃତିବାସ ପାଇକ, ଘାସିରାମ ଧାକଡ, ନରସିଂ ଭତ୍ରା, ମହେଶ୍ୱର ଦାସ, ସହଦେବ ଧାକଡ, ବୁଡୁ ଭତ୍ରା ପ୍ରମୁଖ ଦାବି କରିଛନ୍ତି।



ଜୟନ୍ତୀନଗର ଗ୍ରାମର ବନ୍ଧସାହି ରାସ୍ତା ।

# ବିଜେଡି ପ୍ରତିଷ୍ଠା ଦିବସ ପାଳିତ






ନବରଙ୍ଗପୁର ଓ ଚନ୍ଦାହାଣ୍ଡିଠାରେ ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ବିଜେଡି ନେତାମାନେ ।

ନବରଙ୍ଗପୁର/ଚନ୍ଦାହାଣ୍ଡି, ୨୬।୧୨(ବି.ପ୍ର./ଡି.ଏନ.ଏ)- ନବରଙ୍ଗପୁର ଆରସିଡି ହାଇସ୍କୁଲ ପଡିଆ ଠାରେ ବିଜେଡି ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଛି। ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷା ମଞ୍ଜୁଳା ମାଝୀ, ଜିଲା ବିକାଶ ପରିଷଦର ଉପାଧକ୍ଷା ମଞ୍ଜୁଳା ମାଝୀ,ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଯୋଗେନ୍ଦ୍ର ସ୍ୱାଇଁ , ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାରେ ହକି ବିଶ୍ୱକପ ଆୟୋଜିତ କରି ସାରା ବିଶ୍ୱରେ ଓଡିଶାର ସଂସ୍କୃତି ଓ ପରାମ୍ପରାକୁ ବିଶ୍ୱରେ ପହଁଞ୍ଚାଇ ପାରିଛନ୍ତିବୋଲି କହିଥିଲେ। ଜିଲା ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ତାପଷ ତ୍ରିପାଠୀ, ନଗର ସଭାପତି ପ୍ରମୋଦ ରଥ, ଜିଲା ଛାତ୍ର ବିଜେଡି ସଭାପତି ଦିଲୁ ପଣ୍ଡା,ବିଧାୟକ ପ୍ରତିନିଧି ସୁବାଷ ଦାଶ, ସୁନିଲ ସାହୁ, ସମ୍ପାଦକ ରବି ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ବେଦବ୍ୟାସ ଭତ୍ରା, ପ୍ରଶାନ୍ତ ବକ୍ସି, ମତା ନାୟକ, ତେଦାର ନାଥ ତ୍ରିପାଠୀ ପ୍ରମୁଖ ବିଜେଡିର ୨୦ ବର୍ଷର ସଫଳତା ନେଇ ଆଲୋକପାତ କରିଥିଲେ। ଝରିଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ଚନ୍ଦାହାଣ୍ଡି ବ୍ଲକ ସରକାରୀ ପାନାବେଡା ହାଇସ୍କୁଲ ଖେଳ ପଡିଆରେ ବୁଧବାର ଅନୁଷ୍ଠିତ ହୋଇଛି। ବିଜେଡି ବ୍ଲକ ସଭାପତି ଗୌରହରୀ ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ପଛୁଆବର୍ଗ ଜିଲା ସଭାପତି କାର୍ତ୍ତିକ ବାଘ, ବିଜେଡି ଜିଲା ସଂଯୋଜକ ପ୍ରମୋଦ ପାଢୀ, ମନ୍ତ୍ରୀଙ୍କ ଉମରକୋଟ ବ୍ଲକ ପ୍ରତିନିଧି କାଜାମ ମଦାନି, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ଟିକମ ସିଂ ନାୟକ, ଏମପିଙ୍କ ଝରିଗାଁ ବ୍ଲକ ପ୍ରତିନିଧି ଉଦୟ ନାୟକ, ଚନ୍ଦାହାଣ୍ଡି ବ୍ଲକ ପ୍ରତିନିଧି ପ୍ରଶାନ୍ତ ପାରୀ, ଝରିଗାଁ ବ୍ଲକ ଅଧକ୍ଷ ରମୁଲା ଗଣ୍ଡ, ମନ୍ତ୍ରୀଙ୍କ ଝରିଗାଁ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାଶ, ଚନ୍ଦାହାଣ୍ଡି ପ୍ରତିନିଧି ରୁଷୁ ବାଘ, ଜିଲା ପରିଷଦ ସଭ୍ୟ ସନିନ୍ଦ ଶୋରୀ, ମୋହନ ନାୟକ, ପୂର୍ବତନ ବ୍ଲକ ଅଧକ୍ଷା ଦୌପଦୀ ଶୋରୀ, ଚମ୍ପା ପୂଜାରୀ, ନୃସିଂହ ମାଝି, ନିର୍ବାଚନ ମଣ୍ଡଳ ସଭାପତି ପ୍ରଦୀପ କୁମାର ଗାଉଁଟିଆ, ଉପାଧକ୍ଷା ସୁଭଦ୍ରା ସିହ୍ନା, ଜଗନ୍ନାଥ ସିହ୍ନା, ଜିଲା ଯୁବ ବିଜେଡି ଉପସଭାପତି ପ୍ରକାଶ ଚନ୍ଦ୍ର ମାଝି, ଉମରକୋଟ ବ୍ଲକ ସଭାପତି ଅଜିତ ପ୍ରଧାନ, ଯୁବ ସାପତି ଦେବଜ୍ୟୋତି ପଟ୍ଟନାୟକ,ସଂଖ୍ୟାଲଗୁ ବ୍ଲକ ସଭାପତି ମହମ୍ମଦ ଇକବାଲ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସମ୍ପାଦକ ଯୁବରାଜ ଜଗତ ଓ ଜିଲା ଯୁବ ସମ୍ପାଦକ ବଳରାମ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିବା ପରେ ବିରୋଧୀ ଦଳକୁ ମନ୍ତ୍ରୀ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ତ୍ରିନାଥ ଦାଶ, ହର ପୂଜାରୀ, ଲଛମନ ମାଝି, କୃଷ୍ଣ ପୂଜାରୀ, ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ, ଗମ୍ଭୀର ଚୌହାନ, ଅବନ୍ତୀ ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced.

FOR ANSWERS VISIT : **www.dharitri.com**

## MOCK TEST PAPER # 2

### IITJEE (Main) (MATHEMATICS)

**Time : 1 hour** **Maximum Marks: 120**

**GENERAL INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

**1.** Let $f: R \to R$ be a positive increasing function with $\lim_{x\to\infty}\frac{f(3x)}{f(x)} = 1$. Then $\lim_{x\to\infty}\frac{f(2x)}{f(x)}$ is equal to

(1) 1 (2) $\frac{2}{3}$

(3) $\frac{3}{2}$ (4) 3

**2.** $\int \frac{\sin 4x}{(2013+\sin 2x)^{2014}}dx$

(1) $\frac{(1+\sin 2x)}{2012(2013+\sin 2x)^{2013}}+C$

(2) $\frac{(1-\sin 2x)}{2012(2013+\sin 2x)^{2013}}+C$

(3) $\frac{1+\cos 2x}{(2013+\sin 2x)^{2013}}$

(4) None of these

**3.** If $f: (-1, 1) \to R$ be a differentiable function with $f(0) = -1$ and $f'(0) = 1$.

Let $g(x) = \left[f\{2f(x)+2\}\right]^2$.

Then $g'(0)$ is equal to

(1) 4 (2) –4

(3) 0 (4) –2

**4.** Two numbers m and n are chosen at random from the numbers 1, 2, 3, 4,......10. The probability that $(m^2 - n^2)$ is divisible by 3 is:

(1) $\frac{7}{15}$ (2) $\frac{8}{15}$

(3) $\frac{2}{7}$ (4) $\frac{5}{7}$

**5.** Let f(x) be a polynomial of degree four having extreme values at x = 1 and x = 2. If $\lim_{x\to 0}\left(1+\frac{f(x)}{x^2}\right) = 3$, then f(2) is equal to

(1) –4 (2) 0

(3) 4 (4) –8

**6.** A real root of the equation $|x|e^x = 1$ lies in the interval

(1) (–2, –1) (2) (–1, 0)

(3) (0, 1) (4) (1, 2)

**7.** Let $f: R \to R$ be defined by

$f(x) = \begin{cases} k-2x, & \text{if } x \le -1 \\ 2x+3, & \text{if } x > -1 \end{cases}$.

If f has a local minimum at x = –1, then a possible value of k is

(1) –1 (2) 1

(3) 0 (4) $-\frac{1}{2}$

**8.** The real number k for which the equation $2x^3 + 3x + k = 0$ has two distinct real roots in [0, 1]

(1) lies between 2 and 3

(2) lies between –1 and 0

(3) does not exist

(4) lies between 1 and 2

**9.** Given $f(x) = x^3 - px + q$ where p > 0. Then which one of the following holds ?

(1) The cubic has minima at $-\sqrt{\frac{p}{3}}$ and maxima at $\sqrt{\frac{p}{3}}$

(2) The cubic has minima at both $\sqrt{\frac{p}{3}}$ and $-\sqrt{\frac{p}{3}}$

(3) The cubic has maxima at both $\sqrt{\frac{p}{3}}$ and $-\sqrt{\frac{p}{3}}$

(4) The cubic has minima at $\sqrt{\frac{p}{3}}$ and maxima at $-\sqrt{\frac{p}{3}}$

**10.** If the integral

$\int \frac{5\tan x}{(\tan x - 2)}dx = x + a\ln|\sin x - 2\cos x| + K$

then 'a' is equal to

(1) –1 (2) –2

(3) 1 (4) 2

**11.** If $f(x) = \min\{1, x^2, x^3\}$, then $f'(1)$ is

(1) 0 (2) 2

(3) 3 (4) Non-existent

**12.** The solution to the differential equation

$(1+y^2)+\left(x-e^{\tan^{-1}y}\right)\frac{dy}{dx} = 0$ is

(1) $(x-2) = ke^{-\tan^{-1}y}$

(2) $2xe^{\tan^{-1}y} = e^{2\tan^{-1}y}+k$

(3) $xe^{\tan^{-1}y} = \tan^{-1}y + k$

(4) $xe^{2\tan^{-1}y} = e^{\tan^{-1}y}+k$

**13.** If $f(x+y) = 2f(x)\times f(y)$, f is differentiable and f(2) = 8 then $f'(3)$ equals

(1) 64 (In 2) (2) 128 (In 2)

(3) 256 (In 2) (4) 1024 (In 2)

**14.** If $\lim_{x\to\infty}\left\{\frac{x^2+x+1}{x+1}-ax-b\right\} = 4$ then

(1) a = 1, b = 4 (2) a = 1, b = –4

(3) a = 2, b = –3 (4) a = 2, b = 3

**15.** If $g(x) = 1 - x^{1/3}$ and $(fog)(x) = 2 + 5x^{1/3} - x^{2/3} - x$, then the maximum value of f(x) in [–1, 3.5] is

(1) 0 (2) 1

(3) 5 (4) 7

**16.** $\lim_{n\to\infty}\sum_{r=1}^{2n}\frac{r}{\sqrt{n^2+r^2}}\cdot\frac{1}{n}$ is equal to

(1) $\sqrt{2}-1$ (2) $\sqrt{5}-1$

(3) $\sqrt{2}+1$ (4) $\sqrt{5}+1$

**17.** $\int\left[\frac{(\log x - 1)}{1+(\log x)^2}\right]^2 dx$ is equal to

(1) $\frac{xe^x}{(1+x^2)}+C$ (2) $\frac{x}{(\log x)^2+1}+C$

(3) $\frac{\log x}{(\log x)^2}+C$ (4) $\frac{x}{x^2+1}+C$

**18.** The D.E. $\frac{d^2y}{dx^2} = 0$ represents a family of

(1) straight lines in the plane

(2) concentric circles in the plane

(3) circles in the plane

(4) parabolas in the plane

**19.** The population p(t) at time t of a certain mouse species satisfies the D.E. $\frac{dp}{dt} = 0.5p - 450$. If p(0) = 850, then the time at which the population becomes zero, is

(1) $\frac{1}{2}$In 18 (2) In 18

(3) 2In 18 (4) In 9

**20.** The integral

$\int_2^4 \frac{\log(x^2)}{\log(x^2)+\log(36-12x+x^2)}dx$ is equal to

(1) 4 (2) 1

(3) 6 (4) 2

**21.** The area of the region bounded by the curves y = | x – 1| and y = 3 – |x| is:

(1) 6 sq. units (2) 2 sq. units

(3) 3 sq. units (4) 4 sq. units

**22.** If $\vec{a} = \frac{1}{\sqrt{10}}(3\hat{i}+\hat{k})$ and $\vec{b} = \frac{1}{7}(2\hat{i}+3\hat{j}-6\hat{k})$, then the value of

$(2\vec{a}-\vec{b})\cdot\left[(\vec{a}\times\vec{b})\times(\vec{a}+2\vec{b})\right]$:

(1) –3 (2) 5

(3) 3 (4) –5

**23.** In a binomial distribution $B\left(n, p = \frac{1}{4}\right)$, if the probability of atleast one success is greater than or equal to 9/10, then least value of n is: (where [ ] denotes the greatest integer function)

(1) $[\log_{4/3}10]$

(2) $\left[\frac{1}{\log_{10}4+\log_{10}3}\right]$

(3) $[\log_{4/3}10]+1$

(4) $\left[\frac{1}{\log_{10}4+\log_{10}3}\right]+1$

**24.** If the position vectors of the vertices of a triangle are $\vec{a}, \vec{b}$ and $\vec{c}$ respectively, then its area is:

(1) $\frac{1}{2}\left|(\vec{a}\times\vec{b})+(\vec{b}\times\vec{c})+(\vec{c}\times\vec{a})\right|$

(2) $8\left|(\vec{a}\times\vec{b})+(\vec{b}\times\vec{c})+(\vec{c}\times\vec{a})\right|$

(3) $\frac{3}{2}\left|(\vec{a}\times\vec{b})+(\vec{b}\times\vec{c})+(\vec{c}\times\vec{a})\right|$

(4) $3\left|(\vec{a}\times\vec{b})+(\vec{b}\times\vec{c})+(\vec{c}\times\vec{a})\right|$

**25.** If the volume of the parallelepiped having $(\vec{a}\times\vec{b})$; and $(\vec{b}\times\vec{c})$ and $(\vec{c}\times\vec{a})$ as coterminous edges is 8 cubic units, then the volume of the parallelepiped $(\vec{b}+\vec{c}),(\vec{c}+\vec{a})$ and $(\vec{a}+\vec{b})$ is coterminous edges is

(1) $4\sqrt{2}$ (2) 16

(3) 64 (4) 256

**26.** An angle between the line

$\vec{r} = (\hat{i}+2\hat{j}-3\hat{k})+\lambda(2\hat{i}+\hat{j}-2\hat{k})$ and

the plane $\vec{r}\cdot(\hat{i}+\hat{j})+4 = 0$, is

(1) 0 (2) $\frac{\pi}{6}$

(3) $\frac{\pi}{4}$ (4) $\frac{\pi}{2}$

**27.** The equation of a plane passing through the point (2, 2, 1) and (9, 3, 6) and perpendicular to the plane 2x + 6y + 6z – 1 = 0 is

(1) 3x + 4y + 5z – 19 = 0

(2) 3x + 4y – 5z + 9 = 0

(3) 3x – 4y + 5z + 3 = 0

(4) 3x + 4y – 5z – 9 = 0

**28.** 6 girls and 5 boys sit together randomly in a row. The probability that no two boys sit together is

(1) $\frac{6!5!}{11!}$ (2) $\frac{6!6!}{11!}$

(3) $\frac{6!7!}{2!11!}$ (4) $\frac{5!7!}{2!11!}$

**29.** Three integers are selected at random from the first 20 integers. The probability that their product is even, is

(1) $\frac{1}{2}$ (2) $\frac{17}{19}$

(3) $\frac{15}{38}$ (4) $\frac{27}{38}$

**30.** The value of 'p' and 'q' for which the function

$f(x) = \begin{cases} \frac{\sin(p+1)x+\sin x}{x}, & x < 0 \\ q, & x = 0 \\ \frac{\sqrt{(x+x^2)}-\sqrt{x}}{x^{3/2}}, & x > 0 \end{cases}$

is continuous for all x in R, are

(1) $p = \frac{5}{2}, q = \frac{1}{2}$

(2) $p = -\frac{3}{2}, q = \frac{1}{2}$

(3) $p = \frac{1}{2}, q = \frac{3}{2}$

(4) $p = \frac{1}{2}, q = -\frac{3}{2}$

**For Answers visit: www.dharitri.com**

Vidyamandir Classes
GURUKUL FOR IITJEE AND MEDICAL PREPARATION

**NATIONAL ADMISSION cum SCHOLARSHIP TEST ON 30th DECEMBER 2018**
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ସାମାଜିକ, ଅର୍ଥନୈତିକ, ରାଜନୈତିକ, ନ୍ୟାୟିକ ଘଟଣାବଳୀ ସହ ପରିବେଶ ଓ ଜୀବଜନ୍ତୁ ସମ୍ବନ୍ଧୀୟ ଖବର ୨୦୧୮କୁ ଚଳଚଞ୍ଚଳ କରି ରଖିଥିଲା । ସେହିସବୁ ଘଟଣାକୁ ନେଇ ଧରିତ୍ରୀର କାର୍ଟୁନ୍ ସ୍ପେସ୍ ଭରପୂର ହୋଇଥିଲା । ସେଥିମଧ୍ୟରୁ ପାଠିକାପାଠକଙ୍କୁ ଆନ୍ଦୋଳିତ କଲାଭଳି କିଛି ବ୍ୟଙ୍ଗଚିତ୍ରକୁ ଏଠାରେ ସ୍ଥାନିତ କରାଯାଇଛି ।

–କାର୍ଟୁନିଷ୍ଟ: ଉତ୍କଳ ଗୌରବ
























































“କେନ୍ଦ୍ର ସରକାର ଯଥାଶୀଘ୍ର ଇ-କମର୍ସ ନୀତି ଘୋଷଣା କରନ୍ତୁ ଏବଂ ଏହି ଉଦ୍ୟୋଗ ଉପରେ ତୀକ୍ଷ୍ଣ ନଜର ରଖନ୍ତୁ।
– ପ୍ରବୀଣ ଖଣ୍ଡେଲୱାଲ୍, ସେକ୍ରେଟାରୀ ଜେନେରାଲ, ସିଏଆଇଟି



“ଆଲୁମିନିୟମର ଆମଦାନୀ ଶୁଳ୍କ ବଢ଼ାଇବାକୁ ବାଣିଜ୍ୟ ମନ୍ତ୍ରଣାଳୟ ଚାହୁଁଛି। ଏହାଦ୍ୱାରା ଘରୋଇ ଉଦ୍ୟୋଗକୁ ସହାୟତା ମିଳିବ।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

## ସଂକ୍ଷେପରେ

### ୨୯ପରେ ଟିଭି ପ୍ରସାରଣ ସେବା ପ୍ରଭାବିତ ହେବନି:ଟ୍ରାଇ

ନୂଆଦିଲ୍ଲୀ,୨୬-୧୨: କେବୁଲ ଅପରେଟର ଓ ଡିଟିଏଚ୍ ସେବା ଯୋଗାଣକାରୀଙ୍କ ଲାଗି ଏହାର ନିୟାମକ ଟେଲିକମ୍ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ପକ୍ଷରୁ ନୂଆ ନିୟମ ଲାଗୁ କରାଯାଇଛି। ଏହା ଚଳିତ ମାସ ୨୯ରୁ କାର୍ଯ୍ୟକାରୀ ହେବ। ତେବେ ଏଥିଯୋଗୁ ଏହି ଦିନଠାରୁ ଟିଭି ସେବା ପ୍ରଭାବିତ ହେବ ନାହିଁ ବୋଲି ଟ୍ରାଇ ପକ୍ଷରୁ କୁହାଯାଇଛି। ଟ୍ରାଇର ନୂଆ ଚ୍ୟାନେଲ ଦର ନିର୍ଦ୍ଧାରଣ ଓ ନିୟମ ଯୋଗୁ ଆସନ୍ତା ୨୯ରୁ ଟିଭି ପ୍ରସାରଣ ପ୍ରଭାବିତ ହେବ ବୋଲି ବିଭିନ୍ନ ସୋସିଆଲ ମିଡିଆରେ ଖବର ପ୍ରଚାରିତ ହେବାରେ ଲାଗିଛି। ଏହାକୁ ଗୁରୁତ୍ୱ ଦେଇ ଟ୍ରାଇ ପକ୍ଷରୁ ବୁଧବାର ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ନୂଆ ରେଗୁଲେଟର ଫ୍ରେମୱାର୍କ ଟିଭି ସେବାରେ ବାଧକ ହେବ ନାହିଁ। ଆସନ୍ତା ୨୯ରୁ ନୂଆ ଚ୍ୟାନେଲ ଦର ଲାଗୁ କରିବା ଲାଗି ଟ୍ରାଇ ପକ୍ଷରୁ ସମସ୍ତ ମଲ୍ଟି ସର୍ଭିସ ଅପରେଟର(ଏମ୍ଏସ୍ଓ) ଓ କେବୁଲ ଅପରେଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଇ-କମର୍ସ କମ୍ପାନୀଙ୍କ ଲାଗି କଡ଼ାକଡ଼ି ହେଲା ନିୟମ

ନୂଆଦିଲ୍ଲୀ,୨୬-୧୨: କେନ୍ଦ୍ର ସରକାର ବୁଧବାର ଫ୍ଲିପକାର୍ଟ, ଆମାଜନ ଭଳି ଇ-କମର୍ସ କମ୍ପାନୀଙ୍କ ଲାଗି କେତେକ ନିୟମକୁ କଡ଼ାକଡ଼ି କରିଛନ୍ତି। ନିଜର ଅଂଶଧନ ଥିବା କମ୍ପାନୀଙ୍କ ସାମଗ୍ରୀକୁ ଇ-କମର୍ସ କମ୍ପାନୀଗୁଡିକ ଏଣିକି ନିଜ ପ୍ଲାଟଫର୍ମରେ ବିକ୍ରି କରିପାରିବେ ନାହିଁ। କେବଳ ଏତିକି ନୁହେଁ, ଇ-କମର୍ସ କମ୍ପାନୀଗୁଡିକ କୌଣସି ଉତ୍ପାଦକୁ କେବଳ ନିଜର ପ୍ଲାଟଫର୍ମରେ ବିକ୍ରି ଲାଗି ଏହାର ଉତ୍ପାଦକଙ୍କ ସହ ଚୁକ୍ତି କରିପାରିବେ ନାହିଁ ବୋଲି ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ କଟକଣା ଜାରି କରାଯାଇଛି। ଏ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହାଛଡ଼ା ମାର୍କେଟପ୍ଲେସ କମ୍ପାନୀଗୁଡିକ କ୍ୟାଶ୍‌ବ୍ୟାକ୍ ଦେବା ବେଳେ ଭେଦଭାବ ନ ରଖିବାକୁ କୁହାଯାଇଛି। ପିଛିଲା ବର୍ଷରେ ଗାଇଡଲାଇନକୁ କିପରି ପାଳନ କରାଯାଇଛି ସେ ସମ୍ପର୍କରେ ଜଣାଇ ପ୍ରତିବର୍ଷ ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ଇ-କମର୍ସ କମ୍ପାନୀଗୁଡିକ ସେମାନଙ୍କ ଅଡିଟ ରିପୋର୍ଟକୁ ରିଜର୍ଭ ବ୍ୟାଙ୍କରେ ଜମା କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

### ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବୀମା କମ୍ପାନୀଙ୍କ ଅଡିଟ ରିପୋର୍ଟ ଯାଞ୍ଚ କରୁଛି ସିଭିସି

ନୂଆଦିଲ୍ଲୀ,୨୬-୧୨: ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡିକରେ ଠକେଇ ଦିନକୁ ଦିନ ବଢୁଥିବାରୁ ଏ ସମ୍ପର୍କରେ ଜାଣିବା ଲାଗି କେନ୍ଦ୍ରୀୟ ସତର୍କତା ଆୟୋଗ(ସିଭିସି) ସେମାନଙ୍କର ଅଡିଟ ରିପୋର୍ଟକୁ ଯାଞ୍ଚ କରିବା ଆରମ୍ଭ କରିଛି। ଜଣେ ଅଧିକାରୀ ବୁଧବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଭିଜିଲାନ୍ସ କମିଶନର ଟି.ଏମ୍ ଭସିନ କହିଛନ୍ତି ଯେ, ସିଭିସି ସେଣ୍ଟ୍ରାଲ ଷ୍ଟାଚୁଟୋରି ରିପୋର୍ଟ, କନକରେଣ୍ଟ ଅଡିଟର୍ସ ରିପୋର୍ଟ ଏବଂ ଅନ୍ୟ ଅଡିଟର ରିପୋର୍ଟଗୁଡିକୁ ଯାଞ୍ଚ କରିବା ଆରମ୍ଭ କରିଛି। ଏଗୁଡିକର ଯାଞ୍ଚ ପରେ ରହିଯାଉଥିବା ତ୍ରୁଟିବିଚ୍ୟୁତିକୁ ଠିକ୍ କରିବା ଲାଗି ଏହା ପରାମର୍ଶ ଦେବ। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୫-୧୬ ଓ ୨୦୧୭-୧୮ରେ ବ୍ୟାଙ୍କଗୁଡିକରେ ବହୁ ଠକେଇ ମାମଲା ସାମ୍ନାକୁ ଆସିଛି। ୨୦୧୭-୧୮ରେ ବାଣିଜ୍ୟିକ ବ୍ୟାଙ୍କ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ୮୮୦୨ଟି ଠକେଇ ମାମଲା ଧରାପଡିଛି। ୨୦୧୬-୧୭ରେ ଏହା ୭୭୯୪ ଓ ୨୦୧୫-୧୬ରେ ଏହା ୭୪୮୨ ଥିଲା। ବ୍ୟାଙ୍କଗୁଡିକ ଠକେଇ ଧରିବା ପରେ ଏହା ଉପରେ ରିଜର୍ଭ ବ୍ୟାଙ୍କ ନଜର ରଖିଥାଏ।

### ଆସନ୍ତାବର୍ଷ ଆଇଟି, ଷ୍ଟାର୍ଟଅପ୍‌ରେ ୫ ଲକ୍ଷ ନିଯୁକ୍ତି:ପାଇ

ନୂଆଦିଲ୍ଲୀ,୨୬-୧୨: ଆସନ୍ତା ବର୍ଷ ଦେଶର ସୂଚନା ପ୍ରଯୁକ୍ତି(ଆଇଟି) ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ୫ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। କାରଣ ଏ କ୍ଷେତ୍ରରେ ପାଠ୍ୟକ୍ରମ ଶେଷ କରିଥିବା ନୂଆ ପ୍ରାର୍ଥୀଙ୍କ ଚାହିଦା ବୃଦ୍ଧି ପାଇବ। ଇନଫୋସିସ୍‌ର ପୂର୍ବତନ ମୁଖ୍ୟ ଅର୍ଥ ଅଧିକାରୀ ମୋହନଦାସ ପାଇ ଏହା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଆଇଟି ଉଦ୍ୟୋଗରେ ପ୍ରାରମ୍ଭିକ ସ୍ତରର କର୍ମଚାରୀଙ୍କ ବେତନ ଚଳିତ ବର୍ଷ ୨୦ପ୍ରତିଶତ ବଢ଼ିଛି। ଗତ ୭ ବର୍ଷ ହେଲା ଏହା ସ୍ଥିର ରହିବା ପରେ ଦରମା ବୃଦ୍ଧି ପାଇବା ବିଶେଷ ପ୍ରଣିଧାନ ଯୋଗ୍ୟ। ଦେଶର ଆଇଟି ଉଦ୍ୟୋଗ ପୁନର୍ବାର ଅଭିବୃଦ୍ଧି ରାସ୍ତାରେ ପାଦଥାପିଛି। ପାଇଙ୍କ ମତରେ ହାଇଦ୍ରାବାଦ ନୂଆ ପିଢ଼ିର କମ୍ପାନୀଙ୍କ ଲାଗି ପସନ୍ଦର ସ୍ଥାନ ପାଲଟିବାରେ ଲାଗିଛି। ଉନ୍ନତ ଭିତ୍ତିଭୂମି ଢାଞ୍ଚା ମିଳିବା ଏଥିପାଇଁ ପ୍ରମୁଖ କାରଣ ହୋଇପାରେ ବୋଲି ପାଇ କହିଛନ୍ତି।

# ବ୍ୟାଙ୍କିଙ୍ଗ୍ କାରବାର ଠପ୍

ଭୁବନେଶ୍ୱର ,୨୬-୧୨

ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ଏବଂ ଦେନା ବ୍ୟାଙ୍କର ମିଶ୍ରଣକୁ ବିରୋଧ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ୯ ସଂଘ ପକ୍ଷରୁ ବୁଧବାର ଦିଆଯାଇଥିବା ଧର୍ମଘଟ ଡାକରାରେ ସାରା ଦେଶରେ ବ୍ୟାଙ୍କ କାରବାର ଠପ୍ ହୋଇଯାଇଛି। ବ୍ୟାଙ୍କ ସଂଘଗୁଡ଼ିକୁ ନେଇ ଗଠିତ ୟୁନାଇଟେଡ୍ ଫୋରମ ଫର୍ ବ୍ୟାଙ୍କ ୟୁନିୟନ(ୟୁଏଫ୍‌ବିୟୁ)ର ଏହି ଧର୍ମଘଟରେ ସାରା ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ। ବେସରକାରୀ ବ୍ୟାଙ୍କଗୁଡ଼ିକର ସହଯୋଗ ମଧ୍ୟ ଧର୍ମଘଟରେ ଦେଖିବାକୁ ମିଳିଥିଲା। ଏଥିରେ ଓଡ଼ିଶାର ପ୍ରାୟ ୬୫ରୁ ୭୦ ହଜାର ବ୍ୟାଙ୍କ ଅଧିକାରୀ ତଥା କର୍ମଚାରୀ ସାମିଲ ହୋଇ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରିଥିଲେ। କର୍ମଚାରୀମାନେ ବ୍ୟାଙ୍କ ସାମ୍ନାରେ ଧାରଣା ଦେବାର ଦେଖାଯାଇଥିଲା। ସୂଚନାଯୋଗ୍ୟ, ବ୍ୟାଙ୍କ ମିଶ୍ରଣ ସହ ବେତନ ସଂଶୋଧନ ନେଇ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ୍ସ (ଏଆଇବିଓସି) ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲା।

- ରାଜ୍ୟରେ ବନ୍ଦ ରହିଲା ୩,୫୦୦ରୁ ଊର୍ଦ୍ଧ୍ୱ ଶାଖା
- ପ୍ରାୟ ୭୦ ହଜାର ଅଧିକାରୀ କର୍ମଚାରୀ ସାମିଲ
- ୧୦ ହଜାର କୋଟି ଟଙ୍କାର କାରବାର ପ୍ରଭାବିତ



“ୟୁନାଇଟେଡ୍ ଫୋରମ ଫର୍ ବ୍ୟାଙ୍କ ୟୁନିୟନ(ୟୁଏଫବିୟୁ)ର ଏହି ଧର୍ମଘଟରେ ସାରା ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ।

ଗତ ୨୧ ତାରିଖ ପରଠାରୁ ବ୍ୟାଙ୍କ ମାତ୍ର ଗୋଟିଏ ଦିନ ଖୋଲାଥିବାରୁ ଲୋକମାନେ ବିଭିନ୍ନ ସେବା ପାଇଁ ନାନା ଅସୁବିଧା ସାମ୍ନା କରିଛନ୍ତି। ଚତୁର୍ଥ ଶନିବାର ଏବଂ ରବିବାର ବ୍ୟାଙ୍କ ଛୁଟି ରହିଥିଲା। ଲଗାତର ଭାବେ ୩ ଦିନ ବନ୍ଦ ରହିବା ପରେ ସୋମବାର ବ୍ୟାଙ୍କ ଖୋଲିଥିଲା। ମଙ୍ଗଳବାର ବଡଦିନ ଏବଂ ବୁଧବାର ଧର୍ମଘଟ ଯୋଗୁ ବ୍ୟାଙ୍କ ବନ୍ଦ ରହିଥିଲା। ସେବାରେ ବ୍ୟାଘାତ ଘଟିବାରୁ ଦୀର୍ଘ ଦିନ ଧରି ବ୍ୟାଙ୍କିଙ୍ଗ ସେବା ପାଇଁ ଲୋକମାନେ ହଇରାଣ ହୋଇଥିବାର ଦେଖାଯାଇଛି। ଜମା, ଉଠାଣ, ଚେକ୍ କ୍ଲିୟରାନ୍ସ, ଡିମାଣ୍ଡ ଡ୍ରାଫ୍ଟ ଭଳି ଅନ୍ୟାନ୍ୟ ସେବା କ୍ଷେତ୍ରରେ ଗ୍ରାହକ ଅସୁବିଧା ସାମ୍ନା କରିଛନ୍ତି। ସେହିଭଳି ବାଣିଜ୍ୟିକ ଟ୍ରାଞ୍ଜାକଶନରେ ମଧ୍ୟ ବାଧା ଉପୁଜିଛି। ଏହା ସତ୍ତ୍ୱେ ଲୋକମାନେ କିଭଳି ଭାବେ ହଇରାଣ ନ ହେବେ ତାକୁ ଧ୍ୟାନରେ ରଖି ବ୍ୟାଙ୍କଗୁଡ଼ିକ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ଲାଗି ବାହାର ଏଜେନ୍ସି ନିଯୁକ୍ତି କରିଥିବା ଶିଳ୍ପ ସୂତ୍ରରୁ ପ୍ରକାଶ। ବ୍ୟାଙ୍କ ମିଶ୍ରଣ ପଦକ୍ଷେପ ଯୋଗୁ ବଡ଼ ବଡ଼ କର୍ପୋରେଟ ଋଣକୁ ସରକାର ବାଦ୍ ଦେବାକୁ ଚେଷ୍ଟା କରୁଛନ୍ତି। ଏହା ବ୍ୟାଙ୍କ ତଥା ଗ୍ରାହକଙ୍କର କୌଣସି ହିତ ସାଧନ କରିବ ନାହିଁ ସଂଘ ପକ୍ଷରୁ ଦାବି ହୋଇଛି। ମିଶ୍ରଣ ଦ୍ୱାରା ଏନ୍‌ପିଏ ଅସୁଲ କରିବାକୁ ସରକାର କହୁଛନ୍ତି। ମାତ୍ର ଏଭଳି ନିଷ୍ପତ୍ତି ଦ୍ୱାରା ଏନ୍‌ପିଏରେ କୌଣସି ହ୍ରାସ ଘଟିବ ନାହିଁ ବୋଲି ୟୁଏଫ୍‌ବିୟୁର ଓଡ଼ିଶା ଆବାହକ ସମ୍ମିତ ମିଶ୍ର କହିଛନ୍ତି। ଏସ୍‌ବିଆଇ ସହ ଏହାର ୬ ସହଯୋଗୀ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୧୦୦୦ ଶାଖା ବନ୍ଦ କରି ଦିଆଗଲା। ଫଳରେ କର୍ମଚାରୀଙ୍କ ନିଯୁକ୍ତି ପ୍ରଭାବିତ ହେବାର ନଜିର ରହିଛି। ମିଶ୍ରଣ ଦ୍ୱାରା ବ୍ୟାଙ୍କ ଏବଂ ଗ୍ରାହକ କୌଣସି ଫାଇଦା ପାଇବେ ନାହିଁ ବୋଲି ଥିବା ମିଶ୍ର କହିଛନ୍ତି।

ଧର୍ମଘଟ ଦ୍ୱାରା ରାଜ୍ୟର ରାଷ୍ଟ୍ରାୟତ୍ତ ତଥା ଘରୋଇ ବ୍ୟାଙ୍କର ପ୍ରାୟ ୩,୫୦୦ରୁ ଊର୍ଦ୍ଧ୍ୱ ଶାଖା ବନ୍ଦ ରହିଥିବା ଏଆଇବିଓସିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ନନ୍ଦ ସୂଚନା ଦେଇଛନ୍ତି। ସେହିଭଳି ୧୦,୦୦୦ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଥିବା ସେ କହିଛନ୍ତି।

■ରିଜର୍ଭ ବ୍ୟାଙ୍କରେ ଗଚ୍ଛିତ ଅର୍ଥ

## ବିମଳ ଜଲାନଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ

ନୂଆଦିଲ୍ଲୀ,୨୬-୧୨

ରିଜର୍ଭ ବ୍ୟାଙ୍କରେ କେତେ ବଳକା ଅର୍ଥ ଗଚ୍ଛିତ ରଖାଯିବ ଓ ଏହା କେନ୍ଦ୍ର ସରକାରଙ୍କୁ କେତେ ଅର୍ଥ ପ୍ରଦାନ କରିବ ସେ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ପୂର୍ବତନ ଗଭର୍ନର ବିମଳ ଜଲାନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୬ ଜଣ ସଦସ୍ୟ ରହିଛନ୍ତି। ପୂର୍ବତନ ସଚିବ ରାକେଶ ମୋହନ ଏହାର ଭାଇସ୍ ଚେୟାର ରହିବେ। ଇକନୋମିକ କ୍ୟାପିଟାଲ ଫ୍ରେମୱାର୍କ ସଂକ୍ରାନ୍ତରେ ଗଠିତ ବିଶେଷଜ୍ଞ କମିଟି ପ୍ରଥମ ବୈଠକର ୯୦ ଦିନ ଭିତରେ ତାଙ୍କର ରିପୋର୍ଟ ପ୍ରଦାନ କରିବେ। ରିଜର୍ଭ ବ୍ୟାଙ୍କର ବଳକା ଅର୍ଥ ପ୍ରଦାନକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ନଭେମ୍ବର ୧୯ ବୋର୍ଡ ବୈଠକରେ ଏଭଳି ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କମିଟିରେ ଜଲାନ୍ ଓ ଡ.ରାକେଶ ମୋହନଙ୍କ ବ୍ୟତୀତ ଭରତ ଯୋଶୀ, ସୁଧୀର ମଙ୍କଡ, ସୁଭାଷ ଚନ୍ଦ୍ର ଗର୍ଗ, ଏନ.ଏସ ବିଶ୍ୱନାଥନ୍ ରହିଛନ୍ତି।

## ସ୍ଥାନୀୟ ଭାଷାରେ ଘୋଷଣା କରିବେ ବିମାନବନ୍ଦର କର୍ତ୍ତୃପକ୍ଷ

ନୂଆଦିଲ୍ଲୀ,୨୬-୧୨

ଯେକୌଣସି ଘୋଷଣା କରିବାକୁ ଚାହିଁଲେ ବିମାନବନ୍ଦର କର୍ତ୍ତୃପକ୍ଷ ପ୍ରଥମେ ସ୍ଥାନୀୟ ଭାଷା ପ୍ରୟୋଗ କରିବେ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ ଲାଗି ଭାରତୀୟ ବିମାନ ପରିଚାଳନା କର୍ତ୍ତୃପକ୍ଷ(ଏଏଆଇ)କହିଛନ୍ତି। ଘରୋଇ ବିମାନ କମ୍ପାନୀମାନେ ମଧ୍ୟ ଏହାକୁ ମାନିବାକୁ ବାଧ୍ୟ। ପ୍ରଥମେ ସ୍ଥାନୀୟ ଭାଷା ଓ ପରେ ହିନ୍ଦୀ କିମ୍ବା ଇଂଲିଶ୍‌ରେ ଘୋଷଣା କରାଯାଇପାରେ ବୋଲି ପ୍ରଭୁ ନିର୍ଦ୍ଦେଶ ଦେଇସାରିଛନ୍ତି। ୨୦୧୬ରେ ମଧ୍ୟ ଏଏଆଇ ପକ୍ଷରୁ ଏକ ସର୍କୁଲାର ଜାରି କରି କୁହାଯାଇଥିଲା। କିନ୍ତୁ ତାହା ଯଥାଯଥ ପାଳନ କରାଯାଉନାହିଁ।

## ଟୁହ୍ୱିଲର୍ସ ପରିବହନ ଲାଗି ଜଳପଥ ବ୍ୟବହାର କଲା ହୋଣ୍ଡା



ନୂଆଦିଲ୍ଲୀ,୨୬-୧୨

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ଏହାର ଦୁଇ ଚକିଆ ଯାନ ପରିବହନ ଲାଗି ଜଳପଥର ବ୍ୟବହାର କରିଛି। ଏଥି ଲାଗି କମ୍ପାନୀ ଅନ୍ତର୍ଦ୍ଦେଶୀୟ ଜଳପଥକୁ ବ୍ୟବହାର କରିଛି। ନିକଟରେ ଗୁଜରାଟରେ ଆରମ୍ଭ ହୋଇଥିବା ରୋଲ ଅନ୍ ରୋଲ ଅଫ୍ (ରୋ-ରୋ) ଘୋଘା ଦହେଜ ଫେରୀ ସେବାକୁ ଯାନ ପରିବହନ ଲାଗି କମ୍ପାନୀ ବ୍ୟବହାର କରିଛି। ଉକ୍ତ ସେବା ବ୍ୟବହାରରେ ହୋଣ୍ଡା ପ୍ରଥମ କମ୍ପାନୀ। ଅନ୍ତର୍ଦ୍ଦେଶୀୟ ଜଳପଥରେ ପରିବହନ ଏବଂ ସ୍ଥଳ ପଥରେ ପରିବହନ ଜନିତ ପ୍ରଦୂଷଣକୁ ହ୍ରାସ କରିବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। କମ୍ପାନୀ ନର୍ସାପୁରା କାରଖାନାରୁ ଗୁଜରାଟର ଦହେଜ ପର୍ଯ୍ୟନ୍ତ ସଡ଼କ ପଥରେ ଗାଡ଼ିଗୁଡ଼ିକୁ ଆଣିବା ସହ ସେଠାରୁ ରୋରୋ ଫେରୀ ଦ୍ୱାରା ଘୋଘା ପଠାଯାଇଥିଲା। ଗାଡ଼ିଗୁଡ଼ିକୁ ଗୁଜରାଟର ଭାବନଗରଠାରେ ଥିବା ହୋଣ୍ଡା ଡିଲରଶିପକୁ ପହଞ୍ଚା ଯାଇଥିଲା। ପାରମ୍ପରିକ ପରିବହନ ଦ୍ୱାରା ହେଉଥିବା ପ୍ରଦୂଷଣକୁ କମାଇବାକୁ ଯୋଜନା ରହିଥିବା କମ୍ପାନୀର ସେଲ୍‌ସ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି।

## ଏମ୍ଏସ୍ଏମ୍‌ଇଙ୍କୁ ଜିଏସ୍‌ଟିରୁ ମିଳିବ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୬-୧୨

ଜିଏସ୍‌ଟି ଯୋଗୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ(ଏମ୍ଏସ୍ଏମ୍‌ଇ) ଉଦ୍ୟୋଗ ଘୋର ଅସୁବିଧା ଭୋଗୁଛନ୍ତି। ସେମାନଙ୍କୁ ଏଥିରୁ ଆଶ୍ୱସ୍ତି ଦେବା ଲାଗି ଏକ ମନ୍ତ୍ରୀଗୋଷ୍ଠୀ ନୂଆ ସୁପାରିସ କରିବାକୁ ଯାଉଛନ୍ତି। ଏମ୍ଏସ୍ଏମ୍‌ଇଙ୍କ କାରବାର ସୀମାକୁ ୭୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଲାଗି ଏହି ଗୋଷ୍ଠୀ ବିଚାର କରୁଛି। ଏ ସମ୍ପର୍କରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ସୂଚନା ଦେଇଛନ୍ତି। ୨୦ ଲକ୍ଷ ଟଙ୍କା କାରବାର ହେଲେ ଏମ୍ଏସ୍ଏମ୍‌ଇ ଉଦ୍ୟୋଗକୁ ଜିଏସ୍‌ଟି ରିଟର୍ନ ଆଦି ପୂରଣ କରିବାକୁ ପଡିଥାଏ। ତେବେ ଏହି ସୀମାକୁ ୭୫ ଲକ୍ଷ ଟଙ୍କାକୁ ବୃଦ୍ଧି କଲେ ବହୁ ଉଦ୍ୟୋଗ ଜିଏସ୍‌ଟିରୁ ବାଦ୍ ପଡିଯିବେ। ଏହାଦ୍ୱାରା ସେମାନଙ୍କୁ ଆଉ ରିଫଣ୍ଡ ଦେବାକୁ ପଡିବ ନାହିଁ। ସେହିପରି ୫୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା ମଧ୍ୟରେ ସେବା ଯୋଗାଉଥିବା କ୍ଷୁଦ୍ର ସେବା ଯୋଗାଣକାରୀଙ୍କ ଲାଗି ଏକ ସ୍ୱତନ୍ତ୍ର କମ୍ପୋଜିଶନ ସ୍କିମ୍ ଆଣିବାକୁ ମନ୍ତ୍ରୀଗୋଷ୍ଠୀ ବିଚାର କରୁଛି ବୋଲି ସେ କହିଛନ୍ତି। ତେବେ କାରବାର ସୀମା ବୃଦ୍ଧି ଦ୍ୱାରା ପଞ୍ଜୀକୃତ ଉଦ୍ୟୋଗୀଙ୍କ ସଂଖ୍ୟା କମିବ ନାହିଁ କି ସରକାରଙ୍କ ରାଜସ୍ୱ ପ୍ରଭାବିତ ହେବ ନାହିଁ ବୋଲି ମୋଦି ଆଶ୍ୱସ୍ତ କରିଛନ୍ତି।

## ନୂଆବର୍ଷକୁ ଭୁବନେଶ୍ୱର ସେଣ୍ଟ୍ରାଲର ସ୍ୱାଗତ

ଭୁବନେଶ୍ୱର ,୨୬-୧୨

ପ୍ରମୁଖ ଫ୍ୟାଶନ ଡେଷ୍ଟିନେଶନ ଭୁବନେଶ୍ୱର ସେଣ୍ଟ୍ରାଲ ଆକର୍ଷଣୀୟ ଅଫର ସହ ନୂଆ ବର୍ଷକୁ ସ୍ୱାଗତ କରୁଛି। ଏହି ଅବସରରେ ବଲିଉଡ ଅଭିନେତା ସଲ୍‌ମାନ ଖାନଙ୍କ ଜନ୍ମଦିନକୁ ମଧ୍ୟ ଷ୍ଟୋର ପକ୍ଷରୁ ଏକ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରାଯାଉଛି। ଭୁବନେଶ୍ୱରର ଶହୀଦ ନଗରରେ ଥିବା ସେଣ୍ଟ୍ରାଲ ଷ୍ଟୋରରେ ‘ବିଙ୍ଗ୍ ହ୍ୟୁମାନ’ ବ୍ରାଣ୍ଡର ସମସ୍ତ ରେଞ୍ଜର ପ୍ରଡକ୍ଟ ଉପରେ ୨୭ ଡିସେମ୍ବରରେ ଫ୍ଲାଟ ୫୦% ରିହାତି ସହ ମାଗଣାରେ ଏକ ଟି-ଶାର୍ଟ ଉପଲବ୍ଧ ହେଉଛି। ସଲ୍‌ମାନଙ୍କ ବିଙ୍ଗ୍ ହ୍ୟୁମାନ ବ୍ରାଣ୍ଡ ସଫଳତା ଲାଭ କରିଛି। ଷ୍ଟୋରରେ ସଲ୍‌ମାନଙ୍କ ଜନ୍ମଦିନକୁ ତାଙ୍କ ଫ୍ୟାନ ତଥା ବିଙ୍ଗ୍ ହ୍ୟୁମାନର ଫ୍ୟାନଙ୍କ ସହ ପାଳନ କରିବାକୁ ନିଷ୍ପତ୍ତି ହୋଇଥିବା ସେଣ୍ଟ୍ରାଲ ପକ୍ଷରୁ କୁହାଯାଇଛି। ଲଗାତର ଭାବେ ତୃତୀୟ ବର୍ଷ ଏହି ସେଲିବ୍ରେସନ ଲାଗି ଗ୍ରାହକଙ୍କୁ ଷ୍ଟୋରକୁ ଆମନ୍ତ୍ରଣ କରାଯାଉଛି। ଚଳିତ ବର୍ଷ ମଧ୍ୟ ଏହାକୁ ଧୂମଧାମ ଭାବେ ପାଳନ କରାଯିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି।

ସେହିଭଳି ମହିଳାଙ୍କ ଲାଗି ବେଷ୍ଟ ପାର୍ଟି କଲେକ୍ସନ ଅଫର ସହ ଉପଲବ୍ଧ ହେଉଛି। ଏହି ଅବସରରେ ‘ଶପ୍ ଲାଇକ୍ କ୍ୱିନ’ ଅଫର ଶୁଭାରମ୍ଭ ହୋଇଛି। ନୂଆବର୍ଷକୁ ବେଷ୍ଟ ଫ୍ୟାଶନ ସହ ପାଳନ କରିବା ଲାଗି ଉକ୍ତ ଅଫର ୨୬ରୁ ୩୦ ଡିସେମ୍ବର ଯାଏ ଚାଲିବ। ଏହି ସମୟରେ ଲେଡିଜ ଆପାରେଲ, ଫୁଟୱେର, ହ୍ୟାଣ୍ଡ ବ୍ୟାଗ, ଲଞ୍ଜରୀ, ଫ୍ୟାଶନ ଜୁଏଲେରି, ଫ୍ରାଗ୍ରାନ୍ସେସ, ସନଗ୍ଲାସ ଏବଂ ଅନ୍ୟାନ୍ୟ ପ୍ରଡକ୍ଟ କ୍ଷେତ୍ରରେ ୫୧% ପର୍ଯ୍ୟନ୍ତ ରିହାତି ସୁବିଧା ଉପଲବ୍ଧ ହେବ। ସେହିଭଳି ୪୯୯୯ ଟଙ୍କାର କ୍ରୟ ଉପରେ ଅତିରିକ୍ତ ୧୦୦୦ ଟଙ୍କାର ଅତିରିକ୍ତ ରିହାତି ସୁବିଧା ଉପଲବ୍ଧ ହେବ ବୋଲି ସେଣ୍ଟ୍ରାଲ ପକ୍ଷରୁ ସୂଚନା ରହିଛି।

### ଆକର୍ଷଣୀୟ ଅଫର ଘୋଷଣା







- ‘ବିଙ୍ଗ୍ ହ୍ୟୁମାନ’ ବ୍ରାଣ୍ଡର ସମସ୍ତ ରେଞ୍ଜରେ ୨୭ ଡିସେମ୍ବରରେ ଫ୍ଲାଟ ୫୦% ରିହାତି ସହ ମାଗଣାରେ ଟି-ଶାର୍ଟ
- ‘ଶପ୍ ଲାଇକ୍ କ୍ୱିନ’ ଅଫର ଶୁଭାରମ୍ଭ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ଫ୍ୟାମିଲି ଫ୍ଲୋଟର ପଲିସିରେ କିଣିପାରିବେ ସ୍ୱାସ୍ଥ୍ୟବୀମା

**▶▶ ମୋର ବୟସ ୩୯ ବର୍ଷ ଓ ମୋ ପତ୍ନୀଙ୍କ ବୟସ ୩୫ ବର୍ଷ। ଆମର ବର୍ଷକର ଝିଅଟିଏ ଅଛି। ମୋର ସମୁଦାୟ ବାର୍ଷିକ ରୋଜଗାର ୧.୯୦ ଲକ୍ଷ ଟଙ୍କା। ବ୍ୟାଙ୍କ ସ୍ଥାୟୀ ଜମା ସ୍କିମ୍‌ରେ ୮୦,୦୦୦ ଟଙ୍କା ଅଛି। ମ୍ୟୁଚୁଆଲ ଫଣ୍ଡରେ ମାସିକ ୫୦୦ ଟଙ୍କା ସଞ୍ଚୟ କରୁଛି। ପରିବାରର ସୁରକ୍ଷା ପାଇଁ ଜୀବନ ବୀମା, ସ୍ୱାସ୍ଥ୍ୟବୀମା ଓ ବୃଦ୍ଧ ବୟସ ପାଇଁ କିଛି ସଞ୍ଚୟ କରିବାକୁ ଚାହୁଁଛି। ଝିଅର ଭବିଷ୍ୟତ ପାଠ ପଢା ଓ ବାହାଘର ଖର୍ଚ୍ଚ ପାଇଁ ମଧ୍ୟ ସଞ୍ଚୟ ଲକ୍ଷ୍ୟ ରଖିଛି। କେଉଁ ଉପାୟରେ ସଞ୍ଚୟ କଲେ ଭଲ ହେବ? ପରାମର୍ଶ ଦେବାକୁ ଅନୁରୋଧ?**

**– ଦୁର୍ଗା ପ୍ରସାଦ ସ୍ୱାଇଁ, ନୟାଗଡ଼**

■ ଆପଣଙ୍କ ପରିବାରର ଆୟ-ବ୍ୟୟର ହିସାବ ମାସିକ କେତେ ରହିଛି,ତାକୁ ପ୍ରଥମେ ଦେଖନ୍ତୁ। ବାର୍ଷିକ ଆୟର ୨୫ ରୁ ୩୦% ସଞ୍ଚୟ କରିବାର ଆବଶ୍ୟକତା ରହିଛି। ପରିବାରର ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜୀବନ ବୀମା ସୁରକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରିବା ଜରୁରୀ। ଏହାକୁ ନଜରରେ ରଖି ଜୀବନ ବୀମା କିଣିବା ନିହାତି ଜରୁରୀ । ଆପଣଙ୍କ ପରିସ୍ଥିତି ଅନୁଯାୟୀ ଜୀବନ ବୀମା ସୁରକ୍ଷା ରାଶି ଯଥେଷ୍ଟ ହେବା ଆବଶ୍ୟକ। ଜୀବନ ବୀମା କିଣନ୍ତୁ, ଯାହାକି ବାର୍ଷିକ ଆୟର ୮ରୁ ୧୦ ଗୁଣ ହେଉଥିବା ଜରୁରୀ। ଫ୍ୟାମିଲି ଫ୍ଲୋଟର ପିଲିସି ମାଧ୍ୟମରେ ସ୍ୱାସ୍ଥ୍ୟବୀମା କଣିପାରିବେ ।

**ସଞ୍ଚୟ କରିବା ପୂର୍ବରୁ ଧ୍ୟାନ ଦିଅନ୍ତୁ**

ପ୍ରଥମେ ଘରର ଆୟ ବ୍ୟୟ ବିଚାର କରି ବଳକା ଅର୍ଥ ହିସାବ କରନ୍ତୁ । ଯଦି ବଳକା ଅର୍ଥ ନ ବାହାରୁଛି, ତେବେ କିଛି ଖର୍ଚ୍ଚ କାଟ କରିବାକୁ ପଡିବ। ଅପରପକ୍ଷରେ ଅଧିକ ରୋଜଗାର କରିବାକୁ ଚେଷ୍ଟା କରିପାରିବେ। ଘର ମାସିକ ଖର୍ଚ୍ଚର ସର୍ବନିମ୍ନ ୩ ଗୁଣ ଜରୁରିକାଳୀନ ପାଣ୍ଠି ଗଠନ କରନ୍ତୁ, ଯାହାକି ବ୍ୟାଙ୍କ ସଞ୍ଚୟ ଜମା ଖାତା କିମ୍ବା ମ୍ୟୁଚୁଆଲ ଫଣ୍ଡର ଲିକ୍ୟୁଡ୍ ଫଣ୍ଡରେ ନିବେଶ କରିପାରନ୍ତି । ଝିଅର ଭବିଷ୍ୟତ ପାଠପଢା ଖର୍ଚ୍ଚ ଓ ବାହାଘର ଖର୍ଚ୍ଚ ପାଇଁ ସଞ୍ଚୟ କରିବାକୁ ପଡିବ। ଯଦି କୌଣସି ରିସ୍କ ନେବା ପାଇଁ ଚାହୁଁନାହାନ୍ତି, ତେବେ ଜୀବନ ବୀମା କମ୍ପାନୀଗୁଡ଼ିକର ଚାଇଲ୍ଡ ପ୍ଲାନ ସବୁ ଅଛି। ଏ ସବୁ ବିଷୟରେ ବୁଝି ଚାଇଲ୍ଡ ପ୍ଲାନ କିଣିପାରିବେ ।

**▶▶ କିଛି ଟଙ୍କା ନିବେଶ କରିବାକୁ ଚାହୁଁଛି । କିନ୍ତୁ କୌଣସି ରିସ୍କ ନେବା ପାଇଁ ଚାହୁଁ ନାହିଁ । ବ୍ୟାଙ୍କରେ ସୁଧହାର ବହୁତ କମ୍ ଅଛି । ୭ ରୁ ୮ ବର୍ଷର ନିବେଶ ରାଶି ୨ଗୁଣ କରିବା ପାଇଁ ଚାହୁଁଛି । କିଛି ସ୍କିମ୍ ବିଷୟରେ ପରାମର୍ଶ ଦେବେ?**

**–ସୁଜାତା ସାହୁ, ପାରାଦୀପ**

■ ପ୍ରଥମତଃ ଆପଣ କୌଣସି ରିସ୍କ ନେବା ପାଇଁ ଇଚ୍ଛା କରୁନାହାନ୍ତି । ନିବେଶର ୭ ବର୍ଷରେ ରାଶି ୨ଗୁଣ ହେବା ପାଇଁ ଇଚ୍ଛା କରୁଛନ୍ତି । ୭ ବର୍ଷରେ ଯଦି ନିବେଶ ରାଶି ୧୦୦ ଟଙ୍କା କରି ଆପଣ ୨୦୦ ଟଙ୍କା ପାଇବା ପାଇଁ ଚାହୁଁଛନ୍ତି, ତେବେ ବାର୍ଷିକ ୧୦.୪୦% ସୁଧହାର ପ୍ରଦାନ କରୁଥିବା ସ୍କିମର ଆବଶ୍ୟକତା ରହିଛି । କିଛି ବି ରିସ୍କ ନ ନେଇ ଓ ଗ୍ୟାରେଣ୍ଟିର ୨ ଗୁଣ ଟଙ୍କା ପାଇବା ପାଇଁ ୭ ବର୍ଷ ନିବେଶ ସମୟ ସୀମାରେ କିଛି ବି ସ୍କିମ୍ ବଜାରରେ ଉପଲବ୍ଧ ନାହିଁ । ଆପଣଙ୍କ ନିବେଶ ରାଶିକୁ ୨ ଗୁଣ କରିବା ପାଇଁ ଏକ ମାତ୍ର ସ୍କିମ ‘କିଷାନ ବିକାଶ ପତ୍ର’ ଅଛି। ଏହା ୧୧୨ ମାସରେ (୯ବର୍ଷପରେ) ନିବେଶ ରାଶିକୁ ୨ ଗୁଣ କରି ଫେରସ୍ତ କରିବ। ବର୍ତ୍ତମାନ ଏହି ସ୍କିମ୍‌ର ବାର୍ଷିକ ସୁଧହାର ୭.୭% ରହିଛି। ସର୍ବନିମ୍ନ ନିବେଶ ରାଶି ୧୦୦୦ ଟଙ୍କା ଏବଂ ସର୍ବାଧିକ ନିବେଶ ପାଇଁ କୌଣସି ସୀମା ରଖାଯାଇ ନାହିଁ। ଏହି ସ୍କିମରେ ନିବେଶ କରି ଆପଣ ଆୟକର ଆଇନ ୮୦ ସି ଉପଧାରାର ସୁବିଧା ପାଇପାରିବେ ନାହିଁ। ସ୍କିମ୍‌ର ପରିପକ୍ୱ ରାଶି ଉପରେ ଆୟକର ପ୍ରଦାନ କରିବାକୁ ପଡ଼ିବ। ଯେଉଁ ନିବେଶକାରୀ କିଛି ରିସ୍କ ନ ନେଇ ଓ ଗ୍ୟାରେଣ୍ଟି ଅନୁସାରେ ନିଜର ନିବେଶ ରାଶିକୁ ୨ ଗୁଣ କରିବାକୁ ଚାହୁଁଛନ୍ତି, ତେବେ ‘କିଷାନ ବିକାଶ ପତ୍ର’ ସ୍କିମ୍‌ରେ ନିବେଶ କରନ୍ତୁ।

**▶▶ମୋ ବୟସ ୨୯ ବର୍ଷ ଓ ମାସିକ ରୋଜଗାର ୧୮,୦୦୦/- ଟଙ୍କା। ମାସିକ ୨୦୦୦ ଟଙ୍କା ଏସ୍ଆଇପି ମାଧ୍ୟମରେ ୫ ବର୍ଷ ପାଇଁ ନିବେଶ କରିବି। କେଉଁ ସ୍କିମରେ ନିବେଶ କରିବା ଦ୍ୱାରା ଭଲ ସୁଧ ମିଳିବ?**

**–ଜିତେନ୍ଦ୍ର ମାଝୀ, ବାଲେଶ୍ୱର**

■ ଆପଣ ୨୦୦୦ ଟଙ୍କା ମାସିକ ଏସ୍ଆଇପି(ସିଷ୍ଟମେଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ) ମ୍ୟୁଚୁଆଲ ଫଣ୍ଡରେ ଜମା କରିପାରିବେ। ଯେହେତୁ ଆପଣ ୫ ବର୍ଷ ପାଇଁ ନିବେଶ କରିବାକୁ ଚାହୁଁଛନ୍ତି, ତେଣୁ ଲାର୍ଜ-କ୍ୟାଶ ଫଣ୍ଡରେ ନିବେଶ କରିବା ଭଲ ହେବ। ଆମର ପରାମର୍ଶ, ମ୍ୟୁଚୁଆଲ ଫଣ୍ଡରେ ନିବେଶ ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଓ ରିସ୍କ ବିଷୟରେ ଭଲ ଭାବରେ ବୁଝି ନିବେଶ କରିବା ଭଲ ହେବ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

## ଫିଲ୍ଡରେ କ୍ରିକେଟରଙ୍କ ମୃତ୍ୟୁ

ମୁମ୍ବାଇ,୨୬।୧୨: ଛାତିରେ ଯନ୍ତ୍ରଣା ହେବା ପରେ ଜଣେ ୨୪ ବର୍ଷୀୟ କ୍ରିକେଟରଙ୍କ ମୃତ୍ୟୁ ଘଟିଛି। ଏଠାରେ ଅନୁଷ୍ଠିତ ଟେନିସ୍ ବଲ କ୍ରିକେଟ୍ ଟୁର୍ନାମେଣ୍ଟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ କ୍ରିକେଟରଙ୍କ ନାମ ବୈଭବ କେସାରକାର। "ମ୍ୟାଚ୍ ଖେଳୁଥିବାବେଳେ କେସାରକାରଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଏହାପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରକାଶ କରାଯାଇଛି।

## ୟୁଥ୍ ଲିଗ୍ ପାଇଁ ଅଧିସ୍ୱୀକୃତି ପ୍ରକ୍ରିୟା ଆରମ୍ଭ

କଟକ ଅଫିସ,୨୬।୧୨: ଅଲଇଣ୍ଡିଆ ଫୁଟବଲ ଫେଡେରେଶନ୍ ଆନୁକୂଲ୍ୟରେ ହେବାକୁ ଥିବା ୟୁଥ୍ ଲିଗ୍ ୨୦୧୯-୨୦ ସିଜନ ନିମନ୍ତେ ଏକାଡେମୀ ଅଧିସ୍ୱୀକୃତି ପ୍ରକ୍ରିୟା ଆରମ୍ଭ ହୋଇଛି। ୧୩, ୧୫ କିମ୍ବା ୧୮ ବର୍ଷରୁ କମ୍ ବର୍ଗରେ ହେବାକୁ ଥିବା ପ୍ରତିଯୋଗିତା ନିମନ୍ତେ ରାଜ୍ୟର କ୍ଲବ ମାନେ ଏହି ପ୍ରକ୍ରିୟାରେ ସାମିଲ ହୋଇ ପାରିବେ।

# ସ୍ୱସ୍ତିକଙ୍କ ଶତକ: ଓଡ଼ିଶା ୨୧୯/୭

କଟକ ଅଫିସ,୨୬।୧୨

ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଚାଲିଥିବା ୧୯ବର୍ଷରୁ କମ୍ କୁଚବିହାର ଟ୍ରଫି ଓଡ଼ିଶା ବନାମ ସୌରାଷ୍ଟ୍ର ମ୍ୟାଚ୍‌ର ୩ୟ ଦିବସରେ ଭ୍ରମଣକାରୀ ଓଡ଼ିଶା ଦଳର ଧିମା ବ୍ୟାଟିଂ ଦେଖିବାକୁ ମିଳିଛି । ସୌରାଷ୍ଟ୍ରର ପ୍ରଥମ ଇନିଂସ୍ ୫୦୫ରନ୍ ଜବାବରେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ବିନା ଉଇକେଟରେ ୨୫ରନ୍ କରିଥିଲା । ତେବେ ୩ୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୭ ଉଇକେଟ ହରାଇ ୨୧୯ରନ୍ କରିଛି । ଅଧିନାୟକ ସ୍ୱସ୍ତିକ ସାମଲ ୧୩୨ରନ୍‌ରେ ଆଉଟ ହୋଇଥିବା ବେଳେ ଅନ୍ୟ କୌଣସି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଉଇକେଟ କିପର କୁନାଲ ମଲ୍ଲିକ ୧୧୧ବଲ ଖେଳି ୨୬ରନ୍‌ରେ ଅପରାଜିତ ଅଛନ୍ତି । ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିବସ ରହିଥିବା ବେଳେ ଓଡ଼ିଶା ୨୮୬ରନ୍ ପଛରେ ରହିଛି । ସୌରାଷ୍ଟ୍ର ପକ୍ଷରୁ ଦେବ ଦଣ୍ଡ ସର୍ବାଧିକ ୩ଟି ଉଇକେଟ ନେଇଥିଲେ ।






### Odisha State Health & Family Welfare Society,

Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha) Phone/Fax: 0674- 2392480/79

No.693-E

**Walk-in-Interview**

Advt. No.: 51/18 — Date: 27 / 12 / 2018

Walk-in-Interview will be conducted as scheduled below for filling up the following post under **National Health Mission, Odisha** on contractual basis with monthly remuneration as noted against and subject to renewal as per OSH&FW Society terms and conditions. The position is purely temporary and co-terminus with the Scheme.

| Sl. No. | Name of the Post | Remuneration (in Rs.), Performance Incentive & other allowances as admissible | Date of Registration / Interview |
|---|---|---|---|
| 01 | Management Consultant – IT (EVIN) | Rs. 58,229/-+ PI | 15.01.2019 |

Interested candidates can log on to www.nrhmorissa.gov.in for details of vacancy, eligibility criteria, ToR, Age, Application Form etc. Candidates fulfilling the eligibility criteria may appear for registration and consequently for interview if eligible, on the date as mentioned against post. **Registration timing will be from 10.30 A. M. to 12 Noon only on Walk-in-Interview date.** No application will be received after scheduled date & timing of registration.

**Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist.- Khordha, Pin – 751012, Odisha.**

Sd/- Mission Director, NHM
Member Secretary, OSH&FWS, Odisha

10084/11/0071/1819

### COLLECTORATE, GAJAPATI, PARALAKHEMUNDI
(WELFARE SECTION)

No. 1775/Welfare — Dated: 24.12.18

**NOTICE**

In pursuance of advertisement No. 335, dated 18.03.2018 and notification No. 1692, dated 11.12.2018 a lot of applicants of merit list for the Post of "Sikhya Sahayaka" were found to be absent during the time of Original certificate verification dated 21.12.2018 and 22.12.2018 at Conference hall, ITDA, Paralakhemundi. On the ground of natural justice all the absentee candidates in the merit list (available in the website of www.gajapati.nic.in) are hereby directed to appear for Original Certificate verification on 03.01.2019 at Conference Hall, ITDA, Paralakhemundi, failing which the candidature of the candidate will be cancelled.

Sd./- Dist. Welfare Officer
Gajapati, Paralakhemundi

### GOVERNMENT OF ODISHA
### OFFICE OF THE EXECUTIVE ENGINEER
### PHULBANI (R&B) DIVISION, PHULBANI

e-mail: eeplbrb@gmail.com
**INVITATIONS FOR BIDS (IFB)**

No.1058-B:- **'e' Procurement Notice**
**Bid Identification No. EE-R&B-PLB-14-2018-19**

| | | | |
|---|---|---|---|
| 1) | Name of the work | : | Building work-1 No. |
| 2) | Estimated Cost | : | Rs. 23.98 lakhs |
| 3) | Period of Completion | : | As notified in Tender Call Notice. |
| 4) | Date & Time of availability of Bid documents in the portal | : | From 29.12.2018, 10.00 AM to 07.01.2019, 5.00 PM. |
| 5) | Last date/ time for receipt of bids in the portal | : | Upto 5.00 PM of dated 07.01.2019. |
| 6) | Name and address of the O.I.T. | : | Executive Engineer, Phulbani (R&B) Division. |

Further details can be seen from the website www.tendersodisha.gov.in.
Corrigendum if any shall be published only in the above website.

Sd./- Executive Engineer,
Phulbani (R&B) Division

34066/11/0024/1819

### OFFICE OF THE PRINCIPAL CHIEF CONSERVATOR OF FORESTS, ODISHA
ARANYA BHAWAN, CHANDRASEKHARPUR, BHUBANESWAR - 751023

RFP/OO No.: 1339-GIS-06/2014 — Dated: 21.12.2018

No.: 122-MM: Chief Conservator of Forests, IT & GIS (the Authorized Officer) invites RFP/Tender on behalf of the Principal Chief Conservator of Forests & HoFF, Odisha, (the Purchaser), from the Eligible Organizations for the **"Selection of State Level Technical Partners to undertake Geo-Referencing of Forest Lands in Odisha (SLTP & CDLTP, Koraput), Using High Accuracy DGPS Survey and Remote Sensing & GIS".**

The RFP document will be available at **www.odishaforest.in** & in the **"all tenders section"** of **www.odisha.gov.in**.

Last date and time of submission of the bids as per the T & C of the RFP is on **28.01.2019 by 3.00 P.M.**

Sd./- Chief Conservator of Forests
IT & GIS

08002/11/0025/1819

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୩୨୨୪୪/ ଭୁ.ଉ.କ., ଭୁବନେଶ୍ୱର ତା. ୧୩.୧୨.୨୦୧୮ରିଖ
SRE-135/44

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ପ୍ଲଟ ନଂ K9B-103କୁ ଶ୍ରୀ ପି. ରାଜଗୋପାଳ ପାତ୍ର, ପିତା- ପି. ସୁବୁଧି ପାତ୍ର, ସୁମତୀ ନିଳୟ, ଅଶୋକ ନଗର, ଚତୁର୍ଥ ଲେନ୍, ବ୍ରହ୍ମପୁର, ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପି. ରାଜଗୋପାଳ ପାତ୍ର ଉକ୍ତ ପ୍ଲଟକୁ ତୃତୀୟପକ୍ଷ ଦାନ ସୂତ୍ରରେ ତାଙ୍କ ପୁତ୍ର ଡ. ପ୍ରଦ୍ୟୁମ୍ନ କୁମାର ପାତ୍ରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

### MAHILA VIKAS SAMABAYA NIGAM
(Govt. of Odisha Undertaking)
A-1 Block, Ground Floor, Toshali Bhawan, Satya Nagar, Bhubaneswar-751007, Ph. No: 2573023, Tele Fax: 2573024,
E-mail: mvsn_bbsr@yahoo.com

Ref. 3043/ MVSN — Dt. 26.12.18

**Cancellation of Quotation Call Notice No. 1781/MVSN Dt. 27.09.18**

**No.CAD-1171:-** The Quotation Call Notice No. 1781/MVSN Dt. 27.09.18 for hiring of vehicle by MVSN, Bhubaneswar is hereby cancelled due to inadequate receipt of Quotations from Travel Agencis.

Sd./- Managing Director
Mahila Vikas Samabaya Nigam

33003/11/0010/1819

### NANDANKANAN
### NANDANKANAN ZOOLOGICAL PARK

**TENDER NOTICE No. 14 of 2018-19**
**Date: 26.12.2018**

Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ entrepreneurs for **Outsourcing of Parking Facility** at Nandankanan Zoological Park.

| | | |
|---|---|---|
| The last date of submission of sealed tender | : | 5.00 P.M. of 16.01.2019 |
| Opening of sealed tender (Technical bid | : | 3.30 P.M. of 18.01.2019 |

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from **02.01.2019**. The downloaded tender papers must be accompanied with a Bank Draft of Rs. **5900/-** (Rupees Five Thousand Nine Hundred) only (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

Sd./-
Deputy Director
Nandankanan Zoological Park

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୩୨୨୦୯/ ଭୁ.ଉ.କ., ଭୁବନେଶ୍ୱର ତା. ୧୧.୧୨.୨୦୧୮ରିଖ
SPL-64/2000

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ବିହାର ଗୃହ ପ୍ରକଳ୍ପର ଗୃହ ନଂ L-64 କୁ ଡ. ଗୀତାଞ୍ଜଳି ଆଚାର୍ଯ୍ୟ, ସ୍ୱାମୀ- ବିମଳ ଚନ୍ଦ୍ର ଦୀକ୍ଷିତ, ସା/ପୋ- ଉତ୍ତରାଣ, ଥାନା- ଗୋବିନ୍ଦପୁର, ଜିଲ୍ଲା- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଡ. ଗୀତାଞ୍ଜଳି ଆଚାର୍ଯ୍ୟ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସବିତା କୁମାରୀ ପାତ୍ର, ସ୍ୱାମୀ- ରବିନାରାୟଣ ପାତ୍ର, ସା/ପୋ- ବାଇଁସଲନ୍ଦି, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା, ବିଲ୍‌ଡିଂ,
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୩୦୭୦୪/ ଭୁ.ଉ.କ., ଭୁବନେଶ୍ୱର ତା. ୧୭.୧୧.୨୦୧୮ରିଖ
CPM-II-1776/85

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଗୃହ ନିର୍ମାଣ ପ୍ରକଳ୍ପ, ଫେଜ୍-୧ ଗୃହ ନଂ- F-15/18 MIG-II କୁ ଶ୍ରୀ ଭି.ଶ୍ୟାମ ମୂର୍ତ୍ତି, ପିତା-ସ୍ୱର୍ଗତ ଭି. ଆପାରାଓ, Plot No. 1092/2B, Delta Colony, Po- Delta, Ps- Khandagiri, Dist- Khurdaଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ. ଭି. ଶ୍ୟାମ ମୂର୍ତ୍ତି ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଶୋଭାରାଣୀ ରାଉତ, ସ୍ୱାମୀ- ସୁଧାକର ରାଉତ, ଗ୍ରାମ- ସୁନି, ପୋ-ସରସଦା, ଥାନା- ଭଣ୍ଡାରିପୋଖରୀ, ଜିଲ୍ଲା- ଭଦ୍ରକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧

### GOVERNMENT OF ODISHA
### DEPARTMENT OF TOURISM

**No. 12862/ TSM, Bhubaneswar, the 26.12.2018**
**T.Cord-II (S)-207/2018**

**REQUEST FOR PROPOSAL FOR COMPREHENSIVE MANAGEMENT OF CLEANLINESS OF BEACHES AT CHANDIPUR, KONARK & GOPALPUR**

**No.27-R:-** Request for Proposal are invited by Department of Tourism, Paryatan Bhawan, Bhubaneswar in sealed cover from eligible agencies for Comprehensive Management of Cleanliness of Beaches at Chandipur, Konark & Gopalpur (Separate beach-wise bids) for a period of 10 years. The detailed information along with the bid document can be downloaded from Department of Tourism website www.odishatourism.gov.in.

The proposal in the prescribed format along with all relevant documents duly signed and sealed should reach in Department of Tourism on or before **25th January 2019 up to 1400 hrs** either by Courier/ Speed Post/ Regd. Post or by hand. Sending of Bid documents through Fax/ e-mail/ electronics system shall not be accepted. Bid(s) received after due date & time shall not be accepted. This Department shall not be responsible for delay-in postal delivery or similar reasons.

Department of Tourism reserves the right to accept or reject any or all Bids without assigning any reason thereof.

Sd./- Director & Addl. Secretary to Govt.

37001/11/0079/1819

### କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A ଅରୁଣୋଦୟ ଭବନ, ଲିଙ୍କ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ମହାନଦୀ ବିହାର ମାର୍କେଟ କମ୍ପ୍ଲେକ୍ସ, ମହାନଦୀ ବିହାର ସ୍ଥିତ ଦୋକାନ ଘର ନଂ - 13 (PH-11)(ତଳ ମହଲା) ଟିକୁ ଶ୍ରୀ ବ୍ରିଜେଶ କୁମାର ଦଳାଇ, ପିତା - ଡକ୍ଟର ପଞ୍ଚାନନ ଦଳାଇ, ସା - ଚାଉଳିଆଗଞ୍ଜ, ପୋଷ୍ଟ - ନୂଆବଜାର, ଥା - ଚାଉଳିଆଗଞ୍ଜ, ଜିଲ୍ଲା - କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ସୂତ୍ରରେ ଶ୍ରୀ ସୁନିଲ୍ କୁମାର ଦଳେଇ, ପିତା - ୰ ନିକୁଞ୍ଜ କିଶୋର ଦଳେଇ, ସା - ପରମହଂସ, ପୋ - ପରମହଂସ, ଥା - କନ୍ଦରପୁର, ଜିଲ୍ଲା - କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ।

ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

### BERHAMPUR MUNICIPAL CORPORATION

No.: 21001 — Date: 24.12.18

**QUOTATION CALL NOTICE**

No.:388-C: Sealed quotations are invited to be reached by Speed Post/Registered Post/ Courier only from reputed agencies/firms for **"Supply of Home appliances for Berhampur AAHAR Kitchen Centre"**. The detailed terms & conditions are available at our office website **www. berhampur.gov.in**. The last date of receipt of tenders in this office by 08.01.2019 by 5.00 P.M. and will be opened on 09.01.2019 at 11.00 P.M. in the officer of undersigned.

The autority reserves the right to accept or reject any quotation without assigning any reason thereof.

Sd./- Commissioner
Berhampur Municipal Corporation

13035/11/0175/1819

### SARVA SIKSHA ABHIYAN
KALAHANDI, BHAWANIPATNA

No. 5686/Ped/18 — Dated : 26.12.18

**Quotation Call Notice for Printing**

Sealed quotations of rate are invited from intending Printing Press / Registered firms for printing and supply of question-cum-blank answer sheets for "Summative Assessment-11-2019" (Class-I to VIII) and Printing of Progress Card in Kalahandi District having valid PAN No., DIC Registration and GST Certificate. The details of quotation papers and Progress Card (Tender Papers) containing detailed specifications , terms and conditions can be downloaded from the Dist. Website (http:/kalahandi.nic.in) and the cost of the Tender paper i.e. Rs.1000/- (One thousand) has to be deposited in shape of Demand Draft, to be pledged in favour of DPC, SSA, Kalahandi with the quotation papers. The last date of receipt of quotation through Read. Post/ Speed post is on or before Dt. 16.1.2019 up to 1:00 PM. The tender will be opened on the same day i.e on Dt. 16.1.2019 at 4:00 PM in the Conference Hall of SSA, Kalahandi. In case of requirement of any corrigendum the same will be published only in the District website. Hence all parties are requested to keep watch the website frequently. The undersigned reserves the right to accept or reject any or all quotations without assigning any reason thereof.

By order of the Collector-cum-Chairman

Sd./- Dist. Project Co-ordinator
RTE-SSA, Kalahandi

### MAHILA VIKAS SAMABAYA NIGAM
(Govt. of Odisha Undertaking)
A-1, Block, Ground Floor, Toshali Bhawan, Satya Nagar, Bhubaneswar- 751007
Ph. No. 2573023, Tele Fax : 2573024,
Email : mvsn_bbsr@yahoo.com

No. CAD-1172

Ref. 3044/MVSN — Date : 26.12.2018

**QUOTATION CALL NOTICE**

Sealed Quotations are invited from reputed Travel Agency/Tour Operators having valid GST No for providing one nos. of Swift Dzire (Diesel) having sitting capacity not more than 5 including driver. The details of Terms & Condition including General Information may be referred from the website-www.wcdodisha.gov.in from dt.29.12.2018 to dt.18.01.2019. The Quotation completed in all respect shall be deposited in the office of Managing Director, Mahila Vikas Samabaya Nigam, Toshali Bhawan, A-1 Block and Ground floor, Satya Nagar, Bhubaneswar-751007 on or before Dt.18.01.2019 by 1 P.M. through Registered Post/Speed Post only. A sum of Rs.5,000/- (Rupees Five Thousand) only shall be deposited by intending bidders in shape of Account Payee Bank Draft drawn in favour of the MD,MVSN and submitted along with the quotation as security deposit. The Quotations will be opened on dtd. 18.01.2019, 4 P.M. The authority reserves the right to modify/cancel the quotation at any point of time.

Sd./- MANAGING DIRECTOR
MAHILA VIKAS SAMABAYA NIGAM

33003/11/0011/1819

### GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WORKS DIVISION, BHUBANESWAR

Ph. No. – 0674-2301787, Fax No.- 0674-2300965,
E.Mail I.D. – eerw_bbsr@yahoo.co.in

**No:-Tender – Online – BBSR Divn. – 41 Date :- 19.12.2018**

No.1249-O:- **e-Procurement NOTICE**

| | | | |
|---|---|---|---|
| 1. | Name of the work | : | Construction / Repair of Road work |
| 2. | Total No. of Projects | : | 1 No. individual project |
| 3. | Class of contractor | : | |
| | a) Estimated cost more than Rs. 40.00 lakh & not exceeding to Rs. 1.50 Crore | : | "A" & "B" Class (of Odisha PWD) or relevant class of other licensing authorities. |
| | b) Estimated cost more than Rs. 20.00 lakh & not exceeding to Rs. 40.00 lakh | : | "B" & "C" Class (of Odisha PWD) or relevant class of other licensing authorities. |
| | c) Estimated cost not exceeding to Rs. 20.00 lakh | : | "C" & "D" Class (of Odisha PWD) or relevant class of other licensing authorities. |
| 4. | Estimate cost of Individual projects | : | Rs. 15.00 lakh to 20.00 lakh |
| 5. | Time for completion | : | 3 (Three) calendar months |
| 6. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Bhubaneswar. | Tender Online – BBSR Divn. - 41 | 2.1.2019 at 11.00 A.M. | 12.1.2019 up to 5.00 P.M | 13.1.2019 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Executive Engineer,
Rural Works Divn. BBSR

25066/11/0031/1819

### ନୋଟିସ

ସ୍ଥାୟୀ ଠିକଣା:
ଶ୍ରୀ ରଘୁନାଥ ମଲ୍ଲିକ,
ପିଅନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଗ୍ରାମ: ରାମଚନ୍ଦ୍ରପୁର
ପୋଷ୍ଟ/ଥାନା: ଡେଲାଙ୍ଗ
ଜିଲ୍ଲା: ପୁରୀ

No.: 87-F: ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ବିନା ଛୁଟି ଦରଖାସ୍ତ ଓ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଗତ ୦୩।୦୭।୨୦୧୭ଠାରୁ ଅଦ୍ୟାବଧି ଅନୁପସ୍ଥିତ ରହି ଅଛନ୍ତି। ଆପଣ ସରକାରୀ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରେ ଅବହେଳା ପୂର୍ବକ କାର୍ଯ୍ୟସ୍ଥଳରେ ନିରବଚ୍ଛିନ୍ନ ଭାବେ ଅନୁପସ୍ଥିତ ରହିଛନ୍ତି। ଆପଣଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣ ସରକାରୀ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା କୌଣସି ଉତ୍ତର ମଧ୍ୟ ରଖୁନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତ୍ୱର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହେଉନାହିଁ।

ଏଣୁ ଆପଣଙ୍କୁ ଉକ୍ତ ନୋଟିସ ଜରିଆରେ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ଆପଣ ନିଜ ଅଫିସ୍ କାର୍ଯ୍ୟରେ ଯୋଗଦାନ କରିବେ ଓ ପରବର୍ତ୍ତୀ ସମୟରେ ଅନୁପସ୍ଥିତିର କାରଣ ଆବଶ୍ୟକୀୟ/ଆନୁଷଙ୍ଗିକ ଦସ୍ତାବିଜ ସହ ଉପସ୍ଥାପିତ କରିବେ। ଉକ୍ତ ନିର୍ଦ୍ଧାରିତ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦେଲେ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

(ବିଜୟ କୁମାର ମହାନ୍ତି)
ଉପଶାସନ ସଚିବ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

24001/11/0451/1819

### OFFICE OF THE EXECUTIVE ENGINEER
### RWSS DIVISION, BHUBANESWAR

PLOT NO. 1214 (P), AT : TAPOVAN
P.O: KHANDAGIRI, BHUBANESWAR – 30
Tel- (0674) 2384108, E-Mail: eerwss_bbsr@nic.in
**Govt. of Odisha e-Procurement Notice**
**Bid Identification Notice No.43 of 2018-19**

**No.1250-O:-** The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid through e-procurement in double cover system according to norm of e-procurement.

| | | |
|---|---|---|
| 1. | Nature of Work | Supplying all labour, material T&P for laying of rising main and Distribution pipe line of HDPE/ GI/DI, construction of pump house, compound wall, RCC ESR, UGR, SV chamber, Stand post with other ancillary works. For water supply schemes under Khordha Division. |
| 2. | No. of Tender | 04 Nos. |
| 3. | Tender Paper Cost | Rs.4000.00 to Rs.10000.00 |
| 4. | Value of Work | From 19 Lakhs to 99.64 lakhs |
| 5. | Class of Contractor | D, C, B, A |
| 6. | Date & time of availability of Bid document in portal | 28-12-2018 4.00 P.M. to 11-01-2019 Up to 3.00 P.M. |
| 7. | Date & Time of seeking tender clarification | 28.12-2018 4.00 P.M. to 2-01-2019 Up to 3.00 P.M. during office hour |
| 8. | Date & Time of opening of tender | 14.01.2019 at 11.00 A.M. in the O/O E.E., RWSS Divn., Bhubaneswar |
| 9. | Time of Completion | 180 days |
| 10. | The bidders have to participate in online bidding only. Further details can be seen from the web site : https://www.tendersorissa.gov.in. Corrigendum if any shall only be published above web site | |
| 11. | The Bid cost and EMD to be deposited through online | |

EXECUTIVE ENGINEER
RWS&S DIVISION, BHUBANESWAR

25011/11/0030/1819



ମେଲବୋର୍ନ ଟେଷ୍ଟର ପ୍ରଥମ ଦିନରେ ବିରାଟ କୋହଲିଙ୍କ ପ୍ରାଇଜ୍ ଉଇକେଟ୍ ନେବାର ସୁଯୋଗ ଆମେ ହରାଇଲୁ, ଯାହା ଆମକୁ ନିରାଶ କରିଛି।

– ଟ୍ରାଭିସ୍ ହେଡ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



ଭାରତୀୟ ବକ୍ସିଂ ଦଳର ମୁଖ୍ୟ କୋଚ୍ ହେବା ମୋ ଲାଗି ବହୁତ ବଡ଼ ଦାୟିତ୍ୱ। କିଛି ପ୍ଲାନ ରହିଛି ଏବଂ ସେଗୁଡ଼ିକ ପୂରଣ ହେବ ବୋଲି ଆଶା ରହିଛି।

– ସି.ଏ. କୁଟାପ୍ପା, ଭାରତୀୟ ବକ୍ସିଂ ଦଳର ନବନିଯୁକ୍ତ କୋଚ୍

## ସଂକ୍ଷେପରେ

### ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ

ମାର୍ଶାଘାଇ ୨୬।୧୨(ଡି.ଏନ.ଏ.)ତେରଗାଁ ପଞ୍ଚାୟତ ଓସ୍ତରହାଟ ଖେଳପଡିଆରେ ଚାଲିଥିବା କଳିଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲରେ ବୁଧବାର ଭଦ୍ରକର ୟୁନାଇଟେଡ୍ ୧୧କୁ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ୟୁନାଇଟେଡ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୯୪ରନ୍ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ୫ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ନନ୍ଦନ ରାଉତ ଦଳ ତରଫରୁ ସର୍ବାଧିକ ୨୭ ରନ୍ ସଂଗ୍ରହ କରିଥିଲେ। ୪ ଓଭରରେ ୨୬ ରନ୍ ଦେଇ ୩ ଉଇକେଟ୍ ନେଇଥିବା ୟୁନିୟନ ସ୍ପୋର୍ଟିଂର ତାପସ ଲେଙ୍କା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ରାଜ୍ୟ ଓପନ ଚେସ୍ ଆରମ୍ଭ

ଭୁବନେଶ୍ୱର, ୨୬।୧୨(କ୍ରୀଡ଼ା ପ୍ରତିନିଧି): ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବୁଧବାର ଏଠାରେ ଆରମ୍ଭ ହୋଇଛି ଓଡ଼ିଶା ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା। ଏଣ୍ଟ୍ରି ଫି' ମୁକ୍ତ ଏହି ଟୁର୍ନାମେଣ୍ଟରେ ମୋଟ ୧୨୧ (୪୭ ଅନ୍ତର୍ଜାତୀୟ ରେଟିଂ ପ୍ରାପ୍ତ) ଖେଳାଳି ଅଂଶଗ୍ରହଣ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ୩ ଦିନିଆ ଟୁର୍ନାମେଣ୍ଟକୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି, ଫିଡେ ଆର୍ବିଟର ସନ୍ତୋଷ ମହାପାତ୍ର ଓ ଶିବ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ୩ ରାଉଣ୍ଡ ଖେଳ ହୋଇଥିଲା। ଏଥିରେ ସ୍ୱପ୍ନିଲ ପ୍ରିୟଦର୍ଶୀଙ୍କ ସମେତ ୧୩ ଜଣ ପୂରା ୩ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀ ରହିଛନ୍ତି। ୮ ଖେଳାଳି ୨.୫ ପଏଣ୍ଟ ପାଇଛନ୍ତି।

### ନ୍ୟୁଜିଲାଣ୍ଡକୁ ୧୭୮ରେ ଅଟକାଇଲେ ଲାକମଲ

ଖ୍ରୀଷ୍ଟଚର୍ଚ୍ଚ, ୨୬।୧୨- ଭ୍ରମଣକାରୀ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବୁଧବାରଠାରୁ ସ୍ଥାନୀୟ ଦି ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ପ୍ରଥମ ଦିନରେ ମୋଟ୍ ୧୪ଟି ଉଇକେଟ୍‌ର ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରି ଘରୋଇ ନ୍ୟୁଜିଲାଣ୍ଡ ସୁରଙ୍ଗ ଲାକମଲଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୭୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଶ୍ରୀଲଙ୍କା ମଧ ପ୍ରଥମ ଇନିଂସ ଆରମ୍ଭ କରି ଷ୍ଟମ୍ପ ଅପସାରଣ ସୁଦ୍ଧା ୮୮ ରନ୍‌ରେ ୪ ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବ୍ୟାଟିଂରେ ଅର୍ଦ୍ଧଶତକ ସହିତ ୩ଟି ଉଇକେଟ୍ ନେଇଥିବା ଟିମ୍ ସୌଦୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦିନର ଉଲ୍ଲେଖନୀୟ ଘଟଣା ରହିଥିଲା। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ଡ୍ର' ରହିଥିଲା।

# ପ୍ରଥମ ଦିନରେ ଭାରତର ଧିମା ବ୍ୟାଟିଂ

ମେଲବୋର୍ନ,୨୬।୧୨(ପି.ଟି.)

ପଦାର୍ପଣରେ ଓପନର ମୟଙ୍କ ଅଗ୍ରୱାଲଙ୍କ ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି, ଅଧିନାୟକ ବିରାଟ କୋହଲି ଓ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ଲଢୁଆ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟର ପ୍ରଥମ ଦିନରେ ଆଧିପତ୍ୟ ବିସ୍ତାର କରି ଖେଳିଛି। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ବୁଧବାରଠାରୁ ଆରମ୍ଭ ହୋଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ ୮୯ ଓଭରରେ ୨ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଛି। ଭାରତ ପ୍ରଥମ ଓ ଦ୍ୱିତୀୟ ସେସନରେ ଗୋଟିଏ ଲେଖାଏ ଉଇକେଟ ହରାଇଥିଲା। ତେବେ ଅନ୍ତିମ ସେସନରେ ଭାରତ କୌଣସି ଉଇକେଟ ହରାଇ ନ ଥିଲା। ଯଦିଓ ଅଷ୍ଟ୍ରେଲୀୟ ଫିଲ୍ଡର କେତୋଟି ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ହାତଛଡ଼ା କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ କୋହଲି ୪୭ ଓ ପୂଜାରା ୬୮ ରନ କରି ଅପରାଜିତ ରହିଛନ୍ତି।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅବଶ୍ୟ ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରିଥିଲେ ଭାରତୀୟ ବ୍ୟାଟ୍ସମ୍ୟାନ। ଦୁଇ ନିୟମିତ ଓପନର ଲୋକେଶ ରାହୁଲ ଓ ମୁରଲୀ ବିଜୟଙ୍କୁ ବାଦ୍ ଦେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ମୟଙ୍କ ଓ ହନୁମା ବିହାରୀଙ୍କୁ ଇନିଂସ ଓପନ କରିବାର ସୁଯୋଗ ଦେଇଥିଲେ। ବିହାରୀ ସଫଳ ହୋଇ ନ ଥିଲେ। ସେ ୮ ରନ କରିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ଏକ ବାଉନ୍ସ ବଲକୁ ଖେଳିବାକୁ ଯାଇଥିଲେ। ବଲ୍ ତାଙ୍କ ଗ୍ଲୋଭ୍ସରେ ବାଜିଥିଲା ଓ ସେ ଦ୍ୱିତୀୟ ସ୍ଲିପ୍‌ରେ ଆରୋନ ଫିଞ୍ଚଙ୍କ ହାତରେ ଧରା ପଡିଥିଲେ। ବିହାରୀ ଧୈର୍ଯ୍ୟର ସହ ୬୬ଟି ବଲ ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ଆଉଟ ହୋଇଥିଲେ। ୨୫ଟି ବଲ ଖେଳିବା ପରେ ସେ ପ୍ରଥମ ରନ ସଂଗ୍ରହ କରିଥିଲେ। ପ୍ରଥମ ଉଇକେଟ ଯୋଡିରେ ବିହାରୀ ଓ ମୟଙ୍କ ୪୦ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ମୟଙ୍କ କିନ୍ତୁ ନୂଆ ବଲ୍‌ରେ ଅଷ୍ଟ୍ରେଲୀୟ ଦ୍ରୁତ ବୋଲରଙ୍କୁ ସଫଳ ମୁକାବିଲା କରିଥିଲେ। ସେ ସୁନ୍ଦର ବ୍ୟାଟିଂର ନମୁନା ପ୍ରଦର୍ଶନ କରି ୧୬୧ଟି ବଲ ଖେଳି ୮ ଚୌକା ଓ ୧ ଛକା ସହ ୭୬ ରନର ଶତକୀୟ ପାଳି ଖେଳି କମିନ୍ସଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। କମିନ୍ସଙ୍କ ବଲକୁ ଖେଳିବାକୁ ଯାଇ ସେ ଲେଗ୍ ସାଇଡ୍‌ରେ ଉଇକେଟ କିପର ଟିମ୍ ପେନ୍‌ଙ୍କ ହାତରେ ଧରା ପଡିଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ମୟଙ୍କ ଓ



### ରେକର୍ଡ ବୁକ୍‌ରେ ମୟଙ୍କ

ଭାରତୀୟ ଓପନର୍ ମୟଙ୍କ ଅଗ୍ରୱାଲ ନିଜର ପଦାର୍ପଣ ଟେଷ୍ଟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୭୬ ରନ କରିଥିବା ମୟଙ୍କ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଅଷ୍ଟ୍ରେଲିଆ ମାଟିରେ ପଦାର୍ପଣ ଟେଷ୍ଟରେ ସର୍ବାଧିକ ରନ କରିବାରେ ୭୧ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୪୭ରେ ଦତ୍ତୁ ଫଡକର ସିଡନୀରେ ୫୧ ରନର ଇନିଂସ ଖେଳି ଏହି ରେକର୍ଡର ଅଧିକାରୀ ଥିଲେ। ସେହିଭଳି ବିଦେଶ ମାଟିରେ ନିଜର ପଦାର୍ପଣ ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ଭାରତୀୟ ଓପନର ତାଲିକାରେ ମୟଙ୍କ ୨ୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ସୁଧୀର ନାଇକ ଶୀର୍ଷରେ ରହିଛନ୍ତି। ସୁଧୀର ୧୯୭୬ରେ ଇଂଲଣ୍ଡରେ ନିଜର ପଦାର୍ପଣ ଟେଷ୍ଟରେ ୭୭ ରନ କରିଥିଲେ। ସୁନୀଲ ଗାଭାସ୍କର ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ୧୯୭୧ରେ ୱେଷ୍ଟଇଣ୍ଡିଜରେ ନିଜର ଟେଷ୍ଟ ପଦାର୍ପଣରେ ଗାଭାସ୍କର ଅପରାଜିତ ୬୭ ରନ କରିଥିଲେ। ଅଗ୍ରୱାଲ ଭାରତର ୨୯୫ତମ ଟେଷ୍ଟ ଖେଳାଳି ମାନ୍ୟତା ପାଇଛନ୍ତି।

### ବକ୍ସିଂ ଡେ ଟେଷ୍ଟ

ପୂଜାରା ୮୩ ରନ ସଂଗ୍ରହ କରିଥିଲେ। ଏହା ପରେ ତୃତୀୟ ଉଇକେଟ ଯୋଡିରେ କୋହଲି ଓ ପୂଜାରା ଧିମା ଖେଳିଥିଲେ ମଧ୍ୟ ୯୨ ରନର ଭାଗୀଦାରି ସ୍ଥାପନ କରିଥିଲେ। ପୂଜାରା ଅତ୍ୟନ୍ତ ଧିମା ବ୍ୟାଟିଂ କରି ୨୦୦ଟି ବଲ ଖେଳି ୬ ଚୌକା ସହ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି କୋହଲି ୧୦୭ଟି ବଲ ଖେଳି ୪୭ ରନ କରି ଅପରାଜିତ ରହିଛନ୍ତି। ଅବଶ୍ୟ ଖେଳ ଶେଷ ଆଡକୁ କୋହଲିଙ୍କର ଏକ କ୍ୟାଚ ହାତଛଡ଼ା କରିଥିଲେ ପେନ୍। ମିଚେଲ ଷ୍ଟାର୍କଙ୍କ ଏକ ସୁନ୍ଦର ଓଭରରେ କୋହଲି ଏକାଧିକ ବାର ବିଟ୍ ହୋଇଥିଲେ। ଏହି ଓଭରର ଏକ ବଲ କୋହଲିଙ୍କୁ ଇନ୍‌ସାଇଡ ଓ ଆଉଟ ସାଇଡରେ ବିଟ୍ କରିଥିଲା ଓ ବଲ ବ୍ୟାଟ୍‌ରେ ବାଜି ପେନ୍‌ଙ୍କ ପାଖକୁ ଯାଇଥିଲେ ମଧ୍ୟ ସେ ବଲ ଧରିବାରେ ସଫଳ ହୋଇ ନ ଥିଲେ। ସେତେବେଳେ କୋହଲି ୪୭ ରନ କରି ବ୍ୟାଟିଂ ଜାରି ରଖିଥିଲେ। ବୋଲିଂରେ ଘରୋଇ ଦଳ ତରଫରୁ କମିନ୍ସ ଏକମାତ୍ର ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ଦୁଇଟି ଯାକ ଉଇକେଟ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର:**

ଭାରତ ପ୍ରଥମ ଇନିଂସ ୮୯ ଓଭରରେ ୨୧୫/୨ (ମୟଙ୍କ– ୭୬, ପୂଜାରା– ୬୮, କୋହଲି– ୪୭, କମିନ୍ସ– ୨/୪୦)।

### ପ୍ରଥମ ଟେଷ୍ଟ: ପାକିସ୍ତାନ ୧୮୧ରେ ଅଲଆଉଟ୍

ସେଞ୍ଚୁରିଅନ, ୨୬।୧୨(ଏଏଫପି)

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୭ ଓଭରରେ ୧୮୧ ରନ କରି ଅଲଆଉଟ ହୋଇଛି। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩୬ ଓଭରରେ ୫ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବଭୁମା ୩୮ ଓ ଡେଲ ଷ୍ଟେଇନ ୧୩ ଅପରାଜିତ ରହିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ବାବର ଆଜମ ସର୍ବାଧିକ ୭୧, ଆଖାର ଅଲ୍ଲୀ ୩୬ରନ କରିଥିଲେ। ଦକ୍ଷିଣ ଆଫ୍ରିକାର ଡୁଆନ ଓଲିଭର ସର୍ବାଧିକ ୬, କାଗିସୋ ରାବାଡ଼ା ୩ ଓ ଡେଲ ଷ୍ଟେଇନ୍ ଗୋଟିଏ ଉଇକେଟ ନେଇଥିଲେ। ଏଥିସହ ଡେଲ୍ ଷ୍ଟେଇନ୍ ଦକ୍ଷିଣ ଆଫ୍ରିକାର ସର୍ବାଧିକ ଟେଷ୍ଟ ଉଇକେଟ୍ ହାସଲକାରୀ ବୋଲର ହୋଇଛନ୍ତି। ଫାଖର ଜମାନଙ୍କୁ ଡିନ୍ ଏଲଗାରଙ୍କ ହାତରେ କ୍ୟାଚ୍ କରାଇ ଷ୍ଟେଇନ ଟେଷ୍ଟ ଉଇକେଟ୍ ସଂଖ୍ୟାକୁ ୪୨୨ରେ ପହଞ୍ଚାଇଛନ୍ତି। ପୂର୍ବରୁ ଏହି ରେକର୍ଡ ପ୍ରାକ୍ତନ ଅଧିନାୟକ ସନ୍ ପୋଲକଙ୍କ (୪୨୧ ଉଇକେଟ) ନାମରେ ରହିଥିଲା।

**ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ ପ୍ରଥମ ଇନିଂସ: ୪୭ ଓଭରରେ ୧୮୧ ଅଲଆଉଟ। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୩୬ ଓଭରରେ ୧୧୭/୫।

■ ସି.କେ. ନାଇଡୁ ଟ୍ରଫି

## ସନ୍ଦୀପଙ୍କ ଶତକ

ବଲାଙ୍ଗୀର ଅଫିସ, ୨୬।୧୨

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ସି.କେ. ନାଇଡୁ ଟ୍ରଫିର ତୃତୀୟ ଦିନରେ ବ୍ୟାଟିଂ ବିପର୍ଯ୍ୟୟ ସମ୍ମୁଖୀନ ହୋଇ ଘରୋଇ ଓଡ଼ିଶା ଫଲୋଅନ୍‌ର ସମ୍ମୁଖୀନ ହୋଇଛି। ବୁଧବାର ତୃତୀୟ ଦିନ ଖେଳ ଆରମ୍ଭ ହେବା ପରେ ଓଡିଶା ଦଳ ଅସମାପ୍ତ ପାଳି ୫୬ ରନ୍‌ରୁ ଆରମ୍ଭ କରିଥିଲା । ତେବେ ଆରମ୍ଭରୁ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା ଓ ମାତ୍ର ୧୫୦ ରନ୍ ଯୋଗକରି ସମସ୍ତ ଖେଳାଳି ୨୦୬ ରନ୍‌ର ଦଳୀୟ ସ୍କୋରରେ ଅଲ ଆଉଟ୍ ହୋଇ ଫଲୋଅନ୍‌ର ସମ୍ମୁଖୀନ ହୋଇଥିଲେ । ଓଡିଶାର ଏକମାତ୍ର ସଫଳ ବ୍ୟାଟ୍‌ସମ୍ୟାନ୍ ଭାବେ ସନ୍ଦୀପ ପଟ୍ଟନାୟକ ଲଢୁଆ ଖେଳ ପ୍ରଦର୍ଶନ କରି ଶତକ (୧୦୦ ରନ୍) ଅର୍ଜନ କରିଥିଲେ । ଜମ୍ମୁ କଶ୍ମୀର ଦଳ ତରଫରୁ ସଫଳ ବୋଲର ଭାବେ ଆବିଦ୍ ମୁସ୍ତାକ ୫ଟି, ପାରଶ ଶର୍ମା ୨ଟି ଓ ଆକିବ ନାବୀ ୨ଟି ଉଇକେଟ ଅକ୍ତିଆର କରିଥିଲେ । ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଫଲୋଅନ୍ ପରେ ଓଡିଶା ଦଳ ତା'ର ଦ୍ୱିତୀୟ ଇନିଂସ୍ ଆରମ୍ଭ କରି କୌଣସି ଉଇକେଟ୍ ନ ହରାଇ ମାତ୍ର ୩୦ ରନ୍ ସଂଗ୍ରହ କରିଛି । ଗୁରୁବାର ଅନ୍ତିମ ଦିବସର ଖେଳ ବାକି ଥିବାରୁ ଓଡିଶା ନିଜର ସମସ୍ତ ଉଇକେଟ୍ ବଞ୍ଚାଇ ନ ପାରିଲେ ଦଳ ପରାଜୟର ସମ୍ମୁଖୀନ ହେବା ଆଶଙ୍କା ସୃଷ୍ଟି ହୋଇଛି । ଓଡିଶା ଦଳ ଏବେ ବି ୩୯୮ ରନ୍ ପଛରେ ପଡିଛି । ଜମ୍ମୁ କଶ୍ମୀର ପ୍ରଥମ ଇନିଂସରେ ୮ ଉଇକେଟ୍ ବିନିମୟରେ ୬୩୪ ରନ୍ ସଂଗ୍ରହ କଲା ପରେ ପାଳି ଘୋଷଣା କରିଥିଲା ।



ସନ୍ଦୀପ ପଟ୍ଟନାୟକ

### ଆନ୍ଧ୍ରଠାରୁ ହାରି ଓଡ଼ିଶା ବିଦା

କଟକ ଅଫିସ,୨୬।୧୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ନକଆଉଟ ପର୍ଯ୍ୟାୟ ମ୍ୟାଚ୍‌ରେ ଓଡ଼ିଶା ୩ଉଇକେଟରେ ଆନ୍ଧ୍ରପ୍ରଦେଶଠାରୁ ପରାସ୍ତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଧୁସ୍ମିତା ବେହେରାଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ୧୬୦ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ମାଧୁରୀ ମେହେଟା ୪୨, ସୁଶ୍ରୀ ଦିବ୍ୟଦର୍ଶିନୀ ୪୬ ରନ୍ କରିଥିଲେ। ଜବାବରେ ୪୭ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଛି ଆନ୍ଧ୍ରପ୍ରଦେଶ। ଓପନର ସି.ଏଚ୍. ଝାନ୍‌ସୀ ଲକ୍ଷ୍ମୀ ସର୍ବାଧିକ ୭୫ରନ୍ କରିଥିଲେ। ୧୩୭ରନରେ ଦଳ ୭ଟି ଉଇକେଟ ହରାଇଥିଲେ ସୁଦ୍ଧା ଦୁଇ ନିମ୍ନକ୍ରମର ବ୍ୟାଟ୍ସଓମ୍ୟାନ ଅଞ୍ଜଳୀ ଶ୍ରାବଣୀ(୧୧ରନ୍) ଓ କେ. ଜ୍ୟୋତି(୧୨ରନ୍) ସତର୍କତାର ସହ ଖେଳି ଦଳକୁ ଜିତାଇଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଲେଖାଏ ଉଇକେଟ ପାଇଛନ୍ତି।

## ଜୁନିୟର କ୍ରିକେଟ: ଶହୀଦ ସ୍ପୋର୍ଟିଂ ଚାମ୍ପିୟନ

ଭୁବନେଶ୍ୱର,୨୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରଗତି ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ଭୁବନେଶ୍ୱର ଜୁନିୟର କ୍ରିକେଟ ଲିଗ୍‌ରେ ଶହୀଦ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଟୁର୍ନାମେଣ୍ଟ ଫାଇନାଲରେ ରାମେଶ୍ୱର କ୍ଲବକୁ ୩୦ ରନ୍‌ରେ ହରାଇ ଶହୀଦ ସ୍ପୋର୍ଟିଂ ଟାଇଟଲ ହାତେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ହରାଇ ୨୨୭ ରନ୍ କରିଥିଲା। ଦଳ ପକ୍ଷରୁ ବିଶ୍ୱ ବିଭବ ମୁଦୁଲି ୭୫ ଓ ସୌମ୍ୟ ଶ୍ରୀଚନ୍ଦନ ୫୦ ରନ୍ କରିଥିଲେ। ଜବାବରେ ରାମେଶ୍ୱର ୩୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୯୭ ରନ୍ କରିପାରିଥିଲା। ଦଳ ଲଗି ସାରାଂଶ କୁମାର ୪୩ ଓ ଆଦିତ୍ୟ ଜେନା ୩୨ ରନ୍ କରିଥିଲେ। ଚାମ୍ପିୟନ ଦଳ ପାଇଁ ସୌମିତ୍ର, ଓମ୍ ଶ୍ରୀରାମ ଏବଂ ହିମାଂଶୁ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ସର୍ବାଧିକ ବ୍ୟକ୍ତିଗତ ରନ୍ କରିଥିବା ବିଶ୍ୱ ବିଭବ ମୁଦୁଲିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ସୌମିତ୍ର ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ଦିଆଯାଇଛି।



ଚାମ୍ପିୟନ୍ସ ଶହୀଦ ସ୍ପୋର୍ଟିଂ ଦଳ ଖେଳାଳିମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## କିଟ୍‌ରେ ମେଗା ସ୍ପୋର୍ଟ୍ସ ଫେଷ୍ଟ

ଭୁବନେଶ୍ୱର, ୨୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆସୋସିଏଶନ ଅଫ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ତତ୍ତ୍ୱାବଧାନରେ ଓ କିଟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଛି ମେଗା ସ୍ପୋର୍ଟ୍ସ ଫେଷ୍ଟ ତଥା ନ୍ୟାଶନାଲ ୟୁନିଭର୍ସିଟି ଗେମ୍ସ। ଏହି ସ୍ପୋର୍ଟ୍ସ ଫେଷ୍ଟରେ ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ ଆର୍ଚେରୀ (ପୁରୁଷ/ମହିଳା), ସଫ୍ଟ ଟେନିସ (ପୁରୁଷ/ ମହିଳା), ଟଗ୍ ଅଫ୍ ୱାର (ପୁରୁଷ/ ମହିଳା), ରୋପ୍ ସ୍କିପିଂ (ପୁରୁଷ/ ମହିଳା) ଓ ସର୍ବଭାରତୀୟ ଆନ୍ତଃ ଜୋନାଲ କବାଡ଼ି (ପୁରୁଷ) ଓ ହକି (ମହିଳା) ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ୨୬ରୁ ଆରମ୍ଭ ହୋଇ ଏହି ମେଗା ଇଭେଣ୍ଟ ୨୯ ତାରିଖରେ ଶେଷ ହେବ।

ପ୍ରଥମଥର ପାଇଁ ରୋପ ସ୍କିପିଂ ଇଭେଣ୍ଟକୁ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ୟାଲେଣ୍ଡରରେ ସାମିଲ କରାଯାଇଛି। ଦେଶର ପାଖାପାଖି ୩୪୦୦ କ୍ରୀଡ଼ାବିତ୍ କିଟ୍‌ରେ ଏହି ମେଗା ଇଭେଣ୍ଟରେ ଯୋଗ ଦେବା ପାଇଁ ଏକାଠି ହୋଇଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଆଇୟୁ ଅବଜରଭର ପୀୟୂଷ ଜୈନ, କିଟ୍‌ର କ୍ୱାଲିଟି ଆସ୍ୟୁରାନ୍ସ ସେଲ ନିର୍ଦ୍ଦେଶକ ଜୟନ୍ତ ପରିଡ଼ା, କିଟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନିର୍ଦ୍ଦେଶକ ତଥା ଅର୍ଗାନାଇଜିଂ ସମ୍ପାଦକ ଗଗନେନ୍ଦୁ ଦାଶ ଉପସ୍ଥିତ ଥିଲେ।

ଆର୍ଚେରୀ ଇଭେଣ୍ଟରେ କିଟର ସବୁ ପ୍ରତିଯୋଗୀ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ରଗବୀରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁରୁକ୍ଷେତ୍ରଠାରୁ ପରାସ୍ତ ହୋଇଛି। ପୁରୁଷ କବାଡ଼ିରେ ଉତ୍କଳ ମୁମ୍ବାଇ ବିଶ୍ୱବିଦ୍ୟାଳୟ ଓ ରୋହତକର ଏମ୍‌ଡିଠାରୁ ପରାସ୍ତ ହୋଇଛି।

ଏଥି ସହିତ କିଟ୍‌ରେ ୬୪ତମ ୧୪, ୧୭ ଓ ୧୯ ବର୍ଷରୁ କମ୍ ରଗ୍‌ବୀ ଜାତୀୟ ସ୍କୁଲ ଗେମ୍ସ ୨୬ ତାରିଖରୁ ଆରମ୍ଭ ହୋଇଛି ଓ ଏହା ୩୧ ତାରିଖରେ ଶେଷ ହେବ। ମୋଟ ଉପରେ ସାରା ଦେଶରୁ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ବିହାର, ଗୋଆ, ମହାରାଷ୍ଟ୍ର, ଓଡ଼ିଶା, ତାମିଲନାଡୁ, ଗୋଆ, ଛତିଶଗଡ଼, ଗୁଜରାଟ, ଜମ୍ମୁ କଶ୍ମୀର, ଦିଲ୍ଲୀ, ଆନ୍ଧ୍ର ପ୍ରଦେଶ, ପଞ୍ଜାବ ଓ ତେଲେଙ୍ଗାନା ଦଳ ଭାଗ ନେଇଛନ୍ତି। ଅଚ୍ୟୁତ ସାମନ୍ତ ଏହି ଗେମ୍ସର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେକେଣ୍ଡାରୀ ଏଜୁକେଶନ ଡାଇରେକ୍ଟର ବିଷ୍ଣୁ ପ୍ରସାଦ ଷଡଙ୍ଗୀ, ଏସ୍‌ଜେଏଫ୍‌ଆଇ ଅବଜରଭର ଭୁବନେଶ ଚୌଧୁରୀ, ଖୋର୍ଦ୍ଧା ଡିଇଓ ବୃନ୍ଦାବନ ଶତପଥୀ ଓ ଅନ୍ୟ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଓଡ଼ିଶା ଦଳ ୧୯– ୧୦ରେ ତାମିଲନାଡୁକୁ ହରାଇ ଅଭିଯାନ ଆରମ୍ଭ କରିଛି।

## ଅଧିକ ଟୁର୍ନାମେଣ୍ଟ ଆୟୋଜନ ଜରୁରୀ

**କ୍ରୀଡ଼ା ଜଗତରେ ପାଦ ଥାପିଥିଲେ ଜଣେ ଆଥ୍‌ଲେଟ ଭାବେ। ପଶ୍ଚିମବଙ୍ଗ ଜୁନିୟର ଆଥଲେଟ ଦଳରେ ୧୦୦, ୨୦୦ ମିଟର ଦୌଡ଼ ଓ ହାଇଜମ୍ପ ବିଭାଗରେ ସେ ବିଭିନ୍ନ ଚାମ୍ପିୟନଶିପ୍‌ରେ ଭାଗ ନେଇଛନ୍ତି। ଏପରିକି ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ବିଜୟୀ ଆଥ୍‌ଲେଟ ମଧ୍ୟ। ପରିସ୍ଥିତିରେ ପଡ଼ି ସ୍କୁଲ ଦଳରୁ କବାଡ଼ି ଖେଳୁ ଖେଳୁ ଏବେ ସେ ଭାରତୀୟ ମହିଳା କବାଡ଼ି ଦଳର ଅଧିନାୟିକା ଭାର ସମ୍ଭାଳି ସାରିଲେଣି। ତାଙ୍କ ନେତୃତ୍ୱରେ ଭାରତ ଜାକାର୍ତ୍ତାରେ ଅନୁଷ୍ଠିତ ଗତ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛି। ଏହି କବାଡ଼ି କୁଇନ୍ ହେଉଛନ୍ତି କୋଲକାତା ଚନ୍ଦନ ନଗରର ପାୟଲ ଚୌଧୁରୀ। କଟକରେ ଓଡ଼ିଶା କବାଡ଼ି ଆସୋସିଏଶନ ଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାୟଲ ଯୋଗ ଦେବା ଅବସରରେ ତାଙ୍କ ସହ ସାକ୍ଷାତକାର..**




ପ୍ର– ଆଥ୍‌ଲେଟିକ୍ସରୁ କବାଡ଼ି ଖେଳକୁ କିପରି ଆସିଲେ ?

ଉ–ଆନ୍ତଃ ସ୍କୁଲ କବାଡ଼ି ଟୁର୍ନାମେଣ୍ଟ ପାଇଁ ସ୍କୁଲ ଦଳ ବଛାଯାଉଥାଏ। ସେତେବେଳେ ମୁଁ ନବମ ଶ୍ରେଣୀରେ ପଢୁଥିଲି। ଯେହେତୁ ଆଥ୍‌ଲେଟ ବୋଲି ସ୍କୁଲରେ ସମସ୍ତେ ଜାଣନ୍ତି, ମୋତେ କବାଡ଼ି ଖେଳିବାକୁ କୁହାଗଲା। ମନା କରିଥିଲି ଦଳରେ ଯିବାକୁ। ହେଲେ ମୋ ନାଁ ପିଇଟି ଜବରଦସ୍ତ ଦେଇଥିଲେ। ସ୍କୁଲ ଦଳରେ ଖେଳିବା ବେଳେ କବାଡ଼ି ପ୍ରତି ଦୁର୍ବଳତା ଆସିଥିଲା। ପରେ କୋଚିଂ ନେବା ସହ ଜଣେ ନିୟମିତ କବାଡ଼ି ଖେଳାଳି ଭାବେ ପରିଚୟ ପାଇଲି। ପ୍ରଶିକ୍ଷଣ ନେବାର ଗୋଟିଏ ବର୍ଷ ଭିତରେ ରାଜ୍ୟ ଜୁନିୟର ଦଳରେ ଏବଂ ପରେ ସିନିୟର ଦଳରେ ସୁଯୋଗ ପାଇଥିଲି।

ପ୍ର–ଖେଳାଳି ଭାବେ ପରିବାରରୁ କେମିତି ସମର୍ଥନ ପାଇଛନ୍ତି ?

ଉ– ପିଲାଟି ବେଳୁ ଖେଳ ଓ ଖେଳାଳିଙ୍କ ଭିତରେ ମୋ ସମୟ କଟିଛି। ବାପା କମଳ ଚୌଧୁରୀ ଜଣେ ପୂର୍ବତନ ଜାତୀୟ ଫୁଟବଲ ଖେଳାଳି। ଏହାଛଡ଼ା ସମ୍ପର୍କୀୟ ମାନେ ମଧ୍ୟ ଖେଳ ସହ ସମ୍ପୃକ୍ତ। ଏଣୁ ଖେଳ ପ୍ରତି ଆଗ୍ରହ ଜାତ ହେବା ସ୍ୱାଭାବିକ ଥିଲା ମୋ ପାଇଁ। ସୌଭାଗ୍ୟବଶତଃ ମୋ ବିବାହ ମଧ୍ୟ ଜଣେ କ୍ରୀଡ଼ାବିତ(ଅର୍ଜୁନ ପୁରସ୍କାର ବିଜୟୀ ପ୍ରଶାନ୍ତ କର୍ମକାର)ଙ୍କ ସହ ହୋଇଛି। ସବୁବେଳେ ମୋ ପାଇଁ ସମର୍ଥନ ରହିଛି।

ପ୍ର–ଏସିଆନ ଗେମ୍ସ ଫାଇନାଲରେ ଇରାନ ସହ ମୁକାବିଲା କିପରି ଥିଲା ?

ଉ–ଟୁର୍ନାମେଣ୍ଟ ଆରମ୍ଭରୁ ଭାରତର ପ୍ରଦର୍ଶନ ସବୁଠାରୁ ଭଲ ଥିଲା। ଦଳରେ ଯୁବ ଖେଳାଳିମାନେ ଅଧିକ ଥିଲେ। ଗ୍ରୁପ୍ ପର୍ଯ୍ୟାୟରେ ଆମେ ସହଜରେ ସବୁ ମ୍ୟାଚ୍ ଜିତିଥିବାରୁ ମନୋବଳ ମଧ୍ୟ ଦୃଢ଼ ଥିଲା । ସେମିଫାଇନାଲରେ କୋରିଆକୁ ମଧ୍ୟ ସହଜରେ ପରାସ୍ତ କରିଥିଲୁ, ହେଲେ ଫାଇନାଲରେ ଇରାନ ସହ ମୁକାବିଲା ବେଶ୍ ରୋମାଞ୍ଚକର ଥିଲା। ଫାଇନାଲ ମ୍ୟାଚ୍‌ର ପ୍ରଥମରୁ ଆମେ ବହୁତ ଭଲ ଖେଳିଥିଲୁ। ହେଲେ ପରବର୍ତ୍ତୀ ସମୟଗୁଡ଼ିକରେ ଆମେ ଭଲ ଖେଳି ମଧ୍ୟ ପଏଣ୍ଟ ପାଇପାରି ନ ଥିଲୁ। ରିଭ୍ୟୁ ସିଷ୍ଟମ ନ ଥିବାରୁ ରେଫ୍‌ରିଙ୍କ କହିବା ଅନୁସାରେ ପଏଣ୍ଟ ମିଳୁଥିଲା। ୫ରୁ ୭ ପଏଣ୍ଟ ଆମେ ଦୁର୍ଭାଗ୍ୟବଶତଃ ହରାଇଥିଲୁ। ଯାହା ଆମ ପାଇଁ ମହଙ୍ଗା ପଡ଼ିଥିଲା ।

ପ୍ର– ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ମହିଳା କବାଡ଼ି ଦଳର ଷ୍ଟାଣ୍ଡ ବାଏ ଖେଳାଳି ଥିଲେ। ପରେ ୨୦୧୮ ଏସିଆନ ଗେମ୍ସରେ ଦଳର ଅଧିନାୟିକା। ଏ ସମ୍ପର୍କରେ କ'ଣ କହିବେ ?

ଉ–୨୦୧୪ ମସିହାରେ ଭାରତୀୟ ଦଳର ଷ୍ଟାଣ୍ଡବାଏ ଖେଳାଳି ଭାବେ ନାମ ଘୋଷଣା କରାଯିବା ପରେ ବହୁତ ଖରାପ ଲାଗିଥିଲା। କିଛିଦିନ ମାନସିକ ଭାବେ ମଧ୍ୟ ଭାଙ୍ଗି ପଡ଼ିଥିଲି। ହେଲେ ପରେ ଅଭ୍ୟାସ ଅଧିକରୁ ଅଧିକ କରିବା ସହ କିପରି ଜାତୀୟ ଦଳରେ ସ୍ଥାନ ବଜାୟ ରଖିବି ସେଥି ନିମନ୍ତେ ଚେଷ୍ଟା ଚଳାଇଥିଲି। ୨୦୧୬ରେ ଅଧିନାୟିକା ହେଲି ଓ ୨୦୧୮ରେ ଏସିଆନ ଗେମ୍ସରେ ମଧ୍ୟ ଏହି ପଦବୀ ବଜାୟ ରଖିବାରେ ସଫଳ ହୋଇଛି ।

ପ୍ର–ଭାରତୀୟ ମହିଳା କବାଡ଼ିର ଭବିଷ୍ୟତକୁ କିପରି ଦେଖୁଛନ୍ତି ?

ଉ–ବହୁତ ଭଲ ଅଛି, ଆଗକୁ ମଧ୍ୟ ଭଲ ରହିବ ବୋଲି ଆଶା। ହେଲେ ଅଧିକରୁ ଅଧିକ ଟୁର୍ନାମେଣ୍ଟ ହେବା ଉଚିତ। ଯେପରି ପୁରୁଷ କବାଡ଼ି ଖେଳାଳିମାନଙ୍କୁ ନେଇ ପ୍ରୋ–କବାଡ଼ି ଲିଗ୍ ହେଉଛି ସେପରି ମହିଳା କବାଡ଼ି ଖେଳାଳିମାନଙ୍କୁ ନେଇ କିଛି ପ୍ରାୟୋଜିତ ଟୁର୍ନାମେଣ୍ଟ ହେଲେ ଖେଳାଳି ମାନେ ଅଧିକ ଉତ୍ସାହିତ ହେବେ ।

(ସାକ୍ଷାତ: କୁମାରଶ୍ରୀ ସାହୁ)



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



MARUTI SUZUKI ARENA
BEST TIME to buy
Biggest offers of the year.
Hurry, buy before price hike.
Maruti Suzuki to increase vehicle prices upto ₹20,000*
Hurry!!!
Last 5 days
CELERIO
WAGONR
CELERIO SAVE UPTO ₹ 60,000*
WAGONR SAVE UPTO ₹ 70,000*
CELERIO WAGONR
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009
ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9437492369
LEGEND CARS
• JEYPORE: 7894335551
• BHAWANIPATNA: 7894442910
SKY AUTOMOBILES
• BERHAMPUR: 7381261000
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of December'18 only. Offers as shown above may change without any prior notice.



# ଘଟଣାବହୁଳ ଶ୍ରୀମନ୍ଦିର




୨୦୧୮ ଶ୍ରୀମନ୍ଦିର ପାଇଁ ଥିଲା ଘଟଣାବହୁଳ। ନୂତନ ପରିଚାଳନା କମିଟି ଗଠନ ହେବା ସହ ରାଷ୍ଟ୍ରପତି, ନେପାଳ ରାଜାଙ୍କ ଗସ୍ତ ପ୍ରମୁଖ ଖବର ହୋଇଥିବା ବେଳେ କେତେକ ଘଟଣା ଶ୍ରୀମନ୍ଦିରକୁ କାଠଗଡ଼ାକୁ ଟାଣି ନେଇଥିଲା। ରତ୍ନଭଣ୍ଡାର ଚାବି ହଜିବା, ଡୁପ୍ଲିକେଟ ଚାବି ରହସ୍ୟଜନକ ଭାବେ ମିଳିବା, ଏଥିଲାଗି ତଦନ୍ତ କମିଶନ ବସାଯିବା ଆଦି ଅନେକ ଘଟଣାକୁ ନେଇ ଶ୍ରୀମନ୍ଦିର ଚର୍ଚ୍ଚାରେ ରହିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ହେଲା ବ୍ରହ୍ମ ବିଭ୍ରାଟ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା। ଏହାଛଡ଼ା ଶ୍ରୀମନ୍ଦିର ସଂସ୍କାର କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲା। ଗର୍ଭଗୃହକୁ ପ୍ରବେଶ କଟକଣା ଉପରେ ହାଇକୋର୍ଟଙ୍କ ରାୟ ପରେ ସେବାୟତଙ୍କ ଅସହଯୋଗ ଯୋଗୁ ମହାପ୍ରଭୁଙ୍କୁ ଉପବାସ ରହିବାକୁ ମଧ୍ୟ ପଡ଼ିଥିଲା। ଏତଦ୍‌ବ୍ୟତୀତ ଧାଡ଼ି ଦର୍ଶନକୁ ନେଇ ପୁରୀ ହିଂସାକାଣ୍ଡ ସବୁ ସୀମା ସରହଦକୁ ଟପି ଯାଇଥିଲା।

## ଧାଡ଼ି ଦର୍ଶନ

ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିଲା ଧାଡ଼ି ଦର୍ଶନ ବ୍ୟବସ୍ଥା। ହେଲେ ପ୍ରଥମ ଦିନରୁ ସୃଷ୍ଟି ହୋଇଥିଲା ବିଭ୍ରାଟ। ଶ୍ରୀମନ୍ଦିର ଦ୍ୱାର ଫିଟିବା କ୍ଷଣି କେତେଜଣ ଶ୍ରଦ୍ଧାଳୁ ଧାଡ଼ି ଦର୍ଶନକୁ ବିରୋଧ କରି ବ୍ୟାରିକେଡ ଭଙ୍ଗାରୁଜା କରିଥିଲେ। ଏପରି କି ବାଇଶି ପାହାଚରେ ହୋଇଥିବା ବ୍ୟାରିକେଡକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏଥିଯୋଗୁ ଧାଡ଼ି ଦର୍ଶନ ବ୍ୟବସ୍ଥା ସାମୟିକ ବାଧାପ୍ରାପ୍ତ ହୋଇଥିବା ବେଳେ ମହାପ୍ରଭୁଙ୍କ ନୀତିରେ ବି ବିଳମ୍ବ ଘଟିଥିଲା। ବ୍ରାହ୍ମ ମୁହୂର୍ତ୍ତରେ ହେବାକୁ ଥିବା ମଙ୍ଗଳ ଆଳତି ସକାଳ ପ୍ରାୟ ୭ଟା ୪୫ରେ ହୋଇଥିଲା।

## ଖୋଲିଲା ବ୍ରହ୍ମ ବିଭ୍ରାଟ ଗୁମର

ଦୀର୍ଘ ୩ ବର୍ଷ ପରେ ଖୋଲିଛି ବ୍ରହ୍ମ ବିଭ୍ରାଟ ଗୁମର। ଜଣେ ମହାରଣା ସେବକ ଏବଂ ୯ ଦଇତାପତି ସେବାୟତଙ୍କୁ ନଭେମ୍ବର ୧୪ରେ ନୋଟିସ ଜାରି କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ସେମାନେ ହେଲେ ଦଇତାପତି ନିଯୋଗ ସଭାପତି ରାମକୃଷ୍ଣ ଦାସମହାପାତ୍ର, ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର, ଜୟକୃଷ୍ଣ ଦାସମହାପାତ୍ର, କାଶୀନାଥ ଦାସମହାପାତ୍ର, କୃଷ୍ଣଚନ୍ଦ୍ର ଦାସମହାପାତ୍ର, କୀର୍ତ୍ତି ଦାସମହାପାତ୍ର, ବିଶ୍ୱନାଥ ଦାସମହାପାତ୍ର, ନବକିଶୋର ଦାସମହାପାତ୍ର, ନବକିଶୋର ପତିମହାପାତ୍ର ଏବଂ ଅନ୍ୟ ଜଣେ ହେଲେ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା। ଅନ୍ୟପକ୍ଷରେ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ଏବଂ ଦଇତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ରଙ୍କ ବୟାନ ଆହୁରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଦିନରେ ବ୍ରହ୍ମ ସଂସ୍ଥାପନ ହୋଇଥିବା ପ୍ରମାଣ ସମ୍ୱଳିତ ଚିଠି ମଧ୍ୟ ପଦାକୁ ଆସିଛି।

## ଶ୍ରୀମନ୍ଦିର ଫଟୋ ଭାଇରାଲ

ଚଳିତବର୍ଷ ଶ୍ରୀମନ୍ଦିରର ଏକ ଚର୍ଚ୍ଚିତ ଘଟଣା ହେଲା ଏକାଧିକ ଥର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ। ଏହି ତାଲିକାରେ ଅନେକ ବ୍ୟକ୍ତିଙ୍କ ନାମ ରହିଛି। ବାହାରୁ ଆସୁଥିବା ଭକ୍ତ ଶ୍ରୀମନ୍ଦିର ଭିତର ଫଟୋ ଫେସ୍‌ବୁକ୍‌ରେ ଅପ୍‌ଲୋଡ୍ କରିଥିବା ବିଭିନ୍ନ ସମୟରେ ଜଣାପଡ଼ିଛି। ସେହିପରି ଶ୍ରୀମନ୍ଦିର ବାଇଶି ପାହାଚରେ ପିଣ୍ଡଦାନ ସମୟର ଫଟୋ ନିଜ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ କରି ପୁରୀ ସମୁଦ୍ରକୂଳ ଥାନା ଏଏସ୍‌ଆଇ ଦିଲୀପ ପଣ୍ଡା ନିଲମ୍ବିତ ହୋଇଥିଲେ।






## ନେପାଳ ରାଜା ଜ୍ଞାନେନ୍ଦ୍ରଙ୍କ ପୂଜାର୍ଚ୍ଚନା

ନେପାଳ ରାଜା ଜ୍ଞାନେନ୍ଦ୍ର ବୀରବିକ୍ରମ ଶାହା ଦେବ ଶ୍ରୀମନ୍ଦିର ରତ୍ନସିଂହାସନରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥିସହ ୩ଟି ଶାଳଗ୍ରାମ, ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଓ ୩ ଥଳି କଏନ ଭେଟି ଦେଇଥିଲେ।





## ବନ୍ଦ ନେଲା ହିଂସାର ରୂପ

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ବିରୋଧ କରି ଅକ୍ଟୋବର ୩ରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ନେଇଥିଲା ହିଂସାର ରୂପ। ପୋଡ଼ାଜଳା, ଭଙ୍ଗାରୁଜାରେ ଥରହର ହୋଇଥିଲା ଶ୍ରୀକ୍ଷେତ୍ର। ରଣକ୍ଷେତ୍ର ପାଲଟିଥିଲା ବଡ଼ଦାଣ୍ଡ। ଗଳି, କନ୍ଦିରେ ଆତଙ୍କରାଜ ଚଳାଇଥିଲେ ବିକ୍ଷୋଭକାରୀ। ଦୀର୍ଘ ୬ ଘଣ୍ଟା ଧରି ବିକ୍ଷୋଭକାରୀଙ୍କ କବ୍‌ଜାରେ ରହିଥିଲା ସିଂହଦ୍ୱାରଠୁ ଶରଧାବାଲି। ପରିସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହେବା ପରେ ଚେଇଁ ଉଠିଥିଲା ପୋଲିସ। ବଡ଼ଦାଣ୍ଡରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ। ପୋଲିସ ଲାଠିଚାର୍ଜ ସାଙ୍ଗକୁ ଲୁହବୁହା ଗ୍ୟାସ୍ ଫାୟାର କରିଥିଲା। ଏହାସତ୍ତ୍ୱେ ପଛଘୁଞ୍ଚା ଦେଇ ନ ଥିଲେ ଆନ୍ଦୋଳନକାରୀ। ଶ୍ରୀମନ୍ଦିର ଭିତରେ ପଶି ପୋଲିସ ଉପରକୁ ଟେକା, ପଥର ମାଡ଼ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଘଟଣାରେ ପୋଲିସ ଶତାଧିକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଚାବି ହଜିବା ଘଟଣାରେ ତଦନ୍ତ କମିଶନ

ଜୁନ୍ ୬ରେ ରାଜ୍ୟ ସରକାର ଚାବି ହଜିବା ଘଟଣାର ତଦନ୍ତ ପାଇଁ କମିଶନ ବସାଇଥିଲେ। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାଶଙ୍କୁ କମିଶନ ଭାବେ ନିଯୁକ୍ତ କରାଯାଇଥିଲା। ଏଭଳି ସ୍ଥିତିରେ ଜୁନ୍ ୧୩ ତାରିଖରେ ଜିଲା ଟ୍ରେଜେରିରେ ଏକ ଲଫାପା ମଧ୍ୟରେ ଭିତରେ ରତ୍ନଭଣ୍ଡାରର ଡୁପ୍ଲିକେଟ ଥିବା ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ନଭେମ୍ବର ୩୦ରେ କମିଶନ ୩୨୪ ପୃଷ୍ଠା ସମ୍ୱଳିତ ପୂର୍ଣ୍ଣାଙ୍ଗ ରିପୋର୍ଟ ରାଜ୍ୟ ସରକାରଙ୍କ ଗୃହ ବିଭାଗର ଉପସଚିବଙ୍କ ନିକଟରେ ଦାଖଲ କରିଥିଲେ।

## ରହସ୍ୟରେ ରତ୍ନଭଣ୍ଡାର

ମାର୍ଚ୍ଚ ୨୦ରେ ନବଗଠିତ ପରିଚାଳନା କମିଟି ପ୍ରଥମ ବୈଠକରେ ରତ୍ନଭଣ୍ଡାର ଗୃହର ସ୍ଥିତି ଯାଞ୍ଚ ଲାଗି ସ୍ଥିର ହୋଇଥିଲା। ମାର୍ଚ୍ଚ ୨୬ ଓ ୨୭ରେ ରତ୍ନଭଣ୍ଡାର ଖୋଲିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିଲାଗି ଏଏସ୍‌ଆଇ ଏକ କମିଟି ଗଠନ କରିଥିଲା। ଭିତର ରତ୍ନଭଣ୍ଡାର ଖୋଲିବା ଲାଗି ରାଜ୍ୟ ସରକାରଙ୍କ ଅନୁମତି ଦରକାର ଥିବାରୁ ମାର୍ଚ୍ଚ ୨୬ରେ ଏଏସ୍‌ଆଇ ଦ୍ୱାରା ଗଠିତ କମିଟି କେବଳ ବାହାରୁ ଦେଖି ଫେରିଥିଲେ। ଏପ୍ରିଲ ୪ରେ ଖୋଲିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପ୍ରିଲ ୪ରେ ରତ୍ନଭଣ୍ଡାର ଖୋଲିବା ଲାଗି ବିରାଟ ଆୟୋଜନ ହୋଇଥିଲା। ପୁରପଲ୍ଲୀରେ ରତ୍ନଭଣ୍ଡାର ଖୋଲିବାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ବହୁ ଆଡମ୍ବରେ ଲଘୁକ୍ରିୟା ସଦୃଶ ହୋଇଥିଲା। ଭିତର ଭଣ୍ଡାର ଖୋଲି ନ ପାରି ବାହାର ଭଣ୍ଡାରରୁ ଭିତର ଭଣ୍ଡାରର ସ୍ଥିତି ପରଖି ଫେରିଥିଲେ ବୈଷୟିକ ଟିମ୍। କିନ୍ତୁ ଭିତର ଭଣ୍ଡାର କାହିଁକି ଖୋଲିଲାନି ସେ ନେଇ କେହି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ସେହିଦିନ ସନ୍ଧ୍ୟାରେ ଭୁବନେଶ୍ୱରରେ ପରିଚାଳନା କମିଟି ବସିଥିଲା। ପରବର୍ତ୍ତୀ ସମୟରେ କମିଟି ବିବରଣୀ ପଦାକୁ ଆସିବା ପରେ ଚାବି ହଜିଥିବା ସ୍ପଷ୍ଟ ହୋଇଥିଲା।



## ବିବାଦରେ ରାଷ୍ଟ୍ରପତିଙ୍କ ଗସ୍ତ



ମାର୍ଚ୍ଚ ୧୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସହଧର୍ମିଣୀ ସବିତା କୋବିନ୍ଦଙ୍କ ସହ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଶେଷ ମୁହୂର୍ତ୍ତରେ ରାଷ୍ଟ୍ରପତିଙ୍କ ରହଣି ଠିକଣା ବଦଳିବା ନେଇ ଯେତିକି ଚର୍ଚ୍ଚା ହୋଇ ନ ଥିଲା ତା'ଠୁ ଅଧିକ ଚର୍ଚ୍ଚା ହୋଇଥିଲା ଶ୍ରୀମନ୍ଦିର ଭିତରେ ରାଷ୍ଟ୍ରପତିଙ୍କ ଦର୍ଶନକୁ ନେଇ। ଦର୍ଶନ ସାରି ରାଷ୍ଟ୍ରପତି ଦିଲ୍ଲୀ ଫେରିଯାଇଥିଲେ। ହେଲେ ଦର୍ଶନ ବେଳେ ମନ୍ଦିର ଭିତରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ନେଇ ଦୀର୍ଘଦିନ ପରେ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା ହୋଇଥିଲା। ପରିଚାଳନା କମିଟି ବିବରଣୀ ଆଧାରରେ ଧରିତ୍ରୀରେ ପ୍ରଥମେ ଏହି ଖବର ପ୍ରକାଶ ପାଇବା ପରେ ଏହା ହଟଚମଟ ସୃଷ୍ଟି ହୋଇଥିଲା। ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଏହାକୁ ଖଣ୍ଡନ କରାଯିବା ପରେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ବିବାଦକୁ ଆସିଥିଲେ।

## ଚର୍ଚ୍ଚାରେ ମହାପ୍ରସାଦ

ମହାପ୍ରଭୁଙ୍କ ମହାପ୍ରସାଦ ବର୍ଷତମାମ୍ ଚର୍ଚ୍ଚାରେ ରହିଛି। ଆନନ୍ଦ ବଜାରକୁ ଶୃଙ୍ଖଳିତ କରିବା ଲାଗି ମହାପ୍ରସାଦ ଦର ତାଲିକା ଲଗାଇବା ଲାଗି ମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ସେପ୍ଟେମ୍ବର ୨୧ ସକାଳେ ଶ୍ରୀମନ୍ଦିରର ଦୁଇଟି ସ୍ଥାନରେ ଦର ତାଲିକା ଲାଗିଥିବା ବେଳେ ମଧ୍ୟାହ୍ନରେ ଏହା ଗାଏବ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ମହାପ୍ରସାଦ ପ୍ରସ୍ତୁତ ହୋଇ ଖର୍ଚ୍ଚ ଏବଂ ଲାଭ ଦେଖି ଦର ନିର୍ଦ୍ଧାରଣ କରାଯିବା ପରେ ତାଲିକା ଲଗାଯିବ ବୋଲି କୁହାଗଲା। ଶେଷରେ ଦର ନିର୍ଦ୍ଧାରଣ ଲାଗି ଡିସେମ୍ବର ୪ରେ ବରାଦି ଭୋଗରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିଲା ମହାପ୍ରସାଦ।

## ଅଖିଆଅପିଆ ରହିଲେ ଠାକୁର



ଏପ୍ରିଲ ୧୬ରେ ଜଗମୋହନରୁ ଦର୍ଶନ ଆରମ୍ଭ ହୋଇଥିଲା। ସେହିଦିନ ଶ୍ରୀମନ୍ଦିରରେ ଉପୁଜିଥିଲା ବିବାଦ। କେବଳ ପାଳିଆ ସେବାୟତ ଗର୍ଭଗୃହକୁ ଯାଇପାରିବେ ବୋଲି ଶ୍ରୀମନ୍ଦିର ସଂସ୍କାର କମିଶନଙ୍କ ରିପୋର୍ଟକୁ ଭିତ୍ତିକରି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ଶ୍ରୀମନ୍ଦିର ପ୍ରଶାସନ କହିଥିଲା। ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଠାକୁରଙ୍କ ସେବାପୂଜାରେ ସେମାନେ ଅସହଯୋଗ କରିଥିଲେ। ନୀତିରେ ଅହେତୁକ ବିଳମ୍ବ ଘଟିଥିଲା। ରାତି ୧୧ଟା ସୁଦ୍ଧା ରୋଷଘରେ ରହିଥିବା ଅମୁଣିଆ ମହାପ୍ରଭୁଙ୍କ ପାଖରେ ଲାଗି ହୋଇପାରି ନ ଥିଲା। ଫଳରେ ଅବଢା ନଷ୍ଟ ହୋଇଥିଲା। ଅଖିଆଅପିଆ ରହିଥିଲେ ମହାପ୍ରଭୁ। ଏହା ପରଦିନ ଅବଢା କୋଇଲି ବୈକୁଣ୍ଠ ପରିସରରେ ପୋତା ଯାଇଥିଲା। କ୍ଷତିପୂରଣ ଦାବି କରି ସୁଆର ସେବକମାନେ ଆନ୍ଦୋଳନ ଚଳାଇଥିଲେ। ଶ୍ରୀମନ୍ଦିରରେ ୪ ଦିନ ଧରି ବରାଦି ଅବଢା ବନ୍ଦ ରହିଥିଲା। ଏହି ଘଟଣାରେ ତତ୍କାଳୀନ ନୀତି ପ୍ରଶାସନ ୩ ସେବକଙ୍କ ଯୋଗୁ ବିଭ୍ରାଟ ହୋଇଥିବା ଦର୍ଶାଇଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କ ରିପୋର୍ଟର ଭୁଲ୍ ଅବତାରଣା କରାଯାଇଥିବା ଦର୍ଶାଇଥିଲେ। ଶେଷରେ ସେବାୟତଙ୍କ ଜିଦ୍ ରହିଥିଲା। ସମସ୍ତ ସେବକ ଗର୍ଭଗୃହକୁ ଯାଇଥିଲେ।

## ସୁପ୍ରିମକୋର୍ଟଙ୍କ ୧୨ ପ୍ରସ୍ତାବ



ଜୁଲାଇ ୫ରେ ସୁପ୍ରିମ୍‌କୋର୍ଟ ପୁରୀ ଜିଲା ଜଜ୍‌ଙ୍କ ସୁପାରିସ ଆଧାରରେ ୧୨ଟି ପ୍ରସ୍ତାବ ଯଥା ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦ, ଅନ୍ନଦାନ ଆଟିକା ପାଇଁ ସଂଗ୍ରହ କରାଯାଉଥିବା ଦାନ ବନ୍ଦ, ରୋଷଘର ଓ ଚୁଲାର ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ହାତରେ ରହୁ, ମହିଳା, ପୁରୁଷ ଓ ସେବକଙ୍କ ପାଇଁ ପୃଥକ୍ ଶୌଚାଳୟ ବ୍ୟବସ୍ଥା, ଧାଡି ମାଧ୍ୟମରେ ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ବ୍ୟବସ୍ଥା, ହୁଣ୍ଡି ଏବଂ ଦାନବାକ୍ସରେ ଆଦାୟକୁ ସଂନିରୀକ୍ଷଣ କରିବା, ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦ୍ୱାରା ମନ୍ଦିର ପାଣ୍ଠିର ଅଡିଟ୍, ସେବକ, କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ, ଯାତ୍ରୀ ପରିଚର୍ଯ୍ୟା କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଦ୍ୱାରା ପଞ୍ଜୀକୃତ କରିବା, ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀଙ୍କ ସଂଖ୍ୟା ହ୍ରାସ, ସୁରକ୍ଷା ବ୍ୟବସ୍ଥାର ପରିଚାଳନା ଲାଗି ଏକକ କର୍ତ୍ତୃପକ୍ଷଙ୍କ ବ୍ୟବସ୍ଥା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ରେ ସଂଶୋଧନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

## ଦାନ, ଦକ୍ଷିଣା ଆଦାୟ ଉପରେ ରୋକ

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢୀ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ମାମଲା ଦାଖଲ କରିଥିଲେ। ଜୁନ୍ ୮ରେ ଜଷ୍ଟିସ ଆଦର୍ଶ କୁମାର ଗୋଏଲ ଓ ଜଷ୍ଟିସ ଅଶୋକ ଭୂଷଣଙ୍କୁ ନେଇ ଗଠିତ ୨ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ଉପରେ ରୋକ ଲଗାଇଥିଲେ। ସେବାୟତମାନେ ଶ୍ରୀଜଗନ୍ନାଥଙ୍କ ନାମରେ ଭକ୍ତଙ୍କଠାରୁ କୌଣସି ଦାନ, ଦକ୍ଷିଣା ଗ୍ରହଣ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏଥିସହ ସୁପ୍ରିମ୍‌କୋର୍ଟ ପୁରୀ ଜିଲାଜଜ୍‌ଙ୍କୁ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେବା ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଭଲ ଖବର

## ମେଟଲ୍ ମିଟ୍







ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆୟୋଜିତ କୁଇଜ୍ ମହାକୁମ୍ଭ ମେଟଲ୍ ମିଟ୍-୨୦୧୮ର ଗ୍ରାଣ୍ଡ ଫାଇନାଲରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ ମଦର୍ସ ପବ୍ଲିକ ସ୍କୁଲ ଏବଂ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି)। ଜୁନିୟର ବର୍ଗରେ ମଦର୍ସ ଏବଂ ସିନିୟର ବର୍ଗରେ ସିଇଟି ଏହି ସଫଳତା ହାସଲ କରିଥିଲେ। ଏପ୍ରିଲ ୧ରେ ଏହି କୁଇଜ ମହାକୁମ୍ଭ ଶେଷ ହୋଇଥିଲା।




ବିଦାୟୀ ବର୍ଷ ୨୦୧୮ ରାଜ୍ୟ ପାଇଁ ଗୌରବର ବର୍ଷ। ନଭେମ୍ବରରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍ ପାଇଁ ଓଡ଼ିଶା ସାରା ବିଶ୍ୱର ନଜରରେ ରହିଥିଲା। ୨୭ ତାରିଖରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବର ତାରକା ଖଚିତ ସନ୍ଧ୍ୟାରେ ରାଜ୍ୟ ୧୬ ରାଷ୍ଟ୍ରର କ୍ରୀଡାବିତ୍ ଓ ଦର୍ଶକଙ୍କୁ ସ୍ୱାଗତ କରି ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା। ଆତସବାଜି ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରୁ ପଡ଼ିଥିଲା ହକି ମହାକୁମ୍ଭର ଶୁଭ୍ ଉଦ୍‌ଘାଟନୀ। ସାରା ବିଶ୍ୱ ଦେଖିଥିଲା ଓଡ଼ିଶା କଳା, ସଂସ୍କୃତି ଓ ଐତିହ୍ୟର ଝଲକ। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର ବିଭିନ୍ନତା ମଧ୍ୟରେ ଥିବା ଏକତା ପ୍ରତିଫଳିତ ହୋଇଥିଲା କଳିଙ୍ଗ ଷ୍ଟାଡିୟମ୍‌ରେ। ୧୧୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀଙ୍କ ସହ ଏ.ଆର୍. ରହମନ୍, ଶାହରୁଖ ଖାନ୍ ଓ ମାଧୁରୀ ଦୀକ୍ଷିତଙ୍କ ଭଳି ଖ୍ୟାତନାମା ସେଲିବ୍ରିଟି ଏହି ବିଶ୍ୱସ୍ତରୀୟ ଇଭେଣ୍ଟରେ ଭାଗନେଇଥିଲେ। ସେହିପରି କଟକ ବାରବାଟୀ ପଡ଼ିଆରେ ୨୮ ତାରିଖରେ ବିଶ୍ୱକପ୍‌ର ସେଲିବ୍ରେଶନ କରାଯାଇଥିଲା, ଯେଉଁଥିରେ ଯୋଗଦେଇଥିଲେ ବଲିଉଡ୍ ଅଭିନେତା ସଲମନ୍ ଖାନ।

୨୦୧୮ ଆଣିଥିଲା ଅନେକ ସୁଖବର। ଏଭଳି କିଛି ଘଟଣା ଥିଲା, ଯାହା ଜନମାନସରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛି। କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଆୟୋଜନ ରାଜ୍ୟକୁ ନୂଆ ପରିଚୟ ଦେଇଛି। ଦେଶ ବିଦେଶରେ ଓଡ଼ିଆ ଝିଅଙ୍କ ଚମତ୍କାରିତା ରାଜ୍ୟ ପାଇଁ ସ୍ମୃତି ହୋଇ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଦର୍ଶ ମୁଖ୍ୟମନ୍ତ୍ରୀ ସମ୍ମାନ ଓଡ଼ିଶା ପାଇଁ ଅନ୍ୟ ଏକ ଗୌରବ ଆଣି ଦେଇଥିଲା। ସେହିପରି ଚେନ୍ନାଇରେ ଓଡ଼ିଶା ଭବନ, ଭୁବନେଶ୍ୱରରେ ନ୍ୟୁ ରେଳଷ୍ଟେଶନ ଲୋକାର୍ପଣ ଖୁସିର ଖବର ଥିଲା।

# ଇତିହାସ ରଚିଲା କଳିଙ୍ଗ






## 'ଦ ଟଲ୍ ମ୍ୟାନ୍ ବିଜୁ ପଟ୍ଟନାୟକ'

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'ଦ ଟଲ୍ ମ୍ୟାନ ବିଜୁ ପଟ୍ଟନାୟକ' ଜାନୁୟାରୀ ୨୭ରେ ଉନ୍ମୋଚିତ ହୋଇଥିଲା। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସିପିଏମ୍‌ର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡ୍‌ଭାନୀ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା, ପ୍ରଭୁ ଚାୱ୍‌ଲା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ରୋସା ମୁଥାୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ସୁନ୍ଦର ଗଣେଶନ ଏହି ପୁସ୍ତକ ରଚନା କରିଥିଲେ।




## ମେକ୍ ଇନ୍ ଓଡ଼ିଶା

ଭୁବନେଶ୍ୱର ଜନତା ମଇଦାନରେ ନଭେମ୍ବର ୧୧ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଆରମ୍ଭ ହୋଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ୫ଦିନ ଧରି ଚାଲିଥିବା ଏହି କନ୍‌କ୍ଲେଭ୍‌ରେ ଦେଶ ବିଦେଶର ୮୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତି, ପ୍ରତିନିଧି, ଯୁବ ଉଦ୍ୟୋଗୀ ଯୋଗଦେଇଥିଲେ। ଏଥିରେ ୪.୧୯ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲାଗି ପ୍ରସ୍ତାବ ଆସିଥିଲା।

## 'ମୋ ବସ୍', 'ମୋ ସାଇକେଲ'

ରାଜଧାନୀବାସୀଙ୍କ ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ମୋ ବସ୍' ଏବଂ 'ମୋ ସାଇକେଲ' ନାମକ ୨ଟି ଯୋଜନାର ଶୁଭାରମ୍ଭ କରିଥିଲେ। ପୁରୁଷ ହକି ବିଶ୍ୱକପ୍ ଅବ୍ୟବହିତ ପୂର୍ବରୁ ସହରରେ ଏହି ସେବା ଉପଲବ୍ଧ ହୋଇଥିଲା।



## ଚେନ୍ନାଇରେ ଓଡ଼ିଶା ଭବନ

ସେପ୍ଟେମ୍ବର ୨୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେନ୍ନାଇଠାରେ ଓଡ଼ିଶା ଭବନ ଉଦ୍‌ଘାଟନ କରିଥିଲେ। ୬ମହଲା ବିଶିଷ୍ଟ ଓଡ଼ିଶା ଭବନ ଲାଗି ୨୨ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ଏଥିରେ ୨୧ଟି ରୁମ ସହିତ ଏକ ବଡ଼ ସମ୍ମିଳନୀ କକ୍ଷ ରହିଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପ୍ରମୁଖ ଯୋଗଦେଇଥିଲେ।

## ସ୍ୱାମୀ-ସ୍ତ୍ରୀଙ୍କୁ ମିଶାଇଲା ଫେସ୍‌ବୁକ୍



ଚର୍ଚ୍ଚିତ ବର୍ଷରେ ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସୋସିଆଲ ମିଡିଆ ଫେସ୍‌ବୁକ୍ ଅଲଗା ହୋଇଯାଇଥିବା ଦୁଇ ସ୍ୱାମୀ-ସ୍ତ୍ରୀଙ୍କୁ ମିଶାଇଥିଲା। ଅଲ୍ଲାହାବାଦର ରଞ୍ଜିତା ଦେବୀ ବମ୍ପର ଅରବିନ୍ଦ କୁମାର ସରୋଜଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ରଞ୍ଜିତା ଘର ଛାଡି ଏକ ଟ୍ରେନରେ ଭୁବନେଶ୍ୱର ଚାଲିଆସିଥିଲେ। କିନ୍ତୁ ଏଠାରେ ପହଞ୍ଚିବା ପରେ ସେ ମାନସିକ ଭାରସାମ୍ୟ ହରାଇ ସାରିଥିଲେ। ତାଙ୍କୁ ଉଦ୍ଧାର କରାଯାଇ କିଛିଦିନ ଚିକିତ୍ସା ପରେ ସେ ତାଙ୍କ ସ୍ୱାମୀଙ୍କ ନାମ ଅରବିନ୍ଦ ବୋଲି କହିଥିଲେ। ଫେସ୍‌ବୁକ୍‌ରେ ଅରବିନ୍ଦଙ୍କ ନାମ ସର୍ଚ୍ଚ କରାଯାଇ ଅନେକ ଫଟୋ ଦେଖାଇବା ପରେ ରଞ୍ଜିତା ସେଥିରୁ ଗୋଟିଏ ଫଟୋକୁ ଚିହ୍ନଟ କରିଥିଲେ। ପରେ ଅରବିନ୍ଦଙ୍କୁ ଭୁବନେଶ୍ୱର ଡକାଯାଇ ରଞ୍ଜିତାଙ୍କୁ ଏପ୍ରିଲ ୧୪ରେ ହସ୍ତାନ୍ତର କରାଯାଇଥିଲା।

## ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ

ପୁରୀ ଜିଲାର ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଜୁଲାଇ ୨୭ରେ ସଚିବାଳୟଠାରେ ଅନୁଷ୍ଠିତ ପ୍ରଥମ ଐତିହ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ରାଜ୍ୟ ସରକାର ୨୫ଏକର ଜମି ଯୋଗାଇଦେବାକୁ ଚୂଡ଼ାନ୍ତ କରିଥିଲେ।

## ଓଡ଼ିଶାର ଦ୍ୱିତୀୟ ଦୀର୍ଘତମ ସେତୁ

ଦୈର୍ଘ୍ୟ- ୨୫୮୩ ମିଟର | ପ୍ରସ୍ଥ- ୧୪.୮ ମିଟର



ମହାନଦୀ ଉପରେ ନିର୍ମିତ ଓଡ଼ିଶାର ଦ୍ୱିତୀୟ ଦୀର୍ଘତମ ସେତୁକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୧ ଉତ୍କଳ ଦିବସ ଅବସରରେ ଲୋକାର୍ପଣ କରିଥିଲେ। ଏହା କଟକର ଚହଟାଠାରୁ ନୂଆପାଟଣାକୁ ସଂଯୋଗ କରିଛି। ସ୍ୱତନ୍ତ୍ର ଓଡିଶା ପ୍ରଦେଶର ପ୍ରମୁଖ ପୁରୋଧା ତଥା ଓଡ଼ିଆ କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ହୋଇଥିଲା।

## ଓଡ଼ିଆ ଝିଅଙ୍କ ଚମକ

ବର୍ଷ ଆରମ୍ଭରୁ ବର୍ଷ ଶେଷ ପର୍ଯ୍ୟନ୍ତ ଓଡ଼ିଆ ଝିଅମାନେ ଦେଶ ବିଦେଶରେ ନିଜର ପ୍ରତିଭା ପ୍ରଦର୍ଶନ କରି ରାଜ୍ୟ ପାଇଁ ଅନେକ ଗୌରବ ଆଣିଦେଇଥିଲେ। ୟୁରୋପ୍‌ର ବୁଲ୍‌ଗେରିଆଠାରେ ଅନୁଷ୍ଠିତ ଲିଟିଲ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାଠାରୁ ଆରମ୍ଭ କରି ଦିଲ୍ଲୀରେ ଅନୁଷ୍ଠିତ ଡେଲିଉଡ୍ ମିସ୍ ଇଣ୍ଡିଆ, ଇଣ୍ଡିଆ ଗାଲାକ୍ସି ଏବଂ ଥାଇଲାଣ୍ଡରେ ଆୟୋଜିତ 'ମୋଷ୍ଟ ଟ୍ୟାଲେଣ୍ଟେଡ ଟିନ୍ ଗର୍ଲ ଅଫ ଦ ୱାର୍ଲ୍ଡ' ପ୍ରତିଯୋଗିତା ପର୍ଯ୍ୟନ୍ତ, ସବୁଠାରେ ଓଡ଼ିଆ ଝିଅମାନେ ବାଜିମାତ୍ କରି ଚର୍ଚ୍ଚାରେ ରହିଥିଲେ। ବର୍ଷସାରା ଦେଶ ଏବଂ ଦେଶ ବାହାରେ ପ୍ରାୟ ୮ରୁ ବିୟୁଟି କଣ୍ଟେଷ୍ଟରେ ଓଡ଼ିଆଙ୍କ ପ୍ରାଧାନ୍ୟ ରହିଥିଲା, ଯାହା ଓଡ଼ିଶାକୁ ବିଶ୍ୱ ଦରବାରରେ ଅନନ୍ୟ ପରିଚୟ ଦେଇଥିଲା।




**ଅମିତା ପଣ୍ଡା**
ଟାଇଟଲ: ଇଣ୍ଡିଆ ଗାଲାକ୍ସି-୨୦୧୮
ସ୍ଥାନ: ନୂଆଦିଲ୍ଲୀ




**ମୈତ୍ରୀ ସୋନାଲି ପ୍ରଧାନ**
ଟାଇଟଲ: ମୋଷ୍ଟ ଟ୍ୟାଲେଣ୍ଟେଡ୍ ଟିନ୍ ଗର୍ଲ ଅଫ ଦ ୱାର୍ଲ୍ଡ
ସ୍ଥାନ: ବ୍ୟାଙ୍କକ୍




**ଶ୍ରୁତୀକ୍ଷା ନାୟକ**
ଟାଇଟଲ: ମିସ୍ ଇଣ୍ଡିଆ ଓଡ଼ିଶା
ଇଭେଣ୍ଟ: ଫେମିନା ମିସ୍ ଇଣ୍ଡିଆର ଇଷ୍ଟ ଜୋନାଲ କ୍ରାଉନିଂ ପ୍ରତିଯୋଗିତା
ସ୍ଥାନ: କୋଲକାତା



**ଲାବଣ୍ୟା ଦାସ**
ଟାଇଟଲ: ମିସ୍ ଟିନ୍ ୟୁନିଭର୍ସ
ଇଭେଣ୍ଟ: ମିସ୍ ଆଣ୍ଡ ମିଷ୍ଟର ଟୁରିଜମ୍ ଆମ୍ବାସାଡର୍ ୟୁନିଭର୍ସ ୨୦୧୮
ସ୍ଥାନ: ମ୍ୟାଲେସିଆ



**ଋତୁ ସନ୍ତୁକା**
ଟାଇଟଲ: ଡେଲିଉଡ୍ ମିସ୍ ଇଣ୍ଡିଆ
ଇଭେଣ୍ଟ: ଡେଲିଉଡ୍ ମିଷ୍ଟର-ମିସେସ୍ ଏବଂ ମିସ୍ ଇଣ୍ଡିଆ ପ୍ରତିଯୋଗିତା
ସ୍ଥାନ: ନୂଆଦିଲ୍ଲୀ



**ଅର୍ପିତା**
ଟାଇଟଲ: ଲିଟିଲ ମିସ୍ ୱାର୍ଲ୍ଡ
ସ୍ଥାନ: ବୁଲ୍‌ଗେରିଆ (ସୋଫିଆ)




**ତପସ୍ୱୀ ବ୍ୟାସ**
ଟାଇଟଲ: ମିସ୍ ପପୁଲାର ଚଏସ୍
ଇଭେଣ୍ଟ: ମିସ୍ ଦିଭା-୨୦୧୮




**ପୁପୁଲ ଭୂୟାଁ**
ଟାଇଟଲ: ଅପେରା ମିସେସ୍ ଇଣ୍ଡିଆ
ଇଭେଣ୍ଟ: ଅପେରା ମିସେସ ଇଣ୍ଡିଆ ଗ୍ଲୋବାଲ ଚାମ୍ପିୟନ୍ସ ଟ୍ରଫି
ସ୍ଥାନ: ଗୁରୁଗ୍ରାମ

## ଏ ବର୍ଷର ଅତିଥି


ନରେନ୍ଦ୍ର ମୋଦି,
ପ୍ରଧାନମନ୍ତ୍ରୀ
ଡିସେମ୍ବର ୨୪


ଦର୍ଶିଲ ସଫାରି,
ଯୁବ ଅଭିନେତା
ଅଗଷ୍ଟ ୧୯


ତାରା ଗାନ୍ଧୀ ଭଟ୍ଟାଚାର୍ଜୀ,
ଗାନ୍ଧିଜୀଙ୍କ ନାତୁଣୀ
ଫେବୃୟାରୀ ୨୭


ଲିଆଣ୍ଡର ପେସ୍,
ଟେନିସ୍ ଖେଳାଳି
ଡିସେମ୍ବର ୫


ମୁକେଶ ଅମ୍ବାନୀ,
ବିଶିଷ୍ଟ ଶିଳ୍ପପତି
ନଭେମ୍ବର ୧୨


କୁମାର ମଙ୍ଗଳମ ବିର୍ଲା,
ବିଶିଷ୍ଟ ଶିଳ୍ପପତି
ନଭେମ୍ବର ୧୨


ରବୀନା ଟଣ୍ଡନ
ଅଭିନେତ୍ରୀ
ମାର୍ଚ୍ଚ ୪


ଗୁରୁ ରନ୍ଧାୱା
କଣ୍ଠଶିଳ୍ପୀ
ମେ ୨୭


ହାର୍ଦ୍ଦିକ ପଟେଲ,
ପଟିଦାର ଆନ୍ଦୋଳନ ନେତା
ମାର୍ଚ୍ଚ ୧୨


ଜଗଦୀଶ ମୁଖୀ
ଆସାମ ରାଜ୍ୟପାଳ
ନଭେମ୍ବର ୧୦


କେ. ଚନ୍ଦ୍ରଶେଖର ରାଓ,
ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ
ଡିସେମ୍ବର ୨୩


ସଚିନ ତେନ୍ଦୁଲକର
ପୂର୍ବତନ କ୍ରିକେଟର
ଡିସେମ୍ବର ୧୬


ଅନିଲ କୁମ୍ବଲେ,
ପୂର୍ବତନ କ୍ରିକେଟର
ଡିସେମ୍ବର ୬


ବୀରେନ୍ଦ୍ର ସେହ୍ୱାଗ,
ପୂର୍ବତନ କ୍ରିକେଟର
ଡିସେମ୍ବର ୧୩


ଜୟାପ୍ରଦା,
ଅଭିନେତ୍ରୀ, ପୂର୍ବତନ ଏମ୍‌ପି
ଫେବୃୟାରୀ ୪

**ଆଲୋଚ୍ୟ ବର୍ଷରେ ଆମ ସମସ୍ତଙ୍କ ନଜରରେ ଥିଲେ କେତେଜଣ ସେଲିବ୍ରିଟି, ଯେଉଁମାନଙ୍କ ଆଗମନ ଭରିଥିଲା ଉତ୍ସାହ। ଅନେକ ବିଶିଷ୍ଟ ଲୋକ ସମ୍ମାନିତ ହୋଇ ଓଡ଼ିଶା ମାଟିକୁ ଗର୍ବିତ କରିଥିଲେ। ସେହିଭଳି ପରଲୋକ ଗମନ କରିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ରାଜ୍ୟବାସୀ ଗଡ଼ାଇଥିଲେ ଲୁହ...**


ଶାନ୍
ଶ୍ରେୟା ଘୋଷାଲ
ସିଦ୍ଧାନ୍ତ ଶର୍ମା
ବିଶାଲ ଦଦଲାନୀ

# ଡଟ୍ ଫେଷ୍ଟ

ହକି ବିଶ୍ୱକପ୍ ଲାଗି ସମଗ୍ର ବିଶ୍ୱରୁ ଆସିଥିବା କ୍ରୀଡାପ୍ରେମୀ ଓ ଦର୍ଶକମାନଙ୍କୁ ଓଡ଼ିଶା ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଖାଦ୍ୟପେୟର ଝଲକ ଦେବାଲାଗି ଆୟୋଜିତ ହୋଇଥିଲା 'ଡଟ୍ ଫେଷ୍ଟ'। ଫୁଡ୍, ଏଣ୍ଟରଟେନ୍‌ମେଣ୍ଟ, ଷ୍ଟୋରିଜ୍ ଏବଂ ଟ୍ରେଲ୍ ଭଳି ୪ଟି କନ୍‌ସେପ୍ଟକୁ ନେଇ ଡିସେମ୍ବର ୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ଏହି ତାରକାଖଚିତ ମେଗା ଇଭେଣ୍ଟ। ଏହାର ପ୍ରମୁଖ ଅଂଶଥିଲା 'ଇଣ୍ଟରନ୍ୟାଶନାଲ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ' ଏବଂ ଷ୍ଟୋରି ଟେଲିଂ ଫେଷ୍ଟିଭାଲ 'ଭୁଫେଷ୍ଟା'।


ଫରହାନ ଅଖତର

## ସେଲିବ୍ରିଟିଙ୍କ ହାଇଭୋଲ୍‌ଟେଜ୍ 'ଶୋ'

ବିଶାଲ-ଶେଖର, ଶ୍ରେୟା ଘୋଷାଲ, ସୋନା ମହାପାତ୍ର ଓ ବିଶ୍ୱକଲ୍ୟାଣ ରଥ, ଶାନ୍, ଶଙ୍କର-ଏହସାନ-ଲୟ, କ୍ଲିଣ୍ଟନ ସେରେଜୋ, ସିଦ୍ଧାନ୍ତ ଶର୍ମା, ଋତୁରାଜ, କ୍ରିଷ୍ଣା ବେଉରାଙ୍କ ଭଳି ଏକାଧିକ ସେଲିବ୍ରିଟିଙ୍କୁ ଦେଖିବାକୁ ମିଳିଥିଲା ଡଟ୍ ଫେଷ୍ଟର ସାଂସ୍କୃତିକ ସନ୍ଧ୍ୟାରେ। ଭିନ୍ନ ଭିନ୍ନ ଦିବସରେ ଭିନ୍ନ ଭିନ୍ନ କଳାକାରଙ୍କ ହାଇଭୋଲଟେଜ ଶୋ'କୁ ଉପଭୋଗ କରିଥିଲେ ହଜାର ହଜାର ଦର୍ଶକ। କମେଡିଠାରୁ ଆରମ୍ଭ କରି କ୍ଲାସିକାଲ ଫେଷ୍ଟ, ବ୍ୟାଣ୍ଡ ମ୍ୟୁଜିକ, ଲୋକନୃତ୍ୟ, ରକ୍‌ବ୍ୟାଣ୍ଡ, ମ୍ୟୁଜିକ କନସର୍ଟ ବେଶ୍ ଆକର୍ଷଣୀୟ ଥିଲା।

## ଇଣ୍ଟରନ୍ୟାଶନାଲ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ

ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲରେ ଓଡ଼ିଶାର ବହୁ ତାରକା ହୋଟେଲ ସମେତ କାଫେ, ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଓଟିଡିସି ପକ୍ଷରୁ ଷ୍ଟଲ୍ ଖୋଲାଯାଇ ପାରମ୍ପରିକ ଓଡ଼ିଆ ଖାଦ୍ୟସହ ଦେଶୀ ଓ ବିଦେଶୀ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ରାଜ୍ୟ ସମେତ ହକି ବିଶ୍ୱକପ୍‌ରେ ଭାଗନେବାକୁ ଆସିଥିବା ୧୬ଟି ରାଷ୍ଟ୍ରର ପାରମ୍ପରିକ ଓ ପ୍ରସିଦ୍ଧ ଖାଦ୍ୟ ଏଠାରେ ପ୍ରସ୍ତୁତ କରାଯାଇଥିଲା।

# ସମ୍ମାନ


ଦାଶରଥି ଦାଶ


ଗାୟତ୍ରୀ ସରାଫ


ରମାକାନ୍ତ ରଥ


ହଳଧର ନାଗ


ପ୍ରଫୁଲ୍ଲ କୁମାର ତ୍ରିପାଠୀ


ମହମ୍ମଦ ୟୁନୁସ


ରତିକାନ୍ତ ମହାପାତ୍ର


ସତ୍ୟବ୍ରତ ରାଉତ


ଲକ୍ଷ୍ମୀଧର ରାଉତ


ଜାହ୍ନବୀ ବେହେରା


ଜୟଦ୍ରଥ ସୁନା


ସ୍ୱପ୍ନେଶ୍ୱର ପଣ୍ଡା

- **ଜାନୁୟାରୀ ୧୭:** ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର, ଥିଏଟର ନିର୍ଦ୍ଦେଶକ ସତ୍ୟବ୍ରତ ରାଉତ ଓ ପାଲା ଗାୟକ ଲକ୍ଷ୍ମୀଧର ରାଉତଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର
- **ଫେବୃୟାରୀ ୧୨:** ବିଶିଷ୍ଟ ସାହିତ୍ୟିକ ଗାୟତ୍ରୀ ସରାଫଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର
- **ମାର୍ଚ୍ଚ ୧୯:** ନୃତ୍ୟଶିଳ୍ପୀ ସସ୍ମିତା ଭଟ୍ଟାଚାର୍ଯ୍ୟ ମାହାରୀ ସମ୍ମାନ-୨୦୧୮
- **ଏପ୍ରିଲ ୨୮:** ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ସ୍ୱପ୍ନେଶ୍ୱର ପଣ୍ଡାଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ
- **ମେ ୧୧:** କିସ୍ ପକ୍ଷରୁ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଅର୍ଥନୀତିଜ୍ଞ, ସାମାଜିକ କର୍ମୀ ତଥା ବାଂଲାଦେଶରେ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠାତା ପ୍ରଫେସର୍ ମହମ୍ମଦ ୟୁନୁସଙ୍କୁ ଏକାଦଶ ହ୍ୟୁମାନିଟାରିଆନ ସମ୍ମାନ
- **ମେ ୩୦:** ଜର୍ମାନୀର ଗଟିନଜେନ୍ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ଆସୋସିଏଟ୍ ଭାବେ ଯୋଗଦେଇଥିବା ସମ୍ବଲପୁର ଜିଲା ବଳସିଂହା ଗ୍ରାମର ଶେଷା କିଷାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ
- **ମେ ୩୦:** ଓଡ଼ିଆ କଳା, ସଂସ୍କୃତି ଓ ସିନେମା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫୮ଜଣଙ୍କୁ ବାଣୀଚିତ୍ର ସମ୍ମାନ
- **ଜୁଲାଇ ୨୬:** ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ରମାକାନ୍ତ ରଥଙ୍କୁ ୨୦୧୮ ମସିହା ପାଇଁ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର
- **ସେପ୍ଟେମ୍ବର ୯:** ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ବିଶାରଦ ଗୁରୁ ଲିଙ୍ଗରାଜ ବେହେରା ଏବଂ ବିଶିଷ୍ଟ ନାଟ୍ୟବିତ ତଥା ଅଭିନେତା ଡ. ସଚ୍ଚି ଦାସଙ୍କୁ 'ନାଲକୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର-୨୦୧୮'
- **ସେପ୍ଟେମ୍ବର ୧୬:** ଯୁବ ଓଡ଼ିଶୀ ନୃତଶିଳ୍ପୀ ଜାହ୍ନବୀ ବେହେରା ଏବଂ ଲୋକନୃତ୍ୟ ପାଇଁ ସମ୍ବଲପୁରର ସର୍ବେଶ୍ୱର ଭୋଇଙ୍କୁ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର
- **ଅକ୍ଟୋବର ୨୯:** ଅଜିତ ଦାସଙ୍କୁ 'ନାଟପୁରୁଷ' ସମ୍ମାନ
- **ଅକ୍ଟୋବର ୨୭:** ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ 'ଗୁରୁ ସିଂହାରୀ ସମ୍ମାନ'
- **ଅକ୍ଟୋବର ୨୬:** ପୁସ୍ତକ 'ମିଶ୍ର ଧ୍ରୁପଦ' ନିମନ୍ତେ ବିଶିଷ୍ଟ ଲେଖକ ତଥା ଔପନ୍ୟାସିକ ଡ. ଶତ୍ରୁଘ୍ନ ପାଣ୍ଡବଙ୍କୁ ଶାରଳା ପୁରସ୍କାର
- **ଅକ୍ଟୋବର ୨୬:** କବିତା ସଙ୍କଳନ 'ଶୋଷ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ କବି ଜୟଦ୍ରଥ ସୁନାଙ୍କୁ 'ଯୁବ ପୁରସ୍କାର ୨୦୧୮'
- **ନଭେମ୍ବର ୧୫:** ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର
- **ଡିସେମ୍ବର ୫:** ସାହିତ୍ୟିକ ଡ. ଦାଶରଥି ଦାସ, ହଳଧର ନାଗ, ଗଗନେନ୍ଦ୍ର ନାଥ ଦାଶ, ପ୍ରଫୁଲ୍ଲ ତ୍ରିପାଠୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା

# ପରଲୋକରେ

**ଜାନୁୟାରୀ ୪:** ନଗେନ୍ ରାୟ, ସିନେ ନିର୍ଦ୍ଦେଶକ
**ଫେବୃୟାରୀ ୧୨:** ପରଲୋକରେ ଅଭିନେତ୍ରୀ ପାର୍ବତୀ ଘୋଷ
**ଫେବୃୟାରୀ ୨୬:** କନକଲତା ମହାନ୍ତି, ବିଶିଷ୍ଟ ଲେଖିକା ଓ ଔପନ୍ୟାସିକା
**ମାର୍ଚ୍ଚ ୩:** ଅରବିନ୍ଦ ମୁଦୁଲି, ସଙ୍ଗୀତଜ୍ଞ ତଥା ଗୀତିକାର
**ଏପ୍ରିଲ ୧୧:** ଚନ୍ଦ୍ରିକା ମହାପାତ୍ର, ଜଣାଶୁଣା ସମାଜସେବୀ
**ମେ ୧୧:** ଅନୀତା ଦାସ, ଓଡ଼ିଆ ସିନେ ଅଭିନେତ୍ରୀ
**ମେ ୨୨:** ବଂଶୀଧର ପଣ୍ଡା, ବିଶିଷ୍ଟ ଶିଳ୍ପପତି ତଥା ଇମ୍ଫାର ପ୍ରତିଷ୍ଠାତା
**ଜୁନ ୬:** ରସରାଜ ନାରାୟଣ ପ୍ରସାଦ ସିଂ, ଗୀତିକବି ତଥା ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ ଗୀତିକାର
**ଜୁନ ୧୭:** ଡ.ପ୍ରଦୀପ ପାତ୍ର, ଜଣାଶୁଣା ସଙ୍ଗୀତ ଗୁରୁ
**ଜୁଲାଇ ୩:** ଜଷ୍ଟିସ ଭି.ଏ. ମୋହତା, ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି
**ଜୁଲାଇ ୭:** ଅଶୋକ ସ୍ୱାଇଁ, ଲୋକପ୍ରିୟ ସିନେମାଟୋଗ୍ରାଫର
**ଅଗଷ୍ଟ ୨୩:** ଦେବୁ ବୋଷ, ବର୍ଷୀୟାନ ଅଭିନେତା
**ଅଗଷ୍ଟ ୨୧:** ଯଦୁନାଥ ଦାସମହାପାତ୍ର, ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସାରସ୍ୱତ ପୁରୁଷ
**ସେପ୍ଟେମ୍ବର ୨:** ପଦ୍ମଶ୍ରୀ ଚନ୍ଦ୍ରଶେଖର ରଥ, ସାହିତ୍ୟିକ ତଥା ଔପନ୍ୟାସିକ
**ସେପ୍ଟେମ୍ବର ୧୭:** ଦୋଳଗୋବିନ୍ଦ ପ୍ରଧାନ, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ
**ସେପ୍ଟେମ୍ବର ୨୨:** ସୁବାସ ରାଉତ, ବରିଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ
**ଅକ୍ଟୋବର ୧୩:** ଜୟନ୍ତୀ ଦେବୀ(ମୁନି ଗୁରୁମା), ଶୋଭନୀୟ ଆନ୍ଦୋଳନର ସାଂସ୍କୃତିକ ସମ୍ପାଦିକା
**ଅକ୍ଟୋବର ୨୦:** ଅମିୟ ରଞ୍ଜନ ପଟ୍ଟନାୟକ, ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ
**ନଭେମ୍ବର ୧୩:** ଚିତ୍ତ ଜେନା, ସୁନାମଧନ୍ୟ କଣ୍ଠଶିଳ୍ପୀ
**ନଭେମ୍ବର ୧୭:** ବନମାଳୀ ମହାରଣା, ବିଶିଷ୍ଟ ତାଳବାଦ୍ୟ ଗୁରୁ
**ନଭେମ୍ବର ୨୨:** ବୈଷ୍ଣବ ଚରଣ ପରିଡ଼ା, ପୂର୍ବତନ ଏମ୍‌ପି ତଥା ଲେଖକ


ଚନ୍ଦ୍ରିକା ମହାପାତ୍ର


ବୈଷ୍ଣବ ପରିଡ଼ା


ବଂଶୀଧର ପଣ୍ଡା


ଦୋଳଗୋବିନ୍ଦ ପ୍ରଧାନ


ପ୍ରଦୀପ ପାତ୍ର


ଅନିତା ଦାସ


ବନମାଳି ମହାରଣା


ଜଷ୍ଟିସ ଭି.ଏ. ମୋହତା


ଅଶୋକ ସ୍ୱାଇଁ


ପାର୍ବତୀ ଘୋଷ


ନଗେନ ରାୟ
ଯଦୁନାଥ ଦାସମହାପାତ୍ର
ନାରାୟଣ ସିଂ
ଚିତ୍ତ ଜେନା
ସୁବାସ ରାଉତ



ଅଙ୍ଗଦ–ନେହା

ଆନନ୍ଦ–ସୋନମ୍

ରଣବୀର–ଦୀପିକା

ପ୍ରିୟଙ୍କା–ନିକ୍

# ପରଦା

**ଚଳିତବର୍ଷ ଓଡ଼ିଆ ଏବଂ ହିନ୍ଦୀ ସିନେମାର ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...**



ମହମ୍ମଦ ଅଜିଜ୍



ଶ୍ରୀଦେବୀ



ବିନୋଦ ଖାନ୍ନା



ଦେବୁ ବୋଷ



ଅରବିନ୍ଦ ମୁଦୁଲି

**ଏଥର ୨୯:** ଚଳିତବର୍ଷ ଡିସେମ୍ବର ୨୭ ସୁଦ୍ଧା ମୋଟ ୨୯ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଛି । ସେଗୁଡ଼ିକ ହେଲା: ୧. ଓନ୍ଲି ପ୍ୟାର୍ (ବାବୁସାନ୍, ସୁପ୍ରିୟା), ୨. ହାପି ଲକି (ସମ୍ବିତ, ଜ୍ୟୋତି, ଏଲିନା ସାମନ୍ତରାୟ, ସସ୍ମିତା), ୩. ଗୁଛୁ ଆଣ୍ଡ୍ ଗୁଚ୍ଛି (ସୂର୍ଯ୍ୟକାନ୍ତ ସାମଲ, ହିମିକା, ମିହିର ଦାସ), ୪. ଦୀପୁ–ଦ ଡ୍ୟାନ୍ସ ବୟ (ମନୋଜ ରାଉତ, ଏଲସା ଘୋଷ), ୫. ହତ୍ୟା–ଦ ସାଇଲେନ୍ସ କିଲର (ଅର୍ପଣ ମହାନ୍ତି, ଆର.କେ), ୬. ଅଜାତଶତ୍ରୁ (ଶୋହମ ସିଂ (ନବଗତ), ଦେବଯାନୀ, ମନୋଜ ମିଶ୍ର), ୭. ଦିୱାନା ହେଲି ତୋ ପାଇଁ (ମୁନା–ରାକ୍ଷୀ, ଶ୍ରୀତମ୍ ଦାସ), ୮. ଓଲେ ଓଲେ ଦିଲ୍ ବୋଲେ (ଜ୍ୟୋତି ନାୟକ, ଝିଲିକ) ୯. ଯୋଗୀ : ହାଇ ଭୋଲଟେଜ୍ ଡ୍ରାମା (ଆରିଏନ ଧୀର କୁମାର, ନିକିତା, ହର ରଥ), ୧୦. ଶକ୍ତି (କରନ୍, ସୁରମୟୀ), ୧୧. ଲଭ୍ ପ୍ରମିଜ (ରାକେଶ ଦେଓ, ଜୟା ବିଶ୍ୱାସ), ୧୨. ସୁନ୍ଦରଗଡ଼ର ସଲମାନ୍ ଖାଁ (ବାବୁସାନ, ଦିବ୍ୟା), ୧୩. ଫୋର ଇଡିୟଟ୍ସ (ସବ୍ୟସାଚୀ, ଆକାଶ, କୁନା ତ୍ରିପାଠୀ, ଏଲିନା, ଲିପ୍ସା ମିଶ୍ର), ୧୪. ଟୋକାଟା ଫସିଗଲା (ସବ୍ୟସାଚୀ, ଏଲିନା), ୧୫. ଏକ୍ସକ୍ୟୁଜ୍ ମି (ରୋନକ ଦାଶ, ମେଘା ମହାନ୍ତି), ୧୬. ଲୋକାଲ ଟୋକା ଲଭ୍ ଚୋଖା (ବାବୁସାନ୍, ସନମୀରା), ୧୭. ବ୍ଲାକମେଲ (ଅର୍ଦ୍ଧେନ୍ଦୁ ସାହୁ, ତମନ୍ନା, ଆହାନା), ୧୮. ଇସ୍କ ପୁଣି ଥରେ (ଅରିନ୍ଦମ, ଏଲିନା ସାମନ୍ତରାୟ), ୧୯. ଭାଇଜାନ୍ (ସୂରଯ ତ୍ରିପାଠୀ, ଦେବସ୍ମିତା), ୨୦. ପ୍ରେମୀ ଦିୱାନା : ଦ ଅନ୍‌କଣ୍ଡିଶନାଲ ଲଭ୍ (ରୁଦ୍ର ପାଣିଗ୍ରାହୀ, ସୋଲାଙ୍କି ଭୌମିକ), ୨୧. ମନ ଖାଲି ତତେ ଚାହେଁ (ସମ୍ବିତ, ଅଙ୍କିତା ଦାସ), ୨୨. ମା' (ସୂରଯ ତ୍ରିପାଠୀ, ସ୍ୱାତୀ), ୨୩. ପ୍ରେମ କୁମାର (ଅନୁଭବ ମହାନ୍ତି, ଶିବାନୀ, ତମନ୍ନା), ୨୪. ମିଷ୍ଟର ସୁରଦାସ (ବାବୁସାନ, ବୁଦ୍ଧାଦିତ୍ୟ ମହାନ୍ତି, ଭୂମିକା ଦାଶ), ୨୫. ସାଥୀ ତୁ ଫେରିଆ (ଜ୍ୟୋତି ନାୟକ, ଅନୁଭା), ୨୬. ପ୍ୟାର ଅଲଗା ପ୍ରକାର (ଜ୍ୟୋତି ନାୟକ, ଝିଲିକ୍), ୨୭. ଜୀବନର ଚଲା ପଥେ (କ୍ରିଷ୍ଟା, ଦେବାଶିଷ, ପୂଜା), ୨୮. ରହସ୍ୟ (କାବ୍ୟା କିରଣ, ବିଘ୍ନେଶ୍ୱର), ୨୯. ତୁ ମୋ ସୁଇଟ୍ ସିକ୍ୱଟିନ୍ (ସମ୍ବିତ କୁମାର, ସୋନାଲି) ।

**ନବାଗତ:** ଏ ବର୍ଷ ଓଲିଉଡ୍‌ରେ ପାଦ ଦେଇଥିବା ନୂଆ ପ୍ରଯୋଜକମାନେ ହେଲେ: ସୂର୍ଯ୍ୟକାନ୍ତ ସାମଲ (ଗୁଛୁ ଆଣ୍ଡ୍ ଗୁଚ୍ଛି), ମନୋଜ ରାଉତ (ଦୀପୁ–ଦ ଡ୍ୟାନ୍ସ ବୟ), ଶରତ ଚନ୍ଦ୍ର ପଟ୍ଟନାୟକ (ହତ୍ୟା–ଦ ସାଇଲେଣ୍ଟ କିଲର), ଶୋହମ ସିଂ (ଅଜାତଶତ୍ରୁ), ଅଶୋକ କୁମାର ଦାସ (ଦିୱାନା ହେଲି ତୋ ପାଇଁ), କୈଳାସ ମହାପାତ୍ର (ଓଲେ ଓଲେ ଦିଲ୍ ବୋଲେ), ରୋନକ ସାହୁ–ମିନତି ସାହୁ (ଶକ୍ତି), ରୋନକ ଦାସ (ଏକ୍ସକ୍ୟୁଜ୍ ମି), ସୂର୍ଯ୍ୟକାନ୍ତ ମାହାଲିକ (ଭାଇଜାନ୍), କହ୍ନେଇ ମେହେର (ମନ ଖାଲି ତତେ ଚାହେଁ), ସନ୍ତୋଷ କୁମାର ବସ୍ତିଆ (ମା), ବିନ୍ନି ସାମଲ–ନିହାର ସାମଲ (ସାଥୀ ତୁ ଫେରିଆ), ବିବେସିତା ଘଡ଼େଇ (ପ୍ୟାର୍ ଅଲଗା ପ୍ରକାର), ବର୍ଷା ଭାବନା ଖଟୁଆ–ଆଦିତି ଦାସ (ଜୀବନର ଚଲା ପଥେ), ନରୋତ୍ତମ ସାହୁ–ଶାନ୍ତନୁ କୁମାର ସାଇ (ରହସ୍ୟ) । ଏ ବର୍ଷ ନିର୍ଦ୍ଦେଶନା କ୍ଷେତ୍ରରେ ନିଜର କ୍ୟାରିୟର ଆରମ୍ଭ କରିଥିବା ନିର୍ଦ୍ଦେଶକଙ୍କ ମଧ୍ୟରେ ଅଛନ୍ତି : କୈଳାସ ମହାପାତ୍ର (ଓଲେ ଓଲେ ଦିଲ୍ ବୋଲେ), ନିରଞ୍ଜନ ବେହେରା (ଯୋଗୀ), ସନ୍ତୋଷ ବିଶ୍ୱାଳ (ଲଭ୍ ପ୍ରମିଜ), ଉମେଶ ଦାସ (ଏକ୍ସକ୍ୟୁଜ ମି), କୋରିଓଗ୍ରାଫର ଅମିତ ନାୟକ (ବ୍ଲାକମେଲ୍), ହୀରା ଚୌଧୁରୀ (ପ୍ୟାର୍ ଅଲଗା ପ୍ରକାର), ଦିଲୀପ ମହାନ୍ତି (ଜୀବନର ଚଲା ପଥେ), ବିଘ୍ନେଶ୍ୱର ପଣ୍ଡା (ରହସ୍ୟ), ସମ୍ବିତ କୁମାର (ମୋ ସୁଇଟ୍ ସିକ୍ୱଟିନ୍) । ଏ ବର୍ଷ ନବାଗତ କଳାକାର ଭାବରେ ଏହି ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି– ସସ୍ମିତା (ହାପି ଲକି), ସୂର୍ଯ୍ୟକାନ୍ତ ସାମଲ (ଗୁଛୁ ଆଣ୍ଡ୍ ଗୁଚ୍ଛି), ଏଲସା ଘୋଷ (ଦୀପୁ–ଦ ଡ୍ୟାନ୍ସ ବୟ), ଶୋହମ ସିଂ (ଅଜାତଶତ୍ରୁ), ମୁନା–ରାକ୍ଷୀ (ଦିୱାନା ହେଲି ତୋ ପାଇଁ), ଆରିଏନ ଧୀର କୁମାର (ଯୋଗୀ), ନିକିତା (ନାୟିକା ଭାବରେ, ଯୋଗୀ), କରନ୍ (ଶକ୍ତି), ଦିବ୍ୟା (ସୁନ୍ଦରଗଡ଼ର ସଲମାନ ଖାଁ), ରୋନକ ଦାଶ (ଏକ୍ସକ୍ୟୁଜ୍ ମି), ସୋଲାଙ୍କି ଭୌମିକ (ପ୍ରେମୀ ଦିୱାନା), ସ୍ୱାତୀ (ମା), କ୍ରିଷ୍ଟା–ଦେବାଶିଷ–ପୂଜା–ସୋନି ମହାନ୍ତି (ଜୀବନର ଚଲା ପଥେ), ସମ୍ବିତ କୁମାର–ସୋନାଲି (ତୁ ମୋ ସୁଇଟ୍ ସିକ୍ୱଟିନ୍) ।

**କିଏ ଦେବ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର:** ଚଳିତବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆଯିବ କି ନାହିଁ ତା' ଉପରେ ଅନିଶ୍ଚିତତା ଲାଗି ରହିଛି । ପୂର୍ବରୁ ସଂସ୍କୃତି ବିଭାଗ ଏହାର ଦାୟିତ୍ୱ ବହନ କରୁଥିଲା । କିନ୍ତୁ ଏ ବର୍ଷ ଚଳଚ୍ଚିତ୍ରଟିଏ ନିର୍ମାଣ କରିବାକୁ ଆର୍ଥିକ ସହାୟତା ଯୋଗାଇ ଆସୁଥିବା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଏଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଛି ।

**'ହ୍ୟାଲୋ ଆର୍‌ସି' କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର:** ରାଉରକେଲାର ଜଣେ ଝିଅ କିପରି ପରିସ୍ଥିତିରେ ପଡି ଗଣିକା ସାଜୁଛି ଏବଂ ପରବର୍ତ୍ତୀ ସମୟରେ ତା' ଜୀବନରେ କ'ଣ ଘଟୁଛି ତାହାକୁ ନେଇ ପ୍ରଯୋଜକ ତଥା ସହ–ନିର୍ଦ୍ଦେଶକ ଅଜୟ ରାଉତରାୟ ନିର୍ମାଣ କରିଥିଲେ କଳାତ୍ମକ ଚଳଚ୍ଚିତ୍ର 'ହ୍ୟାଲୋ ଆର୍‌ସି' । ସମ୍ବିତ ମହାନ୍ତିଙ୍କ ନିର୍ଦ୍ଦେଶିତ ଏବଂ ମିତ୍ରଭାନୁ ମହାନ୍ତିଙ୍କ ସ୍ୱର ସଂଯୋଜିତ ଏହି ଚଳଚ୍ଚିତ୍ରକୁ ଚଳିତବର୍ଷ ପ୍ରଦତ୍ତ ୬୫ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର' ଏବଂ 'ସ୍ପେଶାଲ ମେନ୍‌ସନ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା । ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ପାର୍ଥସାରଥି ରାୟ ଏବଂ ପ୍ରକୃତି ମିଶ୍ର ।

**ଓଏଫ୍‌ଡିସିର ନୂଆ ନିର୍ଦ୍ଦେଶକ :** ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ, ଓଏଫ୍‌ଡିସି)ର ନୂଆ ନିର୍ଦ୍ଦେଶକ ଭାବରେ ଚଳିତବର୍ଷ କୁନା ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି ।

**ଘର ସଂସାର କଲେ ତପୁ :** ଗାୟିକା ତପୁ ମିଶ୍ର ଚଳିତବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେ ଦୀପକ ପୂଜାହାରୀଙ୍କୁ ବିବାହ କରିଛନ୍ତି ।

**ପରପାରିରେ:** ଓଡ଼ିଆ ସିନେମାରେ କେବଳ ଜଣେ ଖଳନାୟକ କିମ୍ବା ଚରିତ୍ର ଅଭିନେତା ନୁହେଁ, ବାପା ଭୂମିକାରେ ଦେବୁ ବୋଷଙ୍କ ଅଭିନୟ ଦକ୍ଷତା ସର୍ବଦା ସ୍ମରଣୀୟ ହୋଇ ରହିବ । ଚଳିତବର୍ଷ ସେ ଚାଲିଯାଇଛନ୍ତି ପରପାରିକୁ । 'ଓଡ଼ିଆ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ତଥା ପ୍ରଥମ ମହିଳା ଚଳଚ୍ଚିତ୍ର ନିର୍ଦ୍ଦେଶିକା ପାର୍ବତୀ ଘୋଷ (୮୫), ବିଶିଷ୍ଟ ସିନେମାଟୋଗ୍ରାଫର ନଗେନ ରାୟ, ବିଶିଷ୍ଟ ଭଜନ କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲି, ହାସ୍ୟାଭିନେତା ଶରତ ମହାନ୍ତି, ଗୀତିକାର ନିଶାକର ବେହେରା, ହିଟ୍ ସମ୍ବଲପୁରୀ ଗୀତ 'ରଙ୍ଗବତୀ'ର କମ୍ପୋଜର ପ୍ରଭୁଦତ୍ତ ପ୍ରଧାନ, ବିଶିଷ୍ଟ ଗୀତିକାର ରସରାଜ ନାରାୟଣ ପ୍ରସାଦ ସିଂ ଏବଂ ଗାୟକ ଚିତ୍ତ ଜେନା, ପ୍ରଯୋଜକ ସୁବାସ ରାଉତ, ପ୍ରଯୋଜକ ଅମିୟ ପଟ୍ଟନାୟକ ଚଳିତବର୍ଷ ଇହଧାମ ତ୍ୟାଗ କରିଛନ୍ତି ।

## ବଲିଉଡ୍

**ବିବାହ :** ରଣବୀର ସିଂ ଏବଂ ଦୀପିକା ପାଦୁକୋନ୍ ଚଳିତବର୍ଷ ନଭେମ୍ବର ୧୪ ଏବଂ ୧୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଚଳିତବର୍ଷ ତାଙ୍କ ପ୍ରେମିକ ତଥା ହଲିଉଡ୍‌ର ନିକ୍ ଜୋନାସଙ୍କ ସହ ଘର ସଂସାର କରିଛନ୍ତି । ଚଳିତବର୍ଷ ସୋନମ କପୁର ତାଙ୍କର ଦୀର୍ଘ ଦିନର ପ୍ରେମିକ ଆନନ୍ଦ ଆହୁଜାଙ୍କୁ ବିବାହ କରିଥିବା ବେଳେ ଅଙ୍ଗଦ ବେଦୀଙ୍କ ସହ ନେହା ଧୂପିଆଙ୍କ ବିବାହ ସମ୍ପନ୍ନ ହୋଇଥିଲା ।

**ଚର୍ଚ୍ଚାରେ 'ପଦ୍ମାବତ୍' :** ସଞ୍ଜୟ ଲୀଲା ଭଁସାଲିଙ୍କ 'ପଦ୍ମାବତ୍' (ପ୍ରଥମେ ଟାଇଟଲ ଥିଲା 'ପଦ୍ମାବତୀ') ବେଶ୍ ବିରୋଧର ସମ୍ମୁଖୀନ ହେବା ପରେ ରିଲିଜ ହୋଇଥିଲା ।

**ପରଲୋକରେ ଶ୍ରୀଦେବୀ :** ହିନ୍ଦୀ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଦେବୀଙ୍କର ଚଳିତବର୍ଷ ମୃତ୍ୟୁ ଘଟିଛି ।

**ପରପାରିରେ ମହମ୍ମଦ ଅଜିଜ :** 'ରୁପା ଶଗଡ଼ିରେ ସୁନା କନିଆ' ପରି ଶତାଧିକ ହିଟ୍ ଓଡ଼ିଆ ଚଳଚ୍ଚିତ୍ର, ଭଜନ, ଆଧୁନିକ ଏବଂ ହିନ୍ଦୀ ଗୀତ ଗାଇ ଦର୍ଶକଙ୍କ ମନକୁ ଛୁଇଁ ପାରିଥିବା ମହମ୍ମଦ ଅଜିତ (୬୪)ଙ୍କ ପରଲୋକ ଘଟିଛି ।

**ଜାତୀୟ ଚଳଚ୍ଚିତ୍ର ପୁରସ୍କାର :** ଚଳିତବର୍ଷ ପ୍ରଦତ୍ତ ୬୫ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ଅସମିଆ ଫିଲ୍ମ 'ଭିଲେଜ ରକ୍‌ଷ୍ଟାର'କୁ ପୁରସ୍କୃତ କରାଯାଇଥିଲା । ବିଶିଷ୍ଟ ଅଭିନେତା ତଥା ପରଲୋକଗତ ବିନୋଦ ଖାନ୍ନାଙ୍କୁ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦିଆଯାଇଛି ।

ଏଗୁଡ଼ିକ ବ୍ୟତୀତ ଚଳିତବର୍ଷର ଅନ୍ୟ ପ୍ରମୁଖ ଘଟଣାଗୁଡ଼ିକ ମଧ୍ୟରେ ରହିଛି–ହାସ୍ୟାଭିନେତା କପିଲ ଶର୍ମାଙ୍କ ବିବାହ, ରଜନୀକାନ୍ତଙ୍କ ରାଜନୀତିରେ ଯୋଗଦାନ, ବିଶିଷ୍ଟ ଅଭିନେତା ଆଲିକ୍ ପଦମସୀଙ୍କ ପରଲୋକ, ଭାରତୀୟ ଫିଲ୍ମ ଏବଂ ଟେଲିଭିଜନ ସଂସ୍ଥା (ଏଫ୍‌ଟିଆଇ)ର ଅଧ୍ୟକ୍ଷ ପଦରୁ ଅନୁପମ ଖେରଙ୍କ ଏବଂ ଶିଶୁ ଫିଲ୍ମ ସୋସାଇଟି ପଦରୁ ମୁକେଶ ଖାନ୍ନାଙ୍କ ଇସ୍ତଫା ।




ବାବୁସାନ୍–ସନ୍ମୀରା

ନିକିତା–ଆରିଏନ୍



'ହ୍ୟାଲୋ ଆର୍‌ସି'ରେ ପ୍ରକୃତି–ପାର୍ଥ